DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୫/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, June 25/2019 | ★★★★

୪୫ଶ ଭାଗ ୨୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ଗୁଣେଶ୍ୱରନ ଦ୍ୱିତୀୟ ରାଉଣ୍ଡରେ**

ଭାରତର ପ୍ରଜନେଶ ଗୁଣେଶ୍ୱରନ ତୁର୍କୀରେ ଆଣ୍ଟାଲ୍ୟା ଓପନ୍ ଏଟିପି ୨୫୦ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୫

୦୨

**ନିଜ ଦକ୍ଷତାରେ ଆଗକୁ ବଢ଼ିବି: ଶର୍ମିନ**

ଫିଲ୍ମରେ କାମ କରିବା ପାଇଁ ଫ୍ୟାମିଲି ନାଁ ନ ନେଇ ନିଜ ଦକ୍ଷତାରେ ଆଗକୁ ବଢ଼ିବେ ବୋଲି ଅଭିନେତ୍ରୀ ଶର୍ମିନ୍ ସେଗଲ୍ ପ୍ରକାଶ କରିଛନ୍ତି।



## ୨୯ରେ ଲଘୁଚାପ

ଭୁବନେଶ୍ୱର,୨୪।୬(ବ୍ୟୁରୋ): ଆସନ୍ତା ୨୯ ତାରିଖରେ ଉତ୍ତର ପୂର୍ବ କିମ୍ବା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୯ ତାରିଖ ରାତିରୁ ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯିବ। ୩୦ରୁ ୨ ତାରିଖ ଯାଏ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଲଘୁଚାପ ପ୍ରଭାବ ସମ୍ପର୍କରେ ଚିତ୍ର ସ୍ପଷ୍ଟ ହୋଇଯିବ। ତେବେ ଦକ୍ଷିଣ ଓଡ଼ିଶାରେ ବର୍ଷା ସାମାନ୍ୟ କମ ରହିବ ବୋଲି ଅନୁମାନ କରାଯାଇଛି। ମୌସୁମୀ ଆଗମନର ଦୁଇ ଦିନ ପରେ ରାଜ୍ୟରେ ପାଗ ଶୁଖିଲା। ପୁଣି ପ୍ରବଳ ଗରମ ଓ ଗୁଳୁଗୁଳି ଆରମ୍ଭ ହୋଇଯାଇଛି। ଏଭଳି ପାଗ ଆସନ୍ତା ୨୮ ତାରିଖ ଯାଏ ଲାଗି ରହିବ। ୨୯ ତାରିଖରେ ପାଗରେ ପରିବର୍ତ୍ତନ ହେବ। ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ହେବା ସହ ଲଗାତର ୪ ଦିନ ବର୍ଷା ଲାଗି ରହିବ। ଆସନ୍ତା ୪ ଦିନ ଯାଏ ରାଜ୍ୟରେ କାଁ ଭାଁ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର, ଗଜପତି ଏବଂ ନୂଆପଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

**ଆଜିର ସମ୍ପାଦକୀୟ**

**ଥଇଥାନ ବ୍ୟାଙ୍କ**

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ବହୁତ ବଡ଼ ସେଲ୍ସମ୍ୟାନ୍ ହୋଇଥିବାରୁ ଭାଜପା କ୍ଷମତାକୁ ଫେରିଲା।

–ଅଧୀର ରଞ୍ଜନ ଚୌଧୁରୀ, ଲୋକ ସଭାରେ କଂଗ୍ରେସ ନେତା


NECC NATIONAL EGG CO-ORDINATION COMMITTEE | 24.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 111 | 172 | 182 |
| BLS | 111 | 172 | 182 |
| ANG | 109 | 170 | 180 |

*Conditions Apply

Eggs Retail Price- 52/-Dozen

Issued in the Interest of Consumers


# ଏତେ ଭୟ କାହିଁକି

■ ପ୍ରଥମେ ବିରୋଧୀଙ୍କୁ ଆସନ ଛାଡ଼ିଲା ବିଜେଡି

■ ଏବେ ଭାଜପା ପ୍ରାର୍ଥୀଙ୍କୁ ପୁଣି ଦରଦ

■ ଅଶ୍ୱିନୀଙ୍କୁ ୫, ସସ୍ମିତଙ୍କୁ ୩ ବର୍ଷ

ଭୁବନେଶ୍ୱର, ୨୪।୬(ବ୍ୟୁରୋ)

ରାଜ୍ୟ ସଭା ଉପନିର୍ବାଚନ ପୂର୍ବରୁ ଆଉ ଏକ ନୂଆ ଦୃଶ୍ୟ ସାମ୍ନାକୁ ଆସିଛି। ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା କେତେ ଗଭୀର ତାହା ଏବେ ସ୍ପଷ୍ଟ ବାରି ହୋଇପଡିଛି। ଲୋକଙ୍କ କଳ୍ପନା ବାହାରକୁ ଚାଲିଯାଇ ବିଜେଡି ଓ ଭାଜପା ପରସ୍ପରକୁ ସହଯୋଗ କରିଚାଲିଛନ୍ତି। ଏହା ଏବେ ଦୁଇ ପ୍ରମୁଖ ରାଜନୈତିକ ଦଳର କର୍ମୀଙ୍କୁ ଏକ ପ୍ରକାର ଆଶ୍ଚର୍ଯ୍ୟ ଚକିତ କରିଛି। ଏଭଳି ସ୍ଥିତିରେ ଭାଜପା ନେତୃତ୍ୱ ଏହି ନିଷ୍ପତ୍ତିରେ ସନ୍ତୁଷ୍ଟ ଭଳି ଲାଗୁଥିବାବେଳେ ବିଜେଡି ନେତା କିନ୍ତୁ ବିକାଶର ବାହାନା ଦେଖାଇ ବୁଝାମଣା କଥାକୁ ଏଡାଇବାକୁ ଚେଷ୍ଟା କରୁଛନ୍ତି। ପ୍ରଥମେ ସଂଖ୍ୟା ଥାଇ ଭାଜପାକୁ ରାଜ୍ୟ ସଭାର ଗୋଟିଏ ଆସନ ଉପହାର ଦେବା ଏବଂ ପରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ୫ ବର୍ଷିଆ ସୁଯୋଗ ଦେଇ ସସ୍ମିତ ପାତ୍ରଙ୍କୁ ୩ ବର୍ଷର ସଙ୍କୁଚିତ ଆସନକାଳ ଦେଇ ମନ ବୁଝେଇନେବା ପଛର ରହସ୍ୟ ଏବେ ସମସ୍ତଙ୍କୁ କୌତୁହଳ ମନେ ହେଉଛି। ଏସବୁକୁ ଦେଖିବା ପରେ ବିଜେଡିକୁ ଏତେ ଭୟ କାହିଁକି ଘାରିଛି ବୋଲି ରାଜନୈତିକ ମହଲରେ ପ୍ରଶ୍ନ ଉଠିଛି।

ବିଧାନସଭାର ସଂଖ୍ୟା ଦୃଷ୍ଟିରୁ ଓଡିଶାର ଖାଲି ହୋଇଥିବା ୩ ରାଜ୍ୟ ସଭା ଆସନ ଅତି ସହଜରେ ବିଜେଡି ନିଜ ହାତରେ ରଖିପାରି ଥାଆନ୍ତା। କିନ୍ତୁ ବିଜେଡି ସେପରି କରିବା ପରିବର୍ତ୍ତେ ଦୁଇଟି ଆସନରେ ପ୍ରାର୍ଥୀ ଦେଇଛି। ବିଜେଡି ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ ଏବଂ ଦଳର ମୁଖପାତ୍ର ସସ୍ମିତ ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ କରିଛନ୍ତି। ଆଉ ଗୋଟିଏ ଆସନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁରୋଧ ରକ୍ଷା କରି ଭାଜପାକୁ ଛାଡି ଦେଇଥିବା ନବୀନ ଘୋଷଣା କରିସାରିଛନ୍ତି। ଭାଜପା ସେହି ସ୍ଥାନରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରାର୍ଥୀ କରିଛି। ତେବେ ପ୍ରଧାନମନ୍ତ୍ରୀଙ୍କ ତାହା ଅନୁରୋଧ କି ନିର୍ଦ୍ଦେଶ ଥିଲା, ଏବେ ବୁଝିବା କଷ୍ଟକର ହୋଇପଡିଛି। ଏତଦ୍ ବ୍ୟତୀତ ଓଡ଼ିଶାର ବୃହତ୍ତମ ଖଣି ବ୍ୟବସାୟୀଙ୍କ ସହ ସୁସମ୍ପର୍କ ମଧ୍ୟ ଏହି ନିଷ୍ପତ୍ତିରେ ସହାୟକ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରୀୟ ନେତାଙ୍କ ସହ ଯୋଗାଯୋଗ ସ୍ଥାପନରେ ବୈଷ୍ଣବଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହି ଆସିଛି। ସୌମ୍ୟ ରଞ୍ଜନ ପଟ୍ଟନାୟକ, ପ୍ରତାପ ଦେବ ନିକଟରେ ଶେଷ ହୋଇଥିବା ନିର୍ବାଚନରେ ବିଧାନସଭାକୁ ଏବଂ ଅଚ୍ୟୁତ ସାମନ୍ତ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ଏମାନେ ରାଜ୍ୟ ସଭାରୁ ଇସ୍ତଫା ଦେବାପରେ ୩ ଆସନ ପାଇଁ ଉପନିର୍ବାଚନ ହେବାକୁ ଯାଉଛି। ସୌମ୍ୟ ଏବଂ ଅଚ୍ୟୁତଙ୍କ କାର୍ଯ୍ୟକାଳ ୫ବର୍ଷ ଅର୍ଥାତ୍ ୨୦୨୪ ଏପ୍ରିଲ ୩ରେ ଶେଷ ହେବାର ଥିଲା। ସେହିପରି ପ୍ରତାପଙ୍କ କାର୍ଯ୍ୟକାଳ ୩ ବର୍ଷ ଅର୍ଥାତ୍ ୨୦୨୨ ଜୁଲାଇ ୧ରେ ଶେଷ ହୋଇଥାଆନ୍ତା। ମାତ୍ର ଏଥିରେ ମଧ୍ୟ ବିଜେଡି ନିଜ ପ୍ରମୁଖ ବିରୋଧୀ ବୋଲି କହିଆସୁଥିବା ଭାଜପା ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ନିଜ ଭୟର ଆଉ ଏକ ଦୃଷ୍ଟାନ୍ତ ସର୍ବସମ୍ମୁଖରେ ବାଢିଦେଇଛି ବୋଲି ଚର୍ଚ୍ଚା ହେଉଛି। ସୌମ୍ୟଙ୍କ ସ୍ଥାନରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ୫ ବର୍ଷ ପାଇଁ ରାଜ୍ୟ ସଭା ଛାଡ଼ିବାକୁ ଶାସକ ଦଳ ଚିନ୍ତା କରିଛି। ସେହିପରି ଅଚ୍ୟୁତଙ୍କ ସ୍ଥାନରେ ବିଜେଡି ପ୍ରାର୍ଥୀ ଅମର ପଟ୍ଟନାୟକ ୫ ବର୍ଷ ପାଇଁ ରାଜ୍ୟ ସଭାକୁ ଯିବେ। ହେଲେ ବିଜେଡିକୁ ଦୀର୍ଘଦିନ ଧରି ଗଣମାଧ୍ୟମ ଆଗରେ ସସ୍ମିତ ପାତ୍ର ଭଲଭାବେ ଉପସ୍ଥାପିତ କରି ଆସୁଥିବା ସତ୍ତ୍ୱେ ପ୍ରତିବଦଳରେ ତାଙ୍କୁ ପ୍ରତାପଙ୍କ ବାକିଥିବା ମାତ୍ର ୩ ବର୍ଷ ରାଜ୍ୟ ସଭା ଅବଧିରେ ସନ୍ତୁଷ୍ଟ ହେବାକୁ ବାଧ କରାଯାଇଛି।

ରାଜ୍ୟ ସଭାରେ ଖାଲି ହୋଇଥିବା ଆସନ ପାଇଁ ୩ ନେତା ସୋମବାର ନାମାଙ୍କନ ଦାଖଲ କରିଛନ୍ତି। ଏହି ଅବସରରେ ବିଜେଡି ଓ ଭାଜପା ନେତାଙ୍କ ଭେଟଘାଟ ସମ୍ପୂର୍ଣ୍ଣ ନିଆରା ପରିବେଶ ସୃଷ୍ଟି କରିଥିଲା। ଅନ୍ୟପଟେ ଭାଜପାର ବହୁ ନେତାଙ୍କୁ ବିଜେଡିର କେତେଜଣ ବିଧାୟକ ଯେପରି ପାଛୋଟି ନେଇ ଆସନ ପ୍ରଦାନ କରିଥିଲେ ତାହା ମଧ୍ୟ ରୋଚକ ଥିଲା। ଏଭଳି ଘଟଣାକ୍ରମ ଦେଖିବାପରେ ରାଜ୍ୟରେ ବିଜେଡି ଓ ଭାଜପା ଏକ ବୋଲି ସାଧାରଣରେ ଚର୍ଚ୍ଚା ହେବାରେ ଲାଗିଛି। ଆଗକୁ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇବା ସମୟରେ ଭାଜପା ଯେତେ ଉଦ୍ୟମ କଲେ ସୁଦ୍ଧା ଲୋକଙ୍କ ଆସ୍ଥା ଭାଜନ ହେବାରେ ଏତେଟା ସହଜ ହେବନାହିଁ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ସେହିପରି ଭବିଷ୍ୟତରେ ଶାସକ ଦଳ କେନ୍ଦ୍ରୀୟ ଅବହେଳା କଥା କହିବ ନା ସବୁ ସମୟରେ ଖୋଲା ବୁଝାମଣା କରି ରାଜ୍ୟର ବିକାଶ କରିବ, ତାହା ମଧ୍ୟ ବିରାଟ ପ୍ରଶ୍ନବାଚୀରେ ରହିଗଲାଣି।

## ପ୍ରଦୀପ୍ତ ବିରୋଧୀ ଦଳ ନେତା



ଭୁବନେଶ୍ୱର,୨୪।୬(ବ୍ୟୁରୋ)– ପୂର୍ବତନ ମନ୍ତ୍ରୀ ତଥା ଭବାନୀପାଟଣା ଭାଜପା ବିଧାୟକ ପ୍ରଦୀପ୍ତ କୁମାର ନାଏକ ବିରୋଧୀ ଦଳ ନେତା ଭାବେ ମନୋନୀତ ହୋଇଛନ୍ତି। ଏନେଇ ଓଡ଼ିଶା ଭାଜପା ପ୍ରଭାରୀ ଅରୁଣ ସିଂ ସୋମବାର ରାତିରେ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ବିଜ୍ଞପ୍ତିରେ କୁହାଯାଇଛି ଯେ ଗତ ୨୩ ତାରିଖରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ନିର୍ବାଚିତ ବିଧାୟକ ଓ ଦଳର ପର୍ଯ୍ୟବେକ୍ଷକ ତଥା ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ସରୋଜ ପାଣ୍ଡେ ଉପସ୍ଥିତ ଥିଲେ। ତେବେ ବିରୋଧୀ ଦଳ ନେତା ଚୟନ ନେଇ କୌଣସି ନିଷ୍ପତ୍ତି ହୋଇ ପାରି ନ ଥିଲା। ଏହି ନିଷ୍ପତ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ଉପରେ ଛଡ଼ାଯାଇଥିଲା। ପ୍ରଦୀପ୍ତଙ୍କ ନାମକୁ ଶାହ ମୋହର ମାରିଛନ୍ତି।

## ଅଶୋକ ପରିଜା ନୂଆ ଆଡଭୋକେଟ ଜେନେରାଲ



ଭୁବନେଶ୍ୱର, ୨୪।୬ (ବ୍ୟୁରୋ): ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପରିଜା ରାଜ୍ୟ ସରକାରଙ୍କ ନୂଆ ଆଡ୍‌ଭୋକେଟ ଜେନେରାଲ (ଏଜି) ଭାବେ ନିଯୁକ୍ତି ପାଇଛନ୍ତି। ଫଳରେ କିଛିଦିନ ଧରି ଏଜି ପଦ ନେଇ ଚାଲିଥିବା ଚର୍ଚ୍ଚାର ଅବସାନ ଘଟିଛି। ଅଶୋକଙ୍କ ପୂର୍ବରୁ ସୂର୍ଯ୍ୟ ପ୍ରସାଦ ମିଶ୍ର ଏହି ପଦରେ ଥିଲେ।

ଲୋକାୟୁକ୍ତରେ ୮୨ ଦୁର୍ନୀତି ମାମଲା ବିଚାରାଧୀନ

# ମାର୍ଚ୍ଚ ୩୧ ପୂର୍ବରୁ ସମ୍ପତ୍ତି ଘୋଷଣା ବାଧ୍ୟତାମୂଳକ



ଲୋକାୟୁକ୍ତ ସଦସ୍ୟ ବି.କେ. ନାୟକ, ଅଧ୍ୟକ୍ଷ ଅଜିତ୍ ସିଂ ଓ ସଦସ୍ୟ ଦେବବ୍ରତ ସ୍ୱାଇଁ

■ ପ୍ରତି ଜିଲାରେ ହେବ ସଚେତନତା କର୍ମଶାଳା

■ ଲୋକେ ନିର୍ଭୀକ ହୋଇ ଦୁର୍ନୀତି ବିରୋଧରେ ଅଭିଯୋଗ କରନ୍ତୁ: ଲୋକାୟୁକ୍ତ ଅଧ୍ୟକ୍ଷ

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ଦୀର୍ଘ ପ୍ରତୀକ୍ଷା ପରେ ଓଡ଼ିଶା ଲୋକାୟୁକ୍ତ ଆଇନ–୨୦୧୪ ରାଜ୍ୟରେ ୨୦୧୮ ଜୁଲାଇ ୭ରୁ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ଲୋକାୟୁକ୍ତ ଗଠନ କରାଯାଇଛି। ଲୋକାୟୁକ୍ତ ଆଇନର ସେକ୍ସନ–୪୪ ଅନୁଯାୟୀ ପ୍ରତ୍ୟେକ ସରକାରୀ କର୍ମଚାରୀ ନିଜର ଓ ନିଜ ସ୍ତ୍ରୀଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବିଷୟରେ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୩୧ ପୂର୍ବରୁ ଘୋଷଣା କରିବାକୁ ବାଧ୍ୟ। ଯଦି ନ କରିବେ, ତେବେ ତାହାକୁ ବେଆଇନ ସମ୍ପତ୍ତି ବୋଲି ଧରାଯିବ ବୋଲି ଲୋକାୟୁକ୍ତ ସଦସ୍ୟ ବି.କେ. ନାୟକ କହିଛନ୍ତି। ଅନ୍ୟପକ୍ଷରେ ଲୋକାୟୁକ୍ତ ଗଠନ ପରଠାରୁ ଜୁନ ୨୪ ମଧ୍ୟରେ ୫୯୨ ଅଭିଯୋଗ ଆସିଛି। ସେଥିରୁ ୬୨ଟି ଅଭିଯୋଗର କୌଣସି ପ୍ରମାଣ ନ ଥିବାରୁ ସେଗୁଡିକୁ ଖାରଜ କରାଯାଇଥିବାବେଳେ ୫୪ ଜଣ ସରକାରୀ କର୍ମଚାରୀଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗକୁ ଗ୍ରହଣ କରାଯାଇଛି। ୪୭୬ଟି ଆପତ୍ତି ଅଭିଯୋଗକୁ ସରକାରଙ୍କ ନିକଟକୁ ପଠାଇ ଦିଆଯାଇଛି। ତେବେ ୨୮ଟି ନୂତନ ମାମଲା ସହିତ ମୋଟ ୮୨ଟି ଅଭିଯୋଗ ଉପରେ ଲୋକାୟୁକ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଲୋକାୟୁକ୍ତ ଗଠନକୁ ଇତିମଧ୍ୟରେ ୧୧ ମାସ ବିତିଯାଇଥିଲେ ମଧ୍ୟ ରାଜ୍ୟରେ ଦୁର୍ନୀତିକୁ ରୋକିବା ପାଇଁ ଗଠନ କରାଯାଇଥିବା ଲୋକାୟୁକ୍ତଙ୍କ ବିଷୟରେ ଜନସଚେତନତା ସୃଷ୍ଟି ହୋଇପାରି ନାହିଁ। ରାଜ୍ୟରେ ଦୁର୍ନୀତିକୁ ରୋକିବା ପାଇଁ ଜନସାଧାରଣ ସଚେତନ ହେବା ଦରକାର। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ଜିଲାରେ ପ୍ରତିମାସରେ ଗୋଟିଏ ଲେଖାଏ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କିନ୍ତୁ ପ୍ରଥମ କର୍ମଶାଳା ସମ୍ବଲପୁର ଜିଲାରେ ହେବ ବୋଲି ଲୋକାୟୁକ୍ତ ସଦସ୍ୟ ଦେବବ୍ରତ ସ୍ୱାଇଁ ସୂଚନା ଦେଇଛନ୍ତି।

ସୋମବାର ଲୋକାୟୁକ୍ତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଲୋକାୟୁକ୍ତ ଅଧ୍ୟକ୍ଷ ତଥା ଗୁଆହାଟୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଅଜିତ୍ ସିଂ କହିଛନ୍ତି ଯେ, ପ୍ରଶାସନିକ କ୍ଷେତ୍ରରେ ଦୁର୍ନୀତି ଅଭିଯୋଗ ହେଉଛି। ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାର ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ କରିବା ପରେ ଓଡ଼ିଶା ସରକାର ମଧ୍ୟ ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ କରିଛନ୍ତି। ହେଲେ ଦୁର୍ନୀତି ରୋକିବା ପାଇଁ ବ୍ୟାପକ ଜନ ସଚେତନତାର ଆବଶ୍ୟକତା ରହିଛି। ଲୋକମାନେ ନିର୍ଭୀକ ☞ପୃଷ୍ଠା–୪

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ

# ୫ ଭାଷାରେ ପ୍ରତାପଙ୍କ ସମ୍ବୋଧନ



ଲୋକ ସଭାରେ ସୋମବାର ଉଦ୍‌ବୋଧନ ଦେଉଛନ୍ତି ରାଷ୍ଟ୍ରମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ।

■ ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଟେବୁଲ ବାଡ଼େଇ କଲେ ସମର୍ଥନ

ନୂଆଦିଲ୍ଲୀ,୨୪।୬(ପି.ଟି.)

ପ୍ରଥମ ଥର ଲାଗି ଲୋକ ସଭାକୁ ନିର୍ବାଚିତ ହୋଇଥିବା ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେବାକୁ ଯାଇ ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ରଖିଥିଲେ। ସେ ଓଡିଆ, ଇଂଲିଶ୍, ହିନ୍ଦୀ, ସଂସ୍କୃତ ଓ ବଙ୍ଗଳା ଭାଷାରେ ଅନର୍ଗଳ କହିଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଏମ୍‌ପିମାନେ ଟେବୁଲ୍ ବାଡେଇ ସମର୍ଥନ ଜଣାଇଥିଲେ। ସେ ତାଙ୍କ ଭାଷଣରେ ବିରୋଧୀ ଦଳ କଂଗ୍ରେସକୁ କଡ଼ା ସମାଲୋଚନା କରିଥିଲେ। ଅକସ୍ମାତ ପ୍ରଧାନମନ୍ତ୍ରୀଙ୍କ ୧୦ ବର୍ଷର ଶାସନ କାଳରେ ନୀତିଗତ ପକ୍ଷାଘାତ ଥିଲା ନୂଆ ନୀତି, ଯାହା ମାଧ୍ୟମରେ ଦୃଢ଼ ନେତୃତ୍ୱର ଗୁରୁତ୍ୱ କ'ଣ କଂଗ୍ରେସ ଆମକୁ ବୁଝାଇଦେଇଛି ବୋଲି ପ୍ରତାପ ତାଚ୍ଛଲ୍ୟ କରିଥିଲେ। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରରେ ୨–ଜି ସ୍ପେକ୍ଟ୍ରମ୍ ଦୁର୍ନୀତି, ଆଦର୍ଶ ହାଉସିଂ ସ୍କାମ୍, କମନୱେଲ୍ଥ ଗେମ୍ସ ଦୁର୍ନୀତି କଥା ଉଠାଇ ସେତେବେଳେ ଦେଶରେ କୁଶାସନ ଓ ଦୁର୍ନୀତିର ରାଜ୍ ଚାଲିଥିଲା ବୋଲି ସେ କହିଥିଲେ। ମନମୋହନ ସିଂଙ୍କ ନାମ ନ ନେଇ ସେ ଅକସ୍ମାତ୍ ପ୍ରଧାନମନ୍ତ୍ରୀ କହିଥିଲେ। ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ମିଥ୍ୟା ଅଭିଯୋଗମାନ ଆଣିଥିବାରୁ ଏଥିପାଇଁ କଂଗ୍ରେସ କ୍ଷମା ମାଗିବା ଉଚିତ ବୋଲି ବାଲେଶ୍ୱର ଏମ୍‌ପି କହିଥିଲେ। ବିରୋଧୀ ଦଳକୁ ସମାଲୋଚନା କରିବାକୁ ଯାଇ ସେ ସଂସ୍କୃତ ଶ୍ଳୋକ ସହ ☞ପୃଷ୍ଠା–୪

# ଡେପୁଟି ଗଭର୍ନର ପଦରୁ ବିରଲଙ୍କ ଇସ୍ତଫା



ମୁମ୍ବାଇ,୨୪।୬

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଡେପୁଟି ଗଭର୍ନର ପଦରୁ ଡ. ବିରଲ ଆଚାର୍ଯ୍ୟ ଅଚାନକ ଇସ୍ତଫା ଦେଇଛନ୍ତି। ସୋମବାର ଏ ବିଷୟ ପଦାକୁ ଆସିଛି। ୧୦ ଡିସେମ୍ବର ୨୦୧୮ରେ ଉର୍ଜିତ ପଟେଲ ଗଭର୍ନର ପଦରୁ ଇସ୍ତଫା ଦେଇଥିଲେ। ୭ ମାସ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କର କୌଣସି ଉଚ୍ଚ ପଦବୀରେ ଥିବା ଦୁଇଜଣ ଅଧିକାରୀ କାର୍ଯ୍ୟକାଳ ପୂରଣ କରିବା ପୂର୍ବରୁ ନିଜର ପଦବୀ ଛାଡ଼ିବା ଚର୍ଚ୍ଚାର ବିଷୟ ହୋଇଛି। ବିରଲଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆଉ ୬ ମାସ ବାକି ଥିଲା। ଏଥିପୂର୍ବରୁ ଉର୍ଜିତ ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ପଦରୁ ଇସ୍ତଫା ଦେଇଥିଲେ। ବିରଲଙ୍କ ଇସ୍ତଫା ଖବରକୁ ଆର୍‌ବିଆଇ ସ୍ୱୀକାର କରିଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ବ୍ୟକ୍ତିଗତ ଅପରିହାର୍ଯ୍ୟ କାରଣ ଦର୍ଶାଇ ବିରଲ ଜୁଲାଇ ୨୩ ପରେ ଆଉ ନିଜ ଦାୟିତ୍ୱରେ ରହିପାରିବେ ନାହିଁ ବୋଲି ପତ୍ରରେ ଲେଖିଛନ୍ତି। ସେ ୨୦୧୭ ଜାନୁୟାରୀ ୨୩ରେ ରିଜର୍ଭ ବ୍ୟାଙ୍କରେ ମାତ୍ର ୪୨ ବର୍ଷ ବୟସରେ ସର୍ବକନିଷ୍ଠ ଡେପୁଟି ଗଭର୍ନର ଭାବେ ଅବସ୍ଥାପିତ ହୋଇଥିଲେ। ଏହି ହିସାବକୁ ଦେଖିଲେ ସେ କେନ୍ଦ୍ରୀୟ ବ୍ୟାଙ୍କରେ ୩୦ ମାସ କାର୍ଯ୍ୟ କରିଛନ୍ତି। ଆର୍‌ବିଆଇର ଫାଇନାନ୍ସିଆଲ ଷ୍ଟାବିଲିଟି ୟୁନିଟ, ମନିଟାରୀ ପଲିସି ଡିପାର୍ଟମେଣ୍ଟ, ଡିପାର୍ଟମେଣ୍ଟ ଅଫ୍ ଇକୋନୋମିକ ଆଣ୍ଡ୍ ପଲିସି ରିସର୍ଚ୍ଚ, ଫାଇନାନ୍ସିଆଲ ମାର୍କେଟ ଅପରେଶନ ଡିପାର୍ଟମେଣ୍ଟ ଏବଂ ଫାଇନାନ୍ସିଆଲ ମାର୍କେଟ ରେଗୁଲେଶନ ଡିପାର୍ଟମେଣ୍ଟ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଡେପୁଟି ଗଭର୍ନର ଭାବେ ତାଙ୍କର ୩ ବର୍ଷର କାର୍ଯ୍ୟକାଳ ୨୦୨୦ ଜାନୁୟାରୀରେ ଶେଷ ହୋଇଥାଆନ୍ତା। ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ସହ ବିବାଦ କାରଣରୁ ଡ.ଉର୍ଜିତ ପଟେଲ ଗତବର୍ଷ ଡିସେମ୍ବର ୧୦ରେ ☞ପୃଷ୍ଠା–୪

**କନିଷ୍ଠ ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରିବା ଘଟଣା**

# ଜେଲ ଗଲେ ପାଟଣାଗଡ଼ ବିଧାୟକ

■ ଏଡିଜେଙ୍କ ଆବାସିକ ଅଫିସରେ ହାଜର କରାଗଲା

■ ନିଜେ ନିଜର ଜାମିନ ଆବେଦନ କଲେ

■ ଜାମିନ୍ ନାମଞ୍ଜୁର, ୭ ଦିନ ଜେଲ୍ ଗଲେ

■ ବୟାନ ରେକର୍ଡ ପାଇଁ ପ୍ରତିପକ୍ଷଙ୍କୁ ନୋଟିସ

■ ନୂଆପଡ଼ାର ଏକ ହୋଟେଲରେ ରହୁଥିଲେ



ଗିରଫ ପାଟଣାଗଡ଼ ବିଧାୟକ ସରୋଜ ମେହେର।

ବଲାଙ୍ଗୀର ଅଫିସ/ ପାଟଣାଗଡ଼, ୨୪।୬(ଡି.ଏନ୍.ଏ.)

ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ବିଚ୍ ରାସ୍ତାରେ ସର୍ବସମ୍ମୁଖରେ ଉଠ୍‌ବସ୍ କରିବା ଘଟଣାରେ ବିବାଦୀୟ ହୋଇପଡିଥିବା ପାଟଣାଗଡ଼ ବିଧାୟକ ସରୋଜ ମେହେର ସୋମବାର ଗିରଫ ହୋଇଛନ୍ତି। ବଲାଙ୍ଗୀର ପୋଲିସ ତାଙ୍କୁ ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ)ଙ୍କ ଆବାସିକ ଅଫିସରେ ହାଜର କରିଥିଲା। ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ଏଡିଜେ ତଥା ସ୍ପେଶାଲ ଜଜ୍ ମମିତା ଦାସ ଅନ୍ତରୀଣ ଜାମିନ ଆବେଦନ ଉପରେ କୌଣସି ଶୁଣାଣି ନ କରି ତାଙ୍କୁ ୭ଦିନ ପାଇଁ ବିଚାର ବିଭାଗୀୟ ହାଜତ(ପାଟଣାଗଡ଼ ଉପକାରାଗାର)କୁ ପଠାଇ ଦେଇଛନ୍ତି। ଏହା ସହ ଜୁଲାଇ ୧ରେ ହାଜର ହେବା ପାଇଁ କୋର୍ଟ ଅପରପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ପୋଲିସର ଏକ ଟିମ୍ ବିଧାୟକ ମେହେରଙ୍କୁ ନୂଆପଡ଼ାର ଏକ ହୋଟେଲରୁ ରବିବାର ବିଳମ୍ବିତ ରାତିରେ ଗିରଫ କରିଥିଲା। ପରେ ତାଙ୍କୁ ବଲାଙ୍ଗୀର ଅଣାଯାଇ ରିଜର୍ଭ ପୋଲିସ ବାରାକ୍‌ରେ ଅଟକ ରଖିଥିଲା। ସୋମବାର ସକାଳୁ ଏସ୍‌ପି କେ. ଶିବା. ସୁବ୍ରମଣି ପୋଲିସ ବାରାକ୍‌କୁ ଯାଇ ମେହେରଙ୍କୁ ପଚରାଉଚରା କରିଥିଲେ। ଏହାପରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ତାଙ୍କୁ ପାଟଣାଗଡ଼ ଥାନାକୁ ନିଆଯାଇଥିଲା। ଥାନାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ କୋର୍ଟ ବନ୍ଦ ଥିବାରୁ ପୋଲିସ ବିଧାୟକ ମେହେରଙ୍କୁ ଏଡିଜେ ମମିତା ଦାସଙ୍କ ଆବାସିକ ଅଫିସରେ ହାଜର କରିଥିଲା। କାର୍ଯ୍ୟବନ୍ଦ ଆନ୍ଦୋଳନରେ ଓକିଲମାନେ ଥିବାରୁ ଏଡିଜେଙ୍କ ସମ୍ମୁଖରେ ବିଧାୟକ ମେହେର ନିଜେ ନିଜର ଜାମିନ ଆବେଦନ କରିଥିଲେ। ତାଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରାଯାଇଥିବା ସେ ☞ପୃଷ୍ଠା–୪



ଯଦି ପାକିସ୍ତାନ ତା'ର ବାୟୁସୀମା ବନ୍ଦ କରେ, ତେବେ ତାହା ସେମାନଙ୍କ ପାଇଁ ସମସ୍ୟା ହେବ ।

- ବି.ଏସ୍. ଧନୋଆ
ଭାରତୀୟ ବାୟୁସେନା ମୁଖ୍ୟ



## ସଂକ୍ଷେପରେ

### ୩ ଅଲ୍ କାଏଦା ଆତଙ୍କବାଦୀ ନିହତ

**କରାଚୀ,୨୪।୬(ପି.ଟି.)**-ପାକିସ୍ତାନର ବନ୍ଦର ସହର କରାଚୀର ଖୁଦା ବକ୍ସ ଗୋଠ୍‌ରେ ଆତଙ୍କବିରୋଧୀ ଅଧିକାରୀମାନେ ଚଢ଼ାଉ କରି ୩ ଅଲ୍ କାଏଦା ଆତଙ୍କବାଦୀଙ୍କୁ ନିହତ କରିଛନ୍ତି। ଗୁଳି ବିନିମୟରେ ୩ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ମୃତ୍ୟୁବରଣ କରିଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୨ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ତଲତ୍ ମେହବୁବ୍, ଉସ୍‌ମାନ୍ ଆଲମ୍। ଲଶ୍କର-ଇ-ଝାଙ୍ଗ୍‌ଭିର ଏମାନେ ସକ୍ରିୟ ସଦସ୍ୟ ଥିଲେ। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ସୁଇସାଇଡ୍ ଜ୍ୟାକେଟ୍, ଗ୍ରେନେଡ୍ ଆଦି ଜବତ କରାଯାଇଛି। କରାଚୀ ଅଲ୍-କାଏଦା ଗୋଷ୍ଠୀର ତଲତ୍ ମୁଖ୍ୟ ବୋଲି ଜଣାପଡ଼ିଛି।

### ଲୋକ ସଭାରେ ଆଧାର ବିଲ୍ ଆଗତ



**ନୂଆଦିଲ୍ଲୀ,୨୪।୬(ପି.ଟି.)**-ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ଓ ମୋବାଇଲ ସିମ୍ କାର୍ଡ ପାଇଁ ଆଧାରକୁ ସ୍ୱେଚ୍ଛାକୃତ ଭାବେ ପରିଚୟ ପ୍ରମାଣ ଭାବେ ବ୍ୟବହାର କରିବା ନିମନ୍ତେ ଏକ ବିଲ୍ ସୋମବାର ଲୋକ ସଭାରେ ଆଗତ ହୋଇଛି। ଗତ ମାର୍ଚ୍ଚରେ ଜାରି ହୋଇଥିବା ଅଧ୍ୟାଦେଶ ସ୍ଥାନରେ ଏହି ସଂଶୋଧିତ ଆଇନ ଲାଗୁ ହେବ। ପ୍ରସ୍ତାବିତ ଆଇନରେ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ କଠୋର ଦଣ୍ଡବ୍ୟବସ୍ଥା ରହିଛି। ବିଲ୍‌କୁ ଆର୍‌ଏସ୍‌ପି ଏମ୍‌ପି ଏନ୍.କେ. ପ୍ରେମଚନ୍ଦ୍ରନ୍ ବିରୋଧ କରି ଏହା ସୁପ୍ରିମକୋର୍ଟଙ୍କ ଆଧାର ରାୟର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି କହିଥିଲେ। ଏହାଦ୍ୱାରା ଘରୋଇ କମ୍ପାନୀ ହାତକୁ ଆଧାର ତଥ୍ୟ ଚାଲିଯିବ ଏବଂ ଗୋପନୀୟତା ଅଧିକାରର ଉଲ୍ଲଂଘନ ହେବ। ଏହାର ଜବାବ ଦେବାକୁ ଯାଇ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ, ଆଧାର ଏକ ବୈଧ ଆଇନ ଓ ଜାତୀୟ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ। ଏଥିରେ ଗୋପନୀୟତା ଅଧିକାରର ଉଲ୍ଲଂଘନ ହେଉନାହିଁ। ବର୍ତ୍ତମାନ ସୁଦ୍ଧା ୬୦ କୋଟି ଲୋକ ଆଧାର ମାଧ୍ୟମରେ ସିମ୍ କାର୍ଡ ନେଇଛନ୍ତି। ଜନସାଧାରଣ ଆଧାରକୁ ଗ୍ରହଣ କରିସାରିଛନ୍ତି ବୋଲି ସେ କହିଥିଲେ।

### କାରଗିଲ୍ ବିଜୟ ଦିବସକୁ ୨୦ ବର୍ଷ

**ଗ୍ୱାଲିୟର,୨୪।୬:** କାରଗିଲ୍ ବିଜୟ ଦିବସକୁ ସୋମବାର ୨୦ ବର୍ଷ ପୂରଣ ହୋଇଛି। ଏହି ଅବସରରେ ମଧ୍ୟପ୍ରଦେଶର ଗ୍ୱାଲିୟରସ୍ଥିତ ଭାରତୀୟ ବାୟୁସେନାର ମହାରାଜପୁର ଏୟାରବେସ୍‌ଠାରେ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ମିରାଜ୍ ଯୁଦ୍ଧ ବିମାନର ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ମିଗ୍ ଓ ସୁଖୋଇ ଯୁଦ୍ଧ ବିମାନ ମଧ୍ୟ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସେଠାରେ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆ ଉପସ୍ଥିତ ଥିଲେ। କାରଗିଲ୍ ଯୁଦ୍ଧ ସମୟରେ ବାୟୁସେନା ପକ୍ଷରୁ କରାଯାଇଥିବା ଅପରେଶନ୍ 'ସଫେଦ୍ ସାଗର'ରେ ମିରାଜ ବିମାନ ସହାୟତାରେ ପାହାଡ଼ରେ ଲୁଚି ରହିଥିବା ଶତ୍ରୁଙ୍କୁ ନିପାତ କରାଯାଇଥିଲା। ୧୯୪୨ରେ ସ୍ଥାପିତ ହୋଇଥିବା ଏହି ଏୟାରବେସ୍ ଦ୍ୱାରା ୧୯୬୫ ଏବଂ ୧୯୭୧ ଯୁଦ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଥିଲା।

### [ଇତିହାସର ଆଇନାରେ]

### ଜୁନ୍ ୨୫ର ପ୍ରମୁଖ ଘଟଣା

୧୯୯୩ ଜୁନ୍ ୨୫ରେ କାନାଡାର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ କିମ୍ କ୍ୟାମ୍ପବେଲ୍ ଶପଥ ଗ୍ରହଣ କରିଥିଲେ। କିମ୍ ହେଉଛନ୍ତି କାନାଡିଆନ୍ ରାଜନେତା, କୂଟନୀତିଜ୍ଞ, ଆଇନଜୀବୀ ଓ ଲେଖିକା। ସେ କାନାଡାର ୧୯ତମ ପ୍ରଧାନମନ୍ତ୍ରୀ ଭାବେ ମାତ୍ର ୧୩୨ ଦିନ କ୍ଷମତାରେ ରହିଥିଲେ।

୧୯୯୬ ଜୁନ ୨୫ରେ ସୌଦି ଆରବସ୍ଥିତ ଖୋବର ଟାୱାର୍ସରେ ବୋମା ବିସ୍ଫୋରଣ ଯୋଗୁ ୧୯ଜଣ ଯବାନ୍‌ଙ୍କର ମୃତ୍ୟୁ ଘଟିଥିଲା। ଆତଙ୍କବାଦୀଙ୍କ ଦ୍ୱାରା ଏହି ଆକ୍ରମଣ କରାଯାଇଥିଲା। ସେହି ସମୟରେ ଦକ୍ଷିଣ ଇରାକରେ ନୋ-ଫ୍ଲାଏ ଜୋନ୍ ଅପରେଶନ୍ ଉପରେ ନଜର ରଖିବା ପାଇଁ ଉକ୍ତ ଟାୱାର୍ସକୁ ମେଣ୍ଟ ଶକ୍ତି ଦ୍ୱାରା ବ୍ୟବହାର କରାଯାଉଥିଲା।

■ ଏନ୍‌ସେଫାଲାଇଟିସ୍ ମୃତ୍ୟୁ ସଂଖ୍ୟା ୧୬୭କୁ ବୃଦ୍ଧି

# ବିହାର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ, ୨୪।୬**

ବିହାରରେ ଏନ୍‌ସେଫାଲାଇଟିସ୍ ମୃତ୍ୟୁସଂଖ୍ୟା ସୋମବାର ୧୬୭ରେ ପହଞ୍ଚିଛି। କ୍ରମଶଃ ଏହା ବ୍ୟାପୁଥିବାବେଳେ ରାଜ୍ୟର ୪୦ ଜିଲାରୁ ୨୦ ଜିଲାକୁ ଗ୍ରାସ କରିସାରିଲାଣି। ଏନେଇ ସୁପ୍ରିମକୋର୍ଟ ପକ୍ଷରୁ ସୋମବାର ବିହାର ଓ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରାଯାଇ ଉତ୍ତର ମଗାଯାଇଛି। କେବଳ ମୁଜାଫରପୁରରେ ୧୨୦ ଶିଶୁଙ୍କ ପ୍ରାଣହାନି ଘଟିଛି। ବିଚାରପତି ସଞ୍ଜୀବ ଖାନ୍ନା ଓ ବିଚାରପତି ବି. ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ୭ ଦିନ ମଧ୍ୟରେ ଏନେଇ ଏକ ସତ୍ୟପାଠ ଦାଖଲ କରିବାକୁ





ବିହାର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଚିକିତ୍ସା ସୁବିଧା, ପୋଷଣ ଓ ସ୍ୱଚ୍ଛତା ଠିକ୍ ଅଛି କି ନାହିଁ ସେ ସମ୍ପର୍କରେ ଜଣାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଆଡଭୋକେଟ ମନୋହର ପ୍ରତାପ ଓ ସନପ୍ରୀତ ସିଂ ଆଜମାନିଙ୍କ ପକ୍ଷରୁ ଏନେଇ ସୁପ୍ରିମକୋର୍ଟରେ ଆବେଦନ କରାଯିବା ସହ ତୁରନ୍ତ ଉକ୍ତ ଅଞ୍ଚଳକୁ ଏକ ମେଡିକାଲ ଟିମ୍ ପଠାଇବା ଲାଗି ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଥିଲା। ବିହାର ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ଓ ମୁଜାଫରପୁର ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଯାଇଥିଲା। ପ୍ରକାଶଥାଉ କି, ରାଜ୍ୟରେ ଏନ୍‌ସେଫାଲାଇଟିସ୍ ଯୋଗୁ ଦିନକୁ ଦିନ ଶିଶୁଙ୍କ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଥିବାବେଳେ ଏବେବି ୬୦୦ରୁ ଊର୍ଦ୍ଧ୍ୱ ଏହି ରୋଗରେ ପଡ଼ିଛନ୍ତି।

■ ଝାଡ଼ଖଣ୍ଡ ଭିଡ଼ହତ୍ୟା ମାମଲା

## ୫ ଗିରଫ, ୨ ପୋଲିସ ନିଲମ୍ବିତ

**ରାଞ୍ଚି,୨୪।୬**

ମୋଟରସାଇକେଲ ଚୋରି ଅଭିଯୋଗରେ ଝାଡଖଣ୍ଡର ଷଢ଼େଇକଳା ଖରସୁଆଁ ଅଞ୍ଚଳରେ ଜଣେ ମୁସଲିମ୍ ଯୁବକଙ୍କୁ ଉଦ୍ୟକ୍ତ ଲୋକେ ପିଟି ମାରିଦେବା ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଏହି ସମ୍ବେଦନଶୀଳ ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିବାବେଳେ କର୍ତ୍ତବ୍ୟରେ ଅବହେଳା ପାଇଁ ୨ ଜଣ ପୋଲିସ ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣକୁ ପୋଲିସ ଖୋଜୁଛି।

ଗତ ମଙ୍ଗଳବାର ଖରସୁଆଁ ଅନ୍ତର୍ଗତ କଦମଡିହା ଗ୍ରାମର ତବ୍‌ରେଜ୍ ଅନ୍‌ସାରୀ (୨୪) ଜାମସେଦ୍‌ପୁରରୁ ସାଙ୍ଗଙ୍କ ସହ ଫେରୁଥିବାବେଳେ ଘରଠାରୁ ୫ କିଲୋମିଟର ଦୂରରେ କେତେଜଣ ଲୋକ ତାଙ୍କୁ ବାଇକ୍ ଚୋରି ସନ୍ଦେହରେ ଆକ୍ରମଣ କରିଥିଲେ। ସେମାନେ ତବ୍‌ରେଜ୍‌ଙ୍କୁ ଏକ ଖୁଣ୍ଟରେ ବାନ୍ଧି ଦୀର୍ଘସମୟ ଧରି ପିଟିବା ସହ 'ଜୟ ଶ୍ରୀରାମ' ଓ 'ଜୟ ହନୁମାନ' କହିବାକୁ ବାଧ୍ୟ କରିଥିଲେ। ସେ ଅଚେତ ହୋଇଯିବାରୁ ଆକ୍ରମଣକାରୀମାନେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ୪ ଦିନ ହାଜତରେ ରଖିବା ପରେ ଶନିବାର ତାଙ୍କୁ ହସ୍ପିଟାଲ ଅଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାରର ଆକୁଳ ନିବେଦନ ସତ୍ତ୍ୱେ ପୋଲିସ ତବ୍‌ରେଜ୍‌ଙ୍କ ଚିକିତ୍ସା ବ୍ୟବସ୍ଥା କରି ନ ଥିଲା। ଏପରିକି ପରିବାର ସଦସ୍ୟମାନଙ୍କ ତାଙ୍କ ସହ ଭେଟିବାକୁ ଦେଇ ନ ଥିଲା ପୋଲିସ। ହସ୍ପିଟାଲ ଯିବାର ବହୁ ପୂର୍ବରୁ ତବ୍‌ରେଜ୍‌ଙ୍କର ମୃତ୍ୟୁ ହୋଇଥିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ସମ୍ପୃକ୍ତ ଆକ୍ରମଣକାରୀ, ପୋଲିସ ଏବଂ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହୋଇଥିଲା। ମୁସଲମାନ ହୋଇଥିବାରୁ ତବ୍‌ରେଜ୍‌ଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ସ୍ତ୍ରୀ ଶାହିସ୍ତା ପରଭିନ୍ କହିଛନ୍ତି।

ଭିଡ଼ ହତ୍ୟାକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇବା ପରେ ପୋଲିସ ନିଜର ତ୍ରୁଟି ସ୍ୱୀକାର କରିବା ସହ ଘଟଣାର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଛି। ଦୁଇ ପୋଲିସ ଅଫିସର ଚନ୍ଦ୍ରମୋହନ ଓରାନ୍ ଏବଂ ବିପିନ ବିହାରୀଙ୍କୁ ନିଲମ୍ବନ କରାଯାଇଛି। ଭିଡ଼ହତ୍ୟା ଘଟଣାକୁ ରାଜନୈତିକ ରୂପ ନ ଦେବା ଲାଗି ମନ୍ତ୍ରୀ ସି.ପି. ସିଂ କହିଛନ୍ତି।

■ ଏସ୍‌ପି ସହ ଆଉ ମେଣ୍ଟ ହେବନି

## ସବୁ ନିର୍ବାଚନ ଏକାକୀ ଲଢ଼ିବୁ: ମାୟାବତୀ

**ନୂଆଦିଲ୍ଲୀ, ୨୪।୬**

ଛୋଟ ହେଉ କି ବଡ଼, ଏଥର ସବୁ ନିର୍ବାଚନ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏକାକୀ ଲଢ଼ିବ ବୋଲି ଏହାର ସୁପ୍ରିମୋ ମାୟାବତୀ ସୋମବାର କହିଛନ୍ତି। ଏସ୍‌ପି ସହ ଆଉ କଦାପି ମେଣ୍ଟ ହେବନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏସ୍‌ପି ନେତା ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ଥିବାବେଳେ ମୁସଲମାନଙ୍କୁ ଅବହେଳା ପ୍ରଦର୍ଶନ କରିଥିବା ସେ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଉପନିର୍ବାଚନ ହେବାକୁ ଥିବାବେଳେ ମାୟାବତୀ ଏଭଳି ଟୁଇଟ୍



କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି।

ଏସ୍‌ପିର ବ୍ୟବହାର ସମ୍ପର୍କ ତୁଟାଇବାକୁ ବାଧ୍ୟକଲା ବୋଲି ବିଏସପି ନେତ୍ରୀ ଟୁଇଟ୍ କରିଛନ୍ତି। ଲୋକ ସଭା ନିର୍ବାଚନ ଫଳାଫଳ ଓ ଯାଦବ ଭୋଟ ହାତେଇବାରେ ବ୍ୟର୍ଥ ହେବା ଆମକୁ ମେଣ୍ଟରୁ ଓହରିଯିବାକୁ ବାଧ୍ୟ କରିଛି। ଭାଜପାକୁ ଭବିଷ୍ୟତରେ ହରାଇବା ଲାଗି ଆମେ ଏକାକୀ ନିର୍ବାଚନ ଲଢ଼ିବୁ ବୋଲି ମାୟାବତୀ ଦର୍ଶାଇଛନ୍ତି।


ସେପଟେ ସମାଜବାଦୀ ପାର୍ଟି (ଏସ୍‌ପି) ନେତା ରାମଶଙ୍କର ବିଦ୍ୟାର୍ଥୀ ବିଏସ୍‌ପି ମୁଖ୍ୟଙ୍କୁ ସମାଲୋଚନା କରିଛନ୍ତି। ଦଳିତ ଭୋଟ ଏସ୍‌ପିକୁ ଆସିବାରୁ ସେ ସହିପାରୁ ନ ଥିବା ରାମଶଙ୍କର କହିଛନ୍ତି।

### ଆଝାର ରହିଥିବା ହସ୍ପିଟାଲ୍‌ରେ ବିସ୍ଫୋରଣ

**ରାୱଲପିଣ୍ଡି,୨୪।୬(ଆଇଏଏନ୍‌ଏସ୍)**

ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ମୁଖ୍ୟ ମାସୁଦ୍ ଆଝାର ଭର୍ତ୍ତି ହୋଇଥିବା ରାୱଲପିଣ୍ଡିର ସେନା ହସ୍ପିଟାଲରେ ବଡ଼ ଧରଣର ବିସ୍ଫୋରଣ ହୋଇଛି। ଏଥିରେ ଆହତ ୧୦ ଜଣଙ୍କୁ ଜରୁରିକାଳୀନ ଚିକିତ୍ସା କକ୍ଷକୁ ସ୍ଥାନାନ୍ତର କରାଯାଇଛି। ଆଝାର ଚିକିତ୍ସା ପାଇଁ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ବୋଲି ସାମାଜିକ କର୍ମୀ ଆହସାନ ଉଲ୍ଲା ମିଆଖାଇଲ୍ ଟୁଇଟ୍ କରି ଜଣାଇଛନ୍ତି। ତେବେ ଏହି ଖବର ନ ଛାପିବାକୁ ପାକିସ୍ତାନ ସେନା ଗଣମାଧ୍ୟମଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି।

## ଜୟଶଙ୍କର ଭାଜପା ରାଜ୍ୟ ସଭା ପ୍ରାର୍ଥୀ



**ନୂଆଦିଲ୍ଲୀ,୨୪।୬(ପି.ଟି.)**

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସୋମବାର ଭାଜପାରେ ବିଧିବଦ୍ଧ ଭାବେ ସାମିଲ ହେବାର କିଛି ସମୟ ପରେ ତାଙ୍କୁ ଗୁଜରାଟରୁ ରାଜ୍ୟ ସଭା ପ୍ରାର୍ଥୀ କରାଯାଇଛି। ଗୁଜରାଟରେ ଖାଲି ପଡିଥିବା ୨ଟି ରାଜ୍ୟ ସଭା ଆସନ ଲାଗି ଜୁଲାଇ ୫ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଜୟଶଙ୍କର ସୋମବାର ଦଳର କାର୍ଯ୍ୟକାରୀ ସଭାପତି ଜେ. ପି. ନଡ୍ଡାଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଇଥିଲେ। ମେ ୩୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପୂର୍ବତନ ବୈଦେଶିକ ସଚିବ ତଥା କୂଟନୀତିଜ୍ଞଙ୍କୁ କ୍ୟାବିନେଟରେ ସାମିଲ କରି ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱ ପ୍ରଦାନ କରିଥିଲେ।

### ୟୁପିରେ କଂଗ୍ରେସ କମିଟି ଭାଙ୍ଗିଲା

**ନୂଆଦିଲ୍ଲୀ,୨୪।୬**-ସାଧାରଣ ନିର୍ବାଚନରେ ପରାଜୟ ପରେ ସୋମବାର ଉତ୍ତରପ୍ରଦେଶ (ୟୁପି)ରେ ଜିଲା କଂଗ୍ରେସ କମିଟି ଭଙ୍ଗ କରାଯାଇଛି। ଆସନ୍ତା ସପ୍ତାହରେ ଦଳର କାର୍ଯ୍ୟକାରୀ କମିଟି ବୈଠକ ବସି ୩ ସଦସ୍ୟଯୁକ୍ତ ପ୍ୟାନେଲ ଗଠନ କରାଯାଇ ନିର୍ବାଚନ ସମୟରେ ହୋଇଥିବା ବିଶୃଙ୍ଖଳାର ତର୍ଜମା କରାଯିବ। ଏଥିସହ ରାହୁଲ ଗାନ୍ଧୀଙ୍କୁ ଦଳର ଅଧ୍ୟକ୍ଷ ପଦରେ ରହିବା ଲାଗି ପୁଣି ଅନୁରୋଧ କରାଯିବ ବୋଲି ଜଣାପଡ଼ିଛି।



କୋଲକାତା: ବେତନ ବୃଦ୍ଧି ଦାବିରେ ସୋମବାର ସରକାରୀ ସ୍କୁଲ ଶିକ୍ଷକ ଆନ୍ଦୋଳନ ଚଳାଇଥିବାବେଳେ ସେମାନଙ୍କୁ ଘଉଡ଼ାଇବାକୁ ପୋଲିସ ଲାଠି ମାଡ଼ କରୁଛି।

## ଏନ୍‌ଆଇଏକୁ ମିଳିବ ଅଧିକ କ୍ଷମତା

**ଆଇନରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ**

**ନୂଆଦିଲ୍ଲୀ,୨୪।୬(ପି.ଟି.)**


ଭାରତ ସମେତ ବିଦେଶରେ ଆତଙ୍କବାଦ ମାମଲାଗୁଡ଼ିକର ତଦନ୍ତ କରୁଥିବା ଏନ୍‌ଆଇଏକୁ ଅଧିକ କ୍ଷମତା ଦେବା ଲାଗି ସରକାର ୨ଟି ଆଇନରେ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ସୋମବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଆଇନ ଏବଂ ବେଆଇନ କାର୍ଯ୍ୟକଳାପ (ନିରାକରଣ) ଆଇନରେ ସଂଶୋଧନ ଲାଗି ଆଗାମୀ ଦିନରେ ପାର୍ଲାମେଣ୍ଟରେ ବିଲ୍ ଆଗତ କରାଯିବ। ପ୍ରସ୍ତାବିତ ସଂଶୋଧନ ବଳରେ ଏନ୍‌ଆଇଏ ସାଇବର ଅପରାଧ ଏବଂ ମାନବ ଚାଲାଣ ମାମଲାଗୁଡିକର ମଧ୍ୟ ତଦନ୍ତ କରିପାରିବ ବୋଲି ଏକ ସୂତ୍ରରୁ ଜଣାପଡିଛି। ୟୁଏପିଏ ଆଇନର ଅନୁଚ୍ଛେଦ ୪ ସଂଶୋଧନ ଦ୍ୱାରା ଆତଙ୍କବାଦ ସହ ସମ୍ପୃକ୍ତ ସନ୍ଦେହ କରାଯାଉଥିବା ବ୍ୟକ୍ତିଙ୍କୁ ଆତଙ୍କବାଦୀ ଭାବେ ଏନ୍‌ଆଇଏ ଅଭିହିତ କରିପାରିବ। ଏବେ କେବଳ ଆତଙ୍କ ସୃଷ୍ଟିକାରୀ କାର୍ଯ୍ୟରେ ଲିପ୍ତ ସଂଗଠନକୁ ଆତଙ୍କବାଦୀ ସଂଗଠନ ବିବେଚିତ କରାଯାଉଛି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ୨୦୦୯ରେ ଏନ୍‌ଆଇଏ ଗଠନ ହୋଇଥିଲା।

## ବଦଳିବେ ୧୨ ରାଜ୍ୟପାଳ

**ନୂଆଦିଲ୍ଲୀ, ୨୪।୬**

ବଦଳିବେ ୧୨ ରାଜ୍ୟର ରାଜ୍ୟପାଳ। ପିଏମ୍‌ଓ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏନେଇ ଯୋଜନା ପ୍ରସ୍ତୁତ କରିସାରିଥିବା ଜଣାପଡ଼ିଛି। ଆସନ୍ତା ମାସରେ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତ୍ରିପୁରା, ନାଗାଲାଣ୍ଡ ଓ ଗୁଜରାଟ ରାଜ୍ୟପାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଭାଜପାର କେତେକ ବରିଷ୍ଠ ନେତାଙ୍କୁ ଏହି ପଦରେ ରଖାଯିବାର ସମ୍ଭାବନା ରହିଛି।

ଗୁଜରାଟ ରାଜ୍ୟପାଳ ଓ. ପି. କୋହଲି ଜୁଲାଇ ୧୬ ତାରିଖରେ ତାଙ୍କ ୫ ବର୍ଷର କାର୍ଯ୍ୟକାଳ ପୂରଣ କରୁଛନ୍ତି। ତାଙ୍କ ପରେ ନାଗାଲାଣ୍ଡ ରାଜ୍ୟପାଳ ପି. ବି. ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଜୁଲାଇ ୧୮ ତାରିଖରେ ଶେଷ ହେଉଛି। ଜୁଲାଇରେ ଶେଷ ହେଉଥିବା ଅନ୍ୟ ରାଜ୍ୟପାଳଙ୍କ ମଧ୍ୟରେ ଅଛନ୍ତି ଉତ୍ତରପ୍ରଦେଶର ରାମ ନାଏକ (ଜୁଲାଇ ୨୧), ପଶ୍ଚିମବଙ୍ଗର କେ.ଏନ୍.ତ୍ରିପାଠୀ (ଜୁଲାଇ ୨୩) ଓ ତ୍ରିପୁରାର କେ.ଏସ୍, ସୋଲାଙ୍କି (ଜୁଲାଇ ୨୬)। ଏଥିସହ ମହାରାଷ୍ଟ୍ର ରାଜ୍ୟପାଳ ସି. ବିଦ୍ୟାସାଗର ରାଓଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୯ରେ ପୂରୁଥିବାବେଳେ ଗୋଆ ରାଜ୍ୟପାଳ ମୃଦୁଳା ସିହ୍ନାଙ୍କ କାର୍ଯ୍ୟକାଳ ଅଗଷ୍ଟ ୩୦ ଓ କର୍ନାଟକ ରାଜ୍ୟପାଳ ଭାଜୁଭାଇ ରୁଦଭା ଭାଲାଙ୍କ କାର୍ଯ୍ୟକାଳ ଅଗଷ୍ଟ ୩୧ରେ ଶେଷ ହେଉଛି। ଏଥିସହ ମଧ୍ୟପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଛତିଶଗଡ଼ର ଅତିରିକ୍ତ ଦାୟିତ୍ୱ ବୁଝୁଥିବାବେଳେ ଏହି ରାଜ୍ୟରେ ନୂତନ ରାଜ୍ୟପାଳ ନିଯୁକ୍ତି ଦିଆଯିବାର ସମ୍ଭାବନା ରହିଛି। ସେହିଭଳି ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟପାଳ ଦାୟିତ୍ୱ ବୁଝୁଥିବା ପୂର୍ବତନ ଆଇବି ନିର୍ଦ୍ଦେଶକ ଇ.ଏସ.ଏଲ. ନରସିଂହଙ୍କୁ ଗୋଟିଏ ରାଜ୍ୟର ଦାୟିତ୍ୱ ପ୍ରଦାନ କରାଯାଇ ଅନ୍ୟ ରାଜ୍ୟର ନୂତନ ରାଜ୍ୟପାଳ ନିଯୁକ୍ତି ଦିଆଯିବ ବୋଲି ଜଣାପଡ଼ିଛି। କେରଳ ରାଜ୍ୟପାଳ ପି. ଶଥଶିବମ୍ ଓ ରାଜସ୍ଥାନ ରାଜ୍ୟପାଳ କଲ୍ୟାଣ ସିଂଙ୍କ ଉଭୟ ସେପ୍ଟେମ୍ବରରେ ନିଜର କାର୍ଯ୍ୟକାଳ ଶେଷ କରୁଛନ୍ତି। ଏହାସହ ମିଜୋରାମ ରାଜ୍ୟପାଳ ପଦ ଖାଲିପଡ଼ିଛି। ଏହିପରି ୧୨ ରାଜ୍ୟର ରାଜ୍ୟପାଳ ନୂଆଭାବେ ନିଯୁକ୍ତି ପାଇବାର ସମ୍ଭାବନା ରହିଛି। ଏଥିଲାଗି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଯାଇଥିବା ଜଣାପଡ଼ିଛି। ଭାଜପାର କେତେକ ବରିଷ୍ଠ ନେତାଙ୍କୁ ଏହି ପଦରେ ଅବସ୍ଥାପିତ କରାଯିବ ବୋଲି କୁହାଯାଇଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ଅପରାହ୍ନରେ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୧ | ୨୫.୬ |
| ଚାନ୍ଦବାଲି | ୩୭.୦ | ୨୭.୨ |
| କଟକ | ୩୫.୨ | ୨୫.୦ |
| ପାରାଦ୍ୱୀପ | ୩୩.୦ | ୨୯.୦ |
| ଭୁବନେଶ୍ୱର | ୩୫.୧ | ୨୬.୫ |
| ଗୋପାଳପୁର | ୩୩.୮ | ୨୭.୮ |
| ପୁରୀ | ୩୪.୬ | ୨୮.୦ |
| ଅନୁଗୋଳ | ୩୭.୧ | ୨୨.୬ |
| ବାରିପଦା | ୩୪.୬ | ୨୬.୮ |
| ଝାରସୁଗୁଡ଼ା | ୩୫.୮ | ୨୬.୦ |
| କେନ୍ଦୁଝର | ୩୪.୬ | ୨୩.୯ |
| ସମ୍ବଲପୁର | ୩୬.୦ | ୨୫.୬ |
| ସୁନ୍ଦରଗଡ଼ | --- | ୨୦.୦ |
| ହୀରାକୁଦ | ୩୬.୩ | ୨୬.୧ |
| ତାଳଚେର | ୩୮.୨ | --- |
| ଭବାନୀପାଟଣା | ୩୬.୮ | --- |
| ବଲାଙ୍ଗୀର | ୩୭.୧ | ୨୬.୫ |
| କୋରାପୁଟ | ୩୦.୬ | ୧୯.୮ |
| ଫୁଲବାଣୀ | ୩୩.୬ | --- |
| ଟିଟିଲାଗଡ଼ | ୩୭.୦ | ୨୨.୦ |
| ମାଲକାନଗିରି | ୩୫.୫ | ୨୦.୦ |
| ସୋନପୁର | ୩୬.୬ | ୨୨.୪ |
| ଦାରିଙ୍ଗିବାଡ଼ି | ୩୧.୦ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍

## କାମ ପାଇଁ ପରିବାର ନାଁ ନେବିନାହିଁ

**ମୁମ୍ବାଇ:** କଳାକାର ପରିବାରରୁ ଆସିଥିଲେ ମଧ୍ୟ ଫିଲ୍ମରେ କାମ କରିବା ପାଇଁ ଫାମିଲି ନାଁ ନେବେ ନାହିଁ; ବରଂ ନିଜର ଦକ୍ଷତା ବଳରେ ଆଗକୁ ବଢ଼ିବେ ବୋଲି ଅଭିନେତ୍ରୀ ଶର୍ମିନ୍ ସେଗଲ୍ ପ୍ରକାଶ କରିଛନ୍ତି। ଶର୍ମିନ ହେଉଛନ୍ତି ଫିଲ୍ମ ନିର୍ମାତା ସଞ୍ଜୟଲୀଲା ଭଂସାଲିଙ୍କ ଝିଆରୀ। ସେ ପ୍ରଥମ କରି 'ମଲାଲ' ଫିଲ୍ମରେ ମିଜାନ୍ ଜାଫେରିଙ୍କ ସହିତ ଅଭିନୟ କରିଛନ୍ତି। ଏହା ଜୁଲାଇ ୫ରେ ରିଲିଜ ହେବାକୁ ଯାଉଛି। ଭଂସାଲି ଏହାର ପ୍ରଯୋଜକ ଥିବାବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ମଙ୍ଗେସ ହାଦାୱାଲେ।



ଶର୍ମିନ୍ ସେଗଲ୍

ପ୍ରମୋଶନ୍ ବେଳେ ତାଙ୍କୁ ପ୍ରଶ୍ନ କରାଯାଇଥିଲା ଫିଲ୍ମ ଫାମିଲିରୁ ଆସିଥିବାରୁ କ୍ୟାରିୟର ଗଢ଼ିବା ପାଇଁ ଆପଣଙ୍କୁ ସୁବିଧା ହେବ ନାହିଁ କି? ଶର୍ମିନ କହିଥିଲେ, ଫିଲ୍ମରେ କାମ ପାଇବା ପାଇଁ ପରିବାର ଉପରେ ନିର୍ଭର କରିବି ନାହିଁ। ଏଥିପାଇଁ କେବଳ ନିଜର ପ୍ରତିଭା ଓ କଠିନ ପରିଶ୍ରମ କାର୍ଯ୍ୟରେ ଲଗାଇବି। ଦର୍ଶକଙ୍କର ପସନ୍ଦ ମୋତେ ବଲିଉଡରେ ଆଗକୁ ବଢ଼ିବାକୁ ସୁଯୋଗ ଦେବ। ଆରମ୍ଭରୁ ମୋତେ କୁହାଯାଇଛି, ଲୋକପ୍ରିୟତା ପାଇଁ ସଞ୍ଜୟଙ୍କ ସହ ଥିବା ସମ୍ପର୍କ ଉପରେ ନିର୍ଭର କରିବି ନାହିଁ। ପ୍ରତ୍ୟେକ ସୁଯୋଗକୁ ଯଥାର୍ଥ ପ୍ରମାଣିତ କରିବା ପାଇଁ କଠିନ ପରିଶ୍ରମ କରିବି।

ଶର୍ମିନଙ୍କ ମା' ବେଲା ସେଗଲ୍ ମଧ୍ୟ ଫିଲ୍ମ ଜଗତ ସହ ଜଡିତ। ସେ 'ବ୍ଲାକ୍', 'ଦେବଦାସ'ରେ ଫିଲ୍ମ ଏଡିଟର ଭାବେ କାର୍ଯ୍ୟ କରିବା ସହିତ 'ଶିରିନ ଫରହାଦ କୀ ତୋ ନିକଲ ପଡି' ଫିଲ୍ମରେ ନିର୍ଦ୍ଦେଶନା ଦେଇଛନ୍ତି। ଶର୍ମିନ ଏପରି ଏକ ପରିବାରରେ ବଢ଼ିଛନ୍ତି, ଯେଉଁଠାରେ ଦୈନିକ ଫିଲ୍ମ ବିଷୟରେ ହିଁ ଚର୍ଚ୍ଚା ହୁଏ।

# Odisha State Topper

## in JEE Advanced 2019 is a Student of FIITJEE Bhubaneswar Centre

**This is the 5th Consecutive Year when a FIITJEE Bhubaneswar Student has Topped Odisha State in JEE Advanced**

All India Rank **51**



**Odisha State Topper**

Sayantan Dhar
Student of Four Year Classroom Program at FIITJEE Bhubaneswar Centre

I, Sayantan Dhar, joined Fiitjee 4 year classroom program. I joined Fiitjee in class 9th through Big Bang edge test.
Joining Fiitjee in class 9th built my foundation. It developed my analytical skills and logical reasoning. It enabled me to clear NSEJS in class 9th. Through various mock tests and simulation tests, I was able to clear both NTSE stage-I and stage-II with good scores.
Joining Fiitjee in class 9th and 10th enabled me to get ahead of my classmates in class 11. I was able to clear NSEP, NSEA and INAO. I was also able to secure an all India rank of 63 in KVPY. The materials provided helped me build my concepts. Various monthly tests, AITS, Aits in CBT mode enabled me to gauge my standing in all India level. The detailed analysis provided, helped me understand my weak areas and improve upon them.
The Rank improvement program gave me the escape velocity to shoot my rank to top 100. I felt that all the concepts that have been asked from the JEE syllabus in the last 10 years were magnificently revised through high level thought provoking challenging questions. I became very confident of doing well in JEE Advanced after attending this program which was like creating magic.
Thank you Fiitjee — Sayantan Dhar

All India Rank **58**



Sibasis Nayak
Student of Four Year Classroom Program at FIITJEE Bhubaneswar Centre

I, Sibasis Nayak joined FIITJEE BHUBANESWAR in 9th class for 4 years classroom programme through Big Bang Edge Test.
The teachers in FIITJEE were extremely supportive and they put their best efforts to leave no stone unturned. The study materials provided at FIITJEE are very well researched and are well versed.
I will give credit for my success in JEE Advanced to my parents, teachers and most importantly to FIITJEE's training methodology, pattern proof study packages, monthly tests and All India Test series which gave me a real feeling of actual JEE. From class IX, FIITJEE had laid my foundation for developing my analytical skills and ability to think for which I had cleared all major competitive exams like NTSE, KVPY, JEE main, Olympiads and now JEE Advanced.
I cannot end without thanking FIITJEE enough for its Rank Improvement Programme which started after JEE Mains and concluded one week before JEE Advanced. All the concepts of JEE syllabus were magnificently dealt with through high quality challenging questions which we were required to solve in a given time limit. The teachers at FIITJEE taught me plenty of new tricks to solve a problem fast which gave me the confidence to secure a rank in top 100 in JEE (Adv)
Thank you FIITJEE
SIBASIS NAYAK

All India Rank **83**



Prateek Choudhury
Student of Four Year Classroom Program at FIITJEE Bhubaneswar Centre

I, Prateek Choudhury joined FIITJEE Bhubaneswar in IXth class for 4 year classroom program for JEE (Advanced) 2019.
After joining FIITJEE, I could clearly see a massive improvement in my logical reasoning, analytical skills and problem solving abilities. The classroom environment in FIITJEE is quite competitive. The sincere faculty members worked very hard to explain every concept and detail in classroom. Their efforts engraved my foundation very strong for future endeavours. FIITJEE played a key role in my qualification in NTSE round II in class X. With the help of FIITJEE's teaching methodology, pattern proof study packages and faculty support I could clear KVPY with an AIR-56. I also qualified NSEP, NSEC and NSEA.
In class XI & XII the phase tests, monthly tests, AITS, online AITS, classroom teaching and study packages were extremely helpful for improving my exam temperament and knowledge during exams.
The final icing on the cake was FIITJEE's Rank Improvement Classes which were conducted at a stretch after JEE (Mains) till one week before JEE (Adv) that enabled me to appear for JEE (Advanced) with lot of confidence and a stress-free mind. These revision classes were of high quality and gave my rank in JEE (Advanced) a quantum jump and propelled it to top 100.
Thank You FIITJEE — Prateek Choudhury

### Other Top Performing Students from FIITJEE Bhubaneswar & Cuttack Centres

AIR - 596  Pooshan Mohapatra — Two Year Classroom Program
AIR - 660  Harsh Kumar — Two Year Classroom Program
AIR - 713  Romit Mohanty — PINNACLE - Two Year Integrated School Program switched from Four Year Classroom Program
AIR - 803  Kaustabh Kumar Patel — Four Year Classroom Program
AIR - 1195  Santak Panda — Three Year Classroom Program
AIR - 1197  Anurag Patra — Four Year Classroom Program
AIR - 1360  Shakti Prasad Nanda — One Year Extended Classroom Program
AIR - 1369  Vaibhav Ganatra — Two Year Classroom Program
AIR - 1425  Satwik Pulak — Two Year Classroom Program
AIR - 1430  Swayam Prakash Singh — Four Year Classroom Program
AIR - 1878  Swapnita Sahu — One Year Extended Classroom Program
AIR - 1899  Anwit Pradhan — PINNACLE - Two Year Integrated School Program
AIR - 1926  Pratikhya Ranjit — Four Year Classroom Program

**114** Students from all Programs of FIITJEE Bhubaneswar & Cuttack Centres have secured a Rank in the Common Merit List of JEE Advanced 2019.

*(All our Results are from General Category only)*

**Producing State Toppers in JEE Main & Advanced has become a habit of FIITJEE Bhubaneswar & Cuttack Centres !**

| Exam & Year | Name of the Student | Result Significance | FIITJEE Program |
|---|---|---|---|
| JEE Main, 2019 | Prateek Choudhury | Odisha State Topper & AIR - 26 | Four Year Classroom Program |
| JEE Advanced, 2018 | Sarthak Behera | Odisha State Topper & AIR - 82 | Four Year Classroom Program + UDAYA - Two Year Classroom Program + LITTLE GENIE - One Year Foundation Program |
| JEE Main, 2018 | Sarthak Behera | Odisha State Topper & AIR - 29 | Four Year Classroom Program + UDAYA - Two Year Classroom Program + LITTLE GENIE - One Year Foundation Program |
| JEE Advanced, 2017 | Swastik Sahoo | Odisha State Topper & AIR - 382 | Two Year Classroom Program |
| JEE Main, 2016 | Barada P.D. Panda | Odisha State Topper & Marks - 328 / 360 | Four Year Classroom Program |
| JEE Advanced, 2016 | Bismay Swain | Odisha State Topper & AIR - 137 | Two Year Classroom Program |
| JEE Advanced, 2015 | Rohit Kumar Jena | Odisha State Topper & AIR - 57 | Two Year Classroom Program |

*We thank our Students & their Parents for Bringing Glory to us !*

## FIITJEE's Top Performers in JEE Advanced 2019



All India Rank **2** & IIT Delhi Zone Topper in JEE Advanced 2019
Himanshu Gaurav Singh — Three Year Classroom Program (X-XII)



All India Rank **3** in JEE Advanced 2019
Archit Bubna — Four Year Classroom Program (IX-XII) + UDAYA - Two Year Classroom Program (VII-VIII) + LITTLE Genie Foundation (VI)



All India Rank **10** in JEE Advanced 2019
Shabnam Sahay — Intensive Contact Program

AIR 14  Manan Aggarwal — Two Year Classroom Program
AIR 15  E. Shreepranav Varma — Four Year Classroom Program
AIR 18  Adithya Bhaskar — Rankers Study Material
AIR 22  Gurnoor Singh — Four Year Classroom Program
AIR 26  Harshit Gupta — Computer Based All India Test Series
AIR 28  Pradipta Parag Bora — Intensive Contact Program
AIR 29  Gudipaty Aniket — Rankers Study Material
AIR 30  Ankit Kumar Jain — Three Year Classroom Program
AIR 33  Prajeeth S — SUPREME - Four Year Integrated School Program
AIR 34  Jash Shah — Computer Based All India Test Series
AIR 35  Pranshu Pandey — Intensive Contact Program
AIR 37  Abhinav Jain — Four Year Classroom Program
AIR 38  Rajdeep Singh Dhingra — Rankers Study Material
AIR 41  Chirag Jain — Rankers Study Material
AIR 42  Koustav Sen — Three Year Classroom Program
AIR 46  Aman Yadav — Computer Based All India Test Series
AIR 48  Soham Mistri — Four Year Classroom Program
AIR 49  Abhinav Gupta — Four Year Classroom Program

| Number of FIITJEE Students Topping their IIT Zone / State / City | | |
|---|---|---|
| 2 IIT Zone Toppers | 9 State Toppers | 16 City Toppers |

| In Top 500 AIR | In Top 1000 AIR |
|---|---|
| 144 FIITJEE Students | 304 FIITJEE Students |

| Total number of FIITJEE Students who qualified JEE Advanced, 2019 | |
|---|---|
| 3877 from Long Term Classroom & Integrated School Program | 4584 from all Programs |
| This is the Highest number for any Institute in the Country for 23rd Consecutive Year. | This is the Highest number for any Institute in the Country for 22nd Consecutive Year. |

All our Results are from General Category only

For detailed results and learning from Toppers, please visit **www.iitjeetoppers.com**

**General Admission Tests**
**30th June, 14th & 28th July 2019**
**For Students of Class XI & XII (Pass)**
For more details visit **http://admissiontest.fiitjee.com**

Not able to join FIITJEE's Classroom / Integrated School Programs ? Have the FIITJEE Edge by joining Test Series / Study Material Programs
For more details visit **www.fiitjee-distancelearning.com**

*Where winning is a habit !*

**FIITJEE**
FORUM FOR IIT-JEE

**Bhubaneswar (Unit - IX) Centre :** Bharat Scouts & Guides Complex, Scouts Bhawan, 1st & 2nd Floor, C - IX / 8, Unit - 3, Bhubaneswar - 751 022 Ph.: 0674 - 2392022, 2396725, 2394925
**Bhubaneswar (Infocity) Centre :** E3, Infinia Tower, Ist Floor, Near Infocity Square, Patia, Bhubaneswar Ph: 8117084613, 0674 - 2744725
**Cuttack Centre :** Shri Kailash Plaza, 3rd Floor, Opp. BSNL Bhawan, Link Road, Cuttack Ph: 0671 - 2367105, 9040032630

National Admissions Office: FIITJEE House, 29-A, Kalu Sarai, Sarvapriya Vihar, New Delhi Toll Free No. 1800 11 4242 Web: www.fiitjee.com | www.facebook.com/fiitjeeindia123 | www.twitter.com/fiitjee | www.youtube.com/fiitjeeltd

**FIITJEE - THE PREMIER INSTITUTE FOR IIT-JEE and More...**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନାମାଙ୍କନ ଦାଖଲ କଲେ ଅମର, ସସ୍ମିତ୍ ଓ ଅଶ୍ୱିନୀ

## ରାଜ୍ୟ ସଭା ଉପନିର୍ବାଚନ

ଭୁବନେଶ୍ୱର, ୨୪।୬(ବ୍ୟୁରୋ)

ରାଜ୍ୟ ସଭା ଉପନିର୍ବାଚନ ପାଇଁ ଓଡ଼ିଶାରୁ ୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ଅମର ପଟ୍ଟନାୟକ ଏବଂ ସସ୍ମିତ୍ ପାତ୍ର ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଦଳର ଅନ୍ୟ ନେତାମାନଙ୍କ ଉପସ୍ଥିତିରେ ନାମାଙ୍କନ ଦାଖଲ କରିଛନ୍ତି। ବିଜେଡି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲର କିଛି ସମୟ ପରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବ ଦଳର ବିଧାୟକ ଏବଂ ଅନ୍ୟ ନେତାମାନଙ୍କ ଉପସ୍ଥିତିରେ ନାମାଙ୍କନ ଦାଖଲ କଲେ। ୩ ପ୍ରାର୍ଥୀ ପରସ୍ପର ସହ ହାତ ମିଳାଇ ଏକା ସାଙ୍ଗରେ ବସିଥିଲେ। ବିଧାନସଭାର ସ୍ୱତନ୍ତ୍ର ପ୍ରକୋଷ୍ଠରେ ରିଟର୍ଣ୍ଣିଂ ଅଫିସର୍ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ନିକଟରେ ସେମାନେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ବିଜେଡି ଓ ଭାଜପା ନେତାମାନେ ପରସ୍ପର ସହ ହାତି ମିଳାଇ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରୁଥିବାର ଦେଖିବାକୁ ମିଳିଥିଲା।

ବିଜେଡି ପ୍ରାର୍ଥୀ ଅମର ଏବଂ ସସ୍ମିତ ୩ ସେଟ୍ ଲେଖା ନାମାଙ୍କନ ଦାଖଲ କରିଥିଲେ। ପ୍ରତି ସେଟ୍‌ରେ ୧୦ଜଣ ଲେଖା ପ୍ରସ୍ତାବକ ରହିଥିଲେ। ଅପରପକ୍ଷରେ ଅଶ୍ୱିନୀ ୨ ସେଟ୍ ନାମାଙ୍କନ ଦାଖଲ କରିଛନ୍ତି। ବିଜେଡିର କେହି ପ୍ରସ୍ତାବକ ରହିବାକୁ ରାଜି ନ ହେବା କାରଣରୁ ଏବଂ ବିଧାନସଭାର ସଂଖ୍ୟା ଦୃଷ୍ଟିରୁ ସେ ୨ ସେଟ୍ ନାମାଙ୍କନ ଦାଖଲ କରିଛନ୍ତି। ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରତାପ କେଶରୀ ଦେବ ଏବଂ ଅଚ୍ୟୁତ ସାମନ୍ତ ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇ



ନାମାଙ୍କନ ଦାଖଲ କରିଥିବା ଅଶ୍ୱିନୀ ବୈଷ୍ଣବ, ଅମର ପଟ୍ଟନାୟକ ଏବଂ ସସ୍ମିତ୍ ପାତ୍ର।

ବିଜୟୀ ହେବାପରେ ରାଜ୍ୟ ସଭା ପଦରୁ ଇସ୍ତଫା ଦେଇଥିଲେ। ସୌମ୍ୟ ଏବଂ ଅଚ୍ୟୁତଙ୍କ କାର୍ଯ୍ୟକାଳ ୫ ବର୍ଷ ଥିବାବେଳେ ପ୍ରତାପଙ୍କ ୩ ବର୍ଷ ଥିଲା। ସୌମ୍ୟଙ୍କ ସ୍ଥାନରେ ଅଶ୍ୱିନୀ ବୈଷ୍ଣବ, ଅଚ୍ୟୁତଙ୍କ ସ୍ଥାନରେ ଅମର ଏବଂ ପ୍ରତାପଙ୍କ ସ୍ଥାନରେ ସସ୍ମିତ ନାମାଙ୍କନ ଦାଖଲ କରିଛନ୍ତି। ସୌମ୍ୟ ଏବଂ ଅଚ୍ୟୁତଙ୍କ ୨୦୨୪ ଏପ୍ରିଲ ୩ ଓ ପ୍ରତାପଙ୍କ କାର୍ଯ୍ୟକାଳ ୨୦୨୨ ଜୁଲାଇ ୧ ପର୍ଯ୍ୟନ୍ତ ରହିଛି। ସଂଖ୍ୟା ଦୃଷ୍ଟିରୁ ବିଜେଡି ୩ଟି ଯାକ ରାଜ୍ୟ ସଭା ଆସନ ନିଜ ହାତରେ ରଖିପାରିଥାଆନ୍ତା। ମାତ୍ର ଦୁଇଟି ଆସନରେ ପ୍ରାର୍ଥୀ ଦେଇ ଗୋଟିଏ ଆସନ ଭାଜପା ହାତକୁ ବିଜେଡି ସଭାପତି ଟେକି ଦେଇଛନ୍ତି। ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନ କରିବ ବୋଲି ସେ ଘୋଷଣା କରିଛନ୍ତି।

ନାମାଙ୍କନ ଦାଖଲ ପରେ ସସ୍ମିତ ପାତ୍ର କହିଛନ୍ତି ଯେ, ଆଜି କୌଣସି ରାଜନୈତିକ ବାର୍ତ୍ତା ଦେବାକୁ ଚାହୁଁନାହିଁ। ଓଡିଶାର ବିକାଶ ଆମର ମୂଳ ଲକ୍ଷ୍ୟ। ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଯାହା ଆବଶ୍ୟକତା ପଡିବ କରିବି ବୋଲି ସସ୍ମିତ କହିଛନ୍ତି। ଅଶ୍ୱିନୀ କହିଛନ୍ତି, ପ୍ରଭୁ ଜଗନ୍ନାଥଙ୍କ ଏହି ପବିତ୍ର ଭୂମିରେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବି। ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଧନ୍ୟବାଦ ଦେଉଛି। ଓଡିଶାର ସ୍ୱାର୍ଥ ଏବଂ ବିକାଶ ପାଇଁ କାର୍ଯ୍ୟ କରିବାକୁ କେବେହେଲେ ପଛାଇବି ନାହିଁ ବୋଲି ଅଶ୍ୱିନୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ମଙ୍ଗଳବାର ନାମାଙ୍କନ ଦାଖଲର ଶେଷଦିନ। ୨୬ରେ ନାମାଙ୍କନ ଯାଞ୍ଚ। ୨୮ରେ ଆଗ୍ରହୀ ନିଜ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ଜୁଲାଇ ୫ରେ ଆବଶ୍ୟକ ପଡିଲେ ଭୋଟ ଏବଂ ସେଦିହିନ ଗଣତି ହେବ। ଜୁଲାଇ ୯ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବ।

## ପ୍ରଥମ ପୃଷ୍ଠାରୁ...

### ଜେଲ ଗଲେ...

ଦର୍ଶାଇ ଥିଲେ। ଆସନ୍ତା ୨୫ ତାରିଖରୁ ବିଧାନସଭା ଆରମ୍ଭ ହେଉଛି। ରାଜ୍ୟ ସଭା ନିର୍ବାଚନ ଥିବାରୁ ତାଙ୍କ ଆବେଦନର ଶୁଣାଣି କରି ଅନ୍ତରୀଣ ଜାମିନ ଦେବାକୁ ସେ କୋର୍ଟଙ୍କୁ ନିବେଦନ କରିଥିଲେ। ହେଲେ ତାଙ୍କ ଜାମିନ ଆବେଦନ ଉପରେ ଶୁଣାଣି ନ କରି ଏଡିଜେ ଦାସ ଜୁଲାଇ ୧ତାରିଖରେ ଅପରପକ୍ଷକୁ ଆସି ବୟାନ ଦେବାକୁ ନୋଟିସ୍ ଜାରି କରି ବିଧାୟକ ମେହେରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ।

ପ୍ରକାଶ ଯେ, ଗତ ୫ ତାରିଖରେ ବିଧାୟକ ମେହେର ବେଲପଡା ବ୍ଲକ୍‌ର ଗମ୍ଭାରୀ ଗାଁରେ ପହଞ୍ଚି ସେଠାକାର ରାସ୍ତାକାମ ତଦାରଖ କରିଥିଲେ। କାମ ଅତ୍ୟନ୍ତ ନିମ୍ନମାନ ହୋଇଥିବା ଦର୍ଶାଇ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ଏଥିପାଇଁ ଦାୟୀ କରି ୫ ମିନିଟ୍‌ରେ ଶହେ ଥର ଉଠ୍‌ବସ୍ ହେବାକୁ କହିଥିଲେ। ଉଠ୍‌ବସ୍ ନ ହେଲେ ତାଙ୍କୁ ମାଡ ମାରିବାକୁ ସେ ବିଧାୟକ ଭାବେ ନିର୍ଦ୍ଦେଶ ଦେଉଛନ୍ତି ବୋଲି ଉପସ୍ଥିତ ଲୋକଙ୍କୁ କହିଥିଲେ। କନିଷ୍ଠ ଯନ୍ତ୍ରୀ ଶବର ଉଠବସ୍ ହେବା ପରେ ନେହୁରା ହୋଇ ବିଧାୟକଙ୍କ ଗୋଡ ଧରୁଥିବା ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଥିଲା। ଘଟଣାର ଦିନକ ପରେ କନିଷ୍ଠ ଯନ୍ତ୍ରୀ ଶବରଙ୍କ ସ୍ତ୍ରୀ ପାଟଣାଗଡ଼ ଥାନାରେ ବିଧାୟକ ମେହେରଙ୍କ ବିରୋଧରେ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ସର୍ବସମ୍ମୁଖରେ ଅପମାନିତ ଏବଂ ଅପହରଣ କରାଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପାଟଣାଗଡ଼ ଥାନାରେ ପୋଲିସ ବିଧାୟକଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୪୧, ୩୨୩, ୩୫୩, ୩୫୫, ୫୦୬, ୩୪ ଏବଂ ଆଟ୍ରୋସିଟି ଆକ୍ଟର ଧାରା ୩ ଅନୁଯାୟୀ ଏକ ମାମଲା(ନଂ.୧୧୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗଣମାଧ୍ୟମରେ ଏହି ଖବର ପ୍ରଚାରିତ ହେବା ପରେ ଜିଲା ଆଦିବାସୀ କଲ୍ୟାଣ ସଂଘ, ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ବଲାଙ୍ଗୀର ଶାଖା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆନ୍ଦୋଳନ ଚେତାବନୀ ଦେଇଥିଲେ। ତେବେ ଘଟଣା ଦିନଠାରୁ ବିଧାୟକ ମେହେର କୁଆଡେ ଫେରାର ହୋଇଯାଇଥିଲେ। ଜିଲା ଆଦିବାସୀ ସଂଘ ବିଧାୟକ ମେହେରଙ୍କ ଗିରଫ ଦାବି କରି ଜିଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହ ବ୍ଲକ୍‌ସ୍ତରରେ ମଧ୍ୟ ଆନ୍ଦୋଳନ ଜାରି ରଖିଥିଲେ।

### ମାର୍ଚ୍ଚ ୩୧ ପୂର୍ବରୁ...

ହୋଇ ଦୁର୍ନୀତି ବିରୋଧରେ ଅଭିଯୋଗ କରିବାକୁ ଆଗେଇ ଆସନ୍ତୁ ବୋଲି ଲୋକାୟୁକ୍ତ ଅଧ୍ୟକ୍ଷ ସିଂ ଆହ୍ୱାନ କରିଛନ୍ତି। ଏ ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ଲୋକାୟୁକ୍ତ ଆଇନର ସେକ୍ସନ-୩ ଅନୁଯାୟୀ ଲୋକାୟୁକ୍ତରେ ଜଣେ ଅଧ୍ୟକ୍ଷଙ୍କ ସମେତ ୫ଜଣ ସଦସ୍ୟ ରହି ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ପ୍ରଥମ ଲୋକାୟୁକ୍ତ ଅଧ୍ୟକ୍ଷ ଭାବେ ସିଂ ଏବଂ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ବି.କେ. ନାୟକ ଓ ପୂର୍ବତନ ଆଇଏଫ୍‌ଏସ୍ ଅଫିସର ଦେବବ୍ରତ ସ୍ୱାଇଁ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଲୋକାୟୁକ୍ତ ଏକ ସ୍ୱୟଂକ୍ରିୟ ବିଚାର ବିଭାଗୀୟ ସଂସ୍ଥା। ଅଭିଯୋଗକାରୀ ଅନ୍ୟ କୋର୍ଟକୁ ନ ଯାଇ ଲୋକାୟୁକ୍ତ ନିକଟରୁ ନ୍ୟାୟ ପାଇପାରିବେ। ଜନସାଧାରଣଙ୍କୁ ସ୍ୱଚ୍ଛ ଶାସନ ଯୋଗାଇ ଦେବା ଲୋକାୟୁକ୍ତଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଲୋକାୟୁକ୍ତ ସଦସ୍ୟ ନାୟକ କହିଛନ୍ତି ଯେ, କେବଳ ସରକାରୀ ଅଧିକାରୀ କିମ୍ବା କର୍ମଚାରୀଙ୍କ ଦୁର୍ନୀତି ବିରୋଧରେ ନୁହେଁ ଜନପ୍ରତିନିଧି, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆସିଥିବା ଅଭିଯୋଗର ମଧ୍ୟ ଲୋକାୟୁକ୍ତ ଶୁଣାଣି କରିପାରିବେ। ଆବେଦନକାରୀଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଉଦ୍ୟମ କରାଯାଉଛି। ଆବଶ୍ୟକସ୍ଥଳେ ତଦନ୍ତକାରୀ ଅଧିକାରୀଙ୍କୁ ମଧ୍ୟ ଲୋକାୟୁକ୍ତ ବଦଳାଇ ପାରିବେ।

### ଡେପୁଟି ଗଭର୍ନର...

ସମସ୍ତଙ୍କୁ ଚକିତ କରି ନିଜ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କର କାର୍ଯ୍ୟକାଳ ଶେଷ ହେବାକୁ ଆଉ ୯ ମାସ ବାକିଥିଲା। ଆଚାର୍ଯ୍ୟଙ୍କ ଇସ୍ତଫା ପରେ ଏବେ ଆର୍‌ବିଆଇରେ ୩ ଜଣ ଡେପୁଟି ଗଭର୍ନର ଏନ୍.ଏସ୍.ବିଶ୍ୱନାଥନ୍, ବି.ପି.କାନୁନଗୋ ଏବଂ ଏମ୍.କେ.ଜୈନ ରହିଛନ୍ତି। ଏମାନଙ୍କ ମଧ୍ୟରେ ବିଶ୍ୱନାଥନ୍ ସର୍ବବରିଷ୍ଠ ଡେପୁଟି ଗଭର୍ନର। ଇସ୍ତଫା ଦେବା ପରେ ଡ.ଆଚାର୍ଯ୍ୟ ନ୍ୟୁୟର୍କ ୟୁନିଭର୍ସିଟିର ଷ୍ଟର୍ନ ସ୍କୁଲ୍ ଅଫ୍ ବିଜନେସ୍‌ରେ ପ୍ରଫେସର ଭାବେ ଯୋଗ ଦେବେ ବୋଲି ଶୁଣାଯାଉଛି।

### ୫ ଭାଷାରେ...

ଓଡିଆରେ କବିତା ଆବୃତ୍ତି କରିଥିଲେ। ଓଡିଆ ଏମ୍‌ପିଙ୍କ ଏଭଳି ଆକ୍ରମଣାତ୍ମକ ଭାଷଣରେ ଅତିଷ୍ଠ ହୋଇ କଂଗ୍ରେସ ସଦସ୍ୟମାନେ ପ୍ରତିବାଦ ଜଣାଇଥିଲେ। ତେବେ ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ହସ୍ତକ୍ଷେପ କରିବାକୁ ଅନୁମତି ଦେଇ ନ ଥିଲେ।

ପରାଜୟକୁନେଇ କଂଗ୍ରେସ ଦଳ ଆତ୍ମସମୀକ୍ଷା କରିବା ଆବଶ୍ୟକ। ନିର୍ବାଚନରେ ମୋଦିଙ୍କୁ ହରାଇବା ପାଇଁ ଉତ୍ତରପ୍ରଦେଶରେ ବିରୋଧୀ ମହାମେଣ୍ଟ କରିଥିଲେ। ଏହି ଅପମିଶ୍ରଣକୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି। ଦେଶକୁ ଭାଗ ଭାଗ କରିବାକୁ ଚାହୁଁଥିବା ଲୋକଙ୍କର ଏଠାରେ ସ୍ଥାନ ନାହିଁ ବୋଲି ଓଡ଼ିଶା ଏମ୍‌ପି କହିଥିଲେ।

ତାଙ୍କ ଭଳି ଅତି ଗରିବ ପରିବାରରୁ ଆସିଥିବା ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତ୍ରୀ କରିଥିବାରୁ ସେ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଗରିବ ଓ ଅବହେଳିତମାନଙ୍କ କଲ୍ୟାଣ ଲାଗି ମୋଦି ଓ ତାଙ୍କ ସରକାର ପ୍ରତିବଦ୍ଧ ବୋଲି ପ୍ରତାପ କହିବା ସହ ୨୦୨୨ ସୁଦ୍ଧା ସବୁ ଗରିବ ପରିବାର ପାଖରେ ପକ୍କାଘର ଓ ପାଇଖାନା ଥିବ ବୋଲି କହିଥିଲେ। କଂଗ୍ରେସ ତୁଷ୍ଟୀକରଣ ରାଜନୀତି ଚଳାଇଥିବାବେଳେ ନରେନ୍ଦ୍ର ମୋଦି ସରକାର 'ସବ୍‌କା ସାଥ୍, ସବ୍‌କା ବିକାଶ' ଦିଗରେ କାର୍ଯ୍ୟ କରୁଥିବା କଥା କହି ସେ ଏହାର ଉଚ୍ଚ ପ୍ରଶଂସା କରିଥିଲେ।

**କିଛି ତଥ୍ୟ**

ବିଦେଶରେ ୧୨,୨୬୦ କୋଟି ଟଙ୍କାର ଅଘୋଷିତ ସମ୍ପତ୍ତି ମାମଲାରେ ଆୟକର ବିଭାଗ ୩୮୦ ନୋଟିସ ଜାରି କରିଛି। –ଅର୍ଥ ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ ଓ କର୍ମକ୍ଷେତ୍ରର ସମସ୍ୟା ସୁଧାରିବା କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟର ଆବଶ୍ୟକତା ଅନୁଭବ କରିବେ। କୃତ୍ତିକା ନକ୍ଷତ୍ର ସକାଶେ ପାରିପାର୍ଶ୍ୱିକ ପରିସ୍ଥିତି ସେତେଟା ଭଲ ରହି ନ ପାରେ। ଜମିଜମା ବିବାଦ କିମ୍ବା ପରିବହନ ସମ୍ବନ୍ଧୀୟ ସମସ୍ୟା ସମ୍ପର୍କିତ ବିବାଦୀୟ ଘଟଣାର ଅବସାନ ଘଟିବ। ଶନି କ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ପାରିବାରିକ କ୍ଷେତ୍ରରେ ଅତୀତ କଥାକୁ ଚିନ୍ତା କରିବେ।

**ବୃଷ** ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଅସହଯୋଗ ଆଜି ପାଇଁ ମୁଖ୍ୟ ସମସ୍ୟା ରୂପେ ଦେଖାଦେବ। ଅଧିକାଂଶ ସମୟ ମାନସିକ ଅସ୍ଥିରତା ଲାଗି ରହିବାରୁ ପ୍ରତ୍ୟେକ କାର୍ଯ୍ୟାବଳୀର ଠିକ୍ ସମୀକ୍ଷା କରିପାରିବେ ନାହିଁ। ବ୍ୟବସାୟ, ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇପାରିବେ।

**ମିଥୁନ** ଆଜି ରାଶି ଓ ଚତୁର୍ଥାଧିପତି ଧନ ସ୍ଥାନସ୍ଥ ହେତୁ ବନ୍ଧୁମାନଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଭିତ୍ତିରେ କରିବାକୁ ମନସ୍ଥ କରିବେ। ସାଧାରଣ କେତେକ ବ୍ୟତିକ୍ରମ ମଧ୍ୟରେ ଅର୍ଥଲାଭ ହେବା ସହ ଆଜିର ଯାତ୍ରାରେ ସଫଳତା ପାଇବେ। ଶନିଙ୍କ ସ୍ୱଭାଗ୍ୟଭାବକୁ ଦୃଷ୍ଟି ହେତୁ ଅବସ୍ଥା ସେତେଟା ଉଦ୍‌ବେଗଜନକ ହେବନାହିଁ।

**କର୍କଟ** ଶନିଙ୍କ ଦ୍ୱାରା ସୃଷ୍ଟି ହେଉଥିବା ବିପରୀତ ରାଜଯୋଗ ପ୍ରଭାବରେ ସମସ୍ୟା ସମାଧାନ କରିବାରେ ସଫଳତା ପାଇବେ। ବୃହସ୍ପତିଙ୍କ ପ୍ରଭାବରେ ଆପଣଙ୍କ ଠିକ୍ ବିଚାରଧାରା ପ୍ରତ୍ୟେକ କ୍ଷେତ୍ରରେ ସଫଳତାର କାରଣ ହୋଇପାରିବ। ଆଜି ଦ୍ୱାଦଶସ୍ଥ ରାହୁ ଆପଣଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ରଖେଇଦେବେ ନାହିଁ।

**ସିଂହ** କେନ୍ଦ୍ରସ୍ଥ ବୃହସ୍ପତି କର୍ମସ୍ଥାନକୁ ଦେଖୁଥିବାରୁ ସ୍ଥଗିତ କର୍ମସମୂହ ତ୍ୱରାନ୍ୱିତ ହୋଇପାରିବ। ତୃତୀୟାଧିପତି ଚତୁର୍ଥଭାବକୁ ଅବଲୋକନ କରୁଥିବାରୁ ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଅନ୍ୟମାନଙ୍କ ପରାମର୍ଶ ନ ମାନି ନିଜ ମନଇଚ୍ଛା କାମ କରିବା ଫଳରେ କିଛିଟା ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** ଆପଣଙ୍କ ରାଶି ପାଇଁ ଗ୍ରହ ସ୍ଥିତିର ବିଷମତା ନ ଥିବା କାରଣରୁ ଯେକୌଣସି କାମରେ ମଧ୍ୟ ଆପଣ ଅସଫଳ ହେବେ ନାହିଁ। ଆପଣଙ୍କ ଅଭିଳାଷ ପୂରଣ କରିବା ପରିପ୍ରେକ୍ଷୀରେ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ତୁଳା** ସୁଖଭାବରେ ବୃହସ୍ପତି ପ୍ରଭାବରୁ ଆପଣ ଆତ୍ମୀୟସ୍ୱଜନଙ୍କ ସହ ମନଖୋଲା ଆଲୋଚନା କରିପାରିବେ ନାହିଁ। ବ୍ୟୟଭାବକୁ ଚନ୍ଦ୍ରଙ୍କ ଦୃଷ୍ଟି ଆପଣଙ୍କୁ ବନ୍ଧୁ ପରିଜନଙ୍କ ସହ ଭ୍ରମଣ ସକାଶେ ଅନୁପ୍ରେରିତ କରାଇପାରେ। ଘରୋଇ ସମସ୍ୟାକୁ କେନ୍ଦ୍ରକରି ଘର ଲୋକମାନଙ୍କ ବ୍ୟସ୍ତ ଓ ବିବ୍ରତତାକୁ ଲକ୍ଷ୍ୟକରି ମନ ଅଶାନ୍ତ ରହିବ।

**ବିଛା** ଆଜି ଚନ୍ଦ୍ରଙ୍କ ପ୍ରତି ଗୁରୁଙ୍କ ପୂର୍ଣ୍ଣଦୃଷ୍ଟି କାରଣରୁ ଆପଣ ଯାହା ଚାହିଁବେ ତାହା ନିର୍ବିଘ୍ନରେ ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ମଧ୍ୟ କିୟତ୍‌କ୍ଷଣ ମଧ୍ୟରେ ଦୂରୀଭୂତ ହୋଇଯିବ। ସାମାଜିକ ସ୍ତରରେ ସମ୍ପର୍କ ବୃଦ୍ଧି ପାଇଲେ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ତା'ର ପଥରୋଧ କରିବ।

**ଧନୁ** ଶୁକ୍ରଙ୍କ ପ୍ରଭାବରେ ଆପଣଙ୍କ ଚିନ୍ତାଧାରା ବନ୍ଧୁ କିମ୍ବା ସହକର୍ମୀଙ୍କ ମନରେ ସହାନୁଭୂତି ଜାଗ୍ରତ କରାଇବ। କିନ୍ତୁ ପାପଗ୍ରହ ମଧ୍ୟ ଚନ୍ଦ୍ରଜନିତ ଅସାବଧାନତା କିମ୍ବା ଅନ୍ୟମନସ୍କ ରହିବା ହେତୁ ଅର୍ଥହାନି ଓ ଶରୀର ପୀଡ଼ାରୁ କଷ୍ଟ ପାଇବେ। କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମକର** ଆଜିର ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିବା ହେତୁ ଆପଣଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେବନାହିଁ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତକରି ସାମୟିକ ଖୁସୀ ରହିବାର ସୁଯୋଗ ପାଇବେ। ସଭାସମିତି, ଆନୁଷ୍ଠାନିକ କର୍ମ, ତଥା ମାଲିମକଦ୍ଦମାରେ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିପାରେ।

**କୁମ୍ଭ** ରାଶ୍ୟାଧିପତି ପାପଯୁକ୍ତ ହେଲେ ମଧ୍ୟ ସମସ୍ୟା ସାଙ୍ଗରେ ଲଢ଼େଇ କରି ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଯାନ୍ତ୍ରିକ ତ୍ରୁଟି କାରଣରୁ ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ। ବନ୍ଧୁମାନଙ୍କ ପରୋକ୍ଷ ଶତ୍ରୁତା ହେତୁ କିଛିଟା ବ୍ୟତିକ୍ରମ ଘଟିପାରେ।

**ମୀନ** ରାଶିରେ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ସୁସ୍ଥ ମାନସିକତା ପ୍ରଦାନ କରିବାରେ ସହାୟକ ହେବ। ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଦିନଟି ଏକପ୍ରକାର ଭଲରେ ଅତିବାହିତ ହେବ। ସାଧାରଣ ପରିଶ୍ରମରେ ଏବଂ ସହକର୍ମୀମାନଙ୍କ ସୌହାର୍ଦ୍ଦ୍ୟରୁ ସମସ୍ୟା ଗୁଡିକ ଆପଣାଛାଏଁ ସୁଧୁରି ଯିବ। ନିକଟ ସମ୍ପର୍କୀୟମାନଙ୍କ ଠାରୁ ପରାମର୍ଶ ନେଇ କାମକଲେ କାର୍ଯ୍ୟସିଦ୍ଧି ଘଟିପାରେ।

ଆଜି ଆଷାଢ଼ କୃଷ୍ଣ ଅଷ୍ଟମୀ ମଙ୍ଗଳବାର, ଜୁନ୍ ୨୫ ତାରିଖ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ୍/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର,ଅଦ୍ୟ ବିବାହ ପାଣିଗ୍ରହଣ। ସକାଳ ଘ୮।୨୮ମି.ଗତେ, ଘ୧୦।୦୮ମି. ମଧ୍ୟେ, ଘ୧୧।୪୭ମି. ଗତେ, ଘ୧।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ, ଘ୩।୪୧ମି. ଗତେ ଘ୫।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୦୭ମି. ଗତେ ଘ୪।୪୬ମି. ମଧ୍ୟେ ରାହୁକାଳ।

## classifieds Everyday 0674-2580101, 2549302

**real estate**

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931. D-66705

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66907

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-12699

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-13113

4 stored building 8000sqft. with parking, lift provisions @ 340lakhs at Ghatikia GA plot, Bhubaneswar. Genuine buyers please contact: 8018510988. D-66500

**Just pay 1.5 lacs and book 1BHK flat at Puri with all amenities and exciting offers. 9938175444.** D-13121

Gharabari yellowzone stitiban plot available at Malipada mainroad 500 meters from SUM Hospital, DAV School, Bhubaneswar 1600/- sqft. 9777063609. D-66152

ଟଙ୍କପାଣିରୋଡ ଏବଂ Uttara ଛକ ପାଖରେ ବାସୋପଯୋଗୀ ଘରବାରି ପ୍ଲଟ କିଣନ୍ତୁ। 8249776268. D-66151

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

**to-let**

House 2/3 rooms at Jagannath Vihar, Road no.1, Baramunda for rent. Contact: 9958097468. D-66911

**healthcare**

Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674-2597822. D-66574

Herbal full body massage by smart/ expert therapist. Contact: 8338067247. D-66575

Newly opening ayurvedic body massage smart therapist, Shree herbal. 7750020754. D-66576

Ayurvedic full body massage ladies/ gents smart experts therapist. 9114697517. D-66906

Physiotherapy, full body massage by trained ladies/ gents therapist- 7008773793. D-66493

Kajal ayurvedic massage club fully relaxed by smart lady, home service available. 9937637219. D-66912

**LOST**

ମୁଁ ନିର୍ମଳ ମହାନନ୍ଦ, ପି: ବୈରାଗୀ ମହାନନ୍ଦ, ନି/ପୋ: ବାଙ୍କିଘିର୍ଡି, ଥା: ବିନିକା, ଜି: ସୁବର୍ଣ୍ଣପୁର, ତା୧୯.୬.୧୯୯୮ ଦିନ ରେଜିଷ୍ଟ୍ରି କରିଥିବା ସେଲ୍‌ଡିଡ୍ ନଂ. ୪୬୫/୯୮ ବିନିକା ଓ ବିଶାଳପାଲି ଛକ ମଧ୍ୟରେ ତା. ୧୭.୬.୨୦୧୯ରେ ହଜିଗଲା। ଏଣୁ କୌଣସି ବ୍ୟକ୍ତି ପାଇଲେ ମୋ.ନଂ. ୭୩୨୬୦୭୫୮୯୧ କୁ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୩୧୨୨

**AFFIDAVIT**

By virtue an affidavit before Executive Magistrate, Kantabanji on dtd. 22.6.2019. That in my Educational certificate, Birth certificate and other certificate my name is written as "Rahul Kumar Gupta but in my Passport No.N2693720 my name is written as Rahul Gupta, henceforth Rahul Kumar Gupta and Rahul Gupta S/o Mukesh Kumar Gupta is one and same and it will be produced before Passport Department. D-13120

ନୋଟାରୀ ପବ୍ଲିକ, କେନ୍ଦ୍ରାପଡ଼ାଙ୍କ ନିକଟରେ କୃତ ସତ୍ୟପାଠ, ସିଏଫ୍ ନଂ.- ୦୯ଏଏ୪୭୪୯୮୪, ତାରିଖ:୧୮।୦୪।୨୦୧୯ ଦ୍ୱାରା ମୁଁ ମୋ ସଂଜ୍ଞାକୁ ଓଝାରୁ ମହାରଣାକୁ ପରିବର୍ତ୍ତନ କରିଛି, ସ୍ଥାନ- ତଳବାରଙ୍ଗ, ପୋଷ୍ଟ-ଶ୍ରୀବଳଦେବଜୀଉ, ଥାନା-କେନ୍ଦ୍ରାପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା, ଏତଦ୍‌ପଶ୍ଚାତ୍ ମୁଁ ସମସ୍ତ ଉଦ୍ଦେଶ୍ୟ ପାଇଁ ସିପ୍ରା ଓଝା ପରିବର୍ତ୍ତେ ସିପ୍ରା ମହାରଣା, ସ୍ୱାମୀ-କୀର୍ତ୍ତି ରଞ୍ଜନ ମହାରଣା ଭାବେ ପରିଚିତ ତଥା ଚିହ୍ନଟ ହେବି। ଧ: ୧୩୧୧୯

**ଗଣିତରେ ଡକ୍ଟରେଟ ଲାଭ**



Miss Dipty Rani Dhal ଗଣିତରେ SOA Universityରୁ ଏ ବର୍ଷ ଡ଼କ୍ଟରେଟ ଉପାଧି ପାଇଛନ୍ତି। ତାଙ୍କ ଲିଖିତ ସନ୍ଦର୍ଭ "Number Of Level Crossing Of A Class Of Random Polynomials" ଦେଶ ବିଦେଶରେ ବହୁ ଗବେଷକଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ତାଙ୍କ Thesis ଟି Indian Examinor Prof. Dr. Bibhuti Bhusan Sarangi, Professor and head of Calcutta University ଓ Foreign Examinor, Prof. Dr. Surendra Mohan Uppal, Professor and head of Kenya University ଦ୍ୱାରା ପରୀକ୍ଷିତ ହୋଇଥିଲା। ସେ CET Engineering College ର ଅଧ୍ୟାପକ Dr. Prasana Kumar Mishra ଓ ITER, SOA Universityର ଅଧ୍ୟାପକ Dr. Ajaya Kumar Mohapatra ଙ୍କର ଅଧୀନରେ ଗବେଷଣା କରୁଥିଲେ। ତାଙ୍କ ଲିଖିତ ୩୦ରୁ ଅଧିକ ଗବେଷଣାତ୍ମକ ନିବନ୍ଧ National and International (Elsevier) Journal ରେ ପ୍ରକାଶିତ ହୋଇଛି। ସେ ଭୁବନେଶ୍ୱର ନିବାସୀ ବ୍ରଜସୁନ୍ଦର ଧଳ ଓ ବିଷ୍ଣୁପ୍ରିୟା ଧଳଙ୍କ ସୁପୁତ୍ରୀ ଅଟନ୍ତି। ଏହି ସଫଳତା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଏବଂ SOA Universityର ସମସ୍ତ ପଦାଧିକାରୀ, Dipty Rani Dhalଙ୍କ B.B. Tutorialର ସମସ୍ତ ଛାତ୍ର ଓ ଛାତ୍ରୀ, ପରିବାର ଓ ବନ୍ଧୁବାନ୍ଧବଙ୍କୁ ସେ କୃତଜ୍ଞତା ଜଣାଉଛନ୍ତି। D-13114

**Marriage Wish**

**Gyana Ranjan (Muna)**
Haripur, Brahma Barada, Jajpur
Weds
**Minati (Minu)**
Kuanrda, Jajpur Road, Jajpur
(26th june 2019)
God bless you both
Wish you both a Happy Married Life
Regards:
Mausa, Mausi
D-13118

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ.୨୧୦/-ରେ। ବିବାହ ଶୁଭେଚ୍ଛା ଟ.୨୧୦/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜିଲ୍ଲା ଚିଠି
### ମୟୂରଭଞ୍ଜ

# ଘୋଷଣାରେ ଅଟକିଛି ଆଡ଼ିବନ୍ଧ

ଶିମିଳିପାଳରୁ ବାହାରିଥିବା ବୁଢ଼ାବଳଙ୍ଗ ନଦୀ ବାରିପଦା ସହର ଦେଇ ପ୍ରବାହିତ ହେଉଛି। ଆଡ଼ିବନ୍ଧ ସୁଦୃଢ଼ ନ ଥିବାରୁ ଏହି ନଦୀ ସହରବାସୀଙ୍କ ପାଇଁ ଦୁଃଖ ପାଲଟିଛି। ବନ୍ୟା ଦାଉରୁ ସହରକୁ ରକ୍ଷା କରିବା ସକାଶେ ଆଡ଼ିବନ୍ଧ ନିର୍ମାଣ ଲାଗି ସରକାର ବିଭିନ୍ନ ସମୟରେ ଘୋଷଣା କରି ଆସିଛନ୍ତି। ମାତ୍ର ଏହି ଘୋଷଣା କେବଳ ଘୋଷଣାରେ ହିଁ ରହିଯାଇଛି। ୨୦୧୩ ଅକ୍ଟୋବର ୧୩ ତାରିଖ ବାରିପଦା ସହର ପାଇଁ ଥିଲା ଏକ ଅଶୁଭ ଦିନ। ଫାଇଲିନ ବାତ୍ୟା ଯୋଗୁ ପ୍ରବଳ ବର୍ଷା ହେବାରୁ ବୁଢ଼ାବଳଙ୍ଗର ବନ୍ୟାଜଳ ସହରକୁ ପଶିଥିଲା। ସେହି ରାତିରେ ସାରା ସହର ଜଳମଗ୍ନ ହୋଇପଡିଥିଲା। ଏହି ପ୍ରଳୟଙ୍କରୀ ବନ୍ୟାର ଦୁଃଖଦ ଅନୁଭୂତି ଏଯାଏ ଲୋକଙ୍କ ମନରୁ ଲିଭି ନାହିଁ। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ଧନ ସମ୍ପତ୍ତି ନଷ୍ଟ ହୋଇଥିଲା। ଜିଲା ମୁଖ୍ୟ ଡାକ୍ତରଖାନାରେ ପାଣି ପଶିବାରୁ ରୋଗୀଙ୍କୁ ହୀନସ୍ତା ହେବାକୁ ପଡିଥିଲା। ସେଦିନର କ୍ଷୟକ୍ଷତି ଏଯାଏଁ ଭରଣା ହୋଇପାରି ନାହିଁ। ଗତ ମାସରେ ଫନୀ ବାତ୍ୟା ପୁଣି ଥରେ ଏହି ପୁରୁଣା ଅନୁଭୂତିକୁ ତାଜା କରିଦେଇଥିଲା। କେବଳ ବାତ୍ୟା ବେଳର କଥା ନୁହେଁ, ପ୍ରତିବର୍ଷ ବର୍ଷା ଋତୁରେ ସହରବାସୀ ବନ୍ୟା ବିପତ୍ତି ଆଶଙ୍କାରେ ଦିନ ବିତାଇ ଆସୁଛନ୍ତି। ବୁଢ଼ାବଳଙ୍ଗ କୂଳଖାଇ ଏବେ ଜନବସତି ମୁହାଁ ହେଉଛି । ଏହାର ପ୍ରତିକାର ଲାଗି କାହାରି ଚିନ୍ତା ଥିଲା ଭଳି ମନେ ହେଉ ନାହିଁ। ଉଲ୍ଲେଖନୀୟ ଯେ, ଫାଇଲିନ ସମୟର ବନ୍ୟା ପରେ ସହରକୁ ସୁରକ୍ଷା ଦେବା ଲାଗି ସୁଦୃଢ଼ ଆଡିବନ୍ଧ ନିର୍ମାଣ ହେବ ବୋଲି ସରକାର ଘୋଷଣା କରିଥିଲେ। ଏହା ମଧ୍ୟରେ ୬ ବର୍ଷ ବିତିଲାଣି। ଆଡିବନ୍ଧରେ ମୁଠାଏ ବି ମାଟି ପଡିଲା ନାହିଁ। ବୁଢ଼ାବଳଙ୍ଗରେ କୁଚେଇ ଘାଟଠାରୁ ଦାମୋଦର ଘାଟ ପର୍ଯ୍ୟନ୍ତ ଆଡିବନ୍ଧ ନିର୍ମାଣ ଲାଗି ୧୧୭ତମ ଟେକନିକାଲ ଆଡଭାଇଜରି କମିଟି (ଟିଏସି) ବୈଠକରେ ଆଲୋଚନା ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୬୨ କୋଟି ୩୪ ଲକ୍ଷ ଟଙ୍କା ମଞ୍ଜୁରୀ ଦେବାକୁ କମିଟି ସୁପାରିସ କରିଥିଲା। ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ଯୋଜନା କେବଳ କଥାରେ ଅଟକି ରହିଛି। ବୁଢାବଳଙ୍ଗ ବନ୍ୟା ବିପତ୍ତିରୁ ରକ୍ଷା ପାଇବା ପାଇଁ ସହରବାସୀ ଜଳସମ୍ପଦ ସଚିବ, ବିଭାଗୀୟ ସଚିବଙ୍କ ସମେତ ଜିଲାପାଳ ଓ ବିଭିନ୍ନ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଭାବେ ଦାବି ଜଣାଇ ନିରାଶ ହୋଇଛନ୍ତି। ଗତ ଜାନୁୟାରୀ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଗସ୍ତରେ ଆସିଥିବା ବେଳେ ଖୁବଶୀଘ୍ର ବୁଢାବଳଙ୍ଗ ନଦୀର ଆଡିବନ୍ଧ ନିର୍ମାଣ କରାଯିବ ବୋଲି କହିଥିଲେ। ହେଲେ ସରକାର ଏଯାଏଁ କିଛି ପଦକ୍ଷେପ ନେଇ ନାହାନ୍ତି। ନିର୍ବାଚନ ସମୟ ହେଉ କି କୌଣସି ଗସ୍ତ କାର୍ଯ୍ୟକ୍ରମ ହେଉ ସରକାରଙ୍କ ପକ୍ଷରୁ ହେଉଥିବା ଘୋଷଣା କିଭଳି ପ୍ରହସନ ପାଲଟିଛି ବୁଢାବଳଙ୍ଗ ଆଡିବନ୍ଧ ଯୋଜନା ତାହାର ଏକ ନମୁନା ବୋଲି ସହରବାସୀ କହିଛନ୍ତି।

– ରବି ନାରାୟଣ ଚଲାନ

# ଅଧିବେଶନ ପୂର୍ବରୁ ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ




ସୋମବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ସର୍ବଦଳୀୟ ବୈଠକ।

■ ଏଣିକି ବିଧାନସଭାରେ ଆସିବ ୨ଟି ମୁଲତବୀ ପ୍ରସ୍ତାବ
■ ଜୁଲାଇ ୩ରେ ନବନିର୍ବାଚିତ ବିଧାୟକଙ୍କୁ ଦିଆଯିବ ତାଲିମ

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ଏଣିକି ବିଧାନସଭା ଅଧିବେଶନ ଚାଲିବା ସମୟରେ ଗୃହରେ ୨ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହେବ। ପ୍ରତ୍ୟେକ ମୁଲତବୀ ଆଲୋଚନା ୧ ଘଣ୍ଟା ଭିତରେ ସୀମିତ ରଖାଯିବ। ଉଭୟ ବିରୋଧୀ ଓ ଶାସକ ଦଳ ପକ୍ଷରୁ ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଦିଆଯାଇଥିବା ଏହି ପ୍ରସ୍ତାବକୁ ବାଚସ୍ପତି ସୂର୍ଯ୍ୟନାରାଣ ପାତ୍ର ଗ୍ରହଣ କରିଛନ୍ତି। ପୂର୍ବରୁ ଗୋଟିଏ ପ୍ରସଙ୍ଗ ଉପରେ ମୁଲତବୀ ଆଲୋଚନ ହେଉଥିଲା। ଏହା ଦୀର୍ଘ ସମୟ ଧରି ଚାଲୁଥିଲା। ରାଜ୍ୟର ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୃହରେ ଆଲୋଚନା ହୋଇପାରୁ ନ ଥିଲା। ଏହାକୁ ଦୃଷ୍ଟିରେରଖି କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଆସନ୍ତା ଅଧିବେଶନରେ ୨ଟି ମୁଲତବୀ ପ୍ରସ୍ତାବ ଆଣିବା ପାଇଁ ସର୍ବଦଳୀୟ ବୈଠକରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶାସକ ଦଳର ସଦସ୍ୟମାନେ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ୨ଟି ମୁଲତବୀ ପ୍ରସ୍ତାବକୁ ଗ୍ରହଣ କରାଯାଇଛି। ବିଧାନସଭାର କାର୍ଯ୍ୟ ପରିସରକୁ ଦେଖି ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ବୈଠକ ଶେଷରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ଅନେକ ସମୟରେ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରି ନ ଥାଆନ୍ତି। ସରକାରଙ୍କୁ ଅଡୁଆରେ ପକାଇବାକୁ ଆଣୁଥିବା ପ୍ରସ୍ତାବକୁ ବିରୋଧୀଙ୍କ ଦୁଇଦୁଇଟି ପ୍ରସ୍ତାବକୁ ବାଚସ୍ପତି କେତେଦୂର ଗ୍ରହଣ କରୁଛନ୍ତି ତାହା ଅଧିବେଶନ କାଳରେ ହିଁ ଜଣାପଡିବ।

ସୋମବାର ପୂର୍ବାହ୍ନରେ ବିଧାନସଭା ପରିସରରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ପ୍ରଥମ ଥର ପାଇଁ ସର୍ବଦଳୀୟ ବୈଠକ ଡକାଯାଇଥିଲା। ଏଥିରେ ସମସ୍ତ ରାଜନୀତିକ ଦଳର ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ପୂର୍ବରୁ କେବେ ବିଧାନସଭା ଅଧିବେଶନ ଆରମ୍ଭ ହେବା ଆଗରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ନ ଥିଲେ। ବାଚସ୍ପତି ଭାବେ ଦାୟିତ୍ୱ ନେବାପରେ ସୂର୍ଯ୍ୟନାରାୟଣ ଏହି ନୂଆ ପରମ୍ପରା ଆରମ୍ଭ କରିଛନ୍ତି। ସେ କହିଛନ୍ତି ଯେ, ଅଧିବେଶନକୁ କିପରି ସରସ, ସୁନ୍ଦର ଓ ଗଠନମୂଳକ କରାଯାଇପାରିବ ସେଥିପାଇଁ ସବୁ ଦଳର ସହଯୋଗ କାମନା କରାଯାଇଛି। ବିରୋଧୀଦଳର ସଦସ୍ୟମାନେ ଗୃହକାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ବର୍ସଦଳୀୟ ବୈଠକ ଡକାଯାଇଥିଲା ବୋଲି ବାଚସ୍ପତି କହିଛନ୍ତି। ବିରୋଧୀ ଦଳ ସଦସ୍ୟଙ୍କୁ ଗୃହରେ ନିଜର ମତାମତ ରଖିବା ପାଇଁ ନିରପେକ୍ଷ ଭାବେ ସୁଯୋଗ ଦେବାକୁ ଆମେ ବାଚସ୍ପତିଙ୍କଠାରୁ ଆଶା କରୁଛୁ ବୋଲି ନରସିଂହ କହିଛନ୍ତି। ଗତ ନିର୍ବାଚନରେ ଶାସକ ଦଳର ୪୦ ଜଣ ବିଧାୟକଙ୍କ ସମେତ ପ୍ରାୟ ୬୦ ଜଣ ସଦସ୍ୟ ଷୋଡ଼ଶ ବିଧାନସଭାକୁ ପ୍ରଥମ ଥର ନିର୍ବାଚିତ ହୋଇଛନ୍ତି। ସେମାନଙ୍କୁ ଗୃହ କାର୍ଯ୍ୟବିଧି ଓ ପରିଚାଳନା ସମ୍ପର୍କିତ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ କରିବା ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ପୂର୍ବରୁ ବିଧାନସଭା ପକ୍ଷରୁ ନୂତନ ସଦସ୍ୟମାନଙ୍କୁ ବିଧାନସଭା କାର୍ଯ୍ୟବିଧି ଓ ନିୟମକାନୁନ ବିଷୟରେ ତାଲିମ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଜୁଲାଇ ୩ ତାରିଖରେ ଓଡ଼ିଶା ବିଧାନସଭା ପକ୍ଷରୁ ଏକ କର୍ମଶାଳାର ଆୟୋଜନ କରାଯିବ ବୋଲି ସୂଚନା ମିଳିଛି।




# ଯୁକ୍ତ୩ ନାମଲେଖା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୪।୬(ବ୍ୟୁରୋ): ଯୁକ୍ତ୩ ସ୍ୱୟଂଶାସିତ କଲେଜ, ସେଲ୍ଫ ଫାଇନାନ୍ସ(ଡିଗ୍ରୀ) କଲେଜ ଓ ସଂସ୍କୃତ(ଶାସ୍ତ୍ରୀ) କଲେଜରେ ନାମଲେଖା ପାଇଁ ସୋମବାରଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୪,୬୨୫ ଛାତ୍ରୀଛାତ୍ର ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୪୫୭୮ ଜଣ ଅନ୍‌ଲାଇନ୍‌ରେ ଫି ଡିପୋଜିଟ୍ କରିଛନ୍ତି। ଜୁଲାଇ ୮ତାରିଖ ପୂର୍ବାହ୍ନ ୧୧ଟା ମଧ୍ୟରେ ଛାତ୍ରୀଛାତ୍ର www.samsodisha.gov.in ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ। ୧୧ତାରିଖ ଅପରାହ୍ନ ୫ଟା ସୁଦ୍ଧା ଛାତ୍ରୀଛାତ୍ର ସମସ୍ତ ଡକ୍ୟୁମେଣ୍ଟ ଓ ଫି ସାମ୍ସ ରିସୋର୍ସ ସେଣ୍ଟରରେ ଦାଖଲ କରିବେ। ୧୮ରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ତାଲିକାରେ ପ୍ରକାଶିତ ଯୋଗ୍ୟ ଛାତ୍ରୀଛାତ୍ର ୧୯ରୁ ୨୪ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ଅଗଷ୍ଟ ୫ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ତଥା କଟ୍ ଅଫ୍ ମାର୍କ ତାଲିକା ପ୍ରକାଶ କରାଯିବ। ଯୋଗ୍ୟ ଛାତ୍ରୀଛାତ୍ରଙ୍କ ନାମଲେଖା ୬ରୁ ୧୧ତାରିଖ ମଧ୍ୟରେ ହେବ। ବଳକା ସିଟ୍ ଲାଗି ୧୪ତାରିଖରେ ସ୍ପଟ୍ ସିଲେକ୍ସନ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ ଏବଂ ୧୭ରେ ନାମଲେଖା ହେବା ଅଗଷ୍ଟ ୨୪ରୁ ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ।

YERA Storage Jars
MORRION (9861927291, 9437519754)
MAA MANGALA ASSOCIATES (8917251034)

# ମାଟିକାନ୍ଥ ତଳେ ଚାପି ହୋଇ ୨ ମୃତ, ଜଣେ ଶ୍ରମିକ ଗୁରୁତର

ରସୁଲପୁର,୨୪।୬(ଡି.ଏନ୍.ଏ.)

ଯାଜପୁର ଜିଲା ରସୁଲପୁର ବ୍ଲକ ଅତଲାପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ସୋମବାର ସକାଳେ ମାଟି କାନ୍ଥ ଭୁଶୁଡ଼ି ୨ଜଣଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ଅନ୍ୟ ଜଣେ ଶ୍ରମିକ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମୃତକମାନେ ହେଲେ କୁଆଖିଆ ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର ଘର ମାଲିକ ବନମାଳି ସାହୁ(୪୫) ଓ ଯାଜପୁର ସଦର ଥାନା ସାମନ୍ତରାପୁର ପଞ୍ଚାୟତ କୁଳଗାଁର ଶ୍ରମିକ ଚନ୍ଦନ ଲେଙ୍କା(୨୬)। ସେହିପରି ଆହତ ଶ୍ରମିକ କୁଳଗାଁର ବିଷ୍ଣୁନାଥଙ୍କ ପୁଅ ପଞ୍ଚୁଆ(୨୫) ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ବାଲିପାଟଣାସ୍ଥିତ ବନମାଳିଙ୍କ ଘରର ଏକ ପୁରୁଣା ମାଟି କାନ୍ଥ ଭାଙ୍ଗିବା ପାଇଁ ସୋମବାର ୨ଜଣ ଶ୍ରମିକ ନିଯୁକ୍ତ ହୋଇଥିଲେ। ଉକ୍ତ ମାଟିକାନ୍ଥ ୨୦ଇଞ୍ଚ ମୋଟେଇର ହୋଇଥିବାବେଳେ ତାହା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଥିଲା। ଉକ୍ତ କାନ୍ଥକୁ ବାଉଁଶ ଢେରା ଦିଆଯାଇ ରଖାଯାଇଥିଲା। ଶ୍ରମିକମାନେ ବାଉଁଶ ହଟାଇ କାନ୍ଥ ଭାଙ୍ଗିବାକୁ ପ୍ରୟାସ କରିବାବେଳେ ହଠାତ୍ ତାହା ସେମାନଙ୍କ ଉପରେ ଭୁଶୁଡି ପଡିଥିଲା। କେହି କିଛି ବୁଝିବା ପୂର୍ବରୁ ସେଠାରେ ଉପସ୍ଥିତ ଥିବା ମାଲିକଙ୍କ ସମେତ ୩ଜଣ କାନ୍ଥତଳେ ଚାପି ହୋଇଯାଇଥିଲେ। ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ଭଙ୍ଗା କାନ୍ଥ ତଳୁ ୩ଜଣଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଧର୍ମଶାଳା ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ବନମାଳି ଓ ଚନ୍ଦନଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପଞ୍ଚୁଆଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କୁଆଖିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖି ଥିଲା। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ଯାଜପୁର ପଠାଇ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସମ୍ପର୍କରେ କୁଆଖିଆ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ-୧୧/୧୯) ରୁଜୁ ହୋଇଛି। ଉଭୟ ଶ୍ରମିକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି।



ସ୍ଥାନୀୟ ଲୋକେ କାନ୍ଥତଳେ ଚାପି ହୋଇଥିବା ଲୋକଙ୍କୁ ଉଦ୍ଧାର କରୁଛନ୍ତି।

## ସ୍ତ୍ରୀ ଚରିତ୍ର ଉପରେ ସନ୍ଦେହ
# ୫ ବର୍ଷ ପୁଅର ଗଳା କାଟି ହତ୍ୟା କଲେ ବାପା

ରାଉରକେଲା ଅଫିସ, ୨୪।୬

ସୁନ୍ଦରଗଡ଼ ଜିଲା ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ସୋମବାର ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି। ନିଜ ୫ ବର୍ଷର ପୁଅର ଗଳା କାଟି ହତ୍ୟା କରିଛନ୍ତି ବାପା। ନୃଶଂସ ବାପାଙ୍କୁ ଗିରଫ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ହତ୍ୟାକାରୀଙ୍କ ନାମ ହଣ୍ଡୋ ଓରାମ(୪୦)। ସେ ବନ୍ଧମୁଣ୍ଡା ଆର୍‌ଏସ୍ କଲୋନୀ ବାସିନ୍ଦା। ହଣ୍ଡୋ ଗତ କିଛି ଦିନ ହେବ ନିଜ ସ୍ତ୍ରୀ ସୁଖୋ ଓରାମଙ୍କ ଚରିତ୍ର ନେଇ ସନ୍ଦେହ କରି ଆସୁଥିଲେ। ଏପରି କି ନିଜ ଜନ୍ମିତ ୫ ବର୍ଷର ପୁଅ ଅନୁଗ୍ରହକୁ ମଧ୍ୟ ଅବୈଧ ସନ୍ତାନ ଭାବୁଥିଲେ। ଏ ନେଇ ସ୍ତ୍ରୀ ସୁଖୋଙ୍କ ସହ ତାଙ୍କର ବାରମ୍ବାର ଝଗଡ଼ା ହେଉଥିଲା।

ସୋମବାର ସକାଳ ସାଢେ ୬ଟାରେ ସୁଖୋ ଗାଧୋଇ ଯାଇଥିବା ବେଳେ ହଣ୍ଡୋ ଏକ ଧାରୁଆ ଅସ୍ତ୍ରରେ ପୁଅ ଅନୁଗ୍ରହର ଗଳା କାଟି ହତ୍ୟା କରିଥିଲେ। ସ୍ତ୍ରୀ ଘରକୁ ଫେରି ଅନୁଗ୍ରହଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଖଟ ଉପରେ ପଡିଥିବା ଦେଖିଥିଲେ। ସେ ଚିତ୍କାର କରିବାରୁ ସାଇ ପଡିଶା ଘଟଣାସ୍ଥଳକୁ ଦୌଡି ଆସିଥିଲେ। ସେମାନେ ଏପରି ଦୃଶ୍ୟ ଦେଖି ଦୁଃଖରେ ଭାଙ୍ଗି ପଡିଥିଲେ। ବାପା ହଣ୍ଡୋଙ୍କ ନୃଶଂସତାକୁ ସମସ୍ତେ ନିନ୍ଦା କରିଥିଲେ। ଖବର ପାଇ ବନ୍ଧମୁଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ହଣ୍ଡୋକୁ ଗିରଫ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ସାଇଣ୍ଟିଫିକ ଟିମ୍ ହତ୍ୟାକାଣ୍ଡର ସମସ୍ତ ପାରିପାର୍ଶିକ ପରିସ୍ଥିତିକୁ ଯାଞ୍ଚ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ମଧ୍ୟ ପୋଲିସ ଜବତ କରିଛି। ଏ ନେଇ ଏକ ହତ୍ୟା ମମଲା ରୁଜୁ ହୋଇଛି।

CLASSIFIED DISPLAY

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

OUR STAR PERFORMERS IN NEET (UG) 2019 FROM ALL INDIA AAKASH
523 Aakashians of ODISHA Selected in NEET-2019 from Classroom Program in General Category (Selections above 475 Marks)
Aakash Top Rankers in JEE (Advanced) 2019 from ODISHA
3 in top 100 All India Ranks from Classroom in General Category
AIR 51 SAYANTAN DHAR, AIR 58 SIBASIS NAYAK, AIR 83 PRATEEK CHAUDHURY, AIR 708 GYANA PR. BERIA, AIR 1030 AMRUIT KU. SAHOO
ADMISSION OPEN
Regular Medical Course NEET/AIIMS 2020 (XII Passed Students)
Power Step / Regular Course JEE (Main & Adv.) 2020 (XII Passed Students)
Class Commences From : 5th & 12th July, 2019
ACST ADMISSION CUM SCHOLARSHIP TEST 30th June & 7th July 2019
To Register, Login: www.aakash.ac.in/acst
SCHOLARSHIP FOR THE SESSION 2019-2020
Aakash Medical | IIT-JEE | Foundations
(Divisions of Aakash Educational Services Ltd.)
BHUBANESWAR CENTRE (1) | BHUBANESWAR CENTRE (2) | CUTTACK CENTRE
Regd. Off.: Aakash Tower, 8, Pusa Road, New Delhi-05, Ph. (011) 47623456

# ଥଇଥାନ ବ୍ୟାଙ୍କ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ପଦବୀରୁ ଇସ୍ତଫା ଦେଇଥିବା ବିଷୟ ୨୪ ଜୁନ୍ ୨୦୧୯ରେ ପଦାକୁ ଆସିଛି। ୧୦ ଡିସେମ୍ବର ୨୦୧୮ରେ ଉର୍ଜିତ ପଟେଲ ଗଭର୍ନର ପଦରୁ ଇସ୍ତଫା ଦେବାର ୭ ମାସ ପରେ ବିରଲ ଆର୍‌ବିଆଇ ଛାଡ଼ିବା ଏହି ବୈଧାନିକ ସଂସ୍ଥାର ସ୍ୱାତନ୍ତ୍ର୍ୟ ଉପରେ ପୁଣି ପ୍ରଶ୍ନ ଉଠିଛି। କିନ୍ତୁ ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ସେ ପୁଣି ଶିକ୍ଷା କ୍ଷେତ୍ରକୁ ଫେରିଯିବାକୁ ଚାହୁଁଥିବାରୁ ଏଭଳି ନିଷ୍ପତ୍ତି ନେଇଥିବା ବିଶ୍ୱାସଯୋଗ୍ୟ ମନେହେଉଛି। ଆମେରିକାରେ ତାଙ୍କ ପରିବାର ରହୁଛନ୍ତି ଓ ସେଠାରେ ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଥିବାରୁ ତାଙ୍କ ଇସ୍ତଫା ଏକ ସଂଯୋଗ ବୋଲି ଆଶା କରାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଆର୍‌ବିଆଇ ଡେପୁଟି ଗଭର୍ନର ଭାବେ ଯୋଗଦେବା ପୂର୍ବରୁ ବିରଲ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ଷ୍ଟର୍ନ ସ୍କୁଲ ଅଫ୍ ବିଜ୍‌ନେସ୍‌ରେ ପ୍ରଫେସର ଥିଲେ। ତାଙ୍କ ଉପରେ ଆର୍‌ବିଆଇ ପକ୍ଷରୁ ଦିଆଯାଉଥିବା ସଫେଇ ସାଧାରଣରେ ଗ୍ରହଣଯୋଗ୍ୟ ମନେ ହେଉନାହିଁ। କାରଣ ତାଙ୍କୁ ୩ ବର୍ଷ ପାଇଁ ଉକ୍ତ ପଦବୀରେ ମୋଦି ସରକାର ଅବସ୍ଥାପିତ କରିଥିଲେ। ବିଶେଷଜ୍ଞଙ୍କ ମତରେ କେନ୍ଦ୍ର ସରକାର ଆର୍‌ବିଆଇର ବିଭିନ୍ନ ବ୍ୟାପାରରେ ଅତ୍ୟଧିକ ମୁଣ୍ଡ ପୂରାଇବାରୁ ସେଥିରେ ଅତିଷ୍ଠ ହୋଇ ସେ ପଦ ଛାଡ଼ିଛନ୍ତି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୬ ଅକ୍ଟୋବର ୨୦୧୮ରେ ବିଶିଷ୍ଟ ଶିଳ୍ପପତି, ବ୍ୟାଙ୍କର ତଥା ଅର୍ଥନୀତିଜ୍ଞ ଅର୍ଦ୍ଦେଶିର ଦରବ୍‌ଶ ଶ୍ରଫ୍ ସ୍ମାରକୀ ବକ୍ତୃତାରେ ଭାଷଣ ଦେବା ବେଳେ ବିରଲ କହିଥିଲେ ଯେ, କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତାକୁ କେନ୍ଦ୍ର ସରକାର ସମ୍ମାନ ଦେଉ ନ ଥିବାରୁ ଏହା ବର୍ତ୍ତମାନ ହେଉ ବା ଭବିଷ୍ୟତରେ ଆର୍ଥିକ ବଜାର କ୍ରୋଧର ସମ୍ମୁଖୀନ ହେବ। ସରକାରଙ୍କ ବିରୋଧରେ ଖୋଲାଖୋଲି ମନ୍ତବ୍ୟ ଦେବା ସେତେବେଳେ ଆର୍ଥିକ ଜଗତରେ ଚର୍ଚ୍ଚାର ବିଷୟ ହୋଇଥିଲା। ସମ୍ଭବତଃ ନିଜ କାର୍ଯ୍ୟରେ ସରକାରଙ୍କ ଅତ୍ୟଧିକ ହସ୍ତକ୍ଷେପକୁ ସେ ସହ୍ୟ କରି ନ ପାରି ଇସ୍ତଫା ଦେଇଥାଇପାରନ୍ତି ବୋଲି କୁହାଯାଇପାରେ। ବିଶେଷକରି ଆଜିର ବାତାବରଣରେ ସରକାରଙ୍କ ତ୍ରୁଟି ଦର୍ଶାଉଥିବା ବ୍ୟକ୍ତି ବା ସଂସ୍ଥାର ଆୟୁ ହ୍ରାସ ପାଉଥିବାର ପରିଲକ୍ଷିତ ହେଉଛି।

ଯେତେବେଳେ ଏକ ସରକାର ସ୍ୱାଧୀନ ସଂସ୍ଥା ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିଥାଆନ୍ତି, ସେତେବେଳେ ସେହି ସଂସ୍ଥା ନିଜର ମୌଳିକତା ହରାଇବସେ। ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଭଳି ଆର୍ଥିକ ଅସ୍ତ୍ର ପ୍ରୟୋଗ କରାଯିବା ପରେ ଦେଶର ଅର୍ଥନୀତି ନିମ୍ନଗାମୀ ହେଲା। ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଷ୍ପତ୍ତିକୁ ଆର୍‌ବିଆଇ ଅନନ୍ୟୋପାୟ ହୋଇ ସମର୍ଥନ କରିଥିଲା। ପରବର୍ତ୍ତୀ ସମୟରେ ବିମୁଦ୍ରୀକରଣ ସଂକ୍ରାନ୍ତ ଯେତେ ତଥ୍ୟ ପ୍ରକାଶ ପାଇଲା ସେଥିରେ ଦେଶର ଆର୍ଥିକ ଦୁଃସ୍ଥିତି ବିଷୟ ପଦାକୁ ଆସିଲା। ଅନେକ କ୍ଷୁଦ୍ର ଓ ମଧ୍ୟମଧରଣର ବ୍ୟବସାୟ ବନ୍ଦ ହୋଇଗଲା। ଏଥିରେ କାର୍ଯ୍ୟ କରୁଥିବା ଅସଂଖ୍ୟ ଲୋକ ବେକାର ହୋଇଗଲେ। ଗାଁ ଗହଳିରେ କୁଳବେଉସା କରି ଲୋକେ ଘରେ ସାଇତି ରଖିଥିବା ଅର୍ଥ ବଦଳାଇବାରେ ସକ୍ଷମ ହୋଇ ନ ପାରିବାରୁ କ୍ଷତିର ସମ୍ମୁଖୀନ ହେଲେ। ମୋଟାମୋଟି କହିଲେ ବିମୁଦ୍ରୀକରଣ ଭାରତୀୟ ଅର୍ଥନୀତିରେ ନକାରାତ୍ମକ ଅଭିବୃଦ୍ଧି ଆଣିଥିଲା। ପ୍ରସଙ୍ଗ ହେଲା ଯେଉଁମାନେ ସରକାରଙ୍କ କାର୍ଯ୍ୟକୁ ବିରୋଧ କଲେ ସେମାନଙ୍କୁ ଭିନ୍ନ ଚକ୍ଷୁରେ ଦେଖାଗଲା ଏବଂ ସମର୍ଥନକାରୀଙ୍କୁ ପୁରସ୍କାର ଦିଆଗଲା। କେତେକଙ୍କ କହିବା ଅନୁଯାୟୀ ଶକ୍ତିକାନ୍ତ ଦାସଙ୍କୁ ଗଭର୍ନର କରାଯିବା ପଛରେ ସେହି ରାଜନୀତି କାମ କରିଥିଲା। ଅବଶ୍ୟ ଆମେ ଓଡ଼ିଆ ଭାବେ ଶକ୍ତିକାନ୍ତଙ୍କ ଆସନ ଅଳଙ୍କୃତ କରିବାରେ ଗୌରବାନ୍ୱିତ ମନେକରୁ। କିନ୍ତୁ ତାଙ୍କର କେନ୍ଦ୍ରୀୟ ବ୍ୟାଙ୍କ ଉପରେ ଥିବା ଗୁରୁଦାୟିତ୍ୱ ପରିଚାଳନାରେ କେତେ ଦକ୍ଷତା ଅଛି ସେଥିରେ ସନ୍ଦେହ ମଧ୍ୟ କରୁ।

ଦେଶର ଚଳନ୍ତି ମୁଦ୍ରା ଛପାଇବା, ଅର୍ଥ ଯୋଗାଣ ଓ ମୁଦ୍ରାନୀତି ପରିଚାଳନା ଏବଂ ବ୍ୟାଙ୍କ କାରବାର ଉପରେ ନିୟନ୍ତ୍ରଣ ରଖିବା ହେଉଛି ଆର୍‌ବିଆଇର ପ୍ରମୁଖ କାର୍ଯ୍ୟ। ସେଥିଲାଗି ତାହାକୁ ସ୍ୱାୟତ୍ତତା ଦିଆଯାଇଛି। ହେଲେ ନିର୍ଦ୍ଦିଷ୍ଟ ସରକାର ନିଜର ରାଜନୈତିକ ଲକ୍ଷ୍ୟ ପୂରଣ କରିବା ଲାଗି ମୁଦ୍ରା ନୀତିରେ ପରିବର୍ତ୍ତନ ଆଣିବା ଲାଗି ଆର୍‌ବିଆଇ ଉପରେ ଚାପ ପ୍ରୟୋଗ କରିଥାଆନ୍ତି। ଦେଶର ନିଅଣ୍ଟିଆ ଅର୍ଥନୀତିରେ ମାଗଣା ଜିନିଷପତ୍ର ଲୋକଙ୍କୁ ଦେଇ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟ ରଖୁଥିବା ସରକାରଙ୍କ ଯୋଗୁ ଆଜି କେନ୍ଦ୍ରୀୟ ବ୍ୟାଙ୍କ ବିପଦରେ ପଡ଼ିଛି। ପୂର୍ବତନ ଗଭର୍ନର ରଘୁରାମ ରାଜନ, ଉର୍ଜିତ ପଟେଲ ଏବଂ ଡେପୁଟି ଗଭର୍ନର ବିରଲ ଏହିଭଳି ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାରୁ ସେମାନଙ୍କ ଭଳି ବୃତ୍ତିଗତ ଅର୍ଥନୀତିଜ୍ଞମାନଙ୍କ ସ୍ଥାନ ଆର୍‌ବିଆଇରେ ରହୁନାହିଁ। ସୁଦୃଢ଼ ଅର୍ଥନୀତି ଦେଶର ବିକାଶ ଆଣିଥାଏ। କିନ୍ତୁ ଯେତେବେଳେ ସ୍ୱାଧୀନ ସଂସ୍ଥାଗୁଡ଼ିକ ସରକାରଙ୍କ ଚାମଚା ପାଲଟିଯାଆନ୍ତି, ସେତେବେଳେ ଆର୍ଥିକ ସ୍ତରରେ କ୍ଷତି ପହଞ୍ଚିବା ସହ ଗଣତାନ୍ତ୍ରିକ ଢାଞ୍ଚାରେ ଘୁଣ ଲାଗିଯାଏ। ଏବେଠାରୁ ସରକାର ଆର୍‌ବିଆଇ ପ୍ରତି ମନୋଭାବରେ ପରିବର୍ତ୍ତନ ନ ଆଣିଲେ ଆଗାମୀଦିନରେ ଏହା ଅଣବୃତ୍ତିଧାରୀଙ୍କ ଥଇଥାନ କେନ୍ଦ୍ରରେ ପରିଣତ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଜୁନ୍ ୧୯୯୪**

- ୧୯୭୪ ମସିହାରୁ ଜାତିସଂଘର ସଦସ୍ୟ ପଦରୁ ସସ୍‌ପେଣ୍ଡ ହୋଇଥିବା ଦକ୍ଷିଣ ଆଫ୍ରିକା ଉପରୁ ଉକ୍ତ ଆଦେଶକୁ ପ୍ରତ୍ୟାହାର କରିନେବା ନେଇ ଜାତିସଂଘର ନିଷ୍ପତ୍ତି।
- ଶ୍ରୀଲଙ୍କାର ରାଷ୍ଟ୍ରପତି ଡି.ବି. ୱିଜେତୁଙ୍ଗା ଦେଶର ପାର୍ଲାମେଣ୍ଟକୁ ଭଙ୍ଗକରି ଆସନ୍ତା ଅଗଷ୍ଟ ୧୬ ତାରିଖରେ ସାଧାରଣ ନିର୍ବାଚନ ପାଇଁ ଘୋଷଣା କଲେ।
- ଗୁପ୍ତ ବାଲଟ ଜରିଆରେ ଏକାକୀ ଟ୍ରେଡ ୟୁନିୟନକୁ ସ୍ୱୀକୃତି ଦେବା ସଂକ୍ରାନ୍ତ ବିଲ୍ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମାଙ୍କ ସମ୍ମତି ଲାଭ କରିଛି।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | | 5 | | | | | | | 2 | | |
| B | | | | | A | | 2 | | 3 | | D | | 4 | |
| 7 | | | | | C | | A | | | | 2 | | E | 6 |
| | | 8 | | | 7 | D | 9 | B | A | C | | | | 0 |
| | 1 | | | | | | | | | | | | B | C |
| | | | | A | | | | | E | | | 5 | 0 | |
| | | | | 6 | | 3 | | | | D | | A | | 4 |
| | 9 | | | C | | | | | B | | | | | D |
| | E | 4 | | | | 8 | D | 5 | | | C | | 9 | 3 |
| D | | | E | | | | | | | 3 | 0 | | 6 | 2 |
| 0 | | A | | | D | 2 | | 4 | | | 8 | 9 | | |
| 9 | | | | 8 | | | | | | B | | | | |
| | | | | | | B | | 8 | D | 0 | 9 | 1 | | |
| | 8 | 7 | | | | | | 9 | 5 | 4 | 1 | | | |
| | | C | | B | 3 | | | E | | 2 | | 0 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | C | E | A | 4 | 6 | 0 | D | 2 | 7 | 3 | 9 | 1 | 8 | B |
| 0 | 8 | 3 | 2 | D | 5 | 7 | E | 9 | A | 1 | B | C | 6 | 4 |
| 4 | A | 7 | 1 | C | E | 3 | 6 | B | 5 | D | 8 | 0 | 2 | 9 |
| B | D | 2 | 8 | 9 | 3 | C | 4 | 1 | 6 | E | 0 | A | 7 | 5 |
| 1 | 9 | 6 | B | 0 | 7 | 8 | A | 5 | C | 4 | 2 | 3 | D | E |
| 2 | 5 | C | 3 | 7 | D | 1 | 9 | E | 0 | A | 4 | 8 | B | 6 |
| A | 7 | 0 | E | 8 | 4 | D | B | C | 3 | 6 | 5 | 9 | 1 | 2 |
| 3 | 4 | 8 | 6 | 2 | 9 | 5 | 7 | A | E | B | 1 | D | 0 | C |
| E | 1 | D | 5 | B | C | 6 | 0 | 8 | 2 | 9 | 7 | 4 | A | 3 |
| 9 | 6 | B | 0 | 1 | A | 2 | 3 | 4 | D | 8 | C | E | 5 | 7 |
| 7 | 3 | 1 | C | 6 | 8 | 4 | 2 | D | 9 | 5 | A | B | E | 0 |
| 8 | E | 4 | 7 | A | 0 | B | C | 6 | 1 | 2 | 3 | 5 | 9 | D |
| 6 | B | A | D | 5 | 2 | 9 | 8 | 3 | 4 | 0 | E | 7 | C | 1 |
| D | 0 | 9 | 4 | E | 1 | A | 5 | 7 | B | C | 6 | 2 | 3 | 8 |
| C | 2 | 5 | 9 | 3 | B | E | 1 | 0 | 8 | 7 | D | 6 | 4 | A |

ଗତକାଲିର ଉତ୍ତର

# ଶିକ୍ଷାରେ ବ୍ୟବସାୟ



ସହଦେବ ସାହୁ

ସ୍କୁଲ-କଲେଜରେ ନାମ ଲେଖାଇବା ସମୟ ଆସିଗଲା, ତେଣୁ ଖବରକାଗଜ ପୃଷ୍ଠାଗୁଡ଼ିକ, ବିଶେଷତଃ ପ୍ରଥମ କେଇ ପୃଷ୍ଠା ଘରୋଇ ଶିକ୍ଷାନୁଷ୍ଠାନର ବିଜ୍ଞାପନରେ ଭର୍ତ୍ତି। ଟେଲିଭିଜନ ବା ରେଡିଓରେ କମର୍ସିଆଲ୍ ବ୍ରେକ୍ ସମୟତକ ବି ସେମାନେ ନେଇନିଅନ୍ତି। ବିଜ୍ଞାପନଦାତା ଭାବିନିଏ ଦେଖଣାହାରି ବା ଶ୍ରୋତା ତାହାରି ବିଜ୍ଞାପନ ଦେଖୁଛି ବା ଶୁଣୁଛି; ମିଳାଇ ଦେଖିବାର ବା ଶୁଣିବାର ସମୟ ତା'ର ନାହିଁ। ଏ ସବୁ ବିଜ୍ଞାପନ ଅଜଣା ବା ଅଜ୍ଞାନ ଲୋକଙ୍କୁ ସୂଚନା ବା ଜ୍ଞାନ ଦେବାକୁ ନୁହେଁ ବରଂ ପାଠକଙ୍କୁ ଭୁଆଁ ବୁଲାଇବାକୁ ହୋଇଥାଏ। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ପାଖରେ ବଜେଟ୍‌ରେ ବିଜ୍ଞାପନ ପାଇଁ ବରାଦ ନ ଥାଏ। ଯେଉଁ ସରକାରୀ କଲେଜ ବା ବିଶ୍ୱବିଦ୍ୟାଳୟ ପିଲାମାନଙ୍କ ପଇସାରେ ପଢ଼ାଇବାର ପାଠ୍ୟକ୍ରମ (ସେଲ୍ଫ ଫାଇନାନ୍‌ସିଂ କୋର୍ସ) ଚାଲୁ କରିଛନ୍ତି ସେମାନେ ବିଜ୍ଞାପନର ସାହାଯ୍ୟ ନିଅନ୍ତି।

ଆଡ୍‌ମିସନ କମିଗଲେ ଆସନ ସଂଖ୍ୟା ଖାଲି ପଡିଯିବ, ତେଣୁ ବ୍ୟବସାୟ ମାନ୍ଦା ହେବ, ଲାଭ ହେବ ନାହିଁ। ଆଇନତଃ ଶିକ୍ଷାୟତନଗୁଡିକ ସୋସାଇଟି ବା ଟ୍ରଷ୍ଟ (ନ୍ୟାସ) ଦ୍ୱାରା ଚାଳିତ। ଲାଭ ଏହାର ଉଦ୍ଦେଶ୍ୟ ନୁହେଁ, ସାମାଜିକ ସେବା ଲକ୍ଷ୍ୟ। ଅର୍ଥାତ୍ ଶିକ୍ଷାୟତନକୁ ଚଳାଉଥିବା ଲୋକ (ମାଲିକ) ପଇସାଟିଏ ନିଜ ପକେଟକୁ ନେବା କଥା ନୁହେଁ। ତଥାପି କ୍ୟାପିଟେଶନ ଫି' କାହିଁକି ନିଆଯାଉଛି? ପିଲାମାନଙ୍କଠାରୁ ସରକାରୀ ରେଟ୍‌ଠାରୁ କାହିଁକି ଅଧିକ ନିଆଯାଉଛି? ବିଭିନ୍ନ ଆଳରେ ଫି' ନାଁ ଦେଇ ନିଆଯାଉଥିବା ଟଙ୍କାର ରସିଦ ଶିକ୍ଷାନୁଷ୍ଠାନର ଖାତାକୁ ଉଠୁନାହିଁ କାହିଁକି? ଆୟକର ବିଭାଗ ଧରିବାକୁ ଆସିଲେ ସେମାନଙ୍କୁ ଲାଞ୍ଚ (ତାଙ୍କ ପିଲାର ଆଡ୍‌ମିସନ ଆକାରରେ ହେଲେ ବି) ଦିଆଯାଉଛି କାହିଁକି? ପରିଚାଳକ ବା ମାଲିକର ଲାଭ ଲୁଚାଇବା ଲାଗି ଏ କାମ ଯେଉଁମାନେ କରୁଛନ୍ତି, ତାହା କ'ଣ ସରକାରଙ୍କୁ ଅଛପା ନା ନେତାମାନଙ୍କୁ ଅଜଣା? ଅଧିକାଂଶ ପରିଚାଳକ ତ ରାଜନୈତିକ ନେତା! ପୁଣି ଲାଭ ଏତେ ଯେ ଏକାଧିକ ଶିକ୍ଷାନୁଷ୍ଠାନ ଚଳାନ୍ତି। ଆଗକାଳରେ ଲୋକେ ଶିକ୍ଷାଳୟ ବସାଉଥିଲେ ଧର୍ମ କାମ ପାଇଁ; ଏବେ ଲୋକେ ବସାଉଛନ୍ତି ଟଙ୍କା ପାଇଁ। ଲାଭର ଅନ୍ୟ ଏକ ଦିଗ ହେଲା ଆସନ ବା ସିଟ୍ ଫାଙ୍କା ନ ରହୁ।

ଧନୀ ଲୋକ ତା'ର ପିଲାକୁ ଆଡ୍‌ମିସନ କରାଇବାକୁ ପରୀକ୍ଷାଫଳ ବାହାରିବା ପୂର୍ବରୁ ବି ସିଟ୍ ରଖିନିଏ, ସେ ପିଲାଟି ଖାଲି ଉଚ୍ଚ ମାଧ୍ୟମିକ ପାସ୍ କଲେ ହେଲା, ମେରିଟ୍ ଦରକାର ନାହିଁ। ଜେଇଇ ଭଳି ପରୀକ୍ଷାରେ ଯିଏ ପରୀକ୍ଷା ଦେଇଥିବ ସେ ଶୂନ ପାଇଥିଲେ ବି ତାକୁ ର୍‍ୟାଙ୍କ୍ କୁହାଯିବ ଏବଂ ପରୀକ୍ଷା ଦେଇଛି ମାନେ ଖାତାରେ କିଛି ନ ଲେଖିଥିଲେ ବି କଲେଜରେ ଆଡ୍‌ମିସନ ପାଇବାକୁ ଯୋଗ୍ୟ। ବାକିଥାଏ କେବଳ ଟଙ୍କା ଦେବାର ସାମର୍ଥ୍ୟ। ଟଙ୍କା ଦେଇ ନ ପାରିବା ହିଁ ଜେଇଇ ଫେଲ୍ ସଙ୍ଗେ ସମାନ। ଏଣୁ ଶିକ୍ଷାରେ ଚରିତ୍ର ଗଠନ କରାଯାଉ ନାହିଁ; ଠକାମି ଓ ପ୍ରବଞ୍ଚନାର ଢାଞ୍ଚା ପିଲାମାନଙ୍କୁ ଦେଖାଇ ଦିଆଯାଉଛି। ଉଚ୍ଚତର ମାର୍କ ପାଇବା ପାଇଁ, ଭଲ ଭାବେ ପାସ୍ କରିବାକୁ ଲାଞ୍ଚ ଦେବା ଅଭ୍ୟାସ ପିଲାଙ୍କୁ ଶିକ୍ଷା ଦିଆଯାଏ, ଅନ୍ତତଃ ପିଲାଟି ବାପାମା' ଲାଞ୍ଚ ଦେଉଥିବା କଥା ବି ଜାଣେ। ଦିନେ ଏମାନେ ଉପରକୁ ଉଠି ସମାଜକୁ ନିୟନ୍ତ୍ରଣ କରିବେ, ତେଣୁ ସମାଜରେ ଲାଞ୍ଚମିଛ, ଠକାମି କିପରି କମିବ? ପିଲା ତ ଲାଞ୍ଚମିଛ, ଠକାମି ଆବହାୱାରେ ପଡିଛି!

ସରକାରୀ କଲେଜ ଓ ୟୁନିଭର୍ସିଟିରେ ପ୍ଲେସ୍‌ମେଣ୍ଟ ସେଲ୍ ବା ଚାକିରି ଯୋଗାଇବା କକ୍ଷ ନ ଥାଏ। ପିଲା ତା'ର ମେରିଟ୍‌ରେ ଚାକିରି ପାଏ। କିନ୍ତୁ ଘରୋଇ ବା ବେସରକାରୀ ଶିକ୍ଷା ବ୍ୟବସ୍ଥାରେ ପ୍ଲେସ୍‌ମେଣ୍ଟ ସେଲ୍ ଥାଏ। କମ୍ପାନୀମାନଙ୍କ ମର୍ଜି ଉପରେ ପିଲାଙ୍କୁ ନିଆଯାଏ। ପାଠପଢାର ମାନ ବଦଳରେ ଶିକ୍ଷକଙ୍କୁ ଧରି ଭଲ ଫଳ କରିଥିବା ପିଲା ଚାକିରି ପାଇଯାଏ।

ବ୍ୟବସାୟିକ ଶିକ୍ଷାନୁଷ୍ଠାନ ଗରିବବିରୋଧୀ। ସେମାନେ ସାମାଜିକ ଅସମାନତା ବଢାନ୍ତି। ଯେଉଁ କେତେକ ଗରିବ ପିଲା ଋଣ ନେଇ ପାଠ ପଢନ୍ତି, ସେମାନେ ଧନୀ ପିଲାଠାରୁ ବେଶି କଷ୍ଟ କରନ୍ତି। ଋଣ ନ ନେଇ ପଢୁଥିବା ପିଲା ନିଜେ କଲେଜ ପାଉଣା ଦିଏ ନାହିଁ। ଋଣ କରି ପଢିଥିବା ପିଲା ଚାକିରି କଲେ ଶୁଝିବ, ତାହାର ଡିଗ୍ରୀର ଦାମ୍ ଧନୀ ପିଲାର ଡିଗ୍ରୀଠାରୁ ବହୁଗୁଣରେ ମହଙ୍ଗା ପଡିଥାଏ। ଋଣଗ୍ରସ୍ତ ପିଲା ଚାକିରି ପାଇଲା କ୍ଷଣି ଋଣ ପରିଶୋଧ ଚିନ୍ତା ତାକୁ ମାଡିବସେ। ଯେଉଁଠି ଯେତେ ଖଟିବ ସେତେ ପଇସା ପାଇବ, ସେଇଠିକି ଗରିବ ପିଲାଟି ଯାଏ। ସଂରକ୍ଷଣ ନ ଥିବା କାରଣରୁ ଲାଭବାନ ହେଉଥିବା ପିଲାଏ ସଂରକ୍ଷଣ ବିରୋଧରେ କହିବେ। ସରକାର ଶିକ୍ଷା–ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କଲେ ଏ ପ୍ରକାର ଘଟେ ନାହିଁ। ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେତେ ବେଶି ଖର୍ଚ୍ଚ କରିବେ ଗରିବମାନେ ସେତେ ବେଶି ଉଠିପାରିବେ। ସୋସିଆଲ୍ ମୋବିଲିଟି ବଢିବ, ସମାଜରେ ଅସମାନତା ଦୂର ହେବ।

ରାଇଟ୍ ଟୁ ଏଜୁକେଶନ୍ ବା ଶିକ୍ଷା ଅଧିକାର ଆଇନ ଏକ ଲୋକଦେଖାଣିଆ ଆଇନ ହୋଇ ରହିଛି। ପିଲାଙ୍କୁ ଘରପାଖରେ ସ୍କୁଲ ନ ଯୋଗାଇ ପିଲା ହେଉନାହାନ୍ତି କହି ସରକାର ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟକୁ ବନ୍ଦ କରିଦେଉଛନ୍ତି, ଯେଉଁ ରାଜ୍ୟରେ ସ୍କୁଲ ସଂଖ୍ୟା କମି କମି ଯାଉଛି ସେ ରାଜ୍ୟରେ କିପରି ଶିକ୍ଷା ପାଇବାକୁ ଏକ ଆଇନଗତ ଅଧିକାର ବୋଲି କୁହାଯିବ? ବଜେଟ ବଦଖର୍ଚ୍ଚ କମାଇବା ନାଁରେ ସରକାର ନିରକ୍ଷରତା ବଢାଉଛନ୍ତି? ଜାତିସଂଘର ସଭ୍ୟ ରାଷ୍ଟ୍ରମାନେ କହିଛନ୍ତି ଯେ ୨୦୩୦ ସୁଦ୍ଧା ସବୁ ପୁଅଝିଅମାନେ ମାଗଣା ଏବଂ ସମତାଭିତ୍ତିକ ପ୍ରାଥମିକ ଶିକ୍ଷା ପାଇଁ ବ୍ୟବସ୍ଥା କରିବେ। ପ୍ରତ୍ୟେକ ପିଲା ସ୍କୁଲ ଯିବା ଦରକାର। ବିକାଶଶୀଳ ଦେଶଗୁଡ଼ିକରେ ଶିକ୍ଷକ ଉପସ୍ଥିତ ନ ଥିବା ହାର ଶତକଡା ୧୧ରୁ ୩୦ ଭାଗ। ଶିକ୍ଷକ ନ ଥିଲେ ପଢାହେବ କିପରି? ମଧ୍ୟାହ୍ନ ଭୋଜନ ଯୋଜନା କିଛି ପରିମାଣରେ ପିଲାଙ୍କୁ ଉତ୍ସାହିତ କରେ; ବହି ନ ଥିବା, ଯନ୍ତ୍ରପାତି ନ ଥିବା, ବିଜୁଳି ନ ଥିବା ଗୃହରେ ଶିକ୍ଷକମାନେ କିପରି ପଢାଇବାରେ ମନ ଲଗାଇବେ? ସ୍କୁଲକୁ ଯାଉଥିବା ପିଲା ପରିବାର ଓ ସମାଜ ପାଇଁ ଭଲ। ଗବେଷଣାରୁ ଜଣାଯାଏ ସ୍କୁଲରେ ବେଶି ଦିନ ରହିଥିବା ପିଲାଙ୍କୁ ଗାଁ ଦୋକାନୀ ଚାକିରି ଦିଏ, ସ୍କୁଲ ଯାଉ ନ ଥିବା ପିଲାକୁ ନୁହେଁ। ସ୍କୁଲ ଯାଉଥିବା ଝିଅର ବିବାହ ଡେରିରେ ହେବା ଓ ପିଲା ଜନ୍ମ କରିବା ଡେରି ହେବା ସମ୍ଭାବନା ବଢିଯାଏ। ସ୍କୁଲ ୟୁନିଫର୍ମ ପିନ୍ଧୁଥିବା ଝିଅ ନିଜକୁ ବୟସ୍କ ଭାବେ ନାହିଁ, ତା'ର ଆତ୍ମସମ୍ମାନ ବେଶି। ବିବାହ–ବଜାରରେ ସେମାନଙ୍କ ଭାଉ ବଢ଼େ। ଏମାନେ ମା' ହେଲେ ତାଙ୍କ ପିଲାମାନେ ପୁଷ୍ଟିହୀନତା ଭୋଗନ୍ତି ନାହିଁ ଏବଂ କମ୍ ବୟସରେ ମରନ୍ତି ନାହିଁ। ସ୍କୁଲ ଯାଉଥିବା ଝିଅ ସାଙ୍ଗମାନଙ୍କଠାରୁ ବହୁତ ଦରକାରୀ କଥା ଶିଖେ, ଯଥା କଣ୍ଟ୍ରାସେପ୍ସନ ବା ପ୍ରସବ ବନ୍ଦକରିବା ଓ ପିଲାକୁ ପାଳିବା। ସ୍କୁଲ ବନ୍ଦ କରିଦେଲେ ଗାଁଗଣ୍ଡାରେ କୁସଂସ୍କାର ବଢ଼େ।

ସରକାର କମ୍ ପିଲା ଥିବା ସ୍କୁଲ ବନ୍ଦ ନ କରି ପିଲା କମ୍ ହେବାର କାରଣ ଖୋଜନ୍ତୁ। ସ୍କୁଲରେ ଯେଉଁ ସମସ୍ୟା ଦେଖାଦିଏ ତା'ର କାରଣ ହେଲା ରାଜନୀତି, ଅର୍ଥନୀତି ନୁହେଁ। ଅଧିକାଂଶ ଶିକ୍ଷକ ଚିହ୍ନାପରିଚୟରେ ନିଯୁକ୍ତି ପାଇଥାନ୍ତି, ପଢାଇବାର ଇଚ୍ଛା ଉପରେ ନୁହେଁ। ଶିକ୍ଷକ ସଂଘ ବେଶି ଲାଗିପଡ଼େ ଖରାପ ଶିକ୍ଷକଙ୍କୁ ଚାକିରିରେ ରଖିବା ପାଇଁ, ସେମାନଙ୍କୁ ଛଟେଇ କରି ହୁଏ ନାହିଁ। ନେତାମାନେ ନୂଆ ସ୍କୁଲ୍ ବିଲ୍ଡିଂର ଫିତା କାଟିବାରେ ବ୍ୟସ୍ତ, ଫିତା କାଟି ଭିତରେ କ'ଣ ପଢ଼ା ହେଉଛି ତାହା ଦେଖିବାକୁ ଚାହାନ୍ତି ନାହିଁ।

ଇମେଲ୍: sahadevas@yahoo.com

# ଆମ ଭାଷା ଓ ଶବ୍ଦ



ଅରୁଣ ଦାସ

ପୂର୍ବାପେକ୍ଷା ସମୟ ସହ ତାଳଦେଇ ଓଡ଼ିଆ ଭାଷାରେ ଲେଖାଲେଖି ବଢ଼ିଛି। କାରଣ ଖବରକାଗଜ ଓ ପତ୍ରିକା ସଂଖ୍ୟା ବଢ଼ିବା ସହିତ ଅନେକେ ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ପରି ସାମାଜିକ ଗଣମାଧ୍ୟମରେ ଲେଖାମାନ ଲେଖୁଥିବାର ଦେଖିବାକୁ ମିଳୁଛି। ଗଳ୍ପ, କବିତା, ପ୍ରବନ୍ଧ ଓ ଖବର ପରିବେଷଣର ମାତ୍ରା ବୃଦ୍ଧିହେବା ନିଶ୍ଚିତ ଆମ ଭାଷା ପାଇଁ ଶୁଭଙ୍କର। ଏହା ସହ ଚାରିଆଡେ କବିସମ୍ମିଳନୀ, ଲେଖକସମ୍ମିଳନୀ ଓ କବିତାପାଠୋତ୍ସବ ଇତ୍ୟାଦି ଅନୁଷ୍ଠିତ ହୋଇ ଲୋକାଦୃତ ହୋଇପାରୁଛି। କବି ଓ ଲେଖକମାନେ ପୁରସ୍କାର ସାଉଁଟି ସାମାଜିକ ପ୍ରତିଷ୍ଠା ବି ଲାଭ କରୁଛନ୍ତି। କିନ୍ତୁ ପାଠକେ ଥରେ ବିଚାର କଲେ ଏବେକାର ଏଇ ଲେଖାରେ କେତେ ମର୍ମାର୍ଥ ରହୁଛି? କବିମାନେ ନିଜ ଦର୍ଶନ ନିଜେ ହିଁ ବୁଝୁଛନ୍ତି। କବିତାଟିଏ ଯଦି ଅନ୍ୟର ବୋଧଗମ୍ୟ ହେଲା ନାହିଁ, ତେବେ ସେ କବିତା ସୃଷ୍ଟି ନିରର୍ଥକ ନୁହେଁ କି?

ଏବେ ଅନେକ ତତ୍ସମ ଶବ୍ଦ ଲୁପ୍ତ ହେବାକୁ ବସିଲେଣି। କାରଣ ଏଗୁଡ଼ିକ ଆଜିର କବି ଓ ଲେଖକମାନଙ୍କ କଲମରେ ଉତୁରୁନାହାନ୍ତି। ସୂର୍ଯ୍ୟଙ୍କୁ କେବଳ ସୂର୍ଯ୍ୟ କୁହାଯାଉଛି। ଏହା ବଦଳରେ କେହି ବି ତା'ର ପ୍ରତିଶବ୍ଦ ଦିବାକର, ଭାସ୍କର, ତପନ, ସବିତା କିମ୍ବା ରବି ବୋଲି ଆଉ ଲେଖୁନାହାନ୍ତି। ଚନ୍ଦ୍ର କେବଳ ଜହ୍ନ ଭିତରେ ସୀମିତ ରହୁଛି। କେହି ବିଶଶୀ, ଶଶାଙ୍କ, ସୀତାଂଶୁ ପରି ଶବ୍ଦ ବ୍ୟବହାର କରୁନାହାନ୍ତି। ସେହିପରି ପୃଥିବୀ ବଦଳରେ କେହି ବି ଧରିତ୍ରୀ, ଧରଣୀ, ଧରା, ବସୁନ୍ଧରା, ବସୁଧା ଓ ମହୀ ଇତ୍ୟାଦି ନାଁ ଧରୁନାହାନ୍ତି। ଆକାଶକୁ କେବଳ ଆକାଶ ଭାବେ ଲେଖା ଯାଉଥିବା ବେଳେ ନଭ, ଗଗନ ଓ ଅମ୍ବର ଆଉ କାହା ଗୋଚରରେ ରହୁନାହିଁ। ସମୁଦ୍ରକୁ ଆଉ ପୂର୍ବ ଲେଖା ପରି, ବାରିଧି, ବାରାନିଧି, ରତ୍ନାକର ରୂପରେ ନ ଲେଖାଯାଇ କେତେବେଳେ କେଉଁଠି କେବଳ ସାଗର ଓ ସିନ୍ଧୁର ସାମାନ୍ୟ ବ୍ୟବହାର କରାଯାଉଛି। ଆଜିକାର କବି ଓ ସାହିତ୍ୟିକ କହୁଛନ୍ତି, ଆମେ ହେଲୁ ଆଧୁନିକ କବି ଓ ଲେଖକ, ସେ ପୁରୁଣାକାଳିଆ ଢାଞ୍ଚା ଆଉ ଚଳିବନି।

ଉଚ୍ଚକୋଟୀର ଲେଖା ସର୍ବଦା କାଳଜୟୀ ଓ ଚିରନ୍ତନ। ସେଥିରେ ପୁରୁଣାର ଗନ୍ଧ ଆସିବ କୁଆଡୁ? କବି ଗଙ୍ଗାଧର ମେହେର ବହୁବର୍ଷ ପୂର୍ବେ ତାଙ୍କ ତପସ୍ୱିନୀ କାବ୍ୟରେ ଲେଖିଥିଲେ, ''ମଙ୍ଗଳେ ଅଇଲା ଉଷା, ବିକଚ ରାଜୀବଦୃଶା, ଜାନକୀଦର୍ଶନ ତୃଷା ହୃଦୟେ ବହି, କରପଲ୍ଲବେ ନୀହାର ମୁକ୍ତା ଧରି ଉପହାର ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି, କଳକଣ୍ଠ କଣ୍ଠେ କହିଲା, ଦରଶନ ଦିଅ ସତି ରାତି ପାଳିଲା।'' (ରାଗ–ଚୋଖି)। କେତେ ଅପୂର୍ବ ଲାଳିତ୍ୟପୂର୍ଣ୍ଣ ବର୍ଣ୍ଣନା ସତରେ! ଏହି ପଦ୍ୟକୁ ଆମେ କ'ଣ ପୁରୁଣାକାଳିଆ ବୋଲି କହିପାରିବା? ସେହିପରି ଚିଲିକାର ରୂପକାନ୍ତିରେ ମୁଗ୍ଧହୋଇ ରାଧାନାଥ ରାୟ ଲେଖିଥିବା ''ଉତ୍କଳ କମଳା ବିଳାସ ଦୀର୍ଘିକା, ମରାଳମାଳିନୀ ନୀଳାମ୍ବୁ ଚିଲିକା। ଉତ୍କଳର ତୁହି ଚାରୁ ଅଳଙ୍କାର, ଉତ୍କଳ ଭୁବନେ ଶୋଭାର ଭଣ୍ଡାର। ଏତେ ଛବି ଯେଣୁ ଏକାଧାରେ ଠୁଳ, ଛବିଳ ଉତ୍କଳେ ତୋ ଛବି ଅତୁଳ।'' ନିଶ୍ଚିତ ଭାବରେ କାଳଜୟୀ ହୋଇରହିଛି, ରହିଥିବ ମଧ୍ୟ। କିନ୍ତୁ ବିଡମ୍ବନା, ଆଜିର ଦିନରେ ଓଡ଼ିଆ କବିମାନଙ୍କ ପାଖରେ ଏପରି ଶବ୍ଦ ସବୁ ବ୍ୟବହାର କରିବାର ଜମାରୁ ଦେଖିବାକୁ ମିଳୁନାହିଁ। ଏମାନଙ୍କ ପାଖରେ ଉଚ୍ଚକୋଟୀର କବିତା ସୃଷ୍ଟି କରିବାର ଦକ୍ଷତା ରହିଛି। କିନ୍ତୁ ନିଜସ୍ୱଶୈଳୀରେ ଅଧିକରୁ ଅଧିକ ଓଡ଼ିଆ ଭାଷାର ମାଧୁର୍ଯ୍ୟଭରା ଶବ୍ଦସବୁକୁ ଆଣି କବିତାଗୁଡ଼ିକରେ ଛନ୍ଦିଲେ ଆମ ଭାଷା ଓ ସାହିତ୍ୟ ପରିପୁଷ୍ଟ ହୁଅନ୍ତା କି ନାହିଁ? ଗୋପବନ୍ଧୁ ଲେଖିଥିଲେ– 'ରହ ରହ କ୍ଷଣେ ବାଷ୍ପୀୟ ସକଟ, ଦେଖିବି ଚିଲିକା ଚାରୁ ଚିତ୍ରପଟ।' କିନ୍ତୁ ସେଇ ପଦ୍ୟକୁ ଏ ସମୟର ଜଣେ କବି ବୋଧହୁଏ ଏହିପରି ଲେଖିଥାଆନ୍ତେ– 'ରହ ରହ ଟ୍ରେନ୍ ଟିକେ, ଦେଖିବି ମୁଁ ଚିଲିକାର ସୁନ୍ଦର ଦୃଶ୍ୟକୁ।' ଏଥିରେ କେଉଁ ରଚନାର ଶବ୍ଦ ଅଧିକ ହୃଦୟକୁ ଛୁଉଁଛି, ଏହା ଆପଣମାନେ ଭଲ ଭାବରେ ଅନୁମାନ କରିପାରୁଥିବେ। ଧୀରେ ଧୀରେ ଏହିପରି ଶବ୍ଦ ସବୁ ଆଉ ବ୍ୟବହୃତ ନ ହୋଇ ଅଲୋଡ଼ା ହେବାକୁ ବସିଲେଣି। ହୁଏ ତ ଦିନ ଆସିବ ଏଇ ଶବ୍ଦ ସବୁ ପୂରାପୂରି ଲୋପ ପାଇଯିବେ। ବହୁ ପୁରାତନ ଆମ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। ଏଥିନେଇ ଆମେ ଗର୍ବ କରୁଛେ। କବି ଓ ଲେଖକ ସମ୍ମିଳନୀ କରୁଛେ। କିନ୍ତୁ ଅସଲ ଉଦ୍ଦେଶ୍ୟ ରହୁଛି, ପୁରସ୍କାର କେମିତି ହାତେଇବା। ଭାଷାକୁ ସମୃଦ୍ଧ କରିବା କେବଳ ପ୍ରଚାର ପ୍ରସାରସର୍ବସ୍ୱ ହେଉଛି। କିନ୍ତୁ ଅସଲରେ ଆମ ମାତୃଭାଷା ଓଡ଼ିଆର ବିକଳାଙ୍ଗ ରୂପ ଜଳ ଜଳ ହେଇ ଦିଶିବାକୁ ଲାଗିଲାଣି। କିଛି ଲୋକ ଭାବୁଛନ୍ତି କଠିନ ପରିଶ୍ରମ କରି ଅର୍ଥ ରୋଜଗାର କରିବା ଓ ସ୍ୱଚ୍ଛଳ ଜୀବନ ଜିଇବା। ଭାଷା ସଂସ୍କୃତିରୁ କ'ଣ ଆମର ପେଟ ପୂରିବ! ଗୋଟିଏ ଜାତିର ଭାଷା ହିଁ ତା'ର ପରିଚୟ। ପରିଚୟ ହଜିଗଲେ ମଣିଷ ସାମାଜିକ, ଆର୍ଥିକ ସ୍ତରରେ ନିମ୍ନଗାମୀ ହୁଏ। ଧୀରେ ଧୀରେ ନିଜର ଅସ୍ତିତ୍ୱ ହଜିବା ଆରମ୍ଭ ହୁଏ। ଖ୍ରୀଷ୍ଟଜନ୍ମର ବହୁ ପୂର୍ବରୁ ଯେତେବେଳେ ଓଡ଼ିଆ ସାଧବପୁଅମାନେ ଇଣ୍ଡୋନେସିଆର ଜାଭା, ସୁମାତ୍ରା, ବାଲି ଓ ସିଂହଳ ଆଦି ଦେଶକୁ ନୌବାଣିଜ୍ୟ କରିବାକୁ ଯାଇ ମାସ ମାସ ଧରି ସମୟ ବିତାଉଥିଲେ, ସେତେବେଳେ ଆମ ଓଡ଼ିଆ ଭାଷା, ସଂସ୍କୃତି ଓ ଚଳଣିର ଛାପ ସେମାନଙ୍କ ଉପରେ ବହୁମାତ୍ରାରେ ପଡ଼ିଥିଲା। ଏବେ ବାଲିଦ୍ୱୀପର କିଛି ଅଞ୍ଚଳରେ ଲୋକ ବାପାଙ୍କୁ ବାପା ବୋଲି ଡାକିବା ଓ ଜାଭାରେ ବୋଉକୁ ବୋଉ ବୋଲି ଡାକିବା ପ୍ରଚଳିତ ହେଉଛି ବୋଲି ଗବେଷକମାନେ ମତଦିଅନ୍ତି। କିନ୍ତୁ ଦୁଃଖର କଥା ଏବେର ପିଢ଼ି ନିଜ ଇତିହାସର ସାଧବପୁଅ ଓ ତଅପୋଇ କାହାଣୀକୁ ଭୁଲି କବିତାର ଶୀର୍ଷକ ରଖୁଛି ଷ୍ଟିକର, ଟୁଥ୍‌ପେଷ୍ଟ, କାନ୍‌ଭାସ୍, ଟାଇମ୍ ପାସ୍, ସେଲ୍ଫି, ଜିନ୍ଦେଗୀ, ତସ୍‌ବୀର ଓ ଫୁଲ୍ ମୁନ୍, ନିଉ ମୁନ୍ ଇତ୍ୟାଦି। ନିଜ ଭାଷାର ପ୍ରତିଶବ୍ଦ ସବୁ ଖୋଜି ବ୍ୟବହାର କରିବା ବଦଳରେ ଅନ୍ୟ ଭାଷାର ଶବ୍ଦ ଉପରେ ବେଶି ଦୃଷ୍ଟି ଦିଆଯାଉଛି। ଏମିତି ଭାଷା ଓ ସାହିତ୍ୟ ସାଧନାକୁ କେହି ଆଧୁନିକତା ବୋଲି କହିବେନି। ଏହା ନିଜକୁ ଓ ନିଜ ଭାଷା ସାହିତ୍ୟକୁ ଅଧୋଗତି ଆଡକୁ ଟାଣିନେବାର ମୂର୍ଖାମି ହେବ।

ପତରପଡ଼ା, ବରମୁଣ୍ଡଳୀ,
ଜଗତ୍‌ସିଂହପୁର, ମୋ–୭୮୭୩୭୧୯୦୫୬

## ଏଇ ଭାରତରେ

ଲୋକମାନେ ଖୁସି ହେଲେ ନାଚିଥାନ୍ତି। କିନ୍ତୁ ବର୍ଷାର ପ୍ରଥମ ଅସରା ମାଟିରେ ପଡିବା ପରେ ଚାଷୀଭାଇ ନାଚି ଉତ୍ସବ ପାଳିବା ନିଆରା ନିଶ୍ଚୟ। ଦୀର୍ଘ ୪ ମାସ ଧରି ପୃଥିବୀ ଓ ଜୀବଜଗତ ଖରାତେଜ ସହିବା ପରେ ବର୍ଷାଋତୁ ଆସିଥିବାରୁ ଧାନଖେତରେ ଚାଷୀମାନେ ଖୁବ୍ ନାଚିଥିଲେ। କର୍ଣ୍ଣାଟକର ମାଙ୍ଗାଲୁରରେ ସୋମବାର ଶ୍ରୀ ଜ୍ଞାନଶକ୍ତି ସୁବ୍ରମଣ୍ୟମ୍ ସ୍ୱାମୀ ମନ୍ଦିର ଦ୍ୱାରା ଆୟୋଜିତ ସମାରୋହ 'କେସାର୍ଡ ଓଞ୍ଜି ଦିନା'ରେ ପିଲାଙ୍କଠାରୁ ଆରମ୍ଭ କରି ମହିଳା ଓ ଯୁବକମାନେ ଭାଗ ନେଇଥିଲେ। ଧାନଖେତରେ ଆୟୋଜିତ ଏହି ସମାରୋହରେ ଲୋକେ କାଦୁଅପାଣିରେ ଖୁବ୍ ନାଚି ମଜା କରିଥିବା ଦେଖାଯାଇଥିଲା। ଏଠାରେ ମୌସୁମୀ ବର୍ଷା ଆସିଯିବା ପରେ ପରେ ଲୋକଙ୍କ ମଧ୍ୟରେ ଉତ୍ସାହର ମାହୋଲ ଦେଖାଦେଇଥିଲା। ବର୍ଷା ହେଲେ ଭଲ ଫସଲ ହେବ ବୋଲି ଚାଷୀ ମନରେ ଚିନ୍ତା। ହେଲେ ବିଶେଷଜ୍ଞଙ୍କ କହିବାନୁଯାୟୀ, ଏଥର ଆଶାନୁରୂପ ବୃଷ୍ଟି ହେବା ସମ୍ଭାବନା କମ୍ ଥିବାରୁ ଚାଷୀ ମନ ମାରି ବସିଛନ୍ତି।

## ଚିରନ୍ତନୀ

ନୟନ ଜଳେ ତମସା କୋଳେ
ପାହିଛି କେତେ ଶ୍ରାବଣ ରାତି
କେତେ ଫଗୁଣ ମଧୁର ଗନ୍ଧେ
ଉଲୁସି ମୋର ଉଠିଲା ଛାତି।
ତୁମରି ଲାଗି ବାଇଛି ବୀଣା
ସଞ୍ଜ ସକାଳ ଦିବସ ମିଶି
ଗୋଧୂଳି କେବେ ମିଳାଏ ଧୀରେ
ପାହାନ୍ତି ବାଆ ସହିତେ ମିଶି!
ବିକଳ ମୋର ଅନ୍ତର ବନ୍ଧୁ!
ତୁମରି ଲାଗି କାନ୍ଦିଛି କେତେ
ହତାଶା ପରେ ହତାଶା ଘେନି
ନୂତନ ଆଶା ବାନ୍ଧିଛି କେତେ।
ନ ଆସ ତହିଁ ନ ଦିଅ ଦେଖା
ବ୍ୟଥିତ ମୁହିଁ ଫେରଇଁ ଘରେ
ଅଭିମାନର ଲୋତକ ରାଶି
ନ ପଡେ ତଳେ ନୟନେ ମରେ।
(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଘାସବିଷ କବ୍‌ଜାରେ ବିଶ୍ୱ

ମହାଶୟ,

ଆଗକାଳରେ ଚାଷ ଜମିରୁ ଅନାବନା ଘାସଗଛଗୁଡିକୁ ଚାଷୀମାନେ ହାତରେ ଉପାଡି ଦେଉଥିଲେ କିମ୍ବା କାଙ୍କ ଓ କୋଡି ସାହାଯ୍ୟରେ ଜମିର ମାଟିକୁ ଖୁସାଇ ଦେଲେ ଘାସଗଛଗୁଡିକ ମରିଯାଉଥିଲା। କିନ୍ତୁ ବର୍ତ୍ତମାନ ଉନ୍ନତ ଚାଷ ପ୍ରଣାଳୀରେ ଜମିରୁ ଅନାବନା ଘାସ ମାରିବା ପାଇଁ ଅତ୍ୟାଧୁନିକ ଗ୍ଲାଇଫସେଟ ନାମକ ଘାସମରା ଔଷଧ ବ୍ୟବହାର କରୁଛନ୍ତି। ଚାଷଜମି ଛଡା ପାର୍କ, ବାଡିବଗିଚା, ଲନ୍‌ରେ ମଧ୍ୟ ଗ୍ଲାଇଫସେଟ୍ ସିଞ୍ଚନ କରାଯାଉଛି। ହାତରେ ଘାସ ସଫା କରିବାକୁ ଯେତିକି ଖର୍ଚ୍ଚ ହେବ ତା'ଠାରୁ କମ୍ ଖର୍ଚ୍ଚରେ ଏହି ବିଷାକ୍ତ ଘାସନାଶକ ଔଷଧ ବ୍ୟବହାର କରିହେବ। ଖର୍ଚ୍ଚକୁ ଡରି ବ୍ୟବହାର କରୁଥିବା ଏହି ଉତ୍କଟ ବିଷାକ୍ତ ଘାସନାଶକ ଦ୍ୱାରା ପ୍ରାଣଘାତୀ କ୍ୟାନସର, ସ୍ନାୟବିକ ଦୁର୍ବଳତା, ପକ୍ଷାଘାତ, ଚର୍ମରୋଗ ଓ ଆହୁରି ଅନେକ ମାରାତ୍ମକ ରୋଗର ଶିକାର ହେଉଛି ମଣିଷ। ଆଜି ଘାସବିଷବଳୟର କବ୍‌ଜାରେ ବିଶ୍ୱ। ଜୈବ ବିବିଧତା ବିପନ୍ନ। ତେଣୁ ସମୟ ଥାଉଁ ଥାଉଁ ରାସାୟନିକ ଔଷଧ ବଦଳରେ ଆମର ପାରମ୍ପରିକ କୃଷି ପଦ୍ଧତିକୁ ଆପଣେଇ ନେଲେ ବିପଦରୁ ବିଶ୍ୱ ରକ୍ଷା ପାଇପାରିବ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

### ଘରଭଙ୍ଗା ତଦନ୍ତରେ ଅନିୟମିତତା

ଧରିତ୍ରୀ(୨୧୬)ରେ ପ୍ରକାଶିତ ହୋଇଛି ବିରିଡି ବ୍ଲକର ବଡୀମିରା ପଞ୍ଚାୟତର ତାଲିକାରେ ନାହିଁ ପ୍ରକୃତ କ୍ଷତିଗ୍ରସ୍ତଙ୍କ ନାଁ। ୨ ବର୍ଷ ତଳେ ଧାନ ପାଚିବା ସମୟରେ ଭୀଷଣ ବର୍ଷା ହୋଇ ବିଲରେ ଧାନ ଗଜା ହେଲା। କୁଜଙ୍ଗ ବ୍ଲକ୍‌ର ଚାଷୀ ୮ କୋଟି ଟଙ୍କାରୁ ଅଧିକ ସହାୟତା ପାଇଲେ ଅଥଚ ବିରିଡି ବ୍ଲକ୍‌ର ଚାଷୀଙ୍କୁ ୧ ଟଙ୍କା ମିଳିଲା ନାହିଁ। ଇଂରେଜ ଅମଳରେ ତିଖିରି କଚେରି ପୋଡ଼ିର ନିରାକରଣ ପାଇଁ ୧ ବର୍ଷ ପରେ ନିର୍ଦ୍ଦେଶ ଆସିଥିଲା କୁଜଙ୍ଗ ହାଟରୁ ମାଠିଆ କିଣି ନିଆଁ ଲିଭାଇବା ପାଇଁ। ସେହିପରି ଗଜା ହେବାର ୨ ମାସରେ ବିରିଡି ବ୍ଲକ୍‌ରୁ ନିର୍ଦ୍ଦେଶ ଆସିଲା ବୁଡିଯାଇଥିବା ଧାନବିଲରେ ଲୁଣ ପକାଇବା ପାଇଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭିମ୍‌ସାର, ଏସ୍‌ସିବି ନର୍ସିଂ କଲେଜ
### ୭୦ ନୂତନ ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୨୪।୬(ବ୍ୟୁରୋ): ବୁର୍ଲାସ୍ଥିତ ଭିମ୍‌ସାର ନର୍ସିଂ କଲେଜ ଓ କଟକ ଏସ୍‌ସିବି ନର୍ସିଂ କଲେଜ ପାଇଁ ୭୦ ନୂତନ ପଦବୀ ସୃଷ୍ଟି କରିବା ନିମନ୍ତେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି। ଭିମ୍‌ସାର ସରକାରୀ ନର୍ସିଂ କଲେଜରେ ୨୪ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଥିବା ବେଳେ ୭ ସହାୟକ କର୍ମଚାରୀ ପଦବୀ ସୃଷ୍ଟି କରାଯାଇଛି। ଏଥିରେ ୧ ପ୍ରିନ୍ସିପାଲ ପଦବୀ, ୧ ଭାଇସ୍ ପ୍ରିନ୍ସିପାଲ, ୧ ପ୍ରଫେସର, ୩ ଆସୋସିଏଟ ପ୍ରଫେସର, ୮ ଅଧ୍ୟାପକ ଓ ୧୦ ଟିଉଟର ପଦବୀ ରହିଛି। ସେହିପରି ଏସ୍‌ସିବି ନର୍ସିଂ କଲେଜରେ ୩୨ ଶିକ୍ଷକ ପଦବୀ ଓ ୭ ସହାୟକ କର୍ମଚାରୀ ପଦବୀ ସୃଷ୍ଟି କରାଯାଇଛି। ଏଥିରେ ୧ ପ୍ରିନ୍ସିପାଲ ପଦବୀ, ୧ ଭାଇସ୍ ପ୍ରିନ୍ସିପାଲ, ୧ ପ୍ରଫେସର, ୪ ଆସୋସିଏଟ ପ୍ରଫେସର, ୬ ଅଧ୍ୟାପକ ଓ ୧୯ ଟିଉଟର ପଦବୀ ରହିଛି।

### ଦେବଗଡ଼ରୁ ବାଘ ଛାଲ ଜବତ ଘଟଣା
### ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଲା ଏନ୍‌ଟିସିଏ

ଭୁବନେଶ୍ୱର,୨୪।୬(ବ୍ୟୁରୋ): ଦେବଗଡ଼ ଜିଲାରୁ ଜବତ ହୋଇଥିବା କଲରାପତରିଆ ବାଘ ଛାଲ ଜବତ ଘଟଣାରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଏହି ଘଟଣାରେ କ'ଣ ପଦକ୍ଷେପ ନିଆଯାଇଛି, ତା'ର ଏକ ବିସ୍ତୃତ ରିପୋର୍ଟ ଦେବାକୁ ସୋମବାର ଏନ୍‌ଟିସିଏ ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଗତ ଶୁକ୍ରବାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ ଦେବଗଡ଼ ଜିଲାରୁ ୭ ଫୁଟର ଏକ କଲରାପତରିଆ ବାଘ ଛାଲ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ଜେଲ୍ ବିଭାଗ କର୍ମଚାରୀଙ୍କ ପୁଅ ଥିବା ସୂଚନା ମିଳିଛି। ଅଭିଯୁକ୍ତମାନେ ହେଲେ ରମଣୀସେନ ବେହେରା, ଯଜ୍ଞଦତ୍ତ ବେହେରା ଓ ଶଶିକାନ୍ତ ନାୟକ। ରମଣୀସେନ ଏହି ମାମଲାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି। ରାଉରକେଲାରେ ବାଘ ଛାଲ ବିକ୍ରି କରିବା ପାଇଁ ଅଭିଯୁକ୍ତମାନେ ଯୋଜନା କରୁଥିଲେ ବୋଲି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଡିଆଇଜି ଆଶିଷ ସିଂ ସୂଚନା ଦେଇଛନ୍ତି।

### ଅଜଣା ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ବ୍ୟବସାୟୀ ମୃତ

ବାଲିଆପାଳ, ୨୪।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବେତଗଡିଆ ପଞ୍ଚାୟତ ଡାଙ୍ଗପିଟା ଗାଁ ରାସ୍ତାରେ ସୋମବାର ରାତି ୮ଟା ବେଳେ ଏକ ଗୁଳିକାଣ୍ଡ ଘଟିଛି। ଅଜଣା ଦୁର୍ବୃତ୍ତଙ୍କ ଗୁଳିମାଡରେ ରାକେଶ ଚୌଧୁରୀ ନାମକ କ୍ଷୀର ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ରାକେଶଙ୍କ ଘର ଉତ୍ତରପ୍ରଦେଶରେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାକେଶ ସେହି ଗାଁର ଶ୍ୟାମସୁନ୍ଦର ମହାନ୍ତିଙ୍କ ଝିଅକୁ ବାହା ହୋଇ ୧୨ବର୍ଷ ହେଲା ରହି ଆସୁଛନ୍ତି। ସେ କ୍ଷୀର ବ୍ୟବସାୟ କରନ୍ତି। ସେ ବାଇକ୍‌ରେ କ୍ଷୀର ନେଇ ଯାଉଥିବା ବେଳେ ଏକ କାର୍‌ରେ ୪ଜଣ ଦୁର୍ବୃତ୍ତ ଆସି ତାଙ୍କ ଗାଡି ଆଗରେ ଅଟକି ଥିଲେ। ସେମାନେ ରାକେଶଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି କରି ଫେରାର ହୋଇଯାଇଥିଲେ। ରାକେଶ ଗାଡିରୁ ତଳକୁ ଟଳିପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଜମିଜମା ବିବାଦରୁ ଗୁଳିକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

## ସ୍ନାନଯାତ୍ରା ବ୍ୟବସ୍ଥାବଳୀ ଉଲ୍ଲଂଘନ
# ପୁରୀ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍

ପୁରୀ ଅଫିସ,୨୪।୬

ମହାପ୍ରଭୁଙ୍କ ସ୍ନାନଯାତ୍ରାରେ ବିଶୃଙ୍ଖଳା ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଶ୍ରୀମନ୍ଦିର ପ୍ରଶାସନ। ସ୍ନାନମଣ୍ଡପରେ ବ୍ୟବସ୍ଥାବଳୀ ଉଲ୍ଲଂଘନ କରିଥିବା ସେବାୟତ ଏବଂ ଅନ୍ୟମାନଙ୍କ ବିରୋଧରେ ତ୍ୱରିତ୍ୱ ପଦକ୍ଷେପ ନେଇଛି। ଏ ନେଇ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବାବେଳେ ଦୁଇଜଣ ସେବାୟତଙ୍କୁ ସେବାରୁ ନିଲମ୍ବିତ କରାଯାଇଛି। ନୋଟିସ୍ ପାଇବାର ୬ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ଦେବା ଲାଗି ବିଧାୟକ ଷଡ଼ଙ୍ଗୀଙ୍କୁ କୁହାଯାଇଛି। ଅପରପକ୍ଷରେ ଷଡ଼ଙ୍ଗୀ ଏଭଳି ବ୍ୟବସ୍ଥାବଳୀ ସମ୍ପର୍କରେ ଅବଗତ ନ ଥିଲେ ବୋଲି କହିଛନ୍ତି।

ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା ପ୍ରଭୃତିକୁ ଶୃଙ୍ଖଳିତ କରିବା ଲାଗି ପରିଚାଳନା କମିଟି ଅନୁମୋଦନ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ବ୍ୟବସ୍ଥାବଳୀ ପ୍ରସ୍ତୁତ କରିଛି। ଏଥିରେ ଦର୍ଶାଯାଇଛି ସମସ୍ତେ ବ୍ୟବସ୍ଥାବଳୀକୁ ମାନିବେ। ଶ୍ରଦ୍ଧାଳୁଙ୍କ ଦର୍ଶନରେ ଯେପରି କୌଣସି ପ୍ରକାର ବାଧା ନ ଉପୁଜେ ଏଥିପ୍ରତି ଧ୍ୟାନ ଦେବେ। ର୍ୟାମ୍ପରେ ଭକ୍ତ ଦର୍ଶନ କରୁଥିବା ସମୟରେ ପଇସା, ଫୁଲ କେହି ସ୍ନାନମଣ୍ଡପ ଉପରକୁ ଫିଙ୍ଗିବେ ନାହିଁ। କୌଣସି ସେବକ ସ୍ନାନମଣ୍ଡପ ବାଡ଼ ପାର୍ଶ୍ୱରେ ଠିଆହୋଇ ଭକ୍ତଙ୍କଠାରୁ ଫୁଲ ଇତ୍ୟାଦି ଗ୍ରହଣ କରିବେ ନାହିଁ ଏବଂ ତୁଳସୀ ଇତ୍ୟାଦି ବାଣ୍ଟିବେ ନାହିଁ। ବ୍ୟବସ୍ଥାବଳୀକୁ ଯିଏ ଅବମାନନା କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲେ ବ୍ୟବସ୍ଥାବଳୀକୁ ସ୍ନାନମଣ୍ଡପରେ କେତେଜଣ ମାନି ନ ଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଗରେ ଠିଆ ହେବାଠାରୁ ଆରମ୍ଭକରି ଭକ୍ତଙ୍କୁ ତୁଳସୀ ବାଣ୍ଟି ପଇସା ଆଦାୟ କରିଥିଲେ। ପୁଣି କେହି ସେବକ ଭକ୍ତଙ୍କଠାରୁ ଫୁଲ ଇତ୍ୟାଦି ଗ୍ରହଣ କରି ଠାକୁର ଦର୍ଶନରେ ବାଧା ସୃଷ୍ଟି କରିଥିଲେ। ସେହିପରି ମହାପ୍ରଭୁଙ୍କୁ ଭକ୍ତ ସ୍ପର୍ଶ କରିପାରିବେ ନାହିଁ କି ସାହାଣମେଲା ଦର୍ଶନ ସମୟ ବ୍ୟତୀତ ଅନ୍ୟ ସମୟରେ କୌଣସି ଦର୍ଶନାର୍ଥୀ ସ୍ନାନମଣ୍ଡପ ଉପରକୁ ଉଠିପାରିବେ ନାହିଁ ବୋଲି ବ୍ୟବସ୍ଥାବଳୀରେ ସ୍ପଷ୍ଟ କରାଯାଇଛି। ହେଲେ ପୁରୀ ବିଧାୟକ ଷଡ଼ଙ୍ଗୀ ସ୍ନାନମଣ୍ଡପ ନିକଟକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ନୋଟିସ୍ ଜାରି କରାଯାଇଛି। ବ୍ୟବସ୍ଥାବଳୀ ସମ୍ପର୍କରେ ଅବଗତ ଥାଇ ସୁଦ୍ଧା ଏହାକୁ ଉଲ୍ଲଂଘନ କରି ପୂର୍ବାହ୍ନ ୧୧ଟାରେ ଅନଧିକୃତ ଭାବେ ସ୍ନାନବେଦି ଉପରେ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରୁଥିବା ସିସିଟିଭି ଫୁଟେଜରୁ ପରିଲକ୍ଷିତ ହେଉଛି। କେଉଁ ପରିପ୍ରେକ୍ଷୀରେ ଷଡ଼ଙ୍ଗୀ ଏହା କରିଥିଲେ ତାହାର ସନ୍ତୋଷଜନକ ଉତ୍ତର ୬ଦିନ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦେବା ପାଇଁ ନୋଟିସ୍‌ରେ କୁହାଯାଇଛି। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଉତ୍ତର ହସ୍ତଗତ ନ ହେଲେ ନିୟମାନୁସାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ସେହିପରି ବିଧାୟକଙ୍କୁ ସାଥିରେ ନେଇଥିବା ଦୁଇଜଣ ସେବାୟତ ସୋମନାଥ ଖୁଣ୍ଟିଆ ଓ ରାଜାରାମ ଖୁଣ୍ଟିଆଙ୍କୁ ସେବାରୁ ନିଲମ୍ବିତ କରାଯାଇଛି। ସମ୍ପୃକ୍ତ ଦୁଇ ସେବକ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବା କରିପାରିବେ ନାହିଁ ବୋଲି ସେମାନଙ୍କୁ ଦିଆଯାଇଥିବା ନୋଟିସ୍‌ରେ ଉଲ୍ଲେଖ ହୋଇଛି।

ଏ ସମ୍ପର୍କରେ ବିଧାୟକ ଷଡ଼ଙ୍ଗୀ ଗଣମାଧ୍ୟମକୁ କହିଛନ୍ତି, ମୁଁ ବ୍ୟବସ୍ଥାବଳୀ କିପରି ପାଇବି। ଦିଅଁଙ୍କୁ ଛୁଇଁବା ପାପ ବୋଲି ଜାଣିଥିଲି। କିନ୍ତୁ ପାହାଚରେ ମୁଣ୍ଡିଆ ମାରିବା ପାପ କି ଭୁଲ୍ ବୋଲି ଜାଣି ନ ଥିଲି। ପାହାଚକୁ ଛୁଇଁବା ମହାପାପ ବୋଲି ଆଦୌ ଜାଣି ନ ଥିଲି। ଯଦି ସେଠାକୁ ଯିବାକୁ ବାରଣ ଅଛି ଜାଣିଥାନ୍ତି କେବେ ବି ଯାଇ ନ ଥାନ୍ତି। ମୁଁ ୩୬୫ ଦିନ ଠାକୁରଙ୍କୁ ଦର୍ଶନ କରେ। ସବୁ ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ପ୍ରତ୍ୟହ ମୋତେ ଦେଖନ୍ତି। କେବେ ବି ଜଗନ୍ନାଥଙ୍କ ପାଖକୁ ଯିବା ଲାଗି ଚେଷ୍ଟା କରିନି। ମୁଁ ଜଣେ ଶୃଙ୍ଖଳିତ ଭକ୍ତ। ସ୍ନାନପୂର୍ଣ୍ଣିମା ଦିନ ପୋଲିସ, ଜେଟିପି ସମସ୍ତେ ଥିଲେ। ଯଦି ମୋତେ କେହି ବି କହିଥାନ୍ତେ ସେଠାକୁ ଯିବା ମନା ଅଛି, ମୁଁ ବିଲ୍‌କୁଲ ଯାଇ ନ ଥାନ୍ତି। କେହି ତ କହିଲେନି। ପାହାଚକୁ ମୁଣ୍ଡିଆ ମାରିବା ଭୁଲ୍ ବୋଲି ମୋ ଜ୍ଞାତରେ ନାହିଁ। ଯଦି ଏହା ଭୁଲ୍, ଆଉ କେବେ ବି ଏପରି ହେବନି। ମୁଁ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିବା ପାଇଁ ଯାଇଥିଲି, ସେହି ଜଗନ୍ନାଥ ହିଁ ଯାହା ବିଚାର କରିବେ ବୋଲି ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

- ୨ ସେବାୟତ ସେବାରୁ ନିଲମ୍ବିତ
- ସ୍ନାନମଣ୍ଡପ ପାହାଚରେ ମୁଣ୍ଡିଆ ମାରିବା ପାପ ବୋଲି ଜାଣି ନ ଥିଲି: ଷଡ଼ଙ୍ଗୀ



ଜୟନ୍ତ କୁମାର ଷଡ଼ଙ୍ଗୀ

# ଆଜିଠାରୁ ବିଧାନସଭା: ୨୮ରେ ବଜେଟ

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବ। ଜୁନ ୨୫ରୁ ବିଧାନସଭା ଆରମ୍ଭ ହୋଇ ଦୁଇଟି ପର୍ଯ୍ୟାୟରେ ଅଗଷ୍ଟ ୮ ତାରିଖ ଯାଏ ଚାଲିବ। ପ୍ରଥମ ପର୍ଯ୍ୟାୟ ଜୁନ ୨୫ରୁ ଜୁଲାଇ ୨ ତାରିଖ ଯାଏ ଚାଲିବ। ଜୁଲାଇ ୩ ରୁ ୧୧ ତାରିଖ ଯାଏ ଅଧିବେଶନ ବନ୍ଦ ରହିବ। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୧୨ରୁ ଆରମ୍ଭ ହୋଇ ଅଗଷ୍ଟ ୮ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ ରାଜ୍ୟପାଳ ଗଣେଶୀ ଲାଲ ଅଭିଭାଷଣ ଦେବେ। ୨୬ ତାରିଖରେ ଉପବାଚସ୍ପତି ନିର୍ବାଚନ ପାଇଁ ଘୋଷଣା କରାଯିବ। ୨୭ରେ ଉପବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ୨୮ ତାରିଖରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ ହେବ। ଜୁଲାଇ ପହିଲାରୁ ବଜେଟ ଆଲୋଚନା ଆରମ୍ଭ ହେବ। ଜୁଲାଇ ୧୨ ତାରିଖରୁ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ୧୨ ତାରିଖରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଗୃହରେ ରିପୋର୍ଟ ଉପସ୍ଥାପନ କରିବେ। ୧୩ ଓ ୧୪ ମାସର ଦ୍ୱିତୀୟ ଶନିବାର ଓ ରବିବାର ଲାଗି ଦୁଇଦିନ ଛୁଟି ରହିବ। ଜୁଲାଇ ୧୫ରୁ ୩୦ ତାରିଖ ଯାଏ ଖର୍ଚ୍ଚ ଦାବି ଆଲୋଚନା ହେବ। ଜୁଲାଇ ୩୧ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ବିଧାନସଭାରେ ଅନୁମୋଦନ ହେବ। ଏହି ସମୟରେ ଓଡ଼ିଶା ମ୍ୟୁନିସିପାଲ ଆକ୍ଟ-୧୯୯୦ର ସଂଶୋଧନ ପାଇଁ ବିଧାନସଭାରେ ବିଲ୍ ଆଗତ କରାଯାଇ ପାରେ। ସ୍ଥାନ ସଂରକ୍ଷଣ ବିବାଦ ଯୋଗୁ କାର୍ଯ୍ୟକାଳ ଶେଷ ହୋଇଥିବା ମହାନଗର ନିଗମ ଓ ପୌର ସଂସ୍ଥାଗୁଡ଼ିକରେ ନିର୍ବାଚନ ହୋଇପାରୁ ନାହିଁ। ଚଳିତ ବିଧାନସଭାରେ ଏହାକୁ ସଂଶୋଧନ କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ଆଣିବେ। ଏଥିସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧ୍ୟ ବିଧାନସଭାରେ ଆଗତ ହେବାର କାର୍ଯ୍ୟକ୍ରମ ରହିଛି।



- ଅଗଷ୍ଟ ୮ ଯାଏ ଚାଲିବ
- ଜୁଲାଇ ୩ରୁ ୧୧ ଯାଏ ବନ୍ଦ ରହିବ ଅଧିବେଶନ
- ଜୁଲାଇ ୩୧ରେ ବ୍ୟୟ ମଞ୍ଜୁରୀ ବିଲ୍ ଅନୁମୋଦନ ହେବ
- ଆସିବ ଓଡ଼ିଶା ମ୍ୟୁନିସିପାଲ ଆଇନ ସଂଶୋଧନ ବିଲ୍

# ମହିଳା, ଯୁବକଙ୍କୁ ମାଡ଼ ମାରି ଲଣ୍ଡା କଲେ

ବାରିପଦା ଅଫିସ/ଠାକୁରମୁଣ୍ଡା, ୨୪।୬(ଡି.ଏନ.ଏ)

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ କଙ୍ଗାରୁକୋର୍ଟ। ବଦଳିନି ଏଯାଏଁ ମଧ୍ୟଯୁଗର ମାନସିକତା। କରଞ୍ଜିଆ ଥାନା ଅନ୍ତର୍ଗତ ଏକ ଗାଁରେ କେତେକ ଲୋକ ଆଇନକୁ ହାତକୁ ନେଇ କଙ୍ଗାରୁ କୋର୍ଟ କରି ଜଣେ ବିବାହିତା ମହିଳା ଏବଂ ତାଙ୍କ ପ୍ରେମିକ ବୋଲି ସନ୍ଦେହ କରାଯାଉଥିବା ଜଣେ ଯୁବକଙ୍କୁ ଧରି ନିସ୍ତୁକ ମାଡ ମାରି ଲଣ୍ଡା କରି ଗାଁ ଦାଣ୍ଡରେ ବୁଲାଇଛନ୍ତି। ସେହି ଘଟଣା ସମୟର ଏକ ଭିଡିଓ ଭାଇରାଲ ହେବା ପରେ ଏହା ପଦାକୁ ଆସିଛି। ନିର୍ଯ୍ୟାତନାର ଶିକାର ହୋଇଥିବା ମହିଳା ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୨୨ଜଣଙ୍କ ନାମରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଧରି ତନାଘନା ଚଳାଇଛି।

ରବିବାର ସନ୍ଧ୍ୟାର ଘଟଣା। କରଞ୍ଜିଆ ଥାନା ଅଞ୍ଚଳର ଏହି ବିବାହିତା ମହିଳା ଅସୁସ୍ଥ ଥିବା ଖବରପାଇ କରଞ୍ଜିଆ ଏନଏସି ଅଞ୍ଚଳର ଉକ୍ତ ଯୁବକ ତାଙ୍କୁ ଦେଖା କରିବାକୁ ଯାଇଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାଙ୍କ ଘରକୁ ଅନ୍ୟ ଏକ ସମ୍ପ୍ରଦାୟର ଯୁବକ ଆସିଥିବା ଦେଖି ଗ୍ରାମବାସୀ ସନ୍ଦେହ କରି ପଚରାଉଚରା କରିଥିଲେ। ପରେ କେତେକ ଗ୍ରାମବାସୀ ଉଭୟ ଯୁବକ ଓ ମହିଳାଙ୍କୁ ଧରିଆଣି ଏକ ଘରେ ବନ୍ଦ କରି ରଖିଥିଲେ। ସେମାନଙ୍କୁ ମାଡ ମାରି ଲଣ୍ଡା କରି ଗାଁ ଦାଣ୍ଡରେ ବୁଲାଇଥିଲେ। ପରେ ସେମାନେ ଉଭୟଙ୍କୁ କରଞ୍ଜିଆ ଥାନା ପୋଲିସ ଜିମା ଦେଇଥିଲେ। ଏନେଇ ପୋଲିସ ତତ୍‌କ୍ଷଣାତ କୌଣସି ପଦକ୍ଷେପ ନେଇ ନ ଥିଲା। ଘଟଣାର ଭିଡିଓ ସୁଟିଂ କରିଥିବା କେତେକ ଗ୍ରାମବାସୀ ଏହାକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିଦେବାରୁ କଙ୍ଗାରୁ କୋର୍ଟରେ ନିର୍ଯ୍ୟାତନା ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ କରଞ୍ଜିଆ ଏସଡିପିଓ ନାରାୟଣ ନାୟକଙ୍କୁ ପଚାରିବାରୁ କହିଛନ୍ତି, ପୀଡ଼ିତା ମହିଳା କରଞ୍ଜିଆ ଥାନାରେ କରିଥିବା ଅଭିଯୋଗ ଭିତ୍ତିରେ ପୋଲିସ ଏକ ମାମଲା(ନଂ.୮୩/୧୯)ରୁଜୁ କରି ତଦନ୍ତ ଚଳାଇଛି। କେତେକ ଲୋକଙ୍କୁ ଥାନାରେ ଅଟକ ରଖି ସମସ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଛି।

- କରଞ୍ଜିଆ ଥାନା ଅଞ୍ଚଳରେ କଙ୍ଗାରୁ କୋର୍ଟ
- ଭିଡିଓ ଭାଇରାଲ ପରେ ପଦାକୁ ଆସିଲା ଘଟଣା
- ପୀଡ଼ିତାଙ୍କ ଅଭିଯୋଗ କ୍ରମେ ୨୨ ଜଣଙ୍କ ନାମରେ ମାମଲା ରୁଜୁ



ଗାଁ ଦାଣ୍ଡରେ ଯୁବକଙ୍କୁ ବସାଇ ଲଣ୍ଡା କରାଯାଉଛି।

## ସ୍ପଷ୍ଟ କଲା ସାଧାରଣ ପ୍ରଶାସନ ବିଭାଗ
# ମାସର ଦ୍ୱିତୀୟ ଶନିବାର ବି ଛୁଟି ରହିବ

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର। ପୂର୍ବଭଳି ମାସର ଦ୍ୱିତୀୟ ଶନିବାର ସରକାରୀ ଛୁଟି ଦିବସ ରହିବ। ଏ ନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରି ସ୍ପଷ୍ଟ କରାଯାଇଛି। ଏଥିସହିତ ପ୍ରତ୍ୟେକ ମାସର ଚତୁର୍ଥ ଶନିବାର ମଧ୍ୟ ଛୁଟି ରହିବ। ତେବେ ଚତୁର୍ଥ ଶନିବାର ପ୍ରତ୍ୟେକ ବିଭାଗୀୟ ଦପ୍ତର ସକାଳ ୧୦ଟାରୁ ୧ଟା ୩୦ ମିନିଟ ଯାଏ ଖୋଲା ରହିବ। ଏହି ସମୟରେ ପ୍ରଶାସନିକ କାର୍ଯ୍ୟରେ ୫-ଟି (ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନ୍ସପାରେନ୍ସି, ଟାଇମ ଓ ଟ୍ରାନ୍ସଫରମେଶନ)କୁ କର୍ମଚାରୀମାନେ କିଭଳି ପାଳନ କରୁଛନ୍ତି ସେନେଇ ପ୍ରଶିକ୍ଷଣ ଶିବିର କିମ୍ବା କର୍ମଶାଳାମାନ ଆୟୋଜନ କରାଯିବ। ରାଜ୍ୟର ବିକାଶ କ୍ଷେତ୍ରରେ କର୍ମଚାରୀମାନେ ଏହି କର୍ମଶାଳାରେ ନିଜର ସୁଚିନ୍ତିତ ମତାମତ ଦେଇପାରିବେ। ପ୍ରଶାସନିକ କାର୍ଯ୍ୟକୁ ଚଳଚଞ୍ଚଳ କରିବାକୁ ଏଭଳି କରାଯାଇଛି।


**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN) (MINISTRY OF SOCIAL JUSTICE & EMPOWERMENT GOVERNMENT OF INDIA) OLATPUR, PO. BAIROI, DIST-CUTTACK, ODISHA**

| | |
|---|---|
| **Advertisement No. AD 6B 10/04/2019, Date: 20.06.2019 (Permanent)** | |
| 01 | Accountant |
| 02 | Jr. Engineer (E & M) |
| 03 | Pharmacist Grade-I |
| 04 | Pharmacist Grade-II |
| 05 | Store Keeper |
| **Advertisement No. AD 6B 19/05/2019, Date: 20.06.2019 (Consultant)** | |
| 01 | PMR (Consultant) |
| 02 | Physiotherapy (Consultant) |
| 03 | Clerk (Consultant) |
| 04 | Data Entry Operator (Consultant) |

For all other details, terms and conditions, please log on to website www.nirtar.nic.in

Sd./- DIRECTOR

**Ravenshaw University, Cuttack**

**+3 Admission Notice 2019-20**

The last date of online submission of admission application form is **06/07/2019.** Document verification: 09-15 July, Counselling/ Admission: 16-19 July 2019. To apply please visit **www.ravenshawuniversity.ac.in**

*No-2107 Date-24.06.2019* — *Registrar*

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା, କଟକ

**ଡ଼ିମାଣ୍ଡ ନୋଟିସ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ (୨)ଅନୁଯାୟୀ ଡିମାଣ୍ଡ ନୋଟିସ

ଏତଦ୍‌ଦ୍ୱାରା ଋଣଗ୍ରହୀତା : **ମେସର୍ସ ଆର୍. ଡି କମର୍ସିଆଲ୍ ପ୍ରା. ଲିଃ.**କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି । ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ ମାଧ୍ୟମରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଅବଗତ କରାଗଲା ।

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ.: | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ସର୍ବମୋଟ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଆର୍. ଡି କମର୍ସିଆଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ରାମ କୃଷ୍ଣ ଦାସ,** ୧୬୧୮, ରୋଡ଼ ନଂ.-୪, କେଏଚ୍ ନଂ.-୫୦୬, ଭିଷନ୍ ସିଂହ, ଟ୍ୟୁବୱେଲ୍ ମାଲିକପୁରକୋହି ଆଲିଅସ୍, ରଙ୍ଗପୁରୀ, ଦକ୍ଷିଣପଶ୍ଚିମ ଦିଲ୍ଲୀ, ପିନ୍-୧୧୦୦୩୭, **ନିର୍ଦ୍ଦେଶକମାନେ: (୧) ସାଇବାଣୀ ଦାଶ, (୨) ସୁଜାତା ଦାଶ,** ଉଭୟଙ୍କ ଠିକଣା : ପ୍ଲଟ ନଂ.: ୧୧୫୪/୩୭୪୪, ସା: ମହାବାହୁ ହାଉସ୍, ସୌଭାଗ୍ୟ ନଗର, ଏସ୍‌ବିଆଇ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩ /**ଜାମିନଦାର: ଶ୍ରୀ ରଘୁନାଥ ଦାଶ,** ପିତା: ୰ଲିଙ୍ଗରାଜ ଦାଶ, ସା: ଦୁର୍ଗାପୁର, ପୋ/ଥାନା: ଉଦିତ୍ ନଗର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼ । **ଆକାଉଣ୍ଟ ନଂ.: ୩୨୨୬୪୮୪୫୩୪୯, ୩୩୫୨୬୦୮୬୩୫୨** | **(୧) ଶ୍ରୀ ରାମ କୃଷ୍ଣ ଦାସଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା : ଭୁବନେଶ୍ୱର ସହର, ୟୁନିଟ୍-୧୯, ବରମୁଣ୍ଡା, ଖାତା ନଂ.: ୮୫୫/୧୩୬, ପ୍ଲଟ ନଂ.: ୧୧୫୪/୩୭୯୪, କ୍ଷେତ୍ର: ଏକର୦.୦୭୪ ଡିସିମିଲି, ପ୍ଲଟ ନଂ.: ୧୧୮୭/୩୮୦୪, କ୍ଷେତ୍ର: ଏକର୦.୦୪୧ ଡିସିମିଲି, **ମୋଟ୍ କ୍ଷେତ୍ର: ଏକର୦.୧୧୫ଡିସିମିଲି, (୨) ଶ୍ରୀ ରଘୁନାଥ ଦାଶଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା : ଦୁର୍ଗାପୁର, ହୋଲ୍ଡିଂ ନଂ.: ୭୫, ଓଏସ୍‌ଏଚ୍‌ବି ଡ୍ରଇଂ ନଂ.: ଆରକେଏଲ୍-୧/୮୦, ପ୍ଲଟ ନଂ.: ଏଲ୍‌ଆଇଜି ହାଉସ୍ ନଂ: ରାଜସ୍ୱ ପ୍ଲଟ ନଂ ୬୫ ଉପରେ ଥିବା ଇଏଲ୍/୩, ଏରିଆ ନଂ.: ୧୭ (ବାସନ୍ତୀ ହାଉସିଂ ସ୍କିମ ଅଧିନସ୍ଥ, ରାଉରକେଲା, ଫେଜ୍-୨) କ୍ଷେତ୍ର: ୧୨୦୦ ବର୍ଗଫୁଟର ଘର । | ୧୨.୦୬.୨୦୧୯ | ୨୮.୦୮.୨୦୧୮ | ୩୧.୦୩.୨୦୧୯ ସୁଦ୍ଧା ଟ୬,୦୮,୦୧,୯୬୧.୨୨ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର ୬୦ ଦିନ ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଏତଦ୍‌ଦ୍ୱାର ଋଣଗ୍ରହୀତା ଏବଂ ଜାମିନଦାରଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟାମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ ।

ତାରିଖ : ୨୪.୦୬.୨୦୧୯ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ସ୍ଥାନ : କଟକ — ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
ଅଶୋକ ନଗର ଶାଖା, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୯୮୬୩୩, ୨୫୩୩୫୩୩, ଇ-ମେଲ୍: b0358@psb.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି
ଅମାନତ ରାଶି ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ: ୧୨.୦୭.୨୦୧୯ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ।

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ରୁଲ୍ସ ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ। **ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ**ର ନିମ୍ନଲିଖିତ ସୁରକ୍ଷିତ ଋଣ ଆଦାୟ କରିବା ନିମନ୍ତେ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ଇଲେକଟ୍ରୋନିକ ପଦ୍ଧତି **https://www.bankeauctions.com** ମାଧ୍ୟମରେ ବିକ୍ରି କରାଯିବା ପାଇଁ ପ୍ରସ୍ତାବମାନ **ତା.୧୨.୦୭.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ଆହ୍ୱାନ କରାଯାଉଛି ।

| | |
|---|---|
| ବନ୍ଧକପ୍ରାପ୍ତ ସମ୍ପତ୍ତିର ତନଖି ତାରିଖ ଏବଂ ସମୟ | ୨୭.୦୬.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ |
| EMD (ଅମାନତ ରାଶି) ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ | ୧୨.୦୭.୨୦୧୯ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା । |
| ଇ-ନିଲାମ/ବିକ୍ରୟ ତାରିଖ ଏବଂ ସମୟ | ୧୫.୦୭.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ମଧ୍ୟରେ |
| ବିଡ୍ ବୃଦ୍ଧି ପରିମାଣ | ଟ.୦.୨୫ ଲକ୍ଷ |

ସ୍ଥାବର ସମ୍ପତ୍ତିର ବିବରଣୀ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ (ଉପଲବ୍ଧ ବିବରଣୀ ଅନୁଯାୟୀ) | ସମୁଦାୟ ବକେୟା/ ଦଖଲ ନୋଟିସ୍‌ର ତାରିଖ | ସଂରକ୍ଷିତ ମୂଲ୍ୟ /ଅମାନତ ରାଶି |
|---|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ଗୌରୀ ଶଙ୍କର ରଥ, ସ୍ୱତ୍ୱାଧିକାରୀ: ମେସର୍ସ କୋଣାର୍କ ଏଜେନ୍ସି,** ପ୍ଲଟ୍ ନଂ.: ୬୯୫/୭୩୪, ବିଜେବି ନଗର, ଭୁବନେଶ୍ୱର-୭୫୧୦୦୬, ମୌଜା: ବିରହରେକୃଷ୍ଣପୁର, ଜିଲ୍ଲା: ପୁରୀ, ପିନ୍-୭୫୨୦୮୭ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସତ୍ୟଭାମା ରଥ,** ସ୍ୱାମୀ: ୰ ପୂର୍ଣ୍ଣ ଚନ୍ଦ୍ର ରଥ, ସା.: ନ୍ୟୁ ଲିଙ୍ଗରାଜ କଲୋନୀ, ପୋ.: ଓଲ୍ଡ ଟାଉନ୍, ଥାନା: ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୨ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୯୪, ପ୍ଲଟ୍ ନଂ.: ୧୪୨୧, କ୍ଷେତ୍ର: ଏକର୦.୧୩ଡିସିମିଲି, ମୌଜା: ହରେକୃଷ୍ଣପୁର, (ବୀରହରେକୃଷ୍ଣପୁର), ଥାନା/ତହସିଲ: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସୁଦେବ ରଥଙ୍କ ସମ୍ପତ୍ତି, ପଶ୍ଚିମ: ଜଗନ୍ନାଥ ମିଶ୍ରଙ୍କ ସମ୍ପତ୍ତି, ଉତ୍ତର: ସରକାରୀ ଜମି, ଦକ୍ଷିଣ: ରାସ୍ତା | ୩୧.୦୧.୨୦୧୯ ସୁଦ୍ଧା ଟ.୧୫,୩୦,୦୯୦/- / ୧୩.୦୧.୨୦୧୭ | ଟ.୧୫,୦୦,୦୦୦/- / ଟ.୧,୫୦,୦୦୦/- |

NEFT/RTGS ମାଧ୍ୟମରେ ଅମାନତ ରାଶି ଦାଖଲ ବିବରଣୀ: ଆକାଉଣ୍ଟ ନଂ.: ୦୩୫୮୧୧୦୦୦୦୧୬୭୪, ଆକାଉଣ୍ଟର ନାମ: PUNJAB AND SIND BANK EMD, ହିତାଧିକାରୀଙ୍କ ନାମ: ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ ଏବଂ IFSC Code: PSIB0000358
*ଦ୍ରଷ୍ଟବ୍ୟ: ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କର ୱେବ୍‌ସାଇଟ: www.psbindia.com ଦେଖନ୍ତୁ ।

ସରଫେଶୀ ଆକ୍ଟ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍

ଏତଦ୍‌ଦ୍ୱାରା ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ନିଲାମ ତାରିଖ ପୂର୍ବରୁ ଉପର ଦର୍ଶିତ ବକେୟା ଦେୟ ସହିତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ / ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଇଥାଏ ତେବେ ତାହା ସୁଧ ଏବଂ ଖର୍ଚ୍ଚ ସହ ଆଦାୟ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୪.୦୬.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ, ମୋ.: ୯୦୯୦୧୬୨୪୭୭

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମର ଏତେ ଗହୀରରେ ଚାଷ କିଆଁ**
**ରାତି ପାହିଲେ ହେବ ପୁଅ ବାହା ।**

ପୁଅ ବାହାଘର ମୁଣ୍ଡ ଉପରେ। ଏପରିସ୍ଥଳେ କାହାକୁ କିଏ କ'ଣ କହିଥିଲା, କିଏ କ'ଣ କରିଥିଲା, ଆଗରୁ କାହାର କାହା ସାଙ୍ଗରେ କ'ଣ ମନୋମାଳିନ୍ୟ ଥିଲା ସେ ସବୁ ଘାଣ୍ଟିବସିଲେ ଲାଭ ବା କ'ଣ ମିଳିବ। ବରଂ ବାହାଘର କେମିତି ସୁରୁଖୁରୁରେ ହୋଇଯିବ ସେ ବିଷୟରେ ଚିନ୍ତା କରିବା ସମୟୋପଯୋଗୀ କାର୍ଯ୍ୟ ହୋଇଥାଏ। ବଡ଼ ଦାୟିତ୍ୱ ଯେତେବେଳେ ମୁଣ୍ଡ ଉପରେ ଥାଏ ସେତେବେଳେ ଅନ୍ୟ କଥାରେ ମୁଣ୍ଡ ଖେଳେଇବା ସମୀଚୀନ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ସୁନା ତ ଭେଣ୍ଡି**
**ପର ସଙ୍ଗେ କିଆଁ ଚୁଟି ଧରାଧରି ।**

ନିଜ ଲୋକ ଯଦି ବିଶ୍ୱସ୍ତ ନ ହେଲା ଅଯଥାରେ ଅନ୍ୟ ଦୋଷ ଦେଇ ଲାଭ କ'ଣ। ନିଜ ଲୋକ ଯଦି ନିଜର ଦୁଃଖ ବୁଝି ନ ପାରିଲା, ନିଜର ହୋଇ ନ ପାରିଲା ସେତେବେଳେ ଅନ୍ୟ ଉପରେ ରାଗରୋଷ ନ ରଖି ନିଜ ଭାଗ୍ୟକୁ ଆଦରି ପଡ଼ିରହିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଲୋ-ଭୋଲଟେଜ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ

# ଅଭିଯୋଗ କରି ନିରାଶ ହେଲେଣି ଉପଭୋକ୍ତା

ନାଉଗାଁ,୨୪।୬(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ଏନ୍‌ଜେଏନ୍ ଓ ସେସୁ ମିଳିତ ଭାବେ ବିଦ୍ୟୁତ ସେବା ଦାୟିତ୍ୱ ନେଇଛନ୍ତି। ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଥିବାବେଳେ ଏହି ବ୍ଲକରେ ତାହାର ଓଲଟା ଦେଖିବାକୁ ମିଳୁଛି। ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଥିବାବେଳେ ଅଧିକାଂଶ ସମୟ ଲୋ-ଭୋଲ୍‌ଟେଜ୍ ରହୁଛି। ଫଳରେ ଜନସାଧାରଣ ବିଦ୍ୟୁତ୍ ସେବା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ବାରମ୍ବାର ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଅନଶନ, ଗଣଧାରଣା ଆଦି ଦିଆଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି।

ବିଦ୍ୟୁତ ଯୋଗାଣ ନିମନ୍ତେ ନାଉଗାଁ ଥାନା ଛକଠାରେ ଏକ ଷ୍ଟ୍ରକ୍‌ଚର ପ୍ରତିଷ୍ଠା ହୋଇଥିଲା। ବିଦ୍ୟୁତ୍ ସେବା ତ୍ୱରାନ୍ୱିତ କରିବା ପାଇଁ ୨ଟି ନୂତନ ଷ୍ଟ୍ରକ୍‌ଚର ନିର୍ମିତ ହୋଇଛି। ଅଲଣାହାଟର ଭାତପଡ଼ାଠାରେ ନିର୍ମିତ ଷ୍ଟ୍ରକ୍‌ଚରର ୨ ବର୍ଷ ହେଲା ଉଦ୍‌ଘାଟିତ ହୋଇରହିଥିବା ବେଳେ ଡେରିକିଠାରେ ନିର୍ମିତ ଷ୍ଟ୍ରକ୍‌ଚର ନିର୍ମାଣ ଶେଷହୋଇ ରହିଛି। ଲକ୍ଷାଧିକ ଟଙ୍କାରେ ଏହି ୨ ଷ୍ଟ୍ରକ୍‌ଚର ନିର୍ମାଣ ହୋଇଥିଲେ ମଧ୍ୟ ଉପଭୋକ୍ତାଙ୍କ କାମରେ ଲାଗୁନାହିଁ। ନାଉଗାଁ ବିଦ୍ୟୁତ୍ ଷ୍ଟ୍ରକ୍‌ଚର ଅଧୀନରେ ୪ଟି ଫିଡ଼ର (ଡେରିକି, ରୋହିଆ, ଚାନ୍ଦପୁରା ଓ ଅଲଣାହାଟ) ରହିଛି। ଅଲଣାହାଟ ଫିଡରରୁ ନାଉଗାଁ ଓ ଅଲଣାହାଟକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଅଲଣାହାଟରୁ ୧୦ କିମି ଦୂର ନାଉଗାଁକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବାରୁ ଏହି ଫିଡରରେ ବହୁ ଅସୁବିଧା ହେଉଛି। ଚାନ୍ଦପୁରା ଫିଡର ଉପରେ ବାଂଶ, ନରଣପୁର, ତେଣ୍ଟୋଇ, ଉର, ତିରୁଣା, କୁରିକି ଆଦି ଗ୍ରାମ ନିର୍ଭର କରୁଥିବାରୁ ଲୋ-ଭୋଲ୍‌ଟେଜ୍ ସମସ୍ୟା ରହୁଛି। ସନ୍ଧ୍ୟା ହେଲେ ଲୋକେ ଡିବିରି, ଲଣ୍ଠନ ଲଗାଇବାକୁ ବାଧ୍ୟ ହେଉଛନ୍ତି। ଏ ସମ୍ପର୍କରେ ଅଭିଯୋଗ କଲେ ସେସୁ ଓ ଏନ୍‌ଜେଏନ୍ ପରସ୍ପରକୁ ଦୋଷାରୋପ କରୁଛନ୍ତି। ବିଦ୍ୟୁତ୍ ସମସ୍ୟା ଯୋଗୁ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବର୍ତ୍ତମାନ ବିଭିନ୍ନ ପରୀକ୍ଷାଫଳ ପ୍ରକାଶ ପାଉଥିବାବେଳେ ନାମଲେଖା ପାଇଁ ପିଲାମାନେ ଆବେଦନ କରୁଛନ୍ତି। ଏସବୁ କାର୍ଯ୍ୟରେ ଏବେ ବହୁ ଅସୁବିଧା ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବ୍ଲକରେ ଥିବା ସେସୁ ଯନ୍ତ୍ରୀ କମଳାକାନ୍ତ ବିଷୋଇଙ୍କୁ ୨ ମାସ ହେଲା ଡେପୁଟେଶନରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ବାଲିକୁଦା ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କୁ ନାଉଗାଁ ଦାୟିତ୍ୱରେ ରଖାଯାଇଛି। ୨ ବ୍ଲକ ଦାୟିତ୍ୱରେ ଜଣେ ଅଧିକାରୀ ଥିବାରୁ ଠିକ୍ ଭାବେ କାର୍ଯ୍ୟ ହୋଇପାରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

■ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ବାଧାପ୍ରାପ୍ତ

# ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ବିରିଡ଼ି,୨୪।୬(ଡି.ଏନ.ଏ)

ବିରିଡ଼ି ବ୍ଲକସ୍ତରୀୟ ତ୍ରୈମାସିକ ବ୍ୟାଙ୍କର୍ସ କମିଟି ବୈଠକ ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବ୍ଲକ ପ୍ରଗତି ସହାୟକ ସୁରେନ୍ଦ୍ରନାଥ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅଗ୍ରଣୀ ବ୍ୟାଙ୍କ ପରିଚାଳକ ସତିଶ ପାତ୍ର, ଏଇଡିଏମ ଅନିଲ ପଟ୍ଟନାୟକ, ଆରସେଟି ଡାଇରେକ୍ଟର ଅକ୍ଷୟ ବାନାର୍ଜୀ, ଏପିକଲ ନୋଡାଲ ଅଫିସର ରବୀନ୍ଦ୍ର ଦାଶ, ଏଫଆଇସି ଏ.ସି. ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଆର୍ଥିକ ଅନଗ୍ରସର ଏସଏଚଜିକୁ ସ୍ୱାବଲମ୍ବୀ କରିବା ପାଇଁ କି ପ୍ରକାର ସହାୟତା ଦିଆଯାଉଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। କୃଷକଙ୍କୁ କିପରି ସହଜରେ ୫୦ ଭାଗ ରିହାତି ଯୋଜନାରେ ଋଣ ପ୍ରଦାନ କରାଯାଇପାରିବ ସେ ସମ୍ବନ୍ଧରେ ଉପସ୍ଥିତ ଅଧିକାରୀ ସଚେତନ କରାଇଥିଲେ। ବୈଠକରେ କାନାରା ବ୍ୟାଙ୍କ ପୁରଣ ଶାଖା ପରିଚାଳକ ଏନ ବଲରାଜନ, ଇଣ୍ଡିଆନ ବ୍ୟାଙ୍କ ବିରିଡ଼ି ଶାଖା ପକ୍ଷରୁ ତୁଷାର ବେହେରା, କାନାରା ବ୍ୟାଙ୍କ ଗୋପିନାଥପୁର ଶାଖା ପରିଚାଳକ ପ୍ରକାଶ ଗୁରୁ, ଓଜିବି ବାଲିଆ ହାଟ ଶାଖା ପରିଚାଳକ ଶର୍ମିଷ୍ଠା ମହାପାତ୍ର, ଇଣ୍ଡିଆନ ବ୍ୟାଙ୍କ ଉତ୍ତରଶାସନ ଶାଖା ପରିଚାଳକ ବିକାଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ବିପିନ ବିହାରୀ ବିଶ୍ୱାଳ
ଆବିର୍ଭାବ: ୧୦।୧୦।୧୯୫୯
ତିରୋଧାନ: ୧୫।୦୬।୨୦୧୯
ଆଳସାହି, ଅସ୍ତରଙ୍ଗ, ପୁରୀ
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମା'ମଙ୍ଗଳାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ପତ୍ନୀ, ଭାଇ, ଭାଉଜ, ଭଉଣୀ, ଭିଣୋଇ, ଝିଅ, ଜ୍ୱାଇଁ, ପୁତ୍ର ଓ ବୋହୂ, ନାତି, ନାତୁଣୀ ସମେତ ବନ୍ଧୁ ଓ ପ୍ରିୟଜନ।
ଧ-୬୬୯୧୩

# ରଞ୍ଜନ ହତ୍ୟାକାଣ୍ଡ : ସାଙ୍ଗର ସମ୍ପୃକ୍ତି ଅଭିଯୋଗ ଆଣିଲେ ପିତା

**କୁଜଙ୍ଗ,୨୪।୬(ସ୍ୱ.ପ୍ର.):** କୁଜଙ୍ଗ ଥାନା ବନୀପାଟ ଗ୍ରାମର ରମେଶ ପରିଡ଼ାଙ୍କ ପୁଅ ରଞ୍ଜନଙ୍କୁ ଗତ ଜାନୁୟାରୀ ୩ ତାରିଖରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ ୨ ଅଭିଯୁକ୍ତ ହିରଣ୍ୟ ରାଉତ ଓ ଜିତୁ ରାଉତଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପୁରନ୍ଦମ ରାଉତ ଫେରାର ଅଛନ୍ତି। ତେବେ ରଞ୍ଜନଙ୍କ ସହ ମିଶି ବ୍ୟବସାୟ କରୁଥିବା ତାଙ୍କର ଜଣେ ସାଙ୍ଗଙ୍କ କାର୍ଯ୍ୟକଳାପ ଏହି ହତ୍ୟାକାଣ୍ଡ ପରେ ତାଙ୍କ ପରିବାର ଲୋକଙ୍କୁ ବ୍ୟଥିତ କରୁଛି। ତେଣୁ ହତ୍ୟାକାଣ୍ଡରେ ଏହି ଯୁବକଙ୍କ ସମ୍ପୃକ୍ତି ରହିଥିବା ରଞ୍ଜନଙ୍କ ବାପା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବକ ଚଞ୍ଚକତା କରି ରଞ୍ଜନଙ୍କ ନାମରେ ଥିବା ମେଶିନ ହୁଣ୍ଡାଇ ୨୧୦ଚେନ୍ ପୁଲିକୁ ଲୁଚାଇ ରଖି ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ବହୁ କଷ୍ଟରେ ସେ ଗ୍ରାମର ମୁରବୀଙ୍କ ଉପସ୍ଥିତିରେ ଗୋଟିଏ ଜେସିବି ଫେରାଇଥିବାବେଳେ ଏଥିରୁ ଯନ୍ତ୍ରାଂଶ ସବୁ ଖୋଲାଯାଇଥିବା ଦେଖିବାକୁ ମିଳିଛି। ରଞ୍ଜନ ସହ ମିଶି ତିଆରି କରିଥିବା କମ୍ପାନୀ ଶ୍ରୀ ଏସ୍‌ସିଏଲ୍ ଇନ୍‌ଫ୍ରାଟିକ୍ ଲିମିଟେଡ୍‌ରୁ ଏହି ସାଙ୍ଗ ଚଞ୍ଚକତା କରି ଦୁଇଥର ୯ ଲକ୍ଷ ୭୪ ହଜାର ୮୮୪ ଟଙ୍କା ଉଠାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ରଞ୍ଜନ ବ୍ୟବହାର କରୁଥିବା ବହୁ ବିଦ୍ୟୁତ୍ ସରଞ୍ଜାମ, ଆସବାବପତ୍ର ଓ ୫ ମାସର ଦରମା ଆତ୍ମସାତ କରାଯାଇଛି। ମୃତ୍ୟୁ ପୂର୍ବରୁ ଗତବର୍ଷ ଡିସେମ୍ବର ୧୨ରେ ରଞ୍ଜନଙ୍କୁ ଟଙ୍କା ଫେରେଇବା ପାଇଁ ଏହି ସାଙ୍ଗ ହିସାବ କରିଥିଲେ। ଟଙ୍କା ପାଇଁ ରଞ୍ଜନଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ରମେଶ ଏନେଇ କୁଜଙ୍ଗ ଥାନା ଅଧିକାରୀ ଦିଲୀପ ସାହୁଙ୍କୁ ଭେଟିବା ପରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି।

ତଅଁରାରେ ମଦ୍ୟପଙ୍କ ଆତଙ୍କରାଜ

# ଗ୍ରାମବାସୀ ହେଲେ ଥାନାର ଦ୍ୱାରସ୍ଥ

ରଘୁନାଥପୁର,୨୪।୬(ଡି.ଏନ୍.ଏ.)

ରଘୁନାଥପୁର ଥାନା ଅନ୍ତର୍ଗତ ତଅଁରା ଗ୍ରାମରେ ଦିନକୁ ଦିନ ମଦ୍ୟପଙ୍କ ଆତଙ୍କରାଜ ବଢୁଥିବାରୁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସ୍ଥାନୀୟ ଗଡେଶ୍ୱରୀ, ତାଡେକଶ୍ୱର ଓ ତଅଁରା ପ୍ରାଥମିକ ବିଦ୍ୟାଳୟ ନିକଟରେ ଆସାମାଜିକ ମଦ୍ୟପ ବ୍ୟକ୍ତିମାନେ ପ୍ରତିଦିନ ନିଶା ସେବନ କରିବା ସହ ଯିବାଆସିବା ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଫଳରେ ଗ୍ରାମବାସୀ ସେ ବାଟଦେଇ ଯିବାରେ ଅସୁବିଧା ହେଉଛି। ଏ ନେଇ ଗ୍ରାମର ମହିଳା ଓ ପୁରୁଷମାନେ ରଜ ସଂକ୍ରାନ୍ତି ଦିନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଗ୍ରାମବାସୀ ଅଭିଯୋଗ କରିବାକୁ ଯାଇଥିବା ଜାଣି ଗ୍ରାମର ସୁଶା ନାମକ ଏକ ବ୍ୟକ୍ତି ରବିବାର କେତେକ ମହିଳାମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ସୋମବାର ପୁଣି ଗ୍ରାମବାସୀ ଥାନାକୁ ଯାଇ ଅଭିଯୋଗ କରିବାସହ ଉକ୍ତ ବ୍ୟକ୍ତିଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଥିଲେ। ପ୍ରତିଦିନ ମଦ୍ୟପଙ୍କ ଏଭଳି ଗୁଣ୍ଡାରାଜ କରିବା ଦ୍ୱାରା ଗ୍ରାମବାସୀଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ୱାର୍ଡସଭ୍ୟା ଅନୀତା ସ୍ୱାଇଁ, ସୁଚିତ୍ରା ସ୍ୱାଇଁ, ହୀରାମଣି ରାଉତ, ସରୋଜିନୀ ସାହୁ, ସନ୍ଧ୍ୟାରାଣୀ ମହାପାତ୍ରଙ୍କ ସମେତ ଗ୍ରାମବାସୀ ପ୍ରକାଶ କରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡ଼ା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

SINGHANIA
MFC FINANCIAL GROUP
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
94857-90203, 94858-27609

ଲକ୍ଷାଧିକ ଲୋକଙ୍କ ଭରସା
ଅମରାବତୀ କ୍ୟାପିଟାଲ
ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ସୁବିଧା ପାଇଁ ହୋମ, ଏଜୁ୍ୟକେସନ୍, ଗ୍ରୁପ, ପର୍ସନାଲ ଋଣ ବର୍ଷକୁ ୩ % ସୁଧରେ ଯୋଗାଇ ଦିଆଯାଉଛି ।
9319560899
S/C Block B, Green Park, Extn. Delhi-16

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813, 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303, 9354145347

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444, 8860599820

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765, 8512004851

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980, 09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082, 9438286091

REAL ESTATE SALE

FARM HOUSE FOR SALE (AREA - 3.0AC)
At Badamba, Cuttack
Near Maniabandha Petrol Pump
Wire ବାଉଣ୍ଡରୀ ଅଛି / 1.0Ac ବଡ ପୋଖରୀ ଅଛି / Farm ର ସବୁ ଜାଗାକୁ ପାଣି ପାଇପ୍ Connection ହୋଇଛି / Electric Connection ସହିତ ରହିବା ପାଇଁ ଛାତ ଘର (3 Room) ଏବଂ ଗୋରୁ ଗୁହାଳ ଅଛି / 100 ଆମ୍ବ ଫଳନ୍ତି ଗଛ ଅଛି
ଏହି ବଗିଚାର ଚାରିକଡକୁ ଲାଗି ୫୦୦ ରୁ ୭୦୦ ଆକାଶିଆ ଗଛ ଅଛି
7008812379, 9937764514

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବ୍ୟବସାୟୀଙ୍କ ବାଇକ ଡିକିରୁ ସୁନା ଅଳଙ୍କାର ଲୁଟ୍

**କୁଜଙ୍ଗ,୨୪।୬(ସ୍ୱ.ପ୍ର.):** କୁଜଙ୍ଗ ଗୋପବନ୍ଧୁ ବଜାରରେ ରବିବାର ଜଣେ ବ୍ୟବସାୟୀଙ୍କ ବାଇକ୍ ଡିକିରୁ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। କୁଜଙ୍ଗ ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ଏଭଳି ଲୁଟ୍ ହୋଇଥିଲେ ମଧ ପୋଲିସ ଲୁଟେରାଙ୍କ ସୁରାକ ପାଇପାରିନାହିଁ। ପ୍ରକାଶ ଯେ, ଉଦୟବଟ ଭିତରଗଡ଼ର ବ୍ୟବସାୟୀ ପ୍ରାଣକୃଷ୍ଣ ସାହୁ ନିଜ ବାଇକ ଡିକିରେ ପ୍ରାୟ ୮୦ ହଜାର ଟଙ୍କାର ସୁନା ଅଳଙ୍କାର ରଖି ବଜାର ଆଡକୁ ଯାଉଥିଲେ। ବଜାରରେ ବାଇକ୍ ରଖି ଏକ ଦୋକାନକୁ ଯାଇଥିବାବେଳେ ତାଙ୍କୁ ପିଛା କରୁଥିବା ଦୁର୍ବୃତ୍ତମାନେ ଡିକିରୁ ସୁନା ଅଳଙ୍କାର ଲୁଟିନେଇ ଏକ ଆପାଚି ବାଇକ୍‌ରେ ପଳାଇଥିଲେ। ଏନେଇ କୁଜଙ୍ଗ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି।

### କେନାଲ ପୋଲ ଶିଳାନ୍ୟାସ

**କୁଜଙ୍ଗ,୨୪।୬(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ବଳରାମପୁର ପେଟ୍ରୋଲ ପମ୍ପ ଓ କଳଦୀପ ଗଡ଼ା ନିକଟରେ ତାଳଦଣ୍ଡା କେନାଲ ଉପରେ ଦୁଇଟି ପୋଲ ନିର୍ମାଣ ପାଇଁ ବିଧାୟକ ସମ୍ବିତ ରାଉତରାୟ ଶିଳାନ୍ୟାସ କରିଛନ୍ତି। ବଳରାମପୁରରେ ପ୍ରାୟ ୧୬ ଲକ୍ଷ ଟଙ୍କା ଓ କଳଦୀପରେ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପୋଲ ନିର୍ମାଣ ହେବ। କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ, ଜଳସମ୍ପଦ ବିଭାଗ ଉପଖଣ୍ଡ ଅଧିକାରୀ ରାଜେଶ ମହାନ୍ତି ଓ କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅରୁଣ କୁମାର ବେହେରା, ପୂର୍ବତନ ସରପଞ୍ଚ ସବିତା ମହାପାତ୍ର, ନରକହାରୀ ଦାସ, ପ୍ରଦୀପ୍ତ ହାତୀ, ସନାତନ କୁଅଁର, କୁମର ବେହେରା, କୈଳାସ ବେହେରା, ଶିଶିର ବେହେରା, ଅକ୍ଷୟ କୁମାର ବେହେରା, ସାରଦା ମଲ୍ଲ ଓ ବିଶ୍ୱନାଥ ହାତୀ ଉପସ୍ଥିତ ଥିଲେ।

### କଠିନ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା

**ପାରାଦୀପ,୨୪।୬(ସ୍ୱ.ପ୍ର.):** ସ୍ଥାନୀୟ ମଧୁବନ ପୌର କଲ୍ୟାଣ ମଣ୍ଡପରେ ସୋମବାର କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଭାଗ ନେଇଥିବା ସଫେଇ କର୍ମଚାରୀ, ଜରି ଗୋଟାଳି, ସୁପରଭାଇଜର, ଜମାଦାର, ଠିକାଦାର ପ୍ରମୁଖଙ୍କୁ ଏହି ଅବସରରେ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଗତ ୧୫ ଦିନ ହେଲା ପ୍ରତି ୱାର୍ଡର ଜନସାଧାରଣ ଓ ସେଫଇ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ସୋମବାର ୧୯ ୱାର୍ଡର ସମସ୍ତଙ୍କୁ ଏକାଠି କରି କାର୍ଯ୍ୟକ୍ରମ କରାଯାଇଥିଲା। ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷା ପ୍ରଭାତି ନାୟକ, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜେନ୍ଦ୍ର କୁମାର ନାୟକଙ୍କ ସହ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ।

■ କେନାଲ ଅବରୋଧ କରି ଗୃହ ନିର୍ମାଣ

# ତହସିଲ କାର୍ଯ୍ୟାଳୟ ଆଗରେ ପ୍ରତିବାଦ

**ତିର୍ତ୍ତୋଲ,୨୪।୬(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ପଞ୍ଚାୟତର ଶାରଳାରୋଡ ବଜାର ଶେଷମୁଣ୍ଡରେ କେନାଲ ଅବରୋଧ କରି ଜଣେ ବ୍ୟକ୍ତି ସ୍ଥାୟୀ ଗୃହ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବାଇଁଗୋଳ ଓ ତେନ୍ତୁଳିପଦା ରାଜସ୍ୱ ଗ୍ରାମର ଚାଷଜମିକୁ ଏହି କେନାଲ ଦ୍ୱାରା ଜଳସେଚନ ସୁବିଧା ହୋଇଥାଏ। ତେଣୁ କେନାଲ ଅବରୋଧକୁ ବିରୋଧ କରି ଏହି ଗ୍ରାମର ଚାଷୀମାନେ ସୋମବାର ତହସିଲ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ବାଇଁଗୋଳ, ତେନ୍ତୁଳିପଦା ଓ ରଥିପୁର ଗ୍ରାମର ଚାଷୀମାନଙ୍କ ତରଫରୁ ପୂର୍ବରୁ ଏନେଇ ତହସିଲଦାରଙ୍କୁ ଅଭିଯୋଗପତ୍ର ଦିଆଯାଇଥିଲା। ଏହି କେନାଲ ଦ୍ୱାରା ୨୦୦ ପରିବାରର ୫୦୦ ଏକର ଚାଷଜମିକୁ ନିରବିଚ୍ଛିନ୍ନ ଜଳସେଚନ ସୁବିଧା ହେଉଥିବାରୁ ସ୍ଥାୟୀ ନିର୍ମାଣ ବନ୍ଦ ପାଇଁ ଏଥିରେ ନିବେଦନ କରାଯାଇଥିଲା। ପରେ ତହସିଲ ପ୍ରଶାସନ ପକ୍ଷରୁ ସେଠାରେ ୧୪୪ ଧାରା ଜାରି କରାଯାଇଥିଲା। ତେଣୁ ସମ୍ପୃକ୍ତ ବ୍ୟକ୍ତି ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। କିନ୍ତୁ ୧୪୪ ଧାରା ଉଠିଯିବା ପରେ ସମ୍ପୃକ୍ତ ବ୍ରକ୍ତି ପୁଣି ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ବାଇଁଗୋଳ ଗ୍ରାମର ଚାଷୀମାନେ ତହସିଲଦାର ସୁଜାତା ପାତ୍ରଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ନିର୍ମାଣ କରୁଥିବା ପ୍ଲଟର ପଛପଟେ ଥିବା ୧୯୨୬ ନମ୍ବର ପ୍ଲଟର କିଛି ଅଂଶକୁ ମଧ ସେ ଜବରଦଖଲ କରି ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଏସବୁର ସୀମା ନିର୍ଦ୍ଧାରଣ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ସେମାନେ ଦାବି କରିଛନ୍ତି। ପରେ ଚାଷୀମାନେ ଜଗତସିଂହପୁର ଉପଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଉପଜିଲାପାଳ ସୀମା ନିର୍ଦ୍ଧାରଣ କରିବା ପାଇଁ ତିର୍ତ୍ତୋଲ ତହସିଲ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।



ତିର୍ତ୍ତୋଲ ତହସିଲ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ପ୍ରଦର୍ଶନ କରୁଥିବା ଚାଷୀମାନେ।

■ କୁଜଙ୍ଗ ପଞ୍ଚାୟତ ସମିତି ବୈଠକ

# ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

**କୁଜଙ୍ଗ,୨୪।୬(ସ୍ୱ.ପ୍ର.)**

କୁଜଙ୍ଗ ପଞ୍ଚାୟତ ସମିତିର ସପ୍ତମ ବୈଠକ ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧକ୍ଷ ସ୍ମୃତିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ ପାରାଦୀପର ନବନିର୍ବାଚିତ ବିଧାୟକ ସମ୍ବିତ ରାଉତରାୟଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ଜନସାଧାରଣ ଯେପରି ଏଥିରେ ଉପକୃତ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ବୈଠକ ପୂର୍ବାହ୍ନରେ ହେବାର ଥିଲା। ମାତ୍ର ବିଧାୟକଙ୍କ ଜରୁରୀ କାର୍ଯ୍ୟ ପାଇଁ ଏହାକୁ ଅପରାହ୍ନକୁ ଘୁଞ୍ଚାଇ ଦିଆଯାଇଥିଲା। ପ୍ରଥମେ ବିଧାୟକ ରାଉତରାୟ ନବୀକରଣ ହୋଇଥିବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା, କୃଷି, ଉଦ୍ୟାନ, ମତ୍ସ୍ୟ ବିଭାଗ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଜଳ ଯୋଗାଣ ଓ ପରିମଳ ବିଭାଗ, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଜଳସମ୍ପଦ, ପ୍ରାଥମିକ ଶିକ୍ଷା ଆଦି ବିଭାଗର ଅଧିକାରୀମାନେ ସେମାନଙ୍କ ବିଭାଗରେ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। କୁଜଙ୍ଗରେ କିଛି ପ୍ରକଳ୍ପ ଅଧୁରା ରହିଥିବା ଓ ଆଉ କିଛି ପ୍ରକଳ୍ପ ନୂତନ ଭାବେ କାର୍ଯ୍ୟକାରୀ କରାଯିବା ସମ୍ପର୍କରେ କୁହାଯାଇଥିଲା। ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଣ୍ଡା, ଜିପିଓ ସତ୍ୟଜିତ ସ୍ୱାଇଁ, ପଞ୍ଚାୟତ ସମିତି ଉପାଧକ୍ଷ ପୁଷ୍ପଲତା ବେହେରା, ଅତିରିକ୍ତ ବିଡିଓ ସନ୍ତୋଷ କୁମାର ଶତପଥୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ୨ ବର୍ଷ ହେବ ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ଆସୁ ନ ଥିବା, ୨୦୧୧ ଜନ ଗଣନାରେ ଚାଳ ଘର ଥିବା ବ୍ୟକ୍ତିଙ୍କୁ ଭୁଲରେ କୋଠାଘର ରହିଥିବା ଦର୍ଶାଯିବା, ଭୁତମୁଣ୍ଡାଇ ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଜବର ଦଖଲ ଯୋଗୁ ଉନ୍ନୟନ କାର୍ଯ୍ୟା ବାଧାପ୍ରାପ୍ତ ହେଉଥିବା ସମ୍ପର୍କରେ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁଙ୍କ ସହ ଅନ୍ୟ ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟମାନେ ଅଂଶଗ୍ରହଣ କରିଥିଲେ।

# ନୂଆ ଜିଲାପାଳ ଭାବେ ଦାୟିତ୍ୱ ନେଲେ ସଂଗ୍ରାମ ମହାପାତ୍ର

**ଜଗତ୍‌ସିଂହପୁର ଅଫିସ,୨୪।୬**

ଜଗତ୍‌ସିଂହପୁରର ନୂଆ ଜିଲାପାଳ ଭାବେ ସୋମବାର ସଂଗ୍ରାମ କେଶରୀ ମହାପାତ୍ର ଯୋଗଦାନ କରିଛନ୍ତି। ଏହି ଅବସରରେ ସେ ପୂର୍ବତନ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କଠାରୁ ଦାୟିତ୍ୱ ଭାର ଗ୍ରହଣ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ଏଥିରେ ସେ ଉପସ୍ଥିତ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୫ଟି ମନ୍ତ୍ର ଟେକ୍‌ନୋଲୋଜି, ଟ୍ରାନ୍ସପାରେନ୍ସି, ଟିମ୍‌ୱାର୍କ, ଟ୍ରାନ୍ସଫରମେଶନ୍ ଓ ଟାଇମ ଉପରେ ଧାନ ଦେଇ କାର୍ଯ୍ୟ କରିବାକୁ କହିଥିଲେ। ଜିଲାପାଳ ମହାପାତ୍ର ଜଗତ୍‌ସିଂହପୁର ଜିଲାର ସନ୍ତାନ ହୋଇଥିବାରୁ ସର୍ବାଙ୍ଗୀନ ଉନ୍ନତି ସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ, କୃଷି ଓ ପାନୀୟ ଜଳ ଯୋଗାଣ ଉପରେ ଅଧିକ ଧାନ ଦେବେ ବୋଲି କହିଥିଲେ। ପୂର୍ବରୁ ସେ ରାଜସ୍ୱ ବିଭାଗରେ ରହି ଜମିପଟା କମ୍ପ୍ୟୁଟରୀକରଣ ଆଦି ସଫଳତାର ସହ ସମ୍ପାଦନ କରି ପ୍ରଶଂସିତ ହୋଇଛନ୍ତି। ଦୁର୍ନୀତିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ସେ ପ୍ରକାଶ କରିବା ସହ ଗ୍ରାମାଞ୍ଚଳ ଲୋକଙ୍କୁ ମୌଳିକ ସୁବିଧା ପ୍ରଦାନ କରିବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁ ଚରଣ ଧୀର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗର ଯନ୍ତ୍ରୀ ଉପସ୍ଥିତ ଥିଲେ।



ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଅନ୍ୟ ଅଧିକାରୀମାନେ ସ୍ୱାଗତ କରୁଛନ୍ତି।

# ଜିଲାପାଳଙ୍କ ବଦଳିରେ ଉତ୍ସବ ପାଳିଲେ ଲୋକେ



ଜିଲାପାଳଙ୍କ ବଦଳି ପରେ ବାଣ ଫୁଟାଇ ଉତ୍ସବ ପାଳୁଥିବା ସ୍ଥାନୀୟ ଲୋକେ।

**ଜଗତ୍‌ସିଂହପୁର ଅଫିସ,୨୪।୬**

ସୋମବାର ଜଗତ୍‌ସିଂହପୁର ବିଜୁ ପଟ୍ଟନାୟକ ଛକରେ ଶତାଧିକ ବ୍ୟକ୍ତି ଆତସବାଜୀ ଫୁଟାଇ ଉତ୍ସବ ମନାଉଥିବା ଦେଖିବାକୁ ମିଳିଛି। ତେବେ ଏହି ଉତ୍ସବର କାରଣ ଶୁଣିଲେ ଯେ କେହି ବିସ୍ମିତ ହେବା ସ୍ୱାଭାବିକ। କାହାର ବିଜୟ କିମ୍ବା କୌଣସି ମେଳା ମହୋତ୍ସବ ପାଇଁ ନୁହେଁ, ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ବଦଳିରେ ଖୁସି ହୋଇ ଏଭଳି ଉତ୍ସବ ପାଳିଛନ୍ତି ଲୋକେ। ଜଣେ ପ୍ରଶାସନିକ ଅଧିକାରୀଙ୍କ ବଦଳିରେ ଖୁସି ହୋଇ ଲୋକେ ଏଭଳି ଉତ୍ସବ ପାଳିବା ଜଗତ୍‌ସିଂହପୁରରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ପ୍ରକାଶ ଯେ, ମାତ୍ର ୪ ମାସ ହେଲା ଅର୍ଥାତ୍ ସାଧାରଣ ନିର୍ବାଚନ ପୂର୍ବରୁ ଗୁହା ପୁନମ ତାପସ କୁମାର ଏଠାରେ ନିଯୁକ୍ତ ହୋଇଥିଲେ। ତେବେ ଏହି ୪ ମାସ ଭିତରେ ସେ କ'ଣ କଲେ ଯେ ଲୋକେ ତାଙ୍କ ପ୍ରତି ବିତସ୍ପୃହ ହୋଇପଡ଼ିଲେ, ତାହାକୁ ନେଇ ନାନା କଥା ଆଲୋଚନା ହେଉଛି। କୁହାଯାଉଛି ନିର୍ବାଚନ ଠିକ୍ ଭାବେ ପରିଚାଳନା କରି ନ ପାରିବା ତାଙ୍କର ବଡ଼ ବିଫଳତା। ନାମାଙ୍କନପତ୍ର ଦାଖଲଠାରୁ ଇଭିଏମ୍ ନେବାଆଣିବା ଓ ଗଣତି କରିବା ଆଦି କୌଣସି କାମ ଠିକ ଭାବେ ହୋଇ ନ ଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅବ୍ୟବସ୍ଥା ଯୋଗୁ ଏକାଧିକ କର୍ମଚାରୀ ଅଂଶୁଘାତର ଶିକାର ହୋଇଥିଲେ। ଗଣତି ଦିନ ଅନେକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥିଲା। ଗଣତି ପରେ ଦୀର୍ଘଦିନ ପର୍ଯ୍ୟନ୍ତ ମହାବିଦ୍ୟାଳୟ ପରିସର ଅପରିଷ୍କାର ହୋଇ ରହିଥିଲା। ବିଭାଗୀୟ କର୍ମଚାରୀମାନେ ମଧ ତାଙ୍କ ଉପରେ ଅତିଷ୍ଠ ଥିବା କୁହାଯାଉଛି। ଯେଉଁ ଫାଇଲ ଜିଲାପାଳଙ୍କ ନିକଟକୁ ଯାଉଥିଲା ତାହା ଫେରିବାରେ ଯଥେଷ୍ଟ ବିଳମ୍ବ ହେଉଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ୪ ମାସ ଭିତରେ ଜିଲାରେ ବିକାଶ ଏକ ପ୍ରକାର ସ୍ଥାଣୁ ପାଲଟିଯାଇଥିଲା। ତେଣୁ ଜିଲାପାଳଙ୍କ ବିରୋଧରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥିଲା। ଏ ଭିତରେ ତାଙ୍କର ବଦଳି ହୋଇଯିବାରୁ ଲୋକେ ଉତ୍ସବ ପାଳିଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା ରାକେଶ ରାଉତ, ସ୍ୱାଧୀନ ସ୍ୱାଇଁ, ସୂର୍ଯ୍ୟକାନ୍ତ ସାହୁ, ସୁବାସ ଚାନ୍ଦ, ଅନିଲ ଦାସ, ଜିତେନ୍ଦ୍ର ବେହେରା, ରାଜନ ସାହୁ, ପ୍ରଜ୍ଞାପ୍ରଣବ ଆଚାର୍ଯ୍ୟ, ଆଶିଷ ଗୋଛାୟତ, ଲୋକନାଥ ସ୍ୱାଇଁ, ସୌମ୍ୟ ଦାସ, ସୌଭାଗ୍ୟ ସ୍ୱାଇଁ ଓ ପୁପୁନ ସ୍ୱାଇଁ ପ୍ରମୁଖ।

### କାଜୁ ତୋଳାକୁ ନେଇ ଆକ୍ରମଣ ଘଟଣା ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

**ଏରସମା,୨୪।୬(ସ୍ୱ.ପ୍ର.)**

ଏରସମା ଥାନା କୁଞ୍ଜକୋଠି ପଞ୍ଚାୟତର କନାଗୁଲି ଗ୍ରାମରେ କାଜୁ ବଗିଚାକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଛି। କାଜୁ ତୋଳିବା ସମୟରେ ଜଣେ ଦଳିତ ମହିଳାଙ୍କୁ ସେହି ଗ୍ରାମର କେତେଜଣ ମରଣାନ୍ତକ ଆକ୍ରମଣ କରିଥିବା ଏରସମା ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ନ୍ୟାୟ ନ ପାଇବାରୁ ଅଭିଯୋଗକାରୀ ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, କନାଗୁଲି ଗ୍ରାମର ଏକ କାଜୁ ବଗିଚାକୁ ନେଇ ସେହି ଗ୍ରାମର ନୃସିଂହ ଦାସଙ୍କ ପରିବାର ସହ ଗୁରୁ ଦାସଙ୍କ ପରିବାର ମଧରେ ବିବାଦ ଲାଗିଥିଲା। ଗତ ମେ ୧୩ରେ ନୃସିଂହଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଉକ୍ତ ବଗିଚାରୁ କାଜୁ ତୋଳୁଥିଲେ। ଏହି ସମୟରେ ଗୁରୁ ଦାସ, ସାରଦା ଦାସ ଓ ପ୍ରମିଳା ଦାସ ତାଙ୍କୁ ବିରୋଧ କରିବାରୁ ବଚସା ହୋଇଥିଲା। ଏଥିରେ ରାଗିଯାଇ ସେମାନେ ମିଳିତ ଭାବରେ ଜ୍ୟୋତ୍ସ୍ନାରାଣୀଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିବା ସେହିଦିନ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ମାମଲା ନଂ. ୭୧/୧୯ରେ ରୁଜୁ ହୋଇଛି। ଆହତ ଜ୍ୟୋତ୍ସ୍ନାରାଣୀ ପ୍ରଥମେ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ।

ତୈଳ ବିଶୋଧନାଗାରରେ ନିଯୁକ୍ତି ପ୍ରସଙ୍ଗ

# ଜମିହରା କୃଷକ ଏକତା ମଞ୍ଚର ଧାରଣା

**ପାରାଦୀପ,୨୪।୬(ସ୍ୱ.ପ୍ର.)**

ରାଷ୍ଟ୍ରାୟତ ଉଦ୍ୟୋଗ ଇଣ୍ଡିଆନ୍ ଅଏଲର ପାରାଦୀପ ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ଆଗରେ ସୋମବାରଠାରୁ ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। ବିଶୋଧନାଗାର ପ୍ରକଳ୍ପରେ ଜମିହରା ୧୭୫୨ ପରିବାରଙ୍କୁ ନିଶ୍ଚିତ ନିଯୁକ୍ତି ପ୍ରଦାନ ଦାବିରେ ଏହି ଧାରଣା ଚାଲିଛି। ତେବେ ରାତିରେ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଉକ୍ତ ଦାବି ସମ୍ପର୍କରେ ତ୍ରିପାକ୍ଷିକ ଆଲୋଚନା କରିଥିଲେ ମଧ ମଞ୍ଚର ମୁଖିଆମାନେ ନିଯୁକ୍ତି ନିଶ୍ଚିତ ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଛନ୍ତି। ଫଳରେ ଆଲୋଚନା ବିଫଳ ହୋଇଛି। ଏହି ଧାରଣା ରାତିଦିନ ଚାଲିବ ବୋଲି ମଞ୍ଚର ଉପଦେଷ୍ଟା ଅରିନ୍ଦମ ସର୍ଖେଲ (ବାପି) କହିଛନ୍ତି। ଏହି ଧାରଣାରେ ମଞ୍ଚର ଦୁଇ ସମାନ୍ତରାଳ ସଙ୍ଗଠନ ଏକତ୍ରିତ ହୋଇ ସାମିଲ ହୋଇଛନ୍ତି। ଏଥିରେ ଅଭୟ ସାହୁ, ମଞ୍ଚର ସଭାପତି ନବୀନ ପ୍ରଧାନ, ସୁବାସ ମହାପାତ୍ର, ସମ୍ପାଦକ ବାଇଧର ସାମଲ ପ୍ରମୁଖ ଯୋଗଦେଇ ଧାରଣାରେ ବସିଛନ୍ତି।




ଧାରଣାରେ ସାମିଲ ହୋଇଥିବା ମଞ୍ଚର କର୍ମକର୍ତ୍ତା ଓ ଜମିହରା ପରିବାର।

# ଛୋଟ ପ୍ରୟାସ ସୃଷ୍ଟି କଲା ଆଦର୍ଶ ପ୍ରୟାସ

**ପାରାଦୀପ,୨୪।୬ (ସ୍ୱ.ପ୍ର.)**





ବିଭିନ୍ନ ସମୟରେ ସଫେଇ ଓ ଚାରା ରୋପଣ କାର୍ଯ୍ୟରେ ସାମିଲ ହୋଇଥିବା ଆଦର୍ଶ ପ୍ରୟାସ ସଙ୍ଗଠନର କର୍ମକର୍ତ୍ତାମାନେ।

କର୍ମମୟ ଜୀବନରୁ ସମୟ ମିଳିଲେ ଜମୁଥିଲା ଖଟି। ହେଲେ ହଠାତ୍ ବଦଳିଗଲା ଜୀବନର ରାସ୍ତା। ଦୁର୍ଘଟଣାରେ ଗୁରୁତର ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଆଶୁ ଚିକିତ୍ସା ଯୋଗାଇବାରେ ସଫଳ ହେବା ପରେ ଜନ୍ମ ନେଲା ନୂଆ ସଂକଳ୍ପ। ଏଣିକି ଆଉ ଖଟି ନୁହେଁ, ସମୟ ମିଳିଲେ ଅନ୍ୟ ପାଇଁ କିଛି କରିବାର ଇଚ୍ଛା ଉଙ୍କିମାରିଲା ସେମାନଙ୍କ ମନରେ। ସେଦିନର ସେହି ଛୋଟିଆ ପ୍ରୟାସ ଆଜି ସେମାନଙ୍କୁ ଆଦର୍ଶ ପ୍ରୟାସ ନାମରେ ଦେଇଛି ନୂଆ ପରିଚୟ। ଦେବକଲ୍ୟାଣ ମହାପାତ୍ର, ଦେବୀପ୍ରସାଦ ସାହୁ, ଦେବ ମଣ୍ଡଳ, ଦେବବ୍ରତ ପତି, ଦୀପକ ସାହୁ, ଦୀପକ ସ୍ୱାଇଁ ଓ ଅମରେଶ ମଣ୍ଡଳ ପ୍ରମୁଖଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଯୁବକ ଏବେ ଆଦର୍ଶ ପ୍ରୟାସ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା। ଏମାନଙ୍କ ମଧରୁ ଅଧିକାଂଶ ଯୁବକ ପାରାଦୀପର ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରନ୍ତି। ଆଉ କେତେଜଣ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାନ୍ତି। ସମୟ ମିଳିଲେ ଅଠରବାଙ୍କୀ ଛକସ୍ଥିତ ବିଜୁ ପଟ୍ଟନାୟକ ପାର୍କଠାରେ ମିଳିତ ହୋଇ ଖଟି କରନ୍ତି।

୨୦୧୧ ମସିହାରେ ଦିନେ ସେହି ଯୁବକମାନେ ଉକ୍ତ ଛକରେ ବସିଥିବାବେଳେ ଏକ ଦୁର୍ଘଟଣା ଘଟିଲା। ଏକ ଭାରିଯାନ ଧକ୍କାରେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ରାସ୍ତାରେ ପଡି ଛଟପଟ ହେଉଥିଲେ। କେହି ତାଙ୍କୁ ଉଠାଇ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ନ ଥିଲେ। ତେବେ ଦେବୀପ୍ରସାଦ ଓ ଅମରେଶ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବିଜୁ ମେମୋରିଆଲ ହସ୍ପିଟାଲକୁ ନେଇଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ଓ ନିଜ ମଧରେ ଅର୍ଥ ଆଦାୟ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ଚିକିତ୍ସା କରାଇଲେ। ଫଳରେ ସମ୍ପୃକ୍ତ ବ୍ୟକ୍ତି ସୁସ୍ଥ ହୋଇଥିଲେ। ଏହି ଘଟଣା ଯୁବଗୋଷ୍ଠୀଙ୍କ ମନରେ ଏକ ପ୍ରକାର ଭାବାନ୍ତର ସୃଷ୍ଟି କଲା। ସେବେଠାରୁ ଚାଲିଲା ସାମାଜିକ କାର୍ଯ୍ୟ। ସେମାନଙ୍କ ସହ ଯୋଡ଼ିହେଲେ ବନ୍ଦର ଯନ୍ତ୍ରୀ ତଥା ପରିବେଶ ପ୍ରେମୀ ଅମରେଶ ନରେଶ ସାମନ୍ତ। ପାରାଦୀପର କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସେମାନେ କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିବାକୁ ଆରମ୍ଭ କଲେ। ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ପରିସରରେ ଗଛ ଲଗାଇବା ସହ ପାଳି କରି ପାଣି ଦେଲେ ଓ ଯତ୍ନ ନେଲେ। ଧିରେ ଧିରେ ସେମାନଙ୍କ ସହ ଆହୁରି ଅନେକ ଯୁବକ ସାମିଲ ହେଲେ। ୨୦୧୨ରେ ସମସ୍ତେ ମିଶି ତିଆରି କଲେ ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ। କୌଣସି ସରକାରୀ ଓ ବେସରକାରୀ ସହଯୋଗ ବିନା ସେମାନେ ଗଛ ଲଗାଇ ଚାଲିଲେ। ୭ ବର୍ଷ ମଧରେ ସେମାନେ ହସ୍ପିଟାଲ, ପାରାଦୀପ ଗଡ଼ ବିଦ୍ୟାଳୟ, ଡପ୍‌ଲର ରାଡ଼ାର ଓ କଲେଜ ପରିସରରେ କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ଏଥିସହ ଜଙ୍ଗଲରେ ଜୀବଜନ୍ତୁ ଓ ପକ୍ଷୀଙ୍କ ପାଇଁ ରହଣୀ ବ୍ୟବସ୍ଥା କରାଯାଇଛି। ଖରାଦିନେ ସେମାନଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରାଯାଉଛି। ମାନସିକ ବିକାରଗ୍ରସ୍ତଙ୍କୁ ଚିକିତ୍ସା, ପୋଷାକ ଓ ଖାଦ୍ୟ ଆଦି ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗାଉଛନ୍ତି।

ଏଥିସହ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ସହାୟତା, ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ପାଠ୍ୟ ଉପକରଣ, ପ୍ରତିମାସ ଓ ପୂଜା ପାର୍ବଣ ବେଳେ ସଫେଇ, ବେଳାଭୂମି ସଫେଇ, ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନତା ସୃଷ୍ଟି, ଝୋଟ ବ୍ୟାଗ ବଣ୍ଟନ, ରକ୍ତଦାନ ଶିବିର, ଅଗ୍ନି ବିପନ୍ନଙ୍କୁ ସହାୟତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ, ଟ୍ରାଫିକ ସଚେତନତା ଆଦି କାର୍ଯ୍ୟ କରାଯାଉଥିବା ସଙ୍ଗଠନର ଉପଦେଷ୍ଟା ବିଷ୍ଣୁ ଚରଣ ମୁଦୁଲି କହିଛନ୍ତି। ଏଥିପାଇଁ ସଙ୍ଗଠନକୁ ପୌରପାଳିକା ପକ୍ଷରୁ ଏକାଧିଥର ସମ୍ମାନିତ କରାଯାଇଛି। କିନ୍ତୁ ଅନ୍ୟ କେଉଁଠାରୁ କୌଣସି ପ୍ରକାର ପ୍ରୋତ୍ସାହନ ମିଳିନାହିଁ ବୋଲି କହିଛନ୍ତି ସଦସ୍ୟ କୈବଲ୍ୟ ସାହୁ। ତେବେ ସଙ୍ଗଠନ କାହାଠାରୁ ଆର୍ଥିକ ପ୍ରୋତ୍ସାହନ ଆଶା କରୁନାହିଁ। କାରଣ ସଦସ୍ୟମାନେ ପ୍ରତ୍ୟକ ଖର୍ଚ୍ଚ ମିଳିତ ହୋଇ ବହନ କରୁଛନ୍ତି। ଆଗାମୀ ଦିନରେ ପ୍ରଦୂଷଣମୁକ୍ତ ପାରାଦୀପ ଓ ଦୁର୍ଘଟଣା ରହିତ ରାଜପଥ ନିମନ୍ତେ କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି ସୁଧିର ପରିଡ଼ା। ଆଜିର ଯୁବପିଢି ବିଭିନ୍ନ କାରଣରୁ ପଥଭ୍ରଷ୍ଟ ହେଉଛନ୍ତି। ଏଭଳି ସ୍ଥିତିରେ ବ୍ୟବସ୍ଥାରେ ପରିବର୍ତ୍ତନ ଲକ୍ଷ୍ୟ ରଖି ଆଗେଇ ଚାଲିଥିବା ଆଦର୍ଶ ପ୍ରୟାସର ଯୁବକମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

## ସଂକ୍ଷେପରେ

### ନୂତନ ଜିଲାପାଳଙ୍କ ଯୋଗଦାନ



**କେନ୍ଦ୍ରାପଡା ଅଫିସ, ୨୪।୬:** ଆଇଏଏସ୍ ସମର୍ଥ ବର୍ମା କେନ୍ଦ୍ରାପଡାର ନୂତନ ଜିଲାପାଳ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଡିଏମ୍ ବସନ୍ତ କୁମାର ରାଉତଙ୍କଠାରୁ ଅପରାହ୍ନରେ ସେ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାବାସୀଙ୍କ ସହଯୋଗ କାମନା କରିଛନ୍ତି । ଏଥିସହ ଜିଲାର ବିକାଶ ପାଇଁ ବଦ୍ଧ ପରିକର ବୋଲି ଖବରଦାତାଙ୍କୁ ସୂଚନା ଦେଇଛନ୍ତି । ଏହି ଅବସରରେ ସେ କହିଥିଲେଯେ, ଉପକୂଳ ଅଞ୍ଚଳର ଏହି ଜିଲା ବିକାଶ ଅପେକ୍ଷାରେ ଅଛି । ଜିଲାର ଉନ୍ନୟନ ସମସ୍ୟାର ସମାଧାନ ଦିଗରେ ସେ ନିଷ୍ଠାର ସହ କାର୍ଯ୍ୟ କରିବେ । ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ସୂଚନାଯୋଗ୍ୟଯେ, ସମର୍ଥ ବର୍ମା ଜିଲାର ୪୬ତମ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ଭୁବନେଶ୍ୱରର କମିଶନର, ସମ୍ବଲପୁର ଜିଲାପାଳ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି । ନୂତନ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ ସମୟରେ ପିଡି ଦିଲିପ କୁମାର ପରିଡା, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ସମେତ ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ ।

### ଚିକିତ୍ସା ଅବହେଳାରୁ ଶିଶୁକନ୍ୟା ମୃତ୍ୟୁ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୨୪।୬:** ମହାକାଳପଡା ବ୍ଲକ ଅନ୍ତର୍ଗତ ଅଳାଇଲୋ ଗ୍ରାମର ରମେଶ ଚନ୍ଦ୍ର ଦାସଙ୍କ ଝିଅ ଅନ୍ନପୂର୍ଣ୍ଣା(୩)ଙ୍କ ସୋମବାର କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ଚିକିତ୍ସାରେ ଅବହେଳା କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ତାଙ୍କ ମା' ସସ୍ମିତା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଝିଅ ଅନ୍ନପୂର୍ଣ୍ଣା ରବିବାର ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିଲେ । ଏଥିପାଇଁ ତାଙ୍କୁ ପ୍ରଥମେ ମହାକାଳପଡାରେ ଚିକିତ୍ସା କରିବା ପରେ ସୋମବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ଡାଇରିଆ ୱାର୍ଡରେ କାର୍ଯ୍ୟରତ ଡାକ୍ତର ଅବା ନର୍ସ କେହି ତାଙ୍କ ଚିକିତ୍ସାକୁ ଗୁରୁତ୍ୱ ଦେଇ ନ ଥିଲେ । ଏପରକି ସେମାନେ ରୋଗୀଙ୍କ ନିକଟକୁ ଆସି ନ ଥିଲେ । ଫଳରେ ଚିକିତ୍ସାରେ ଅବହେଳା କାରଣରୁ ଝିଅର ମୃତ୍ୟୁ ଘଟିଥିବା ଦର୍ଶାଇ ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ଉର୍ମିଳା ମିଶ୍ର କୁହନ୍ତି, ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାର ଅନୁସନ୍ଧାନ ହେବ । କର୍ତ୍ତବ୍ୟରେ ଅବହେଳା କରିଥିଲେ କାର୍ଯ୍ୟାନୁଷ୍ଠାନ ହେବ। ସୂଚନାଯୋଗ୍ୟଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ବିଭାଗ ଡାକ୍ତରଙ୍କ ଅବହେଳା ନେଇ ବାରମ୍ବାର ଅଭିଯୋଗ ହେଉଛି । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

### ବୋହୂଙ୍କୁ ଶ୍ୱଶୁର ବଳାତ୍କାର କରିଥିବା ଅଭିଯୋଗ

**ମହାକାଳପଡା,(ଡି.ଏନ୍.ଏ.):** ୩ ମାସ ପୂର୍ବେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁ ମେରାଇନ୍ ଥାନା ଅଞ୍ଚଳରେ ଜଣେ ଶ୍ୱଶୁର ନିଶାଶକ୍ତ ଅବସ୍ଥାରେ ବୋହୂକୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି। ପୀଡିତା ଜଣକ ଏନେଇ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ। ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମବାସୀ ସମ୍ପୃକ୍ତ ଶ୍ୱଶୁର ଓ ବୋହୂକୁ ଦୀର୍ଘ ସମୟ ଧରି ପଚରାଉଚୁରା କରିଛନ୍ତି। ଖବରପାଇ ପୋଲିସ ଶ୍ୱଶୁରଙ୍କୁ ଜମ୍ବୁ ମେରାଇନ୍ ଥାନାରେ ଅଟକ ରଖିଛି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ୨ ବର୍ଷ ହେବ ତାଙ୍କୁ ଛାଡ଼ପତ୍ର ଦେଇ ଅନ୍ୟ ଜଣଙ୍କୁ ବିବାହ କରିଛନ୍ତି। ଏବେ ପୀଡିତା ଝିଅ(୯) ଓ ପୁଅ(୬)କୁ ନେଇ ବଡ ଭଉଣୀ ପାଖରେ ରହି କାମଧନ୍ଦା କରି ପରିବାର ପୋଷଣ କରୁଥିଲେ । ୬ ମାସ ତଳେ ଶ୍ୱଶୁର ବୋହୁକୁ ଡାକି ତାଙ୍କ ଘରେ ଭଲରେ ରହିବ ବୋଲି କହିଥିଲେ। ଶ୍ୱଶୁର କଥାରେ ବିଶ୍ୱାସ କରି ପୀଡ଼ିତା ପିଲାଙ୍କ ସହ ତାଙ୍କ ଘରକୁ ଚାଲିଯାଇଥିଲେ। ୩ ମାସ ପୂର୍ବରୁ ସମ୍ପୃକ୍ତ ଶ୍ୱଶୁର ନିଶାଶକ୍ତ ଅବସ୍ଥାରେ ତାଙ୍କୁ ବଳାତ୍କାର କରିଥିଲେ। ମାତ୍ର ଏ ନେଇ ବାହାରେ କାହାକୁ ନ କହିବାକୁ ଶାଶୁ ପୀଡ଼ିତାଙ୍କ ଧମକ ଦେଇଥିଲେ। ଭୟରେ ମହିଳା ଜଣକ ଏବିଷୟରେ ବାହାରେ ପ୍ରକାଶ କରିନଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ଥାନା ଅଧିକାରୀ ରାମ କୁମାର ମୁର୍ମୁ କହିଛନ୍ତି, ଅଭିଯୋଗ ମିଳିବା ପରେ ତଦନ୍ତ ଜାରି ରହିଛି।

■ ଯୁକ୍ତ ୩ ପଦାର୍ଥ ବିଜ୍ଞାନ ସେମିଷ୍ଟରର ଫଳାଫଳକୁ ନେଇ ଅସନ୍ତୋଷ

# ୧୬ ଛାତ୍ରୀଙ୍କ ମଧ୍ୟରୁ ୧୫ ଫେଲ୍

**କେନ୍ଦ୍ରାପଡା ଅଫିସ, ୨୪।୬**



ଅଭିଯୋଗ କରିବାକୁ ଆସିଥିବା ଛାତ୍ରୀମାନେ।

■ ୪ର୍ଥ ସେମିଷ୍ଟରରେ ଥିଲା ୭୦ରୁ ଊର୍ଦ୍ଧ୍ୱ ମାର୍କ
■ ପରୀକ୍ଷାର୍ଥୀଙ୍କୁ ମିଳୁନାହିଁ ଉତ୍ତର ଖାତାର ଫଟୋ କପି
■ ରମାଦେବୀ ବିଶ୍ୱ ବିଦ୍ୟାଳୟ ଅଧୀନରେ ଦେଇଥିଲେ ପରୀକ୍ଷା

ପଦାର୍ଥ ବିଜ୍ଞାନର ୪ଟି ସେମିଷ୍ଟର ପରୀକ୍ଷାରେ ୭୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୧୫ ଜଣ ଛାତ୍ରୀ ପଞ୍ଚମ ସେମିଷ୍ଟର ପରୀକ୍ଷାରେ ଫେଲ ହୋଇଯାଇଛନ୍ତି । ଏପରିକି ୧୦ରୁ ଅଧିକ ଛାତ୍ରୀ ଶୂନ ନମ୍ବର ରଖିଛନ୍ତି। ଉତ୍ତର ଖାତାର ଫଟୋ କପି ପାଇଁ ବିଶ୍ୱ ବିଦ୍ୟାଳୟ ନିକଟରେ ଅର୍ଥ ଦାଖଲ କରାଯାଇଥିଲେ ମଧ୍ୟ ସମୟ ଅବଧି ମଧ୍ୟରେ ତାହା ମିଳିପାରି ନାହିଁ । ଏପରି ଘଟଣା ରମାଦେବୀ ବିଶ୍ୱ ବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେଇଥିବା କେନ୍ଦ୍ରାପଡା ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଘଟିଛି । ଯୁକ୍ତ ୩ ତୃତୀୟ ବାର୍ଷିକ ଛାତ୍ରୀମାନେ ଏହି ଘଟଣା ସମ୍ପର୍କରେ ସୋମବାର ଏଡିଏମ୍‌ଙ୍କୁ ଜଣାଇଛନ୍ତି। ମଙ୍ଗଳବାର ଏନେଇ ମହାବିଦ୍ୟାଳୟ ପରିସରରେ ଆନ୍ଦୋଳନ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି ।

ଏ ସମ୍ପର୍କରେ ଛାତ୍ରୀ ସସ୍ମିତା ମହାନ୍ତି କହିଛନ୍ତି, ତୁଳସୀ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ସମ୍ମାନରେ ୧୬ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ । ଗତ ୪ଟି ସେମିଷ୍ଟାର ପରୀକ୍ଷାରେ ସମସ୍ତ ଛାତ୍ରୀ ୭୦ରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି । ମାତ୍ର ପଞ୍ଚମ ସେମିଷ୍ଟର ପରୀକ୍ଷାରେ ୧୫ ଜଣ ଛାତ୍ରୀ ଫେଲ ହୋଇଥିବା ନେଇ ପରୀକ୍ଷା ଫଳରୁ ଜଣାପଡିଛି। ଏସମ୍ପର୍କରେ ମହାବିଦ୍ୟାଳୟର ଦୃଷ୍ଟି ଆକର୍ଷଣ କରିବା ସହ ପରୀକ୍ଷାର ଫଟୋ କପି ପାଇଁ ଗତ ମେ ୧୩ରେ ଦେୟ ଦାଖଲ ହୋଇଛି । ଇତିମଧ୍ୟରେ ସମୟ ଅବଧି ୩୦ ଦିନ ବିତି ଯାଇଥିଲେ ମଧ୍ୟ ପରୀକ୍ଷା ଖାତାର ନକଲ ହସ୍ତଗତ ହୋଇନାହିଁ । ଫଳରେ ଛାତ୍ରୀମାନେ ମାନସିକ ଅଶାନ୍ତି ଦେଇ ଗତି କରୁଛନ୍ତି । ସମସ୍ୟାର ସମାଧାନ ଦାବିରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଛାତ୍ରୀ ସସ୍ମିତାଙ୍କ ସହ ଅର୍ଚ୍ଚନା ବେହେରା, ସୁନିତା ଗିରି, ପିନୁ ପାଇଟାଳ ପ୍ରମୁଖ ଉପସ୍ଥିତ ଥିଲେ। ଏସମ୍ପର୍କରେ ଅଧକ୍ଷ ସ୍ମୃତିରଞ୍ଜନ ବେହେରା କୁହନ୍ତି, ଛାତ୍ରୀଙ୍କ ମାର୍କ କମିବା ସମ୍ପର୍କରେ ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟକୁ ଚିଠି ହୋଇଛି। ତାହାର ଉତ୍ତର ଅଦ୍ୟାବଧି ମିଳିନାହିଁ।

**ଆନ୍ଦୋଳନ ଚେତାବନୀ**

# ୭ମ ଥର ପାଇଁ ଅଣ୍ଡା ଦେଲା ଗୋରୀ

**ରାଜନଗର,୨୪।୬(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ଡାଙ୍ଗମାଳ ବଉଳା କୁମ୍ଭୀର ସଂରକ୍ଷଣ କେନ୍ଦ୍ରରେ ବସବାସ କରୁଥିବା ୪୫ ବର୍ଷୀୟ ଶଂଖୁଆ ବଉଳା କୁମ୍ଭୀର ଗୋରୀ ୨ ଦଶନ୍ଧି ପରେ ପୁନର୍ବାର ଅଣ୍ଡା ଦେଇଛି । ଗତ ୨୨ ତାରିଖରେ ଗୋରୀ ସପ୍ତମ ଥର ପାଇଁ ଅଣ୍ଡା ଦାନ କରିଛି। ଅଣ୍ଡାସଂଖ୍ୟା ଅଦ୍ୟାବଧି ସ୍ପଷ୍ଟ ହୋଇ ନ ଥିବା ବେଳେ ସେଗୁଡିକୁ ସୁରକ୍ଷିତ ରଖିବା ପାଇଁ ଗୋରୀ ବସା ନିକଟରେ ଜଗିବସିଛି। ପୂର୍ବରୁ ସେ ୬ ଥର ଅଣ୍ଡାଦାନ କରିଥିଲେ ମଧ୍ୟ ପୁରୁଷ କୁମ୍ଭୀର ସହ ମିଳନ ହୋଇ ନ ଥିବାରୁ ସେଥିରୁ ଛୁଆ ଫୁଟିବା ପୂର୍ବରୁ ନଷ୍ଟ ହୋଇଯାଇଛି।

୨୦୦୭ରେ ୩୧, ୨୦୦୯ରେ ୨୨, ୨୦୧୧ରେ ୧୮, ୨୦୧୩ରେ ୨୨, ୨୦୧୫ରେ ୩୨, ୨୦୧୬ରେ ୨୭ଟି ଅଣ୍ଡା ଦେଇଛି। ଏଥର ଅଣ୍ଡାଗୁଡିକ ନଷ୍ଟ ନ ହେବା ପାଇଁ ବନ ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ବନବିଭାଗର କର୍ମଚାରୀମାନେ ଅଣ୍ଡାଗୁଡିକୁ ସଂଗ୍ରହ କରି କୃତ୍ରିମ ଉପାୟରେ ଫୁଟାଇବା ପାଇଁ ପଦକ୍ଷେପ ନେଉଛନ୍ତି।

ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆର ପ୍ରାଣୀ ବୈଜ୍ଞାନିକ ଡ. ଏଚ.ଆର.ବଷ୍ଟାର୍ଡଙ୍କ ତତ୍ତ୍ୱାବଧାନରେ ଭିତରକନିକାରେ ଅଭୟାରଣ୍ୟର କୃତ୍ରିମ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ୧୯୭୫ ମସିହାରେ ପ୍ରଥମ ଥର ପାଇଁ ୨୫ଟି ଅଣ୍ଡା ସଂଗ୍ରହ କରାଯାଇ କୃତ୍ରିମ ଉପାୟରେ ଛୁଆ ଫୁଟାଯାଇଥିଲା । ସେଥିରୁ ମାତ୍ର ୨ଟି ମାଈ କୁମ୍ଭୀର ଛୁଆ ହୋଇଥିଲା ବେଳେ ଧଳା ଶଂଖୁଆ ରଙ୍ଗର ମାଈ କୁମ୍ଭୀର ନାମ ଗୋରୀ ରଖାଯାଇଥିଲା। ୧୯୮୭ରେ ହାଇଦ୍ରାବାଦରୁ ଏକ ଅଣ୍ଡିରା କୁମ୍ଭୀର ଅଣାଯାଇ ଗୋରୀସହ ମିଳନ କରାଯାଇଥିଲା। ମାତ୍ର ଗୋରୀର ଆକ୍ରମଣରେ ଅଣ୍ଡିରା କୁମ୍ଭୀରର ମୃତ୍ୟୁ ଘଟିଥିଲା। ଏହାପରେ ୧୯୯୦ରେ କାଣି ଓ ୧୯୯୨ରେ ଅଷ୍ଟ୍ରେଲିଆର ଭଏଟର ନାମକ ଅନ୍ୟ ଏକ ଅଣ୍ଡିରା କୁମ୍ଭୀର ଆଣି ଗୋରୀସହ ଛଡ଼ା ଯାଇଥିଲା। ମାତ୍ର ଗୋରୀ ଆକ୍ରମଣରେ ସେମାନେ ଆହତ ହୋଇଥିଲେ। ଏବେ ପୁନର୍ବାର ଗୋରୀ ଅଣ୍ଡା ଦେଇଥିବାରୁ ଏଥିରୁ ଛୁଆ ଫୁଟିବ ବୋଲି ବନ ବିଭାଗ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

# ସ୍ୱାମୀଙ୍କ ଇଙ୍ଗିତରେ ସ୍ତ୍ରୀଙ୍କୁ ବଳାତ୍କାର ଅଭିଯୋଗ

**ରାଜନଗର, ୨୪।୬(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳରେ ସ୍ୱାମୀଙ୍କ ଇଙ୍ଗିତରେ ସ୍ତ୍ରୀଙ୍କ ସହ ବଳାତ୍କାର କରାଯାଇଛି। ଏନେଇ ମହିଳା ଜଣକ ୨୨ ତାରିଖରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ-୧୦୩/୧୯) ରୁଜୁ କରାଯାଇଛି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ୨୦ ତାରିଖ ରାତିରେ ସେ ସ୍ୱାମୀଙ୍କ ସହ ଘରେ ଶୋଇଥିଲେ। ତାଙ୍କୁ ନିଦ ହୋଇଯିବା ପରେ ସ୍ୱାମୀ ତାଙ୍କ ସାଙ୍ଗଙ୍କୁ ଘରକୁ ଡାକିଥିଲେ। ସ୍ୱାମୀଙ୍କ ଉପସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ଜଣକ ସ୍ତ୍ରୀ ସହ ବଳାତ୍କାର କରିଥିଲେ। ଏହି ସମୟରେ ମହିଳାଙ୍କ ନିଦ ଭାଙ୍ଗିଯିବାରୁ ସେ ଚିତ୍କାର କରିଥିଲେ । ମହିଳାଙ୍କ ପାଟିଶୁଣି ସ୍ୱାମୀଙ୍କ ସାଙ୍ଗ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ପାଟିକରିବାରୁ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ନିର୍ମମ ଭାବେ ମାଡ଼ ମାରିଥିଲେ। ଏଥିସହ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ସ୍ତ୍ରୀଙ୍କ ପାଟିଶୁଣି ପରିବାର ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇଯାଇଥିଲେ। ମାତ୍ର ଏବିଷୟରେ ବାପ ଘର ଲୋକଙ୍କୁ ନ ଜଣାଇବାକୁ କହିଥିଲେ। କୌଣସି ସୂତ୍ରରୁ ଖବରପାଇ ୨୧ ତାରିଖ ରାତିରେ ପୀଡିତା ବାପଘର ଲୋକେ ସେଠାରେ ପହଞ୍ଚି ସ୍ୱାମୀଙ୍କୁ ନେଇ ପୋଲିସରେ ଜିମା ଦେଇଥିଲେ। ଏନେଇ ପୋଲିସ ପକ୍ଷରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ପଚରାଉଚୁରା କରାଯାଇ ପୀଡିତାଙ୍କ ଡାକ୍ତରୀମାଇନା କରାଯାଇଛି। ଏସମ୍ପର୍କରେ ଆଇଆଇସି ତପନ କୁମାର ନାୟକ କହିଛନ୍ତି, ମହିଳାଙ୍କ ସ୍ୱାମୀଙ୍କ ସାଙ୍ଗ ଧରା ପଡିବା ପରେ ପ୍ରକୃତ ତଥ୍ୟ ଜଣାପଡିବ।

# ପଟ୍ଟାମୁଣ୍ଡାଇରେ କାଉ ମଡ଼କ

■ ବାର୍ଡ ଫ୍ଲୁ ସନ୍ଦେହ, ମଲା କାଉ ନମୁନା ସଂଗ୍ରହ

**ପଟ୍ଟାମୁଣ୍ଡାଇ, ୨୪।୬ (ସ୍ୱ.ପ୍ର.)**



ଗୋବରୀ କେନାଲ ବନ୍ଧରେ ମରି ପଡ଼ିଥିବା କାଉ।

ପଟ୍ଟାମୁଣ୍ଡାଇ ବ୍ଲକର ଖଡିଅଣ୍ଡା ଗାଁ ମୁଣ୍ଡ ଗୋବରୀ ସମ୍ପ୍ରସାରଣ କେନାଲ ବନ୍ଧରେ ସୋମବାର ସକାଳୁ ଶତାଧିକ କାଉ ମରି ପଡ଼ିଥିବା ଦେଖାଯାଇଛି। ଏଥିସହ ସେହି ସ୍ଥାନରେ ଆଉ କେତେକ କାଉ ଯନ୍ତ୍ରଣାରେ ଛଟପଟ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ଶତାଧିକ କାଉ ମରିଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ବାର୍ଡ ଫ୍ଲୁ ବ୍ୟାପୁଥିବା ସନ୍ଦେହ କରାଯାଉଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଖବରପାଇ ମହାକାଳପଡ଼ା ରେଞ୍ଜର ବିଜୟ କୁମାର ପରିଡ଼ା ଓ ଜିଲା ପ୍ରାଣୀ ଚିକିତ୍ସକଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାଣୀ ଚିକିତ୍ସକ ଡା. କିଶୋର ଦାସ କାଉ ମରି ପଡ଼ିଥିବା ସ୍ଥାନରେ ପହଞ୍ଚି ମଲା କାଉଙ୍କ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିଛନ୍ତି। ମରି ଯାଇଥିବା କାଉଗୁଡ଼ିକୁ ଏକତ୍ରିତ କରି ପୋଡ଼ି ଦିଆଯାଇଛି। ଏ ସମ୍ପର୍କରେ ଜିଲା ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ବିଜୟ କବି କହିଛନ୍ତି, ଖାଲି ହାତରେ ମୃତ କାଉଗୁଡିକୁ ଛୁଇଁବା କଥା ନୁହେଁ। ଏକ ଗାତ ଖୋଳି ସେଗୁଡ଼ିକୁ ପୋତି ଦେବା ଆବଶ୍ୟକ। ଏତେଗୁଡ଼ାଏ କାଉ ମରି ପଡ଼ିଥିବା ଯୋଗୁ ବାର୍ଡ ଫ୍ଲୁ ଆଶଙ୍କା କରି ବନବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗ କର୍ତ୍ତୃପକ୍ଷ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରି ଫେରିଛନ୍ତି। ସଂଗୃହୀତ ନମୁନା ଫୁଲନଖରାଠାରେ ଥିବା ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନକୁ (ଏଡିଆର୍‌ଆଇ) ପଠାଯିବ। କାଉ ମଡ଼କ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# କୃତୀ ଛାତ୍ର କାର୍ତ୍ତିକଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ର କାର୍ତ୍ତିକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଡେରାବିଶ, ୨୪।୬ (ସ୍ୱ.ପ୍ର.)**

ଯୁକ୍ତ ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳାଫଳ ଗତ ୨୧ତାରିଖରେ ପ୍ରକାଶ ପାଇଛି। ଏଥିରେ ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ଅଧୀନ ଖଣ୍ଡସାହି ଗ୍ରାମର କାର୍ତ୍ତିକ କୁମାର ମଲିକ ଯୁକ୍ତ ୨ କଳା ପରୀକ୍ଷାରେ ୮୧.୧୬ % ନମ୍ବର ରଖି ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ତ୍ତିକ କେନ୍ଦ୍ରାପଡା ଜୁନିୟର କଲେଜରେ ଅଧ୍ୟୟନ କରୁଥିଲେ। ଏ ନେଇ କାର୍ତ୍ତିକଙ୍କୁ ସୋମବାର ତାଙ୍କ ପଞ୍ଚାୟତରେ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ବାରିମୂଳ ସମିତିସଭ୍ୟା ନଳିନୀପ୍ରଭା ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ତ୍ତିକଙ୍କୁ ଫୁଲ ତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ମଦନ ବେହେରା, ପ୍ରସନ୍ନ କୁମାର ପରିଡା, ଚିତ୍ତରଞ୍ଜନ, ମନୋଜ କୁମାର ମଲିକ, ସୁରେନ୍ଦ୍ର ମଲିକ, ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ତ୍ତିକଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ତ୍ତିକଙ୍କ ବାପା ଚୈତନ୍ୟ ମଲ୍ଲିକ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ପୁଅର ଏହି କୃତିତ୍ୱରେ ଉଭୟ ମା'ବାପ ଖୁସି ବ୍ୟକ୍ତ କରିବା ସହ ପୁଅ ପରିଶ୍ରମର ଫଳ ପାଇଛି ବୋଲି କହିଛନ୍ତି। ସେହିପରି ଭାଜପା ଯୁବ ନେତା ଦିଲ୍ଲୀପ ଦାସ କୃତୀ ଛାତ୍ର କାର୍ତ୍ତିକଙ୍କୁ ତାଙ୍କ ବାସଭବନରେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି।

# ରାଜନଗରରେ ବ୍ୟାପୁଛି ଝାଡ଼ାବାନ୍ତି

**ରାଜନଗର, ୨୪।୬(ଡି.ଏନ୍.ଏ.)**

ରାଜନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ଝାଡାବାନ୍ତି ରୋଗ ବ୍ୟାପିବାରେ ଲାଗିଛି। ସୋମବାର ଏହି ରୋଗରେ ଆକ୍ରାନ୍ତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ ଜଣ ରୋଗୀ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ଜଣଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହି ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରତୀ ଦାସ (୫୦) ଶୁକ ମଳିକ (୭୫), ସନ୍ଧ୍ୟାବତୀ ମହାନ୍ତି (୫୦), ରଶ୍ମିତା ସାହୁ (୩୬), ସଂଯୁକ୍ତା ମହାନ୍ତି (୩୩), ସୁଧୀର ସେଠୀ (୨୧) ଜୟଶ୍ରୀ ସାହୁ (୨୬), ମନୋରଞ୍ଜନ ଦଳାଇ (୩୨), ସୁଶାନ୍ତ ରାଉତ (୪୦) ଓ ଅନିତା ସେଠୀ (୫୦) ପ୍ରମୁଖ ଭର୍ତ୍ତି ହୋଇ ଚିକିତ୍ସାଧୀନ ରହିଛନ୍ତି। ସେହିପରି ବ୍ଲକର ଅନ୍ୟ ୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏହି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବେଡ୍ ଅଭାବରୁ ଚିକିତ୍ସାଳୟରେ ରୋଗୀମାନଙ୍କୁ ଚଟାଣରେ ଶୁଆଯାଇ ସାଲାଇନ୍ ଦିଆଯାଉଛି। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ହେଉଥିବା ବେଳେ ଏବେ ଭୋଜିଭାତ ଖାଇ ଅଧିକାଂଶ ରୋଗୀ ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ସୂଚନା ମିଳିଛି।

■ ସହକାରୀ ଯନ୍ତ୍ରୀଙ୍କୁ ଉଠ୍‌ବସ୍ ଘଟଣାରେ ବିଧାୟକ ଗିରଫ

# ପଟ୍ଟାମୁଣ୍ଡାଇ ଦଳିତ ଜାତିସଂଘର ଆନ୍ଦୋଳନ ସ୍ଥଗିତ

**ପଟ୍ଟାମୁଣ୍ଡାଇ, ୨୪।୬ (ସ୍ୱ.ପ୍ର.)**


ନିମ୍ନମାନର ରାସ୍ତା କାର୍ଯ୍ୟ ଯୋଗୁ ଜଣେ ସହକାରୀ ଯନ୍ତ୍ରୀଙ୍କୁ ବଲାଙ୍ଗିର ଜିଲାର ପାଟଣାଗଡ଼ ବିଧାୟକ ସରୋଜ ମେହେର ରାସ୍ତା ମଝିରେ ଉଠ୍‌ବସ୍ କରାଇଥିଲେ। ଏହି ଘଟଣାରେ ସୋମବାର ବିଧାୟକ ମେହେରଙ୍କୁ ବଲାଙ୍ଗିର ପୋଲିସ ଗିରଫ କରିଛି। ତେବେ ବିଧାୟକ ଉଠ୍‌ବସ୍ କରାଇଥିବା ସହକାରୀ ଯନ୍ତ୍ରୀ ଜୟକାନ୍ତ ଶବର ଅନୁସୂଚିତ ଜାତିର ହୋଇଥିବାରୁ ସାରା ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ସଂଘ ପକ୍ଷରୁ ବିଧାୟକଙ୍କ ଗିରଫ ପାଇଁ ଜୋରଦାର ଦାବି ହେଉଥିଲା। ଏହି ମର୍ମରେ ପଟ୍ଟାମୁଣ୍ଡାଇ ଦଳିତ ଜାତିସଂଘ ପକ୍ଷରୁ ମଙ୍ଗଳବାର ବନ୍ଦ ଡାକରା ଦିଆଯାଇଥିଲା। ତେବେ ସୋମବାର ବିଧାୟକ ଗିରଫ ହେବା ଫଳରେ ଏହି ବନ୍ଦ ପାଳନକୁ ସ୍ଥଗିତ ରଖାଯାଇଛି। ଏନେଇ ସଂଘ ସଭାପତି କଳ୍ପତରୁ ମଲିକ ଓ ଯୁବ ସମ୍ପାଦକ ଉତ୍ତମ କୁମାର ମଲିକ, ସର୍ବେଶ୍ୱର ସେଠୀ, ଦିଲ୍ଲୀପ କୁମାର ମଲିକ, ଉଦୟନାଥ ମଲିକ, ବିଷ୍ଣୁଚରଣ ମଲିକ, ମନୋଜ ଯେନା ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ଚରପଡ଼ାରେ ନୃସିଂହନାଥ ମନ୍ଦିର ପ୍ରତିଷ୍ଠା

**ରାଜକନିକା, ୨୪।୬ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ଚରପଡ଼ା ଗ୍ରାମରେ ନୃସିଂହନାଥ ଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଗତ ୩ ଦିନ ହେବ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗ୍ରାମର ୧୦୮ ମହିଳା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ଖରସ୍ରୋତା ନଦୀରୁ ଜଳ ଆଣି ଘଟ ସ୍ଥାପନ କରିଥିଲେ। ଏହାପରେ ଗୋ ପୂଜା, ସୂର୍ଯ୍ୟପୂଜା, କୁଣ୍ଡ ମଣ୍ଡଳାଦି ସଂସ୍କାର, ମନ୍ଦିର ସ୍ନାନ, ମଣ୍ଡଳାଦି ପୂଜା ଅନୁଷ୍ଠିତ ହୋଇଥିଲା। ସୋମବାରଠାରୁ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ହେବ।

# ବିବାହ ସ୍ମରଣୀୟ କରିବାକୁ ବୃକ୍ଷରୋପଣ



ନବ ଦମ୍ପତି ବୃକ୍ଷରୋପଣ କରୁଛନ୍ତି।

**ଆଳି, ୨୪।୬ (ଡି.ଏନ୍.ଏ.)**

ବିବାହ ଦିବସକୁ ସ୍ମରଣୀୟ କରିବା ସକାଶେ ଆଳି ବ୍ଲକ ଅଞ୍ଚଳର ଏକ ନବଦମ୍ପତି ନିଜ ଗ୍ରାମରେ ବୃକ୍ଷରୋପଣ କରିଛନ୍ତି। ବ୍ଲକର ପ୍ରକୃତିମିତ୍ର ଗ୍ରାମ ଭାବେ ପରିଚିତ ସାନଆଙ୍କୋ ଗ୍ରାମର ପ୍ରକାଶ ରାଉତ ଓ ତାଙ୍କ ସ୍ତ୍ରୀ ଲିଜା ସେମାନଙ୍କ ବିବାହକୁ ସ୍ମରଣୀୟ କରିବା ନିମନ୍ତେ ୨୦ ବଟ ବୃକ୍ଷ ଲଗାଇଛନ୍ତି। ଗଛ ଲଗାଇବା ପରେ ଏହାକୁ ବନ୍ଦାପନା କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ନିମନ୍ତେ ସଭିଏଁ ଗଛ ଲଗାଇବାକୁ ପ୍ରକାଶ ଓ ଲିଜା ସମସ୍ତଙ୍କୁ ନିବେଦନ କରିଛନ୍ତି। ସେଚ୍ଛାସେବୀ ସଂଗଠନ 'ଆଲୋକ' ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତିପ୍ରେମୀ ସୁଶାନ୍ତ ନାୟକ, ନିର୍ମଳ ସ୍ୱାଇଁ, ରମେଶ ନାଥ, ବୈକୁଣ୍ଠ ରାଉତ, ରଞ୍ଜନ ପାତ୍ର, ସଂଗ୍ରାମ ପାତ୍ର, ରଶ୍ମିରଞ୍ଜନ ସେଠୀ, ପ୍ରମୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ଦିନ ଆସିବା ପରେ କାର୍ଯ୍ୟାରମ୍ଭ

**ଡେରାବିଶ ୨୪।୬ (ସ୍ୱ.ପ୍ର.)**



ରାସ୍ତା କର୍ଦ୍ଦମାକ୍ତ ହୋଇପଡ଼ିଛି।

■ କର୍ଦ୍ଦମାକ୍ତ ହୋଇଛି ରାସ୍ତା
■ ଗ୍ରାମବାସୀଙ୍କ ଅସନ୍ତୋଷ

ଲଘୁଚାପ ଯୋଗୁ ଲଗାତାର ଦୁଇ ଦିନ ବର୍ଷା ହେବା ପରେ ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ରଜାଙ୍ଗ ଗ୍ରାମ ରାସ୍ତା କର୍ଦ୍ଦମାକ୍ତ ହୋଇଛି। ୬ ମାସ ପୂର୍ବରୁ ଏହି ରାସ୍ତାର ଶିଳାନ୍ୟାସ କରାଯାଇଥିଲେ ସୁଦ୍ଧା ବର୍ଷା ଦିନ ଆରମ୍ଭ ହେବା ପରେ କାମ ଆରମ୍ଭ କରାଯାଉଥିବାରୁ ରଜାଙ୍ଗ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଠିକାଦାରଙ୍କ ମନମାନୀ ଯୋଗୁ ଲୋକମାନେ ହଇରାଣ ହେଉଥିବା ବେଳେ ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ନିଆଁଲିଭା ଗାଡ଼ି ଗାଁ ଭିତରକୁ ପଶି ପାରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ୨୦୧୮ ଡିସେମ୍ବର ୧୨ ତାରିଖରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟରେ ସଲାର ମଠ ପାଖରୁ ରଜାଙ୍ଗ ଦେଇ କେଶରପୁର ପର୍ଯ୍ୟନ୍ତ ୩ କିମି ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ତତ୍କାଳୀନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲା ଏହାର ଶିଳାନ୍ୟାସ କରିଥିଲେ। ତେବେ କାର୍ଯ୍ୟାଦେଶ ନେଇଥିବା ଠିକାଦାର ଜଣକ ରାସ୍ତା କାମ ଅଳ୍ପ ଆରମ୍ଭ କରି ଅଧାରୁ ବନ୍ଦ କରିଦେଇଥିଲେ। ତେବେ ବର୍ଷା ଦିନ ଆରମ୍ଭର କିଛିଦିନ ପୂର୍ବରୁ ସମ୍ପୃକ୍ତ ଠିକାଦାର ରାସ୍ତାକାମ ପୁଣି ଆରମ୍ଭ କରିଛନ୍ତି। ନିକଟସ୍ଥ ଦଣ୍ଡା ଓ ଗୋଚରରୁ ମାଟି ତାଡ଼ି ରାସ୍ତାରେ ପକାଇବା ସହ ପୁନର୍ବାର ରାସ୍ତା କାମ ଆରମ୍ଭ କରିଛନ୍ତି। କିନ୍ତୁ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଲଘୁଚାପ ଜନିତ ବର୍ଷା ପରେ ଏହି ରାସ୍ତା କର୍ଦ୍ଦମାକ୍ତ ହୋଇପଡ଼ିଛି। ଏହି ରାସ୍ତା ଦେଇ ଗାଡ଼ିମୋଟର ଚଳାଚଳ କରିପାରୁ ନ ଥିବା ବେଳେ ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇଛି। ଶିଳାନ୍ୟାସର ଦୀର୍ଘ ୬ ମାସ ପରେ କାର୍ଯ୍ୟ ଆରମ୍ଭ ହେଉଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା କାର୍ଯ୍ୟ ଶେଷ କରିବାକୁ ଦାବି କରିଛନ୍ତି।

# ସାତକୋଶିଆରେ ଅସୁସ୍ଥ ହାତୀର ମୃତ୍ୟୁ

ବନ୍ତଲା, ୨୪।୬(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପମ୍ପାସର ରେଞ୍ଜରେ ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ଏକ ହାତୀର ରବିବାର ରାତିରେ ମୃତ୍ୟୁ ଘଟିଛି। ଖବରପାଇ ସୋମବାର ସକାଳେ ବନ ବିଭାଗ ଅଧିକାରୀ ଓ ଡାକ୍ତର ପହଞ୍ଚି ବୁଢ଼ା ଜୋକୁବୁ ନାଳ ନିକଟରେ ପଡ଼ିଥିବା ହାତୀର ମୃତଦେହ ବ୍ୟବଚ୍ଛେଦ କରାଇଛନ୍ତି। ଶନିବାର ହାତୀଟି ବନ୍ତଲା ରେଞ୍ଜ ତଳସିରା ଅଞ୍ଚଳ ନାଳ ନିକଟରେ ଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଅନୁଗୋଳ ଡିଏଫଓ ଭି. କାର୍ତ୍ତିକ, ଏସିଏଫ ଶୁଭେନ୍ଦୁ ବେହେରା, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ଚନ୍ଦ୍ର ସାହୁ, ପମ୍ପାସର ରେଞ୍ଜର ଗୋରୀ ପ୍ରସାଦ ରଥ, ବନ୍ତଲା ରେଞ୍ଜର ଡିଲେଶ୍ୱର ପ୍ରଧାନଙ୍କ ସମେତ ବନ କର୍ମଚାରୀ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ହାତୀର ମୃତଦେହକୁ ସେଠାରେ ପୋତି ଦିଆଯାଇଛି। ଏ ସମ୍ପର୍କରେ ଡାକ୍ତର ସାହୁ ଓ ଏସିଏଫ କହିଛନ୍ତି, ଏହି ମାଖନ ବୃଦ୍ଧ ହାତୀର ବୟସ ଆନୁମାନିକ ୮୦ ବର୍ଷ ହେବ। ବୟସାଧିକ୍ୟ ଯୋଗୁ ହାତୀଟି ଚାଲିପାରୁ ନ ଥିଲା। ଅନ୍ୟ ହାତୀ ଆକ୍ରମଣରେ ଏହାର ଶରୀରର ବିଭିନ୍ନ ଜାଗାରେ ଗଭୀର କ୍ଷତ ହୋଇଥିଲା। ରବିବାର ଜୋକୁବୁ ନାଳ ନିକଟରେ ଏହାର ମୃତ୍ୟୁ ହୋଇଥିବା ଖବର ମିଳିଥିଲା।

# ଛାତ୍ରୀଙ୍କୁ ଅପହରଣ, ୨୦ ଲକ୍ଷ ଦାବି

ତାଳଚେର,୨୪।୬(ନି.ପ୍ର.): ଅନୁଗୋଳ ଜିଲା ସମଲ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ୨୦ ଲକ୍ଷ ଟଙ୍କା ଦାବି କରାଯାଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୮୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୧୩ ତାରିଖରେ ଛାତ୍ରୀଜଣକ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ସନ୍ଧାନ ପାଇ ନ ଥିଲେ। ୧୮ ତାରିଖ ସକାଳେ ଛାତ୍ରୀଙ୍କ ମା'ଙ୍କ ମୋବାଇଲ୍‌କୁ ଏକ ଧମକପୂର୍ଣ୍ଣ କଲ୍ ଆସିଥିଲା। 'ତୁମ ଝିଅକୁ ଉଠାଇ ଆଣିଛି। ୨୦ ଲକ୍ଷ ଟଙ୍କା ଦେଲେ ଫେରାଇ ଦେବି। ନଚେତ ମାରି ଫିଙ୍ଗି ଦେବି' ବୋଲି ଫୋନକଲ୍‌ରେ ଧମକ ଦିଆଯାଇଥିଲା। ଏହାକୁ ନେଇ ଛାତ୍ରୀଙ୍କ ପରିବାରବର୍ଗ ଭୟଭୀତ ହୋଇପଡ଼ିଥିଲେ। ରବିବାର ଛାତ୍ରୀଙ୍କ ମା' ଏ ନେଇ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କୌଣସି ତତ୍ପରତା ପ୍ରକାଶ କରୁ ନ ଥିବାରୁ ସୋମବାର ପରିବାର ପକ୍ଷରୁ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବଗତ କରାଯାଇଛି। ଘଟଣା ସମ୍ପର୍କରେ ସମଲ ଥାନା ଆଇଆଇସି ସୁନୀଲ କର କହିଛନ୍ତି, ଅଭିଯୋଗ ଉପରେ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ।


## BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg
Kharavela Nagar, Unit-III, Bhubaneswar

No.15011 / BDA, Bhubaneswar, Dated: 21.06.2019
PLANNING-120/18 (Part)

### NOTICE

1. Extension of period of Application under "Scheme for Regularisation of Unauthorised Constructions, 2018"

This is for information of general public that, the State Government vide Notification No.10384/HUD dated 18.06.2019, have extended the period of filing application under the "Scheme for Regularisation of Unauthorised Constructions, 2018" for further period of six months from 18.06.2019. **The last date of receipt of application is 17.12.2019.** Detailed information as well as application forms are available in the BDA website **www.bda.gov.in.**

2. Advisory to general public before buying of sub-divided plots within the jurisdiction of Bhubaneswar Development Area.

The general public are hereby advised, not to buy any subdivided or part plots within the jurisdiction of BDA, Bhubaneswar, for which prior approval of Bhubaneswar Development Authority has not been taken. BDA shall not accord approval of building plan over any unauthority sub-divided plot acquired after 30.05.2017.

Sd./- Planning Member
BDA, Bhubaneswar

## OFFICE OF THE PRINCIPAL GOVT. WOMEN'S COLLEGE, BHAWANIPATNA

**No. 542** **Dt. 20.06.2019**

### Walk-In-Interview

**No.12-N:-** A **Walk-In-Interview** will be held on 1st July 2019 (Monday) at 10.00 AM in the college for selection of Guest faculties for the session 2019-20. The engagement is purely temporary and can be terminated at any time without assigning any reason thereof. Candidates having 55% of marks at P.G. level may appear the interview with their Bio-Data along with original and photocopies of all certificates in support of their claim. The remuneration will be paid as per the Govt. approved rate. No TA/DA will be paid for attending the interview.

**+3 (Degree Classes):** History, Education, Pol. Science, Information Technology, Environmental Studies, Home Science, Geography & Psychology.

**+2 (Higher Secondary Classes):** Psychology & Basic Computer Education.

**Sd./- Principal,**
**Govt. Women's College**
**Bhawanipatna**

11035/11/0001/1920

## NATIONAL INSTITUTE OF FASHION TECHNOLOGY, BHUBANESWAR

(Ministry of Textile, Govt. of India)
NIFT Campus, IDCO Plot No.24, Chandaka Industrial Estate, Patia, Bhubaneswar-751024, Ph: 0674-2305700 Fax : 2305710,
Website: www.nift.ac.in/bhubaneswar

### E-TENDER NOTICE

E-Tenders are invited by NIFT Bhubaneswar for annual contract for Coffee Shop, last date for receipt of e-tenders are 17.07.2019. Details available in e-tender portal and NIFT website **https://niftetenders.eproc.in/** **http://www.nift.ac.in**

***Director***

## ଚାଷୀଭାଇମାନଙ୍କ ନିମନ୍ତେ ସୂଚନା

ଚମ୍ପୁଆ କୃଷିଜିଲ୍ଲା ଅନ୍ତର୍ଗତ ଚମ୍ପୁଆ, ଝୁମ୍ପୁରା, ଓ ଯୋଡା ବ୍ଲକରେ ଚଳିତ ଜୁନ ୨୬ରୁ ଜୁଲାଇ ୦୬ତାରିଖ ମଧ୍ୟରେ ସ୍ଥିରୀକୃତ ୨୪ଟି (ପ୍ରତ୍ୟେକ ବ୍ଲକରେ ୦୮ ଗୋଟି) ଗ୍ରାମରେ ବିହନ ବିଶୋଧନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ସଂପୃକ୍ତ ଗ୍ରାମର ଚାଷୀଭାଇ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ଶସ୍ୟଜାତୀୟ ନିଜସ୍ୱ ବିହନକୁ ସରକାରଙ୍କ ତରଫରୁ ବିନାମୂଲ୍ୟରେ ଉପଲବ୍ଧ ଜୈବ-ବିଶୋଧକ ସାମଗ୍ରୀରେ ବିଶୋଧିତ କରାଇ ନିଅନ୍ତୁ। ଏହା ରୋଗଜନିତ ଫସଲହାନି ରୋକିବା ସହିତ ଫସଲର ଅମଳ ବୃଦ୍ଧିରେ ସହାୟକ ହେବ।

**ଗାଁ ଗାଁରେ ବିହନ ବିଶୋଧନ।**
**ନୀରୋଗ ଫସଲ ପାଇଁ ନିଶ୍ଚିତ ସମାଧାନ।**

**ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଚମ୍ପୁଆ**

No.90-A

## OFFICE OF THE CHIEF ENGINEER & BASIN MANAGER, UPPER MAHANADI BASIN, BURLA

Tel.-0663-2430866, Fax-0663-2430877
Email-cebmumbburla@rediffmail.com

Letter No___________. Dated :_______________

### CANCELLATION OF BID

1.Bid Identification No: CE&BM UMB 01/2018-19(Online)
2. Tender ID : 2018_CEBBU_48170_1
3.Name of the work: Construction of weir across river Koel near Hamirpur.
The tender for the above work is hereby cancelled due to technical problem in e-procurement procedure.

**Chief Engineer & Basin Manager,**
**Upper Mahanadi Basin, Burla**

32048/11/0003/1920

## INTEGRATED TRIBAL DEVELOPMENT AGENCY, NABARANGPUR

**No. 3893/2019** **Date: 24.06.2019**

### e-Procurement Notice

**Bid Identification No. ITDANBG-01/19-20**

Bids are invited from the eligible Contractors for Construction of Museum (01 No. of project) through e-tender process. The details of the tender are available in the website: **https://tendersodisha.gov.in** from 15.00 hours of 24.06.2019 to 17.00 hours of 08.08.2019 for online bidding. The bids received online shall be opened on 11.00 hours of 17.08.2019 in this office. The original bid security, Demand Draft towards cost of Bid, GST Certificate, Work Performance Certificate and affidavit in original shall be submitted in this office on or before 17.00 hours of 16.08.2019 by Regd. Post/ Speed Post only during office hours. The bidders shall have to participate in online bidding only. Further, any addendum/ corrigendum/ cancellation of tender can be seen in the website only. The authority reserves the right to reject any or all bid without assigning any reason thereof.

**Sd./- P.A., ITDA, Nabarangpur**

## ODISHA COAL AND POWER LTD.

Odisha Coal and Power Limited OCPL

(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur Bhubaneswar – 751023, Odisha
Ph No: 0674-2300654 /2300664

### SHORT NOTICE INVITING TENDER

**NIT No: OCPL/SER-90/2019** **Date: 25/06/2019**

Sealed bids in prescribed format are invited from companies/agencies/ firmsfor the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission/ Opening of bid |
|---|---|---|---|---|---|---|
| 1 | Provide required support and resources for smooth and hassle free physical displacement and shifting of Ghumudasan Village to Rehabilitation and Resettlement (R & R) Colony at Hemgir, Sundargarh, Odisha | Rs.1180/- (Rupees One Thousand One Hundred and Eighty Only) including GST. | Rs.1,00,000/- (Rupees One Lakh Only) | 25/06/2019 | 03/07/2019 | 3:00 PM 06/07/2019<br>3:30 PM on 06/07/2019 |

For further details, bidders may visit our website, i.e. www.ocpl.org.in. Any clarificationmay please be addressed to the undersigned at the above address or by email to: a.kanungo@ocpl.org.in.

**Sd./- Addl. General Manager (Commercial & Contracts)**
**Tel -0674-2300964 (D)**

## OFFICE OF THE MUNICIPAL COUNCIL, BALANGIR

### QUOTATION CALL NOTICE

Sealed quotations are invited from the authorized dealers / suppliers for supply of Auto (Three Wheeler) Hydraulic Tipper garbage's for door to door collection to the Balangir Municipality. The quotationer must submit GST Clearance certificate in GST with PAN and her relevant documents (if any) to the office of the undersigned within the time period specified. The rate should comprise of all taxes, Insurance & Freight / Transportation charges etc. individually in their own format and delivered at Balangir municipality.

The quotation should reach to the office of the undersigned on or before Dt.03.07.19 upto 12Noon through Regd. / Speed Post only. The authority shall not be responsible for delay or late delivery of quotation beyond the schedule date & time. The quotation will open on the same day at 4.00PM in presence of quotationer / their authorized representatives. The Quotation should accompanied with tender paper cost (Non-refundable) in shape of D.D. amounting to Rs. 5,000/- & E.M.D. in shape of D.D. amounting to Rs. 50,000/- drawn in favour of Executive Officer, Balangir Municipality payable at Balangir from any Nationalized Bank, the deposited EMD of lowest quotationer (whose quotation will be accepted) shall be refunded after one year on the date of supply vehicles. The terms & condition of the procurement will be fixed during the time of agreement.

The authority reserves to right or all reject any or all Quotation without assigning any reason thereof.

***Sd./- Executive Officer***
***Balangir Municipality***

## GREEN ENERGY DEVELOPMENT CORPORATION OF ODISHA LTD

**Regd. Office (A wholly owned subsidiary company of OHPC Ltd)**
**OHPC Corporate Office, OSPH&W Corporation Building, Janpath, Bhoinagar, Bhubaneswar-751022, Tel. 0674-2542922,Fax: 0674-2542102 ,**
**Web: www.gedcol.com, Email: info@gedcol.com, CIN No: U40102OR2013SGC016747**

**No. GEDCOL/TECH/43/2019/(P-1)/ 400 /Dated: 20.06.2019**
**NOTICE INVITING TENDER NO: 23/2019-20, DATED: 20.06.2019 FOR DEVELOPMENT OF 8 MW SOLAR POWER PLANT AT FIVE (5) DIFFERENT SITES AT OPTCL GRID SUB-STATIONS, OHPC PROJECT & GEDCOL PROJECT.**

**No.CAD-132:-** GEDCOL (A 100% subsidiary of OHPC) is planning to develop 8 MW SPP at three (3) different sites at OPTCL's Grid Substations i.e. New Bolangir, Baripada & Jayanagar and one (1) OHPC project site at Mukhiguda and one (1) GEDCOL project site at Manmunda of Odisha State.

Sealed tenders are invited by GEDCOL, Bhubaneswar for the following work from eligible bidders.

| Description of Work | EMD in shape of BG only (in Rs.) | Cost of tender document (Non-refundable) (in Rs.) | Target date for Commissioning of project | Availability of tender document in the website | Date & Time of Pre-bid meeting | Last Date & time of submission of tender |
|---|---|---|---|---|---|---|
| Design, engineering, procurement & supply, construction, commissioning and comprehensive operation & maintenance for ten (10) years of grid-connected solar photovoltaic power plants of 8 MW aggregate capacity at three (3) different sites at OPTCL's Grid Sub-stations i.e. New Bolangir, Baripada & Jayanagar and one (1) OHPC project site at Mukhiguda and one (1) GEDCOL project site at Manmunda of Odisha State. | 40,00,000/- | 11,800/- (10,000 + 18% GST) | 180 days after LOI | 27/06/2019 to 27/07/2019 | 18/07/2019 (Tentative) | 14.08.2019 up to3.00 PM & it will be opened at 3.30 PM of same date. |

For detail tender call notice, please visit website :www.gedcol.com of GEDCOL. Future addendum/corrigendum related to this tender will be available only in the website of GEDCOL. Tender papers can only be downloaded from the website and submitted along with the tender cost.

For and on behalf of GEDCOL
**Sr. General Manager (El.)**

**04012/11/0002/1920**

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, SAMBALPUR

**(PUBLIC HEALTH WING)**

**Order No.765 / PH, Sambalpur** **Dated: 24.06.19**

### QUOTATION CALL NOTICE

Sealed Quotation /Expression in interests are hereby invited from intending reputed Firms / parties / suppliers / Agency / Regd. Shop / Distributor having valid registration and VAT / GST clearance certificate for supply of the following items to H.K.N.S.Hatibari Health Home, Hatibari. The quotation should reach to the undersigned on or before 01.07.2019 by 10 A.M and the same will be opened on the same day at 11 A.M. in the office chamber of Chief Dist. Medical and Public Health Officer, Sambalpur in presence of the parties or their authorized representatives. Necessary specification / quantity may be obtained from the undersigned in the office hour. The selected quotationers for dietary articles have to supply the same from month to month for the year 2019-20 where as the Saree, Gamuchha, Dhoti have to supply within one month from the date of issue of indent orders. The undersigned /authority reserve the right to reject any or all quotations without assigning any reason thereof.

| Sl. No. | Name of the Items |
|---|---|
| 1 | Vegetables, egg |
| 2 | Dietary Articles |
| 3 | Dhoti, Gamuchha, Saree |
| 4 | Mutton |
| 5 | Cooking utensils for the inmates |
| 6 | Dining utensils for the inmates |
| 7 | Cots (Single) |
| 8 | Bedding, Pillow, Musquitto net, mattress etc. |

**Sd./- P.Panda**
**Chief Dist. Medical and Public Health Officer**
**Sambalpur**


See Career Appointment on every Wednesday & Saturday


## UTKAL UNIVERSITY OF CULTURE

Sanskruti Vihar, Madanpur, Bhubaneswar-752 054
Phone – 0674-2972312, E-mail: mailboxuuc@gmail.com, www.uuc.ac.in
No. 967/UUC Dt. 13-06-2019

### TENDER CALL NOTICE FOR REQUIREMENT OF SERVICES OF VARIOUS MAN POWER

No.CAD-104 :-Sealed quotations /tenders are invited from intending registered Service Providers who are willing to provide the services of 1 Plumber/1 Elctrician/1 Matron/1 Data Entry Operator/1 Care Taker/26 nos of Security Guards/4 Gardeners/7 Sweepers/5 nos of Multi Task Assistants. Details of requirement of various categories of manpower are mentioned in the tender documents along with terms and conditions which are available in the official website of Utkal University of Culture, **www.uuc.ac.in (Tenders and Quotations).** Interested agencies are requested to visit the University Website to download the Tender Documents for requirement of man power to be deployed in the University with terms and conditions and other informations. The Service Provider has the option either to apply for a specific category of man power or for all the categories. Any clarification, if required, may be sought from the office of the University **(Mob No. 8658271429).** Tender papers in prescribed format, complete in all respect with self attested copies of the supporting documents, as per the requirement, shall be sent to the **Registrar, Utkal University of Culture, Sanskruti Vihar, Madanpur, Bhubaneswar – 752054** either by speed post or registered post. Tender papers can also be dropped in Tender Box kept in the administrative block of the University. The last date for receipt of tender paper is **15-07-2019 (04.00 P.M).** The tender forms will be opened on **17-07-2019 and 18-07-2019 at 03.00 P.M** in the office chamber of the undersigned in presence of the bidders or their authorized representatives.

Sd/-
REGISTRAR

03005/11/0002/1920

## GOVERNMENT OF ODISHA OFFICE OF THE EXECUTIVE ENGINEER RURAL WORKS DIVISION RAIRANGPUR (MAYURBHANJ)

No.-115-O

**E-mail ID: - eerwrairangpur@yahoo.com**
**Letter No. 2648 // Date- 21.06.2019**

### "e" PROCUREMENT NOTICE FOR BUILDING WORKS

**Bid Identification No – RWDRRP – 2 / 2019-20**

| | | | |
|---|---|---|---|
| 1. | Name of the work | : | Building Works (As per Annexure) |
| 2. | Estimated Cost | : | Rs. 80.00 lakhs (approximately) |
| 3. | Class of Contractor | : | 'A' & 'B' Class |
| 4. | Period of Completion | : | 9 (Nine) calendar months |
| 5. | Tender Paper Cost | : | As per Annexure |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O EERWD Rairangpur. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rairangpur | RWDRRP-2/2019-20 | 04.07.2019 at 11.00 A.M. | 13.07.2019 up to 5.00 P.M. | 09.08.18 up to 1.00 P.M. | 16.07.2019 at 11.30 A.M. | 20.07.2019 at 11.30 A.M. |

Further details can be seen from the website www.tendersodisha.gov.in

25107/11/0002/1920 **Sd./- Executive Engineer, R.W.Division,Rairangpur**

## OFFICE OF THE EXECUTIVE OFFICER MUNICIPAL COUNCIL, BHAWANIPATNA, KALAHANDI

**No. 1721** **Date: 22.06.19**

### TENDER CALL NOTICE

Sealed tenders are invited from registered firms/ Authorised dealers/ Rate contract holders/ Agencies/ Reputed manufacturers for supply of Dustbins 1. Bluebin 2. Greenbin, with specifications, terms and conditions mentioned in the tender paper. The tender Paper is available in the Website **www.kalahandi.nic.in.** It should reach to the Office of the undersigned on or before 4.00 PM of 02.07.2019 through Registered Post/ Speed Post only, which will be opened on 03.07.2019 at 05.00 PM in the Office of the Municipal Council, Bhawanipatna.

The goods to be supplied are as follows.

| Sl. No. | Name of Article | Specification | Unit Required |
|---|---|---|---|
| 1 | Dustbins Blue/Green bin (10 ltrs.) | Details in specification **Annexure B** | 44,000 Nos. |
| 2 | Dustbins Blue/Green bin (120 ltrs.) | Details in specification **Annexure B** | 80 Nos. |
| 3 | Dustbins Blue/Green bin (240 ltrs.) | Details in specification **Annexure B** | 200 Nos. |

Bids submitted beyond the manner prescribed in the tender documents shall be rejected.

**Sd./- Executive Officer,**
**Bhawanipatna Municipality**

## DISTRICT EDUCATION OFFICE SAMBALPUR

(DISTRICT PROJECT MANAGEMENT UNIT, MID DAY MEAL)

**No.4928 /MDM** **Dt: 22.06.2019**

### SHORT TENDER CALL NOTICE

Sealed tenders are invited in the prescribed form the intending individual / firm / Agents having agent's license for transportation of food stuff under MDM feeding programme from OSCSC godowns to school points of different blocks of Sambalpur District without transit during the session 2019-20. The detailed tender papers and documents can be obtained from the District Project Management Unit, MDM, which is functioning in the Office of the District Education Officer, Sambalpur on payment of Rs. 10,000/- (Rupees ten thousand) only (non-refundable) in shape of Demand Draft in favour of the " District Education Officer-cum-District Nodal Officer, District Project Management Unit, MDM, Sambalpur". The details of the Tender notice and other documents are available in Office website http://sambalpur.nic.in of Sambalpur District.

| | | |
|---|---|---|
| Date of commencement of sale of Tender Document | : | 25.06.2019 |
| Last date of sale of Tender Document | : | 08.07.2019 |
| Last date & time of Receipt of Tender Documents | : | 10.07.2019 |
| Date & Time of Opening of Tender Documents | : | To be informed later on |

Not with standing anything contained to the contrary in the tender document, the undersigned reserves the right to cancel/modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

**Sd./- COLLECTOR, SAMBALPUR**

ସୌ|ନ୍ଦ|ର୍ଯ୍ୟ



# ଦାଗ ଦୂରକରିବ ପୁଦିନା

**ପୁଦିନାରେ ବିଭିନ୍ନ ପ୍ରକାର ଔଷଧୀୟ ଗୁଣ ରହିବା ସହ ଏହା ମଧ୍ୟ ସୌନ୍ଦର୍ଯ୍ୟ ପାଇଁ ଲାଭକାରୀ ହୋଇଥାଏ। ତ୍ୱଚାରେ ଥିବା ଦାଗ ଦୂର କରିବାକୁ ଏହା କାମ ଦେଇଥାଏ। ପୁଦିନାରେ ଥିବା ଆଣ୍ଟି ବ୍ୟାକ୍ଟେରିଆ ଗୁଣ କାରଣରୁ ଏହା ତ୍ୱଚାକୁ ସଫା କରିଥାଏ। ଏହାର ବ୍ୟବହାର ଦ୍ୱାରା ତ୍ୱଚା ସମ୍ବନ୍ଧୀୟ କେତେକ ସମସ୍ୟା ଆପେ ଆପେ ଦୂର ହୋଇଥାଏ।..**

**ସ୍କିନ୍ ନ୍ୟୁଟ୍ରିଶନ ପାଇଁ:** କାକୁଡ଼ି ପରି ପୁଦିନା ତ୍ୱଚାକୁ ମଶ୍ଚରାଇଜ୍ କରିବାରେ ସାହାଯ୍ୟ କରେ। ପୁଦିନା ପତ୍ରର ରସକୁ ମୁହଁରେ ଲଗାଇବା ଦ୍ୱାରା ମୁହଁ ଫ୍ରେଶ୍ ଲାଗିଥାଏ। ପୁଦିନା ବ୍ୟବହାର କରିବା ଦ୍ୱାରା ତ୍ୱଚାର ରୋମଛିଦ୍ର ଖୋଲିଯାଇଥାଏ। ପୁଦିନା ପତ୍ରର ରସ ସହିତ ଦହି ଓ ମହୁ ମିଶାଇ ତ୍ୱଚାରେ ଲଗାଇଲେ ବହୁତ ଲାଭ ମିଳିଥାଏ।

**ସଫା ଦେଖାଯିବ:** ଆଜିକାଲି ପାଗରେ ସ୍କିନ୍‌ରେ ଡ୍ରାଏନେସ୍ ଦେଖାଦେବା ସାଧାରଣ କଥା। ଡ୍ରାଏନେସ୍‌ରୁ ରକ୍ଷା ପାଇବାକୁ ହେଲେ ଖାଦ୍ୟରେ ପୁଦିନା ସାମିଲ କରନ୍ତୁ। ଯଦି ଆପଣ ଏହାକୁ ନିୟମିତ ବ୍ୟବହାର କରିବେ ତେବେ ଆପଣଙ୍କ ତ୍ୱଚା ସଫା ଦେଖାଯିବ।

**ସନ୍‌ବର୍ନ ଓ ଟ୍ୟାନିଂରୁ ରକ୍ଷା କରେ:** ଖରା ସଂସ୍ପର୍ଶରେ ତ୍ୱଚା ଆସିଲେ ଟ୍ୟାନିଂ ହେବାର ଆଶଙ୍କା ରହିଛି। ଏମିତିରେ ଟ୍ୟାନିଂ ଦୂର କରିବାକୁ ହେଲେ ପୁଦିନାରେ ଥିବା ଓମେଗା-୩ ଫ୍ୟାଟି ଏସିଡ୍ ବହୁତ କାମରେ ଆସିଥାଏ। ଟ୍ୟାନିଂ ସମସ୍ୟା ଦୂର କରିବାକୁ ହେଲେ ପୁଦିନା ପତ୍ରର ପେଷ୍ଟ ଲଗାଇବା ଦ୍ୱାରା ବହୁତ ଫାଇଦା ମିଳିଥାଏ।


**ମୁଖବ୍ରଣ ଦୂର କରିବା:** ପୁଦିନାରେ ତ୍ୱଚାକୁ ଫାଇଦା ପହଞ୍ଚାଇବା ଭଳି ଏସିଡ୍ ରହିଛି। ଏହାଦ୍ୱାରା ମୁଖବ୍ରଣ ସମସ୍ୟା କେତେକାଂଶରେ କମ୍ ଦେଖିବାକୁ ମିଳେ। ଏଥିପାଇଁ ଅଧିକାଂଶ ମହିଳା ମିଣ୍ଟ ମାସ୍କ ବ୍ୟବହାର କରିଥାନ୍ତି। ଏଥିରେ ସେଲିସିଲିକ୍ ଏସିଡ୍ ରହିଛି, ଯାହା ବ୍ରଣ ଆଦିକୁ ଦୂର କରିବାରେ ସାହାଯ୍ୟ କରେ। ଆପଣ ଚାହିଁଲେ ଏହାକୁ ଗ୍ରାଇଣ୍ଡିଂ କରି ଲଗାଇପାରିବେ ନ ହେଲେ ଏଥିରେ ଅଳ୍ପ ପରିମାଣର ଗୋଲାପ ଜଳ ମିଶାଇ ଲଗାଇପାରିବେ। କିଛିଦିନ ପରେ ଆପଣ ତ୍ୱଚାରେ ଫରକ ଅନୁଭବ କରିପାରିବେ।



ଫ୍ୟାଶନ୍

## ହାତର ଶୋଭା ବଢ଼ାଏ ଷ୍ଟାଇଲିଶ୍ ରିଙ୍ଗ୍

**ସୁନ୍ଦର ଦେଖାଯିବାକୁ କିଏ ବା ଇଚ୍ଛା ନ କରେ? ଯୁବତୀ ହୁଅନ୍ତୁ କି ମହିଳା ସମସ୍ତେ ମେକ୍‌ଅପ୍ ସହିତ ଶୃଙ୍ଗାର କରିଥାନ୍ତି। ଖାସ୍‌କରି ଯୁବତୀମାନେ ଶୃଙ୍ଗାରକୁ ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର ଆସେସରିଜ୍ ବ୍ୟବହାର କରିଥାନ୍ତି। ଏଥିପାଇଁ କେତେକ ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ସେ ବିଷୟରେ ଟିପ୍ସ...**




**ନେଲ ରିଙ୍ଗ୍:** ହାତରେ କିଛି ନୂଆ ଦେଖାଯିବାକୁ ଚାହୁଁଥିଲେ ବଜାରରେ ନେଲ ରିଙ୍ଗ୍‌ର ବହୁତ ପ୍ରଚଳନ ହେଉଛି। ଯେଉଁମାନଙ୍କର ନେଲ୍‌ଆର୍ଟ କରିବା ପସନ୍ଦ ସେମାନେ ଏହାକୁ ବ୍ୟବହାର କରିପାରିବେ।

**ଫଙ୍କି ରିଙ୍ଗ୍ :** ୱେଷ୍ଟର୍ନ ଡ୍ରେସ୍ ପିନ୍ଧୁଥିବା ଝିଅମାନଙ୍କୁ ଏହି ରିଙ୍ଗ୍ ଭଲ ମାନିଥାଏ। କାରଣ ଏଭଳି ଡ୍ରେସ୍ ସହ ଏହି ରିଙ୍ଗ୍ ମ୍ୟାଚ୍ କରିଥାଏ।

**ଡାଇମଣ୍ଡ ରିଙ୍ଗ୍:** ଡାଇମଣ୍ଡ ରିଙ୍ଗ ସବୁପ୍ରକାର ପରିଧାନ ସହ ମାନିଥାଏ। ଏହି ରିଙ୍ଗ୍‌ର ପ୍ରଚଳନ ସବୁବେଳେ ରହିଛି। ଆଜିକାଲି ଅଧିକାଂଶ ମହିଳା ଏହାକୁ ପିନ୍ଧିବାକୁ ପସନ୍ଦ କରୁଛନ୍ତି।

**ବ୍ରେସ୍‌ଲେଟ୍ ଥିବା ରିଙ୍ଗ୍:** ଆଜିକାଲି ବଜାରରେ ବ୍ରେସଲେଟ୍ ଥିବା ରିଙ୍ଗ୍ ମିଳୁଛି। ଏହା ଆଙ୍ଗୁଠିରୁ ବାହାରି ପାପୁଲିକୁ ମଧ୍ୟ କଭର କରିଥାଏ, ଯାହା ଦ୍ୱାରା ଆଙ୍ଗୁଠି ସୁନ୍ଦର ଦେଖାଯିବା ସହ ପାପୁଲି ମଧ୍ୟ ସୁନ୍ଦର ଦେଖାଯାଇଥାଏ।



ଖା|ଦ୍ୟ|ରୁ|ଚି

## ଚଣାଡାଲି କଟଲେଟ୍

**ଆବଶ୍ୟକ ସାମଗ୍ରୀ:** ଭିଜା ହୋଇଥିବା ଚଣାଡାଲି ଏକକପ୍, ହଳଦୀ ଛୋଟ ଚାମଚ, ଲଙ୍କାଗୁଣ୍ଡ ପାଉଡର ଏକ ଛୋଟ ଚାମଚ, କଞ୍ଚାଲଙ୍କା ଦୁଇଟି, ରସୁଣ ୨-୩ଟି କୋଲା, ଫ୍ରାଏ ପାଇଁ ତେଲ ଓ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ରାଇଣ୍ଡର ନେଇ ଭିଜା ହୋଇଥିବା ଚଣାଡାଲି ଓ ସବୁପ୍ରକାର ମସଲାକୁ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ପରେ ଏକ ପ୍ୟାନ୍ ନେଇ ତେଲ ପକାନ୍ତୁ। ଯେତେବେଳେ ପ୍ୟାନ୍ ଗରମ ହେଲା ସେତେବେଳେ ମିକ୍ସକୁ ଗୋଟିଏ ଗୋଟିଏ କଟ୍‌ଲେଟ୍ ଆକାର କରି ପ୍ୟାନ୍‌ରେ ପକାନ୍ତୁ। ଏହାକୁ ଚଟଣି ସହିତ ଖାଇପାରିବେ।





# ପିଲାମାନଙ୍କ ବ୍ୟବହାରିକ ସମସ୍ୟା

ଡା.ସତ୍ୟକାମ ମହାପାତ୍ର

ପିଲାମାନେ ହେଉଛନ୍ତି ଆମ ସମାଜର ଅମୂଲ୍ୟ ସମ୍ପଦ। ସେମାନେ ହେଉଛନ୍ତି ଆମର ଭବିଷ୍ୟତ। ଯେତେବେଳେ ପିଲାମାନଙ୍କର ବୟସ ବଢ଼ିଥାଏ, ସେମାନଙ୍କ ବ୍ୟବହାରରେ ଅନେକ ପରିବର୍ତ୍ତନ ଦେଖାଦେଇଥାଏ। କିନ୍ତୁ ବେଳେବେଳେ ସେମାନଙ୍କଠାରେ ଅନେକ ଗୁରୁତର ବ୍ୟବହାରଜନିତ ସମସ୍ୟା ଦେଖାଦେଇଥାଏ।

ପିଲାମାନେ ଚଞ୍ଚଳ ରହିବା ଏକ ସାଧାରଣ କଥା। ଏହା ସାଧାରଣତଃ ଛୋଟ ପିଲାମାନଙ୍କଠାରେ ଦେଖାଯାଇଥାଏ। ପିଲାର ବୟସ ବଢ଼ିଲେ ତାହାର ଚଞ୍ଚଳାମି କମିଯାଇଥାଏ। ପିଲାର ଏକାଗ୍ରତା ବଢ଼ିଥାଏ। ମାତ୍ର କିଛି ପିଲାଙ୍କଠାରେ ଚଞ୍ଚଳାମି ଅଧିକ ମାତ୍ରାରେ ରହିଥାଏ ଓ ପିଲାର ଏକାଗ୍ରତା କମ୍ ଥାଏ। ଏହାକୁ Attention Deficit Hyperactivity Disorder (ADHD) ରୋଗ ବୋଲି କହିଥାଉ। ଏଥିରେ ପିଲା ମାତ୍ରାଧିକ ଚଞ୍ଚଳ ରହିଥାଏ, କୌଣସି ଗୋଟେ ଜାଗାରେ ସ୍ଥିରହୋଇ ବସେନାହିଁ। ଲଗାତର କିଛି ସମୟ ଘରେ, କ୍ଲାସ ରୁମ୍‌ରେ କିମ୍ବା ଟିଭି ସାମ୍ନାରେ ବସିପାରେନାହିଁ। ଟିଭି ଦେଖିଲାବେଳେ ସେ ବାରମ୍ବାର ଚ୍ୟାନେଲ ବଦଳାଉଥାଏ। ପିଲା ଅଧିକ କଥା ହୋଇଥାଏ। ପିଲାର ଧ୍ୟାନ ଓ ଏକାଗ୍ରତା କମ୍ ରହିବା ଯୋଗୁ ସେ ଠିକ୍‌ସେ ପାଠ ପଢ଼ିପାରେନାହିଁ। ଶିକ୍ଷକମାନେ ବାରମ୍ବାର ଅଭିଯୋଗ କରିଥାନ୍ତି ଯେ ପିଲା କ୍ଲାସ୍‌ରେ ଧୈର୍ଯ୍ୟଧରି ବସୁନାହିଁ, ଯାହା ପାଠ ପଢ଼ାଯାଉଛି ତାକୁ ଶୁଣୁନାହିଁ। ତା'ର ପାଠ ମନେ ରହୁନାହିଁ। ଅନ୍ୟ ପିଲାଙ୍କୁ କ୍ଲାସ୍‌ରେ ହଇରାଣ କରୁଛି। ସେ ପରୀକ୍ଷାରେ ଧୈର୍ଯ୍ୟଧରି ସବୁ ପ୍ରଶ୍ନକୁ ପଢ଼େନାହିଁ। ଅଧା ପ୍ରଶ୍ନର ଉତ୍ତର ନ ଦେଇ ପଳାଇଆସେ। ପିଲା ତାହାର ଖାତା, ବହି ଓ ପେନ୍ ବାରମ୍ବାର ହଜାଇ ଦେଇଥାଏ। ପରୀକ୍ଷାରେ ଖରାପ ପ୍ରଦର୍ଶନ କରିଥାଏ। ପିଲାକୁ କୌଣସି ପ୍ରଶ୍ନ ପଚାରିଲେ ସେ ତାହା ପୂରା ନ ଶୁଣି ତରତର ହୋଇ ଉତ୍ତର ଦେଇଥାଏ।

୧୦-୧୨ ପ୍ରତିଶତ ପିଲାଙ୍କଠାରେ ବୟସ ବଢ଼ିବା ସହିତ ଦୁଷ୍ଟାମି ବଢ଼ିଯାଇଥାଏ। ଏହା ସାଧାରଣତଃ ପୁଅପିଲାଙ୍କଠାରେ ଅଧିକ ଦେଖାଦେଇଥାଏ। ଏହାକୁ Oppositional Difiant Disorder (ODD) ବୋଲି କୁହାଯାଏ। ଏଥିରେ ପିଲା ଅତ୍ୟନ୍ତ ଦୁଷ୍ଟ ହୋଇଥାଏ। କାହା କଥା ମାନେନାହିଁ, ଅଯଥା ଯୁକ୍ତି କରିଥାଏ, ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ହୋଇଯାଏ କିମ୍ବା ରାଗିଯାଏ। ଅନ୍ୟମାନଙ୍କୁ ଖରାପ ବ୍ୟବହାର ଦେଖାଇଥାଏ। ପିଲା ନିଜେ ଭୁଲ୍ କରି ଅନ୍ୟମାନଙ୍କର ଦୋଷ ଦେଇଥାଏ। ପିଲା ଅତ୍ୟଧିକ ଜିଦିଆ ହୋଇଥାଏ। ପାଠପଢ଼ାରେ କମ୍ ଧ୍ୟାନ ଦେଇଥାଏ।

ଯଦି ଏ ପ୍ରକାର ପିଲାମାନଙ୍କର ଠିକ୍ ସମୟରେ ଚିକିତ୍ସା କରା ନ ଯାଏ, ତେବେ ସେମାନଙ୍କର ସମସ୍ୟା ଆହୁରି ବଢ଼ିଯାଏ ଏବଂ ଏହା ଅନ୍ୟ ଏକ ବ୍ୟବହାରିକ ସମସ୍ୟାରେ ପରିଣତ ହୋଇଯାଏ। ତାହାକୁ ଆମେ Conduct Disorder ବୋଲି କହିଥାଉ। ଏଥିରେ ପିଲା ମିଛ କହେ, ଚୋରି କରେ, ଘର ଓ ବାହାର ଲୋକଙ୍କୁ ଧମକାଏ ଓ ଝଗଡ଼ା ମଧ୍ୟ କରିଥାଏ। ପଶୁପକ୍ଷୀଙ୍କୁ ନିର୍ଦ୍ଦୟ ଭାବେ ଶାରୀରିକ ନିର୍ଯାତନା ଦେଇଥାଏ। ଘରୁ ଓ ସ୍କୁଲରୁ ବାରମ୍ବାର ଲୁଚି ପଳାଇ ଯାଇଥାଏ। ଅନ୍ୟ ଦୁଷ୍ଟପିଲାଙ୍କ ସହିତ ସାଙ୍ଗ ହୋଇଥାଏ। ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଯେମିତିକି ସିଗାରେଟ୍, ଗୁଟ୍‌ଖା, ମଦ ଆଦି ବ୍ୟବହାର କରିଥାଏ।







ଅଟିଜମ୍ ରୋଗରେ ଶିଶୁ ଅନ୍ୟମାନଙ୍କ ସହିତ ସାମାଜିକ ସମ୍ପର୍କ ସ୍ଥାପନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ। ନିଜ ଆଖପାଖ ଲୋକଙ୍କ ସହିତ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରିପାରନ୍ତି ନାହିଁ। ୧ରୁ ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ। ସବୁବେଳେ ଏକୁଟିଆ କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି। ସେମାନେ ଅନ୍ୟମାନଙ୍କ ଆଖିରେ ଆଖି ମିଳାଇ ପାରନ୍ତି ନାହିଁ। ଅନ୍ୟର ମନର ଭାବନା ଓ ସ୍ନେହକୁ ଠିକ୍ ଭାବେ ବୁଝିପାରନ୍ତି ନାହିଁ। ନିଜର ପାରିପାର୍ଶ୍ୱିକ ଅବସ୍ଥା ପ୍ରତି କମ୍ ସମ୍ବେଦନଶୀଳ ରହିଥାନ୍ତି। ଏହି ପିଲାମାନେ ନିଜ ମନର ଆବେଗକୁ ନିୟନ୍ତ୍ରଣ କରିପାରନ୍ତିନାହିଁ। ଫଳରେ ସେମାନେ ବିନା କାରଣରେ ହସନ୍ତି, କାନ୍ଦନ୍ତି ଏବଂ ରାଗନ୍ତି। କେତେକ ପିଲା ନିଜକୁ କ୍ଷତି କଲାଭଳି ବ୍ୟବହାର ଯଥା ନିଜକୁ କାମୁଡ଼ିବା, ମୁଣ୍ଡ ବାଡ଼େଇବା, ଚୁଟି ଟାଣିବା ଆଦି ବାରମ୍ବାର କରିଥାନ୍ତି। ଅଟିଜମ ରୋଗରେ ପିଲାମାନଙ୍କ ଖେଳିବା ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ। ସେମାନେ ସାଧାରଣ ଭାବେ ବ୍ୟବହାର ହେଉଥିବା ଖେଳଣା ସହିତ ଖେଳି ନ ଥାନ୍ତି। ଘରକରଣା ଜିନିଷ ଯଥା ସାବୁନ, ଦଉଡ଼ି, ମଗ ଆଦି ସହିତ ଖେଳିବାକୁ ବେଶି ପସନ୍ଦ କରିଥାନ୍ତି। ଅନ୍ୟ ପିଲାମାନଙ୍କ ସହିତ ନ ଖେଳି ସବୁବେଳେ ଏକୁଟିଆ ଖେଳିଥାନ୍ତି। ଏହି ରୋଗରେ ପିଲାମାନେ କୌଣସି ଉଚ୍ଚ ଶବ୍ଦ କିମ୍ବା ଅତି ଉଜ୍ଜ୍ୱଳ ଆଲୋକ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି ଏବଂ ଏସବୁ ପ୍ରତି ଅସ୍ୱାଭାବିକ ପ୍ରତିକ୍ରିୟା ପ୍ରକାଶ କରନ୍ତି।

ମୋବାଇଲ ଫୋନ୍‌ର ଅତ୍ୟଧିକ ବ୍ୟବହାର ଯୋଗୁ ପିଲାମାନଙ୍କ ବ୍ୟବହାରରେ ଅନେକ ପରିବର୍ତ୍ତନ ଦେଖାଦେଉଛି। ଯେମିତି କି ଅଧିକ ଚିଡ଼ିଚିଡ଼ା ହେବା, ପାଠପଢ଼ାରେ କମ୍ ଧ୍ୟାନ ଦେବା, ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ ମିଳାମିଶା କମ୍ କରିବା, ଏକୁଟିଆ ରହିବାକୁ ପସନ୍ଦ କରିବା, ସ୍ମରଣଶକ୍ତି ହ୍ରାସ ପାଇବା, ନିଦ କମିଯିବା, ଖାଦ୍ୟ କମ୍ ଖାଇବା, ଛୋଟ ଛୋଟ କଥାରେ ଭୟଭୀତ ହୋଇଯିବା ଆଦି। ଛୋଟ ପିଲାମାନେ ମୋବାଇଲ ଫୋନ୍‌ର ଅତ୍ୟଧିକ ବ୍ୟବହାର ଯୋଗୁ ସେମାନଙ୍କର କଥା କହିବା ଆରମ୍ଭ କରିବାରେ ବିଳମ୍ବ ହୋଇଥାଏ। କିଛି ପିଲାଙ୍କର ମସ୍ତିଷ୍କର ବିକାଶ ବାଧାପ୍ରାପ୍ତ ହୋଇଥାଏ। ମୋବାଇଲ ଫୋନ୍‌ର ଅତ୍ୟଧିକ ବ୍ୟବହାର ଯୋଗୁ ପିଲାମାନେ ଅଯଥା ଅନେକ ସମୟ ନଷ୍ଟ କରୁଛନ୍ତି। ଯାହାଦ୍ୱାରା ସେମାନଙ୍କ ପାଠପଢ଼ା ଉପରେ କୁପ୍ରଭାବ ପଡୁଛି।

### କାରଣ

ପିଲାମାନଙ୍କର ଏସବୁ ବ୍ୟବହାରିକ ସମସ୍ୟାର ଅନେକ କାରଣ ହୋଇପାରେ। ପିଲା ଜନ୍ମ ପୂର୍ବରୁ ଗର୍ଭାବସ୍ଥାରେ ମା'ର କୁପୋଷଣ, ବିଭିନ୍ନ ରୋଗ, ଡାକ୍ତରଙ୍କ ବିନା ପରାମର୍ଶରେ କେତେକ ନିର୍ଦ୍ଦିଷ୍ଟ ଔଷଧ ସେବନ, ମାଦକଦ୍ରବ୍ୟ ସେବନ, ଏକ୍ସରେ ବିକିରଣ ଆଦି। ପିଲା ଜନ୍ମବେଳେ ଡେରିରେ କାନ୍ଦିବା କିମ୍ବା ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହେବା କିମ୍ବା ମସ୍ତିଷ୍କରେ ଆଘାତ ଲାଗିବା ଦ୍ୱାରା, ପିଲା ଜନ୍ମ ହୋଇସାରିଲା ପରେ ମସ୍ତିଷ୍କ ଜ୍ୱର, ଅପସ୍ମାର ବାତ, ଜଣ୍ଡିସ୍, ଦୁର୍ଘଟଣାରୁ ମୁଣ୍ଡରେ ଆଘାତ ଲାଗିବା ଆଦି। ଜିନ୍‌ଗତ କାରଣ ଯୋଗୁ କିଛି ପିଲାଙ୍କଠାରେ ବ୍ୟବହାରିକ ସମସ୍ୟା ମଧ୍ୟ ଦେଖାଦେଇଥାଏ। ପିଲାର ଲାଳନପାଳନ ଯଦି ଠିକ୍‌ସେ କରା ନ ଯାଏ, ତେବେ ପିଲାର ବୌଦ୍ଧିକ ବିକାଶ ଠିକ୍‌ସେ ହୁଏନାହିଁ। ଫଳରେ ପିଲାର ବିଭିନ୍ନ ବ୍ୟବହାରିକ ସମସ୍ୟା ଆରମ୍ଭ ହୋଇଥାଏ। ଅନେକ ପିଲାଙ୍କଠାରେ ଏସବୁ ବ୍ୟବହାରିକ ସମସ୍ୟାର କୌଣସି ନିର୍ଦ୍ଦିଷ୍ଟ କାରଣ ମିଳି ନ ଥାଏ।

### ଉପଚାର

ଏ ସବୁ ସମସ୍ୟା ମଧ୍ୟରୁ କିଛି ବି ନିଜ ପିଲାଠାରେ ଦେଖାଦେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ। ଏ ସବୁ ସମସ୍ୟାକୁ ଆଦୌ ଅବହେଳା କରନ୍ତୁ ନାହିଁ। କାରଣ ବୟସ ବଢ଼ିଲେ ଏସବୁ ସମସ୍ୟା ବଢ଼ିଥାଏ। ଡେରିରେ ଚିକିତ୍ସା ଆରମ୍ଭ କଲେ ଲକ୍ଷଣଗୁଡିକ ଚିହ୍ନିବାରେ ବିଳମ୍ବ ହୋଇଥାଏ। ଏହାଛଡ଼ା ପିଲାର ଉପଯୁକ୍ତ ମାନସିକ ବିକାଶ ହୋଇ ନ ଥାଏ। ତାହାର ପାଠପଢ଼ା ଉପରେ କୁପ୍ରଭାବ ପଡ଼ିଥାଏ।

ଏ ସବୁ ବ୍ୟବହାରିକ ସମସ୍ୟା ପାଇଁ କାଉନ୍‌ସେଲିଙ୍ଗ ସହିତ ବେଳେବେଳେ କିଛି ଔଷଧ ଦରକାର ପଡ଼ିପାରେ। କାଉନ୍‌ସେଲିଂରେ ପିଲା ସହିତ ମା'ବାପାମାନେ କିଭଳି ବ୍ୟବହାର କରିବେ, ତାହା ବିଷୟରେ ବିସ୍ତାରରେ ପ୍ରଶିକ୍ଷଣ ଦିଆଯାଇଥାଏ। ପିଲାକୁ ମଧ୍ୟ ଏ ବିଷୟରେ କାଉନ୍‌ସେଲିଙ୍ଗ କରାଯାଇଥାଏ। ଏଥିରେ କିଭଳି ପିଲାର ଭଲ ବ୍ୟବହାରକୁ ବଢ଼ାଯାଇପାରିବ ଓ ଖରାପ ବ୍ୟବହାରକୁ କମାଯାଇପାରିବ ସେ ବିଷୟରେ ମାତାପିତାଙ୍କୁ ଟ୍ରେନିଂ ଦିଆଯାଇଥାଏ। କିଛି ପିଲାଙ୍କ ପାଇଁ ଔଷଧ ଦିଆଯାଇଥାଏ। ଆଜିକାଲି ପିଲାମାନଙ୍କ ପାଇଁ ସୁରକ୍ଷିତ ଔଷଧ ବ୍ୟବହାର କରାଯାଉଛି। ଏ ଔଷଧଗୁଡ଼ିକର ସେମିତି କିଛି ପାର୍ଶ୍ୱପ୍ରତିକ୍ରିୟା ମଧ୍ୟ ନାହିଁ। ତେଣୁ ଅଭିଭାବକମାନେ ପିଲାର ଚିକିତ୍ସା ପାଇଁ ଆଦୌ ଡରନ୍ତୁ ନାହିଁ କିମ୍ବା ବିଳମ୍ବ କରିବା ଉଚିତ ନୁହେଁ। ଅଭିଭାବକମାନେ ପିଲାର ଭଲ ବ୍ୟବହାର ସୃଷ୍ଟି ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ନେଇପାରିବେ।

- ❖ପିଲାର ବ୍ୟବହାର ଉପରେ ସବୁବେଳେ ନଜର ରଖନ୍ତୁ।
- ❖ପିଲାକୁ ଯଥେଷ୍ଟ ସମୟ ଦିଅନ୍ତୁ। ପିଲାର ମନକଥା ବୁଝିବାକୁ ଚେଷ୍ଟାକରନ୍ତୁ।
- ❖ପିଲା କୌଣସି ଭୁଲ୍ କାମ କଲେ ତାକୁ ଗାଳି କିମ୍ବା ମାଡ଼ ଦିଅନ୍ତୁ ନାହିଁ। ପ୍ରଥମେ ତାକୁ ସ୍ନେହର ସହିତ ତା' ଭୁଲକୁ ବୁଝାନ୍ତୁ। ଯଦି ସେ ନ ବୁଝେ, ତେବେ ତା' ପସନ୍ଦର ଜିନିଷ କିଛି ସମୟ ପାଇଁ ଦିଅନ୍ତୁ ନାହିଁ।
- ❖ପିଲା ଭଲ କାମ କଲେ ତାକୁ ପ୍ରଶଂସା ଏବଂ ଉତ୍ସାହିତ କରନ୍ତୁ।
- ❖ପିଲାକୁ ମୋବାଇଲ ଫୋନ୍‌ରୁ ଦୂରେଇ ରଖନ୍ତୁ।
- ❖ପିଲାକୁ ସନ୍ଧ୍ୟା ସମୟରେ ବାହାରେ ଖେଳିବାକୁ ଛାଡ଼ନ୍ତୁ।
- ❖ପାଠ ପଢ଼ିବା ଓ ଅଧିକ ନମ୍ବର ରଖିବା ପାଇଁ ପିଲା ଉପରେ ଅତ୍ୟଧିକ ଚାପ ପ୍ରୟୋଗ କରନ୍ତୁ ନାହିଁ।
- ❖ନିଜ ପିଲାକୁ ଅନ୍ୟ ପିଲାଙ୍କ ସହ ତୁଳନା କରନ୍ତୁ ନାହିଁ।
- ❖ପିଲାର ସମସ୍ତ ଜିଦିକୁ ମାନିନିଅନ୍ତୁ ନାହିଁ। ଅଯଥା ଜିଦିକୁ ମାନନ୍ତୁ ନାହିଁ।
- ❖ପିଲାକୁ ଧୈର୍ଯ୍ୟଧରି କାମ କରିବାର କଳା ଶିଖାନ୍ତୁ।

*-ମାନସିକ ରୋଗ ବିଶେଷଜ୍ଞ, କଟକ*
*ମୋ: ୮୮୯୫୨୯୩୯୯୭*

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 69.35 (23) | 39,122.96 (▼71.53) | 11,699.65 (▼24.45) | 34,270.00 (▼₹100) | 39,090.00 (▲₹90) |



"ବାଟରେ ଲୁଟ୍ ହେଉଥିବାରୁ ଜିପିଏସ୍ ଫିଟ୍ ହୋଇଥିବା ଗାଡ଼ିରେ ସାମଗ୍ରୀ ପଠାଇବାକୁ ତିରୁପୁର ଏକ୍ସପୋର୍ଟର୍ସ ଆସୋସିଏଶନ ସମସ୍ତ ରପ୍ତାନିକାରୀଙ୍କୁ ନିର୍ଦ୍ଦେଶ ଦେଇଛି।
– ରାଜା ଏମ୍. ସମ୍ମୁଗମ, ପ୍ରେସିଡେଣ୍ଟ, ଟିଇଏ



"ରାଷ୍ଟ୍ରୀୟ ସ୍ତରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡିଜିଟାଲ ପ୍ରୟୋଗ ନେଇ ନେଦରଲାଣ୍ଡ ସହ ଭାରତର ଆଲୋଚନା ଚାଲିଛି। ଏହିକ୍ରମରେ ସେ ଦେଶର ବିଶେଷଜ୍ଞମାନେ ଏବେ ଭାରତ ଗସ୍ତରେ ରହିଛନ୍ତି।
– ସିଦ୍ଧାର୍ଥ ଭଟ୍ଟାଚାର୍ଯ୍ୟ, ନ୍ୟାଟ୍‌ହେଲ୍‌ଥ ମହାସଚିବ

## ସଂକ୍ଷେପରେ

### ୬୪,୭୦୦ କୋଟିର ରିଫଣ୍ଡ ଦେଲା ଆୟକର ବିଭାଗ

**ନୂଆଦିଲ୍ଲୀ,୨୪-୬:** ଆୟକର ବିଭାଗ ଚଳିତ ଆର୍ଥିକ ବର୍ଷରେ ୬୪,୭୦୦ କୋଟି ଟଙ୍କା ରିଫଣ୍ଡ ପ୍ରଦାନ କରିଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୧.୬୧ ଲକ୍ଷ କୋଟି ଟଙ୍କା ରିଫଣ୍ଡ କରାଯାଇଥିଲା ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ଲୋକ ସଭାରେ ସୂଚନା ଦେଇଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ୨୦୧୮-୧୯ ଆକଳନ ବର୍ଷ(ଆର୍ଥିକ ବର୍ଷ ୨୦୧୭-୧୮) ଲାଗି ୬.୪୯ କୋଟିରୁ ଅଧିକ ଇଲେକ୍ଟ୍ରୋନିକ ରିଟର୍ନ ହୋଇଛି। ସେହିପରି ଆକଳନ ବର୍ଷ ୨୦୧୭-୧୮ରେ ୫.୪୭ କୋଟି ରିଟର୍ନ ତୁଳନାରେ ଏହା ୧୮.୬୫ ପ୍ରତିଶତ ଅଧିକ। ସେ କହିଛନ୍ତି ଯେ, ୨୦୧୮-୧୯ରେ ଟିକସଦାତାଙ୍କୁ ୨୬.୯ କୋଟି ଏସ୍‌ଏମ୍‌ଏସ୍ ଓ ଇମେଲ୍ ପଠାଯାଇ ନିର୍ଦ୍ଧାରିତ ସମୟରେ ଆଇଟିଆର୍ ଦାଖଲ କରିବାକୁ ସ୍ମରଣ କରିଦିଆଯାଇଛି।

### ବ୍ୟାଙ୍କରେ ୫ ବର୍ଷରେ ଇଚ୍ଛାକୃତ ଖିଲାପକାରୀ ବଢ଼ିଛନ୍ତି ୬୦%

**ନୂଆଦିଲ୍ଲୀ,୨୪-୬:** ଗତ ୫ ବର୍ଷରେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ଇଚ୍ଛାକୃତ ଖିଲାପକାରୀଙ୍କ ସଂଖ୍ୟା ୬୦% ବଢ଼ି ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ୮୫୮୨ ଛୁଇଁଛି। ୨୦୧୪-୧୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ୫,୩୪୯ ରହିଥିଲା ବୋଲି ସୋମବାର ଲୋକ ସଭାକୁ ଲିଖିତ ଉତ୍ତରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୂଚନା ଦେଇଛନ୍ତି। ୨୦୧୪-୧୫ ପରଠାରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ଇଚ୍ଛାକୃତ ଖିଲାପକାରୀଙ୍କ ସଂଖ୍ୟାରେ ବୃଦ୍ଧି ଘଟି ଚାଲିଛି। ଏହା ୨୦୧୫-୧୬ରେ ୬,୫୭୫ ଥିବା ବେଳେ ୨୦୧୬-୧୭ରେ ୭,୦୭୯ ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ୭,୫୩୫କୁ ବୃଦ୍ଧି ଘଟିଥିଲା। ସେହିଭଳି ଗତ ୫ ବର୍ଷରେ ଇଚ୍ଛାକୃତ ଖିଲାପକାରୀଙ୍କଠାରୁ ସରକାର ୭୬୫୪ କୋଟି ଟଙ୍କା ଅସୁଲ କରିବାକୁ ସକ୍ଷମ ହୋଇଥିବା ସୀତାରାମନ କହିଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଅସୁଲ ପାଇଁ ୮୧୨୧ ମାମଲା ସାମ୍ନାକୁ ଆସିଛି। ଏହାବାଦ ସରଫାଏସି ଆଇନରେ ୬,୨୫୧ ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

### ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ
### ଚୋକ୍‌ସିଙ୍କ ମେଡିକାଲ ରିପୋର୍ଟ ଯାଞ୍ଚ କରିବେ ବିଶେଷଜ୍ଞ ଦଳ

**ମୁମ୍ବାଇ,୨୪-୬:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ମହାଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ମେଡିକାଲ ରିପୋର୍ଟ ପରୀକ୍ଷା ପାଇଁ ବମ୍ବେ ହାଇକୋର୍ଟ ସୋମବାର ଏକ ବିଶେଷଜ୍ଞ ଦଳ ଗଠନ କରିଛନ୍ତି। ଚୋକ୍‌ସିଙ୍କ ସ୍ୱାସ୍ଥ୍ୟାବସ୍ଥାର ରିପୋର୍ଟ ଯାଞ୍ଚ କରିବା ପରେ ସେ ଆଣ୍ଟିଗୁଆରୁ ବିମାନରେ ଯାତ୍ରା କରିବାକୁ ସକ୍ଷମ କି ନା ଏହି ଦଳ ଜୁଲାଇ ୯ରେ ତାଙ୍କର ରିପୋର୍ଟ ହାଇକୋର୍ଟରେ ଦାଖଲ କରିବେ। ଜୁଲାଇ ୧୦ରେ ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଦିନ ଧାର୍ଯ୍ୟ କରିଛି। ଫେରାର ହୀରା ବ୍ୟବସାୟୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଦ୍ୱାହି ଦେଇ ଭାରତ ଆସିବାକୁ ମନା କରିଦେଇଛନ୍ତି। ନିକଟ ଅତୀତରେ ସେ ଅଦାଲତରେ ସତ୍ୟପାଠ ଦାଖଲ କରିଥିଲେ। ସେ ଦେଶରୁ ପଳାଇ ନାହାନ୍ତି, ବରଂ ନିଜର ଚିକିତ୍ସା ପାଇଁ ବିଦେଶ ଯାଇଛନ୍ତି ଏବଂ ବର୍ତ୍ତମାନ ଆଣ୍ଟିଗୁଆରେ ଅବସ୍ଥାନ କରୁଛନ୍ତି ବୋଲି ଚୋକ୍‌ସି ତାଙ୍କ ସତ୍ୟପାଠରେ ଦର୍ଶାଇଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସେ ବିମାନଯାତ୍ରା କରିବାକୁ ଅସମର୍ଥ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

### କର୍ମଚାରୀଙ୍କୁ ଜୁନର ବେତନ ଦେଇପାରିବନି ବିଏସ୍‌ଏନ୍‌ଏଲ

**ନୂଆଦିଲ୍ଲୀ,୨୪-୬:** ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ) କେନ୍ଦ୍ର ସରକାରଙ୍କୁ ଜରୁରୀ ପତ୍ର ପଠାଇ କମ୍ପାନୀର ଅପରେଶନ ଜାରି ରଖିବାକୁ ଅସମର୍ଥ ବୋଲି ଜଣାଇଛି। କର୍ମଚାରୀଙ୍କୁ ଜୁନର ଦରମା ଦେବାକୁ କମ୍ପାନୀ ନିଜର ଅକ୍ଷମତା ପ୍ରକାଶ କରିଛି। ଦରମା ବାବଦରେ ଆବଶ୍ୟକ ହେଉଥିବା ୮୫୦ କୋଟି ଟଙ୍କା କମ୍ପାନୀ ନିକଟରେ ନାହିଁ ବୋଲି ଏଥିରେ କୁହାଯାଇଛି। କମ୍ପାନୀ ଉପରେ ଏବେ ପ୍ରାୟ ୧୩ ହଜାର କୋଟି ଟଙ୍କାର ବକେୟା ରହିଛି। ଫଳରେ ବିଏସ୍‌ଏନ୍‌ଏଲ୍‌ର କାରବାର ଉପରେ ପ୍ରଭାବ ପଡ଼ିଛି। କମ୍ପାନୀର କର୍ପୋରେଟ ବଜେଟ ଆଣ୍ଡ ବ୍ୟାଙ୍କିଙ୍ଗ ଡିଭିଜନର ସିନିୟର ଜେନେରାଲ ମ୍ୟାନେଜର ପୁରନ ଚନ୍ଦ ଟେଲିକମ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କୁ ପତ୍ର ଲେଖିଛନ୍ତି। ପ୍ରତିମାସରେ ରାଜସ୍ୱ ଆୟ ଓ ଖର୍ଚ୍ଚ ଭିତରେ ବୃଦ୍ଧି ପାଉଥିବା ଅନ୍ତର ଯୋଗୁ କମ୍ପାନୀର ପରିଚାଳନା ଚିନ୍ତା ବଢ଼ାଇ ଦେଇଛି। କାରଣ ଏହା ଏବେ ଏପରି ପର୍ଯ୍ୟାୟରେ ପହଞ୍ଚିଛି ଯେ, ବିନା ଆର୍ଥିକ ସହାୟତାରେ ଆଉ କମ୍ପାନୀ ପରିଚାଳନା କରିବା ସମ୍ଭବ ନୁହେଁ। ବିଏସ୍‌ଏନ୍‌ଏଲ୍‌ର ଦୈନନ୍ଦିନ କାର୍ଯ୍ୟ ତୁଲାଇବା ଅସମ୍ଭବ ହୋଇଛି।

# ଆର୍‌ବିଆଇରେ ଶୁଭିବନି ବିରୋଧର ସ୍ୱର



**ନୂଆଦିଲ୍ଲୀ,୨୪-୬**

ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ପଦରୁ ଡ.ବିରଲ ଆଚାର୍ଯ୍ୟଙ୍କ ଇସ୍ତଫା ପରେ କେନ୍ଦ୍ର ସରକାରଙ୍କ ଅଯଥା ହସ୍ତକ୍ଷେପକୁ ବିରୋଧ କରୁଥିବା କୌଣସି ଉଚ୍ଚ ଅଧିକାରୀ ଆଉ କେନ୍ଦ୍ରୀୟ ବ୍ୟାଙ୍କରେ ରହିଲେନି। ବିମୁଦ୍ରୀକରଣ ଓ ଆର୍‌ବିଆଇରେ ଗଚ୍ଛିତ ଥିବା ବଳକା ଟଙ୍କାକୁ ନେଇ କେନ୍ଦ୍ର ସରକାରଙ୍କ ସହ ରିଜର୍ଭ ବ୍ୟାଙ୍କର ମତାନ୍ତର ପରେ ଗଭର୍ନର ପଦରୁ ଡ.ଉର୍ଜିତ ପଟେଲ ଇସ୍ତଫା ଦେଇଥିଲେ। ଉର୍ଜିତଙ୍କ ଇସ୍ତଫା ପୂର୍ବରୁ ରିଜର୍ଭ ବ୍ୟାଙ୍କରେ ଯେ ସବୁକିଛି ଠିକ୍ ଚାଲୁନି ଏହା ଜଣାଇ ଦେଇଥିଲେ ବିରଲ। ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କେନ୍ଦ୍ର ସରକାରଙ୍କ ଉପରେ ଖୋଲାଖୋଲି ବର୍ଷିଥିଲେ ଏବଂ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତା ବଜାୟ ରହିବା ଆବଶ୍ୟକ ବୋଲି ନିଜର ମତ ରଖିଥିଲେ।

ଗତ ୩ ବର୍ଷ ଭିତରେ କେନ୍ଦ୍ରୀୟ ବ୍ୟାଙ୍କରୁ ୩ ଜଣ ସର୍ବୋଚ୍ଚ ଅଧିକାରୀ ନିଜର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପ୍ରଥମେ ରଘୁରାମ ରାଜନ ଇସ୍ତଫା ଦେଇଥିଲେ। ଏହାପରେ ପଟେଲ ଓ ଏବେ ବିରଲ ନିଜ ପଦରୁ ଇସ୍ତଫା ଦେଲେ। ଡ.ଆଚାର୍ଯ୍ୟଙ୍କ ଇସ୍ତଫା ଚକିତ କଲା ଭଳି ନ ଥିଲା। କାରଣ ବିଭିନ୍ନ ପ୍ରସଙ୍ଗରେ ସରକାର ଓ ନବନିଯୁକ୍ତ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ସହ ତାଙ୍କର ମତଭେଦ ଥିଲା। କାରଣ ଫାଇନାନ୍ସିଆଲ ସିଷ୍ଟମ ଉପରେ ଆଚାର୍ଯ୍ୟଙ୍କ ଦୃଷ୍ଟିକୋଣ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଇତିମଧ୍ୟରେ ରିଜର୍ଭ ବ୍ୟାଙ୍କ ତାଙ୍କର ମୁଦ୍ରାନୀତିରେ ୩ ଥର ରେପୋ ରେଟ ହ୍ରାସ କରିଛନ୍ତି। ଏଥିମଧ୍ୟରୁ ୨ ଥର ଡ.ଆଚାର୍ଯ୍ୟ ମୁଦ୍ରା ନୀତି ସମୀକ୍ଷା ବୈଠକରେ ଏହାକୁ ବିରୋଧ କରିଥିଲେ। ଆର୍ଥିକ ବିକାଶ ଏବଂ ମୁଦ୍ରାସ୍ଫୀତିକୁ ନେଇ ତାଙ୍କର ମତ ଭିନ୍ନ ଥିଲା। ଚଳିତ ମାସରେ ଅନୁଷ୍ଠିତ ମୁଦ୍ରା ନୀତି ସମୀକ୍ଷା ବୈଠକରେ ମଧ୍ୟ ଗଭର୍ନର ଦାସ ଓ ବିରଲଙ୍କ ମଧ୍ୟରେ ବିତ୍ତୀୟ ନିଅଣ୍ଟକୁ ନେଇ ମତଭେଦ ଥିଲା।

### ଆଚାର୍ଯ୍ୟଙ୍କ ଶୂନ୍ୟସ୍ଥାନ ପରେ କିଏ

ତେବେ ପ୍ରଶ୍ନ ଉଠୁଛି, ଡ.ବିରଲ ଆଚାର୍ଯ୍ୟଙ୍କ ଇସ୍ତଫା ପରେ ତାଙ୍କର ଶୂନ୍ୟସ୍ଥାନ କିଏ ପୂରଣ କରିବ? କେନ୍ଦ୍ର ସରକାରଙ୍କୁ ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ହେବ। କାରଣ ସେ ଯେଉଁ ବିଭାଗଗୁଡ଼ିକ ଦାୟିତ୍ୱରେ ରହିଥିଲେ, ତାହାକୁ ବେଶି ଦିନ ଅଣଦେଖା କରାଯାଇପାରିବ ନାହିଁ। ତେବେ ତାଙ୍କ ପଦବୀ ପୂରଣ ପାଇଁ ସମ୍ଭାବ୍ୟ କେତେକଙ୍କ ନାମ ବିଚାରଯୋଗ୍ୟ ହୋଇପାରେ। ସେମାନଙ୍କ ମଧ୍ୟରେ ରହିଛନ୍ତି, ଅର୍ଥ ମନ୍ତ୍ରଣାଳୟର ପ୍ରମୁଖ ଆର୍ଥିକ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ, ଆର୍‌ବିଆଇ ମୁଦ୍ରା ନୀତି ସମୀକ୍ଷା କମିଟିର ସଦସ୍ୟ ଡ.ମାଇକେଲ ପାତ୍ର। ମୁଦ୍ରାନୀତି ସମୀକ୍ଷା କମିଟି ବୈଠକରେ ବିରୋଧର ସ୍ୱର ଉଠାଇ ମୁଦ୍ରାନୀତି ସ୍ଥିର କରିବାରେ ଡ.ଆଚାର୍ଯ୍ୟ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ଡ.ପାତ୍ରଙ୍କ ମତାମତ ସର୍ବଦା ସରକାରଙ୍କ ସପକ୍ଷରେ ଯାଇଥାଏ ବୋଲି ସର୍ବଜନବିଦିତ।

## ବହୁଦୃଷ୍ଟିରୁ ବିରଳ ଥିଲେ ବିରଲ

**ନୂଆଦିଲ୍ଲୀ,୨୪-୬**

ଡ.ଉର୍ଜିତ ପଟେଲ ଆର୍‌ବିଆଇର ଡେପୁଟି ଗଭର୍ନର ପଦରୁ ଗଭର୍ନର ଭାବେ ପଦୋନ୍ନତି ପାଇବା ପରେ ଡ.ବିରଲ ଆଚାର୍ଯ୍ୟଙ୍କୁ ମଧ୍ୟ ପଦୋନ୍ନତି ମିଳିଥିଲା ଏବଂ ସେ ଡେପୁଟି ଗଭର୍ନର ହୋଇଥିଲେ। ପଟେଲ ଇସ୍ତଫା ଦେବା ପରେ ସମସ୍ତେ ଭାବିଥିଲେ ଯେ, ତାଙ୍କର ଘନିଷ୍ଠ ସହଯୋଗୀ ବିରଲ ମଧ୍ୟ ତୁରନ୍ତ ନିଜ ପଦରୁ ଇସ୍ତଫା ଦେଇଦେବେ। ବାସ୍ତବରେ କିନ୍ତୁ ତାହା ହୋଇ ନଥିଲା। ସେ ନିଜ ପଦରେ ରହିବା ସହିତ ଆର୍ଥିକ ବ୍ୟାପାର ଏବଂ ଆର୍‌ବିଆଇ ପ୍ରତି କେନ୍ଦ୍ର ସରକାରଙ୍କ ଦୃଷ୍ଟିକୋଣକୁ ନେଇ ଖୋଲାଖୋଲି ସମାଲୋଚନା ଜାରି ରଖିଥିଲେ। ମାତ୍ର ୪୨ ବର୍ଷ ବୟସରେ ଆର୍‌ବିଆଇର ଡେପୁଟି ଗଭର୍ନର ହୋଇ ସେ ସମସ୍ତଙ୍କୁ ଚମକାଇ ଦେଇଥିଲେ। ଆଇଆଇଟି ମୁମ୍ବାଇରୁ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିବା ଆଚାର୍ଯ୍ୟଙ୍କୁ ୧୯୯୫ରେ ପ୍ରେସିଡେଣ୍ଟ ମେଡାଲ ମିଳିଥିଲା। ସେ ନ୍ୟୁୟର୍କ ୟୁନିଭର୍ସିଟିରୁ ଡକ୍ଟରେଟ ଉପାଧି ହାସଲ କରିଥିଲେ।

### ଗରିବଙ୍କ ରଘୁରାମ ରାଜନ


ଡ.ଆଚାର୍ଯ୍ୟ ନୀତିନିର୍ଦ୍ଧାରଣ ଭିତରେ ମୁଦ୍ରାସ୍ଫୀତିକୁ ନେଇ କଡ଼ା ମନୋଭାବ ପୋଷଣ କରୁଥିବା ଅଧିକାରୀ ଭାବେ ପରିଗଣିତ ଥିଲେ। ସେ 'ଗରିବଙ୍କ ରଘୁରାମ ରାଜନ' ଭାବେ ନିଜକୁ ଉଲ୍ଲେଖ କରିଥିଲେ। ଏଣୁ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି ବୈଠକରେ ଯେକେହି ମୁଦ୍ରାସ୍ଫୀତିକୁ ନେଇ ନରମ ମନୋଭାବ ପୋଷଣ କରୁଥିଲେ, ଡ.ଆଚାର୍ଯ୍ୟ ତୁରନ୍ତ ବିରୋଧର ସ୍ୱର ଉଠାଉଥିଲେ।

### ସଙ୍ଗୀତ ପ୍ରେମୀ

ମୁଦ୍ରାନୀତି ନେଇ କଡ଼ା ମନୋଭାବ ପୋଷଣ କରୁଥିବା ଆଚାର୍ଯ୍ୟଙ୍କ ଅନ୍ୟ ଏକ ଭଲ ଦିଗ ରହିଛି। ଥରେ ସେ କେନ୍ଦ୍ର ସରକାର ଓ ଆର୍‌ବିଆଇ ମଧ୍ୟରେ ଥିବା ସମ୍ପର୍କକୁ ହିନ୍ଦୀ ଗୀତର ପଂକ୍ତି ମାଧ୍ୟମରେ ଉଲ୍ଲେଖ କରିଥିଲେ। ସଙ୍ଗୀତ ପ୍ରତି ରୁଚି ରଖୁଥିବା ଆଚାର୍ଯ୍ୟ ନ୍ୟୁୟର୍କରେ ନିଜ କମ୍ପୋଜରେ ଗାଇଥିବା ଗୀତର ଏକ ସିଡୀ ଲଞ୍ଚ କରିଥିଲେ। ଏଥିରୁ ହୋଇଥିବା ଆୟକୁ ସେ ପରୋପକାରରେ ଖର୍ଚ୍ଚ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା


### ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ ୨.୬୫ କୋଟି



**ଭୁବନେଶ୍ୱର,୨୪-୬**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପଲ୍ଲବ ମହାପାତ୍ର ପ୍ରଥମଥର ଲାଗି ଭୁବନେଶ୍ୱର ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ସଚିବାଳୟଠାରେ ଭେଟି ଫନୀ ପ୍ରଭାବିତଙ୍କ ସହାୟତା ବାବଦକୁ ବ୍ୟାଙ୍କ ପକ୍ଷରୁ ୨.୬୫ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେହିଭଳି ବ୍ୟାଙ୍କ ପକ୍ଷରୁ ଅନୁଷ୍ଠିତ ଟାଉନହଲ ବୈଠକରେ ସେ ଯୋଗ ଦେଇଥିଲେ। ବ୍ୟାଙ୍କର ଆଭିମୁଖ୍ୟ ଉପରେ ସେ ଆଲୋଚନା କରିଥିଲେ। କର୍ପୋରେଟ ଲକ୍ଷ୍ୟ ହାସଲ ଲାଗି ଦଳଗତ ମନୋଭାବ, ନୂତନ ବ୍ୟବସାୟିକ କୌଶଳ, ବାଲାନ୍ସ ସିଟରେ ଉନ୍ନତିକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କଲିକତା ଜୋନର କ୍ଷେତ୍ର ମହାପ୍ରବନ୍ଧକ ବି.ଅଶୋକ ଏବଂ ଭୁବନେଶ୍ୱର କ୍ଷେତ୍ରର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ସୋହେଲ ଅହମ୍ମଦ ଏହି ଅବସରରେ ଉପସ୍ଥିତ ଥିଲେ।

### ସୋଲାର ଏନର୍ଜି କର୍ପୋରେଶନର ୧ କୋଟି



**ଭୁବନେଶ୍ୱର,୨୪-୬**

ସୋଲାର ଏନର୍ଜି କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କର୍ପୋରେଶନର ଏମ୍‌ଡି ଯତୀନ୍ଦ୍ର ନାଥ ସ୍ୱାଇଁ ଏବଂ ପ୍ରବନ୍ଧକ ମାନସ ରଞ୍ଜନ ମିଶ୍ରମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏଥି ସଂକ୍ରାନ୍ତ ଚେକ୍ ପ୍ରଦାନ କରିଛନ୍ତି।



## ରେମଣ୍ଡର ନୂଆ ଶୋ'ରୁମ ଶୁଭାରମ୍ଭ

**ଭୁବନେଶ୍ୱର,୨୪-୬(ବ୍ୟୁରୋ)**

କଳାମନ୍ଦିର ଗ୍ରୁପ ପକ୍ଷରୁ ପଟିଆ ମେନ୍‌ରୋଡଠାରେ ପ୍ରତିଷ୍ଠିତ ବ୍ରାଣ୍ଡ ରେମଣ୍ଡର ନୂଆ ପୋଷାକ ଷ୍ଟୋର ଶୁଭାରମ୍ଭ ହୋଇଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି ଏହି ଶୋ'ରୁମକୁ ଉନ୍ମୋଚନ କରିଥିଲେ। ଷ୍ଟୋରଟି ୨,୫୦୦ ବର୍ଗଫୁଟରେ ଖୋଲିଛି। ନୂଆ ଶୋ'ରୁମରେ କପଡ଼ା ସହ ରେଡି ଟୁ ୱେର ପୋଷାକ, ରେମଣ୍ଡ, ପାର୍କ ଆଭେନ୍ୟୁ, କଲର ପ୍ଲସ, ପାର୍କସ ଭଳି ବ୍ରାଣ୍ଡ ଉପଲବ୍ଧ ରହିଛି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ନୂଆ ଷ୍ଟୋର ଖୋଲାଯାଇଥିବା ଷ୍ଟୋରର ସ୍ୱତ୍ୱାଧିକାରୀ ରାଜପାଲ ସିଂ ଅରୋରା କହିଛନ୍ତି। ଗ୍ରାହକମାନେ ଏଠାରେ ଶୁଭାରମ୍ଭ ଅଫର ଲାଭ କରିପାରିବେ। ୧୯୨୫ରୁ ରେମଣ୍ଡ ବଜାରରେ ପ୍ରଡକ୍ଟ ଉପଲବ୍ଧ କରାଉଛି। ୩୮୦ ସହରରେ ୧୧୦୦ରୁ ଅଧିକ ଷ୍ଟୋର ଦ୍ୱାରା କମ୍ପାନୀ ସେବା ଯୋଗାଉଛି। କାର୍ଯ୍ୟକ୍ରମରେ କଳାମନ୍ଦିରର ସ୍ୱତ୍ୱାଧିକାରୀ ଗୁରୁ ଦୟାଲ ସିଂ ଅରୋରା ଉପସ୍ଥିତ ଥିଲେ।

### ଲୋକ ସଭାରେ ୩ ରିପୋର୍ଟ ଉପସ୍ଥାପନ
## ବିଦେଶରେ ୩୪ ଲକ୍ଷ କୋଟିର କଳାଧନ

**ନୂଆଦିଲ୍ଲୀ,୨୪-୬**



ଭାରତୀୟମାନେ ୧୯୮୦ରୁ ୨୦୧୦ ମଧ୍ୟରେ ୩୦ ବର୍ଷର ଅବଧିରେ ପ୍ରାୟ ୨୪୬.୪୮ ବିଲିୟନ ଡଲାର(୧୭,୨୫,୩୦୦ କୋଟିର ଟଙ୍କା)ରୁ ୪୯୦ ବିଲିୟନ ଡଲାର(୩୪,୩୦,୦୦୦ କୋଟି ଟଙ୍କା) କଳାଧନ ଦେଶ ବାହାରକୁ ପଠାଇଛନ୍ତି। ତିନୋଟି ପ୍ରମୁଖ ସଂସ୍ଥାନ ଏନ୍‌ଆଇପିଏଫ୍‌ପି, ଏନ୍‌ସିଏଇଆର୍ ଏବଂ ଏନ୍‌ଆଇଏଫ୍‌ଏମ୍ ପକ୍ଷରୁ ସ୍ୱତନ୍ତ୍ର ଅଧ୍ୟୟନ ରିପୋର୍ଟରୁ ଏ ସମ୍ପର୍କରେ ତଥ୍ୟ ମିଳିଛି।

ସୋମବାର ଲୋକ ସଭାରେ ଅର୍ଥ ଉପରେ ଷ୍ଟାଣ୍ଡିଂ କମିଟିର ଏକ ରିପୋର୍ଟ ଉପସ୍ଥାପିତ କରାଯାଇଛି। ଏଥିରେ କୁହାଯାଇଛି ଯେ, ରିଏଲ ଇଷ୍ଟେଟ୍, ଖଣି, ଫାର୍ମାସ୍ୟୁଟିକାଲ୍ସ, ପାନ ମସଲା, ଗୁଟ୍‌କା, ତମ୍ବାକୁ, ବୁଲିୟନ, କମୋଡିଟି, ଫିଲ୍ମ ଏବଂ ଏଜୁକେଶନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ବ୍ୟକ୍ତିବିଶେଷ ବିଦେଶରେ କଳାଧନ ଜମା କରିଛନ୍ତି। କମିଟି ପକ୍ଷରୁ 'ଷ୍ଟାଟସ୍ ଅଫ୍ ଅନ୍‌ଆକାଉଣ୍ଟେଡ ଇନ୍‌କମ୍/ୱେଲ୍‌ଥ ବୋଥ୍ ଇନ୍‌ସାଇଡ ଆଣ୍ଡ ଆଉଟ୍‌ସାଇଡ୍ ଦ କଣ୍ଟ୍ରି-ଏ କ୍ରିଟିକାଲ ଆନାଲିସିସ୍' ନାମକ ରିପୋର୍ଟରେ କୁହାଯାଇଛି ଯେ, କଳାଧନ ସୃଷ୍ଟି ହେବା ଅଥବା ଏକତ୍ରିତ କରିବାକୁ ନେଇ କୌଣସି ବିଶ୍ୱାସଯୋଗ୍ୟ ଅନୁମାନ କରାଯାଇନାହିଁ। ଏପରିକି ଏଭଳି ଅନୁମାନ ଦର୍ଶାଇବା ଲାଗି ସର୍ବମାନ୍ୟ ପଦ୍ଧତି ମଧ୍ୟ ନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଅଦ୍ୟାବଧି ଯେଉଁସବୁ ଅନୁମାନ କରାଯାଇଛି, ସେମାନଙ୍କ ମଧ୍ୟରେ ସମାନତା ବା ଯାଞ୍ଚ ପଦ୍ଧତି ଏବଂ ଦୃଷ୍ଟିକୋଣ ସମ୍ପର୍କରେ କୌଣସି ସହମତି ପ୍ରକାଶ ପାଇପାରି ନାହିଁ। ନ୍ୟାଶନାଲ କାଉନସିଲ୍ ଅଫ୍ ଆପ୍ଲାଏଡ ଇକୋନୋମିକ ରିସର୍ଚ୍ଚ(ଏନ୍‌ସିଏଇଆର୍)ର ଅଧ୍ୟୟନରେ କୁହାଯାଇଛି ଯେ, ଭାରତରେ ୧୯୮୦ରୁ ୨୦୧୦ ମଧ୍ୟରେ ୨୬,୮୮,୦୦୦ କୋଟିରୁ ନେଇ ୩୪,୩୦,୦୦୦ କୋଟି ଟଙ୍କାର କଳାଧନ ବିଦେଶ ପଠାଯାଇଛି। ସେହିପରି ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ(ଏନ୍‌ଆଇଏଫ୍‌ଏମ୍) ପକ୍ଷରୁ କୁହାଯାଇଛି ଯେ, ଅର୍ଥନୀତିରେ ସୁଧାର ବେଳେ ପ୍ରାୟ ୧୫,୧୫,୩୦୦ କୋଟି ଟଙ୍କାର କଳାଧନ ବିଦେଶ ଯାଇଛି। ଅନ୍ୟପକ୍ଷରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ପଲିସି ଆଣ୍ଡ ଫାଇନାନ୍ସ(ଏନ୍‌ଆଇପିଏଫ୍‌ପି) ରିପୋର୍ଟରେ କୁହାଯାଇଛି ଯେ, ୧୯୯୭-୨୦୦୯ ମଧ୍ୟରେ ଦେଶର ମୋଟ ଜିଡିପିର ୦.୨%ରୁ ଆରମ୍ଭ କରି ୭.୪% ପର୍ଯ୍ୟନ୍ତ କଳାଧନ ବିଦେଶକୁ ପଠାଯାଇଛି। ବରିଷ୍ଠ କଂଗ୍ରେସ ସାଂସଦ ଏମ୍.ବିରପ୍ପା ମୋଇଲିଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୧୬ତମ ଲୋକ ସଭା ଭଙ୍ଗ ହେବା ପୂର୍ବରୁ ମାର୍ଚ୍ଚ ୨୮ରେ ଲୋକ ସଭା ଅଧ୍ୟକ୍ଷଙ୍କୁ ନିଜର ରିପୋର୍ଟ ଉପସ୍ଥାପନ କରିଥିଲେ।

# ଦ୍ରୁତଗତିରେ ଗାଡ଼ି ଚଳାଇଲେ ୨୦୦୦ ଜରିମାନା

**ନୂଆଦିଲ୍ଲୀ,୨୪-୬**

### ମୋଟର ଯାନ ସଂଶୋଧନ ବିଲ୍‌କୁ କ୍ୟାବିନେଟ ମୋହର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟର ଭେହିକିଲ(ସଂଶୋଧନ) ବିଲ୍‌କୁ ଅନୁମୋଦନ କରାଯାଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ଏଣିକି ଭାରି ମାତ୍ରାରେ ଜରିମାନା ଆଦାୟ କରାଯିବ। ସଂଶୋଧିତ ବିଲ୍ ଅନୁଯାୟୀ, ଦ୍ରୁତଗତିରେ ଗାଡ଼ି ଚଳାଇଲେ ସର୍ବନିମ୍ନ ୧୦୦୦ ଏବଂ ସର୍ବାଧିକ ୨୦୦୦ ଟଙ୍କା ଜରିମାନା ଆଦାୟ କରାଯିବ। ଏହାଛଡ଼ା ବୀମା କରା ନ ଯାଇ ଗାଡ଼ି ଚଳାଉଥିଲେ ୨୦୦୦ ଟଙ୍କା, ହେଲମେଟ ବିନା ଗାଡ଼ି ଚାଳନା ପାଇଁ ୧୦୦୦ ଟଙ୍କା ଏବଂ ୩ ମାସ ଲାଇସେନ୍ସ ସସ୍‌ପେଣ୍ଡ କରାଯିବ। ବିଲ୍ ଅନୁଯାୟୀ ଜରୁରୀକାଳୀନ ସେବା ଯୋଗାଣ ଗାଡ଼ିକୁ ବାଟ ନ ଛାଡ଼ିଲେ ୧୦ ହଜାର ଏବଂ ଅଯୋଗ୍ୟ ହେବା ପରେ ମଧ୍ୟ ଗାଡ଼ି ଚଳାଇବା କ୍ଷେତ୍ରରେ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ସମଷ୍ଟିଗତ ଭାବେ ଡ୍ରାଇଭିଂ ଲାଇସେନ୍ସ ଉଲ୍ଲଂଘନ ଅଭିଯୋଗରେ ୧ ଲକ୍ଷ ଟଙ୍କା ଜରିମାନାର ବ୍ୟବସ୍ଥା ବିଲ୍‌ରେ ରହିଛି। ଏହାଛଡ଼ା ସଡ଼କରେ କିଶୋରୀ/କିଶୋରଙ୍କ ଦ୍ୱାରା କୌଣସି ଅପରାଧ କ୍ଷେତ୍ରରେ ସେମାନଙ୍କ ଅଭିଭାବକଙ୍କୁ ଦୋଷୀ ସାବ୍ୟସ୍ତ କରାଯିବ ଏବଂ ଜରିମାନା ବାବଦରେ ୨୫ ହଜାର ଟଙ୍କା ଆଦାୟ କରାଯିବା ସହ ୩ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଏହାବାଦ୍ ଗାଡ଼ିର ରେଜିଷ୍ଟ୍ରେଶନକୁ ବାତିଲ କରାଯିବ। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ଏଣିକି ୧୦୦ ଟଙ୍କା ବଦଳରେ ୫୦୦ ଟଙ୍କା ଜରିମାନା ଆଦାୟ କରାଯିବ। ସେହିପରି କର୍ତ୍ତୃପକ୍ଷଙ୍କ ଆଦେଶ ପାଳନ ନ କରିବା ଅଭିଯୋଗରେ ସର୍ବନିମ୍ନ ୨୦୦୦ ଟଙ୍କା ଜରିମାନା ନିଆଯିବ। ପୂର୍ବରୁ ଏହା ୫୦୦ ଟଙ୍କା ଥିଲା। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚାଳନା ପାଇଁ ୫ ହଜାର ଟଙ୍କା ଏବଂ ଅଯୋଗ୍ୟ ଘୋଷିତ ପରେ ମଧ୍ୟ ଗାଡ଼ି ଚଳାଇଲେ ୧୦ ହଜାର ଟଙ୍କା ଜରିମାନା ଆଦାୟ ହେବ। ସେହିପରି ବିପଦପୂର୍ଣ୍ଣ ଗାଡ଼ି ଚାଳନା ଲାଗି ଜରିମାନା ପରିମାଣକୁ ୧ ହଜାରରୁ ୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ମଦ୍ୟପାନ କରି ଗାଡ଼ି ଚାଳନା ଲାଗି ନୂଆ ଆଇନରେ ୧୦ ହଜାର ଟଙ୍କା ଆଦାୟର ବ୍ୟବସ୍ଥା କରାଯାଇଛି। ସିଟ୍ ବେଲ୍ଟ ପିନ୍ଧି ନ ଥିଲେ ୧୦୦୦ ଟଙ୍କା, ଦୁଇ ଚକିଆ ଗାଡ଼ି ଚାଳନା ବେଳେ ହେଲମେଟ ପିନ୍ଧି ନ ଥିଲେ ୧୦୦୦ ଟଙ୍କା ଦେବାକୁ ପଡ଼ିବ।




# ବାଂଲାଦେଶର ସେମିଫାଇନାଲ ଆଶା ଉଜ୍ଜୀବିତ

**ସାଉଥାମ୍ପଟନ,୨୪।୬(ପି.ଟି.)**

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ୩୧ତମ ମ୍ୟାଚ୍‌ରେ ମାଶ୍ରାଫି ମୋର୍ତ୍ତାଜାଙ୍କ ନେତୃତ୍ୱାଧୀନ ବାଂଲାଦେଶ ୬୨ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ସ୍ଥାନୀୟ ରୋଜ ବାଉଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଟସ୍ ଜିତି ଆଫଗାନିସ୍ତାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୪୭ ଓଭରରେ ୨୦୦ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ୫୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିଥିବା ତାରକା ଅଲରାଉଣ୍ଡର ଶାକିବ ଅଲ ହାସନ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥି ସହିତ ବାଂଲାଦେଶ ୭ଟି ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ବିନା ଫଳାଫଳ ସହ ମୋଟ ୭ ପଏଣ୍ଟ ପାଇ ତାଲିକାର ପଞ୍ଚମ ସ୍ଥାନକୁ ଉଠି ସେମି ଆଶା ଉଜ୍ଜୀବିତ ରଖିଛି। ଅନ୍ୟପଟେ ପୂର୍ବରୁ ସେମି ଦୌଡ଼ରୁ ବାଦ୍ ପଡିସାରିଥିବା ଆଫଗାନିସ୍ତାନ ୭ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲି ନ ପାରି ପଏଣ୍ଟ ତାଲିକାର ଅନ୍ତିମ ତଥା ଦଶମ ସ୍ଥାନରେ ରହିଛି।

୨୬୩ ରନର ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଆଫଗାନିସ୍ତାନ ୨ ଉଇକେଟ ହରା ୧୦୪ ରନ କରି ଭଲ ଆରମ୍ଭ କରିଥିଲା। ତେବେ ଏହାପରେ ଦଳ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ବ୍ୟାଟିଂରେ ଅସ୍ଥିର ପ୍ରଦର୍ଶନ ପୁଣିଥରେ ଆଫଗାନିସ୍ତାନ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଦଳ ପକ୍ଷରୁ ଓପନର ତଥା ଅଧିନାୟକ ଗୁଲବଦିନ ନାଇବ ୪୭ ରନ କରି ଆଉଟ ହୋଇଥିବା ବେଳେ ଶମିଉଲ୍ଲା ଶିନୱାରି ସର୍ବାଧିକ ୪୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ରହମତ ଶାହା ୨୪, ନାଜିବୁଲ୍ଲା ଜଦ୍ରାନ ୨୩, ଅସଘର ଆଫଗାନ ୨୦, ହସମତୁଲ୍ଲା ଶାହିଦୀ ୧୧, ଇକ୍ରାମ ଅଲି ଖିଲି ୧୧ ରନ କରି ଆଉଟ ହୋଇଥିଲେ ଓ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ସାକିବ ସର୍ବାଧିକ ୫, ମୁସ୍ତାଫିଜୁର ରହମାନ ୨, ମହମ୍ମଦ ସୈଫୁଦ୍ଦିନ ଓ ମୋସାଡେକ ହୋସେନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୬ | ୫ | ୦ | ୦ | ୧ | ୧୧ | +୧.୩୦୬ |
| ଅଷ୍ଟ୍ରେଲିଆ | ୬ | ୫ | ୧ | ୦ | ୦ | ୧୦ | +୦.୮୪୯ |
| **ଭାରତ** | **୫** | **୪** | **୦** | **୦** | **୧** | **୯** | **+୦.୮୦୯** |
| ଇଂଲଣ୍ଡ | ୬ | ୪ | ୨ | ୦ | ୦ | ୮ | +୧.୪୫୭ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ପାକିସ୍ତାନ | ୬ | ୨ | ୩ | ୦ | ୧ | ୫ | -୧.୨୬୫ |
| ୱେଷ୍ଟଇଣ୍ଡିଜ | ୬ | ୧ | ୪ | ୦ | ୧ | ୩ | +୦.୧୯୦ |
| ଦକ୍ଷିଣ ଆଫ୍ରିକା | ୭ | ୧ | ୫ | ୦ | ୧ | ୩ | -୦.୩୨୪ |
| ଆଫଗାନିସ୍ତାନ | ୭ | ୦ | ୭ | ୦ | ୦ | ୦ | -୧.୬୩୪ |



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ମୁଶ୍‌ଫିକର ରହିମ।

## ସଂକ୍ଷିପ୍ତ ସ୍କୋର

- ବାଂଲାଦେଶ ୫୦ ଓଭରରେ ୨୬୨/୭ (ମୁସଫିକର- ୮୩, ସାକିବ- ୫୧, ତାମିମ- ୩୬, ମୋସାଡେକ- ୩୫, ମହମୁଦୁଲ୍ଲା- ୨୭, ମୁଜିବ- ୩/୩୯, ଗୁଲବଦିନ- ୨/୫୬, ଦଲତ-୧/୬୪, ନବୀ- ୧/୪୪ )।
- ଆଫଗାନିସ୍ତାନ ୪୭ ଓଭରରେ ୨୦୦/ ଅଲଆଉଟ (ଶିନୱାରି- ୪୯*, ନାଇବ- ୪୭, ରହମତ- ୨୪, ନାଜିବୁଲ୍ଲ- ୨୩, ଅସଘର- ୨୦, ଶାକିବ- ୫/୨୯, ମୁସ୍ତାଫିଜୁର- ୨/୩୨, ସୈଫୁଦ୍ଦିନ- ୧/୩୩, ମୋସାଡେକ- ୧/୨୫ )।

### ଶାକିବଙ୍କ କୀର୍ତ୍ତିମାନ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ଦୁଇ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ସାକିବ ଅଲ ହାସନ ଓ ମୁସ୍‌ଫିକର ରହିମଙ୍କ ଦାୟିତ୍ୱପୂର୍ଣ୍ଣ ଅର୍ଦ୍ଧଶତକୀୟ ଇନିଂସ ବଳରେ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ଇନ୍‌ଫର୍ମ ତଥା ତାରକା ଅଲରାଉଣ୍ଡର ସାକିବ ୬୯ ବଲର ସମ୍ମୁଖୀନ ହୋଇ ଗୋଟିଏ ଚୌକା ସହ ଧର୍ଯ୍ୟପୂର୍ଣ୍ଣ ୫୧ ରନର ପାଳି ଖେଳିଥିଲେ। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ ୮୭ଟ ବଲ ଖେଳି ୪ ଚୌକା ଓ ୧ ଛକା ସହ ୮୩ ରନର ଗୁରୁତ୍ୱପୂର୍ଣ୍ଣ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଟୁର୍ନାମେଣ୍ଟରେ ସାକିବ ଅଷ୍ଟ୍ରେଲିଆର ଅଭିଜ୍ଞ ଓପନର ଡେଭିଡ ୱାର୍ନରଙ୍କୁ ପଛରେ ପକାଇ ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଏପର୍ଯ୍ୟନ୍ତ ସାକିବ ଦୁଇଟି ଶତକ ଓ ୩ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। କେବଳ ସେତିକି ନୁହେଁ ସାକିବ ବାଂଲାଦେଶର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍ ଇତିହାସରେ ୧୦୦୦ ରନ ସଂଗ୍ରହ କରିଛନ୍ତି। ଚତୁର୍ଥ ବିଶ୍ୱକପ ଖେଳୁଥିବା ସାକିବ ବିଶ୍ୱକପ୍‌ରେ ୨୭ତମ ମ୍ୟାଚ୍ ଖେଳି ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ମୋଟ ଉପରେ ସାକିବ ବିଶ୍ୱର ୧୯ତମ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍‌ରେ ଏକ ହଜାରରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୋସାଡେକ ହୋସେନ ୨୪ ବଲରୁ ୪ ଚୌକା ସହ ଦ୍ରୁତ ୩୫ ରନକରି ଦଳର ସ୍କୋରକୁ ଅଢ଼େଇଶହ ରନ ପାର କରାଇଥିଲେ। ମହମୁଦୁଲ୍ଲା ୨୭, ଓପନର ତାମିମ ଇକବାଲ ୩୬, ଲିଟନ ଦାସ ୧୬ ରନ କରି ଆଉଟ ହୋଇଥିଲେ। ମିଡିଲଅର୍ଡର ତାରକା ବ୍ୟାଟ୍ସମ୍ୟାନ ସୌମ୍ୟ ସରକାର ମାତ୍ର ୩ ରନ କରି ଆଉଟ ହୋଇଥିବା ବେଳେ ମହମ୍ମଦ ସୈଫୁଦ୍ଦିନ ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଆଫଗାନିସ୍ତାନ ପ୍ରଭାବୀ ପ୍ରଦର୍ଶନ କରି ବାଂଲାଦେଶକୁ ବୃହତ୍ ସ୍କୋର ହାସଲ କରିବାକୁ ଦେଇ ନ ଥିଲା। ଦଳ ତରଫରୁ ମୁଜିବ ଉର ରହମାନ ସର୍ବାଧିକ ୩, ଗୁଲବଦିନ ନାଇବ ୨, ଦଲତ ଜଦ୍ରାନ ଓ ମହମ୍ମଦ ନବୀ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

# ‘ତୁମ ଆଦର୍ଶ କୋହଲିଙ୍କ ପରି ଖେଳିବା ଶିଖ’



**ଲଣ୍ଡନ, ୨୪।୬(ପି.ଟି.):** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲିଙ୍କ ଜଣେ ଜଣାଶୁଣା ପ୍ରଶଂସକ ଭାବେ ଯୁବ ପାକିସ୍ତାନ ବ୍ୟାଟ୍ସମ୍ୟାନ ବାବର ଆଜମ ବେଶ୍ ପରିଚିତ। ତେବେ ପାକିସ୍ତାନ ପ୍ରାକ୍ତନ ସ୍ପିଡ୍ ଷ୍ଟାର୍ ସୋଏବ ଅଖତର ସୋମବାର ବାବରଙ୍କୁ ନିଜର ‘ଆଦର୍ଶ’ କୋହଲିଙ୍କ ପରି ଖେଳିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଦଳକୁ ଭଲ ଆରମ୍ଭ ଦେବାକୁ କହିଛନ୍ତି। ‘ମୁଁ ବାବରଙ୍କୁ କହିବାକୁ ଚାହୁଁଛି କି, ଯଦି ତୁମେ ବିରାଟ କୋହଲିଙ୍କୁ ତୁମ ଆଦର୍ଶ ମାନୁଛ ତେବେ ତାଙ୍କ ପରି ଖେଳିବା ଶିଖ। ବିରାଟ ବହୁତ କଠିନ ପରିସ୍ଥିତିରେ ରନ୍ ସଂଗ୍ରହ କରିଥାନ୍ତି। ଆଜମଙ୍କୁ ବିରାଟଙ୍କ ପରି ରନ୍ ସଂଗ୍ରହ କରିବା ଓ ଉନ୍ନତି ଆଣିବା ଆବଶ୍ୟକ’ ବୋଲି ସୋଏବ ତାଙ୍କ ଟୁଇଟର୍ ପେଜ୍‌ରେ ଉଲ୍ଲେଖ କରିଛନ୍ତି। ସୋଏବ ଆହୁରି ମଧ୍ୟ କହିଛନ୍ତି ଯେ, ‘ଯଦି ତୁମେ ବିରାଟ, ରୋହିତ୍ ଶର୍ମା, କେନ୍ ୱିଲିୟମସନଙ୍କ ପରି ଖେଳାଳିଙ୍କୁ ନଜର ପକାଇବ ସେମାନେ ନିଜର ଅର୍ଦ୍ଧଶତକ ହାସଲ କରିସାରିଲା ପରେ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥାନ୍ତି। ବାବରଙ୍କ ପାଖରେ ଅଧିକରୁ ଅଧିକ ଶଟ୍ ରହିବା ଆବଶ୍ୟକ। ସେହିଭଳି ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ପ୍ରଭାବୀ ବ୍ୟାଟିଂ ଲାଗି ହାରିସ ସୋହେଲଙ୍କୁ ମଧ୍ୟ ଅଖତର ଏହି ଅବସରରେ ପ୍ରଶଂସା କରିବାକୁ ଭୁଲି ନାହାନ୍ତି।

# ବଟଲର ବିଶ୍ୱ କ୍ରିକେଟର ନୂଆ ଧୋନୀ


**ଲଣ୍ଡନ, ୨୪।୬ (ପି.ଟି.):** ଅଷ୍ଟ୍ରେଲିଆ କୋଚ୍ ଜଷ୍ଟିନ ଲାଙ୍ଗର ସୋମବାର ଜୋସ୍ ବଟଲରଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ଇଂଲଣ୍ଡର ଏହି ବିସ୍ଫୋରକ ବ୍ୟାଟ୍ସମ୍ୟାନଙ୍କୁ ସେ ବିଶ୍ୱ କ୍ରିକେଟର ନୂଆ ମହେନ୍ଦ୍ର ସିଂ ଧୋନୀ ବୋଲି ଆଖ୍ୟା ଦେଇଛନ୍ତି। ଆକ୍ରମଣାତ୍ମକ ଷ୍ଟାଇଲରେ ବ୍ୟାଟିଂ କରୁଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ବଟଲର ଭବିଷ୍ୟତରେ ପୂର୍ବତନ ଭାରତୀୟ ଅଧିନାୟକ ଧୋନୀଙ୍କୁ ଅତିକ୍ରମ କରିଯାଇ ପାରନ୍ତି ବୋଲି ଲାଙ୍ଗର କହିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଧୋନୀ ବର୍ତ୍ତମାନ ଅନ୍ୟତମ ଶ୍ରେଷ୍ଠ ଫିନିଶର ବିବେଚିତ ହେଉଛନ୍ତି। ଜୋସ୍ ହେଉଛନ୍ତି ଜଣେ ଅବିଶ୍ୱସନୀୟ ଖେଳାଳି। ତାଙ୍କ ବ୍ୟାଟିଂ ଦେଖିବା ଲାଗି ମୋର ଆଗ୍ରହ ରହିଥାଏ। ସେ ହେଉଛନ୍ତି ବିଶ୍ୱ କ୍ରିକେଟର ନୂଆ ଧୋନୀ। ବଟଲର ୧୩୭ଟି ମ୍ୟାଚ ଖେଳି ସାରିଛନ୍ତି। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ହେଉଛି ୧୨୦.୨୫। ସେ ୪୧.୪୨ ଆଭରେଜରେ ୩୭୨୮ ରନ ସଂଗ୍ରହ କରିସାରିଲେଣି।




# ‘ରାବାଡାଙ୍କୁ ଆଇପିଏଲରେ ନ ଖେଳାଇବାକୁ ଉଦ୍ୟମ ହୋଇଥିଲା’

**ସାଉଥାମ୍ପଟନ,୨୪।୬**

ପାକିସ୍ତାନଠାରୁ ୪୯ ରନ୍‌ରେ ପରାସ୍ତ ହେବା ପରେ ଦକ୍ଷିଣ ଆଫ୍ରିକା ଚଳିତ ବିଶ୍ୱକପ୍‌ର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ଏହାପରେ ଅଧିନାୟକ ଫାଫ୍ ଡୁପ୍ଲେସି ସ୍ପଷ୍ଟ କରିଛନ୍ତି ଯେ, ପେସର କାଗିସୋ ରାବାଡାଙ୍କୁ ଆଇପିଏଲରେ ଅଂଶଗ୍ରହଣ କରିବାକୁ ଟିମ୍ ମ୍ୟାନେଜମେଣ୍ଟ ରୋକିବାକୁ ଉଦ୍ୟମ କରିଥିଲା। ବିଶ୍ୱକପ୍ ଲାଗି ତାଙ୍କୁ ସମ୍ପୂର୍ଣ୍ଣ ଫିଟ୍ ରଖିବା ପାଇଁ ଏଭଳି କରାଯାଇଥିଲା। ଏପରି କି ରାବାଡା ଦିଲ୍ଲୀ ଡେୟାରଡେଭିଲ୍ସ ପାଇଁ ଖେଳିବା ପରେ ସିଜନ ମଧ୍ୟରେ ସ୍ୱଦେଶ ଫେରିବାକୁ କୁହାଯାଇଥିଲା। ଯାହାଫଳରେ ତାଙ୍କୁ ଆବଶ୍ୟକ ପରିମାଣର ବିଶ୍ରାମ ମିଳିପାରିବ। କିନ୍ତୁ ୨୪ ବର୍ଷୀୟ ପେସର ଭାରତରେ ଏପ୍ରିଲ ଶେଷପର୍ଯ୍ୟନ୍ତ ଥିଲେ। ୧୨ ମ୍ୟାଚ୍‌ରୁ ୨୫ ଉଇକେଟ ନେଇଥିଲେ। ସେଠାରେ ତାଙ୍କ ପିଠିରେ ଆଘାତ ଲାଗିଥିଲା। ସେ ଫିଟ୍‌ନେସ ସମସ୍ୟା ନେଇ ବିଶ୍ୱକପ୍ ଭଳି ଟୁର୍ନାମେଣ୍ଟରେ ଖେଳିଥିଲେ। ଏହାକୁ କ୍ଷମା କରିହେବ ନାହିଁ।





# ସର୍ଫରାଜଙ୍କୁ କ୍ଷମା ମାଗିଲେ ପ୍ରଶଂସକ

**ଲଣ୍ଡନ,୨୪।୬**

ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କ ଜୀବନ ଗତ ୨୪ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ବଦଳିଯାଇଛି। ଗତ ସପ୍ତାହରେ ଭାରତଠାରୁ ପରାସ୍ତହେବା ପରେ ସର୍ଫରାଜଙ୍କୁ ପ୍ରଶଂସକ ଓ ପୂର୍ବତନ କ୍ରିକେଟରଙ୍କ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରି କି କିଛି ପ୍ରଶଂସକ ମୋଟା ଘୁଷୁରି କହିଥିବାବେଳେ କେତେଜଣ ପୂର୍ବତନ କ୍ରିକେଟର ତାଙ୍କୁ ସବୁଠୁ ଅନ୍‌ଫିଟ୍ କ୍ରିକେଟର ବୋଲି କମେଣ୍ଟ କରିଥିଲେ। ହେଲେ ରବିବାର ସର୍ଫରାଜଙ୍କ ନେତୃତ୍ୱାଧୀନ ଦଳ ଦକ୍ଷିଣ ଆଫ୍ରିକାକୁ ବିଶ୍ୱକପ୍‌ରୁ ବିଦାକରିବା ସହ ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଏହାପରେ ପାକିସ୍ତାନ ଦଳକୁ ପ୍ରଶଂସକମାନେ ସମର୍ଥନ ଜଣାଇଛନ୍ତି। ମ୍ୟାଚ୍ ପରେ ସର୍ଫରାଜ ପ୍ରଶଂସକଙ୍କୁ ଅଟୋଗ୍ରାଫ ଦେଇଥିଲେ। ଏତିକି ନୁହେଁ, ପାକ୍ ଅଧିନାୟକ ମ୍ୟାଚ୍ ପୂର୍ବରୁ ଲର୍ଡ୍ସ ଗ୍ରାଉଣ୍ଡରେ ନିଜ ଫିଟ୍‌ନେସ ଉପରେ କଠିନ ପରିଶ୍ରମ କରିଥିଲେ। ଏହାର ଏକ ଭିଡିଓ ଟୁଇଟରରେ ଭାଇରାଲ ହେବା ପରେ ପାକ୍ ପ୍ରଶଂସକଙ୍କ ହୃଦୟ ତରଳିଯାଇଛି। ସଙ୍ଗେ ସଙ୍ଗେ ପ୍ରଶଂସକମାନେ ନିଜ ମନ୍ତବ୍ୟ ଲାଗି କ୍ଷମା ପ୍ରାର୍ଥନା କରିଛନ୍ତି। ଜଣେ ପ୍ରଶଂସକ ‘ସର୍ଫରାଜ ଆମେ ଦୁଃଖିତ’ ଲେଖାଥିବା ଏକ ପୋଷ୍ଟର ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ବେଳେ ଷ୍ଟାଣ୍ଡରେ ଦେଖାଇଥିଲା। ପାକିସ୍ତାନ ଦଳ ତା’ର ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଭେଟିବ।

# ଗୁରୁତ୍ୱପୂର୍ଣ୍ଣ ପଦବୀକୁ ଫେରିବେ ମହସିନ

**କରାଚୀ, ୨୪।୬ (ପି.ଟି.)**




ପୂର୍ବତନ ଟେଷ୍ଟ ବ୍ୟାଟ୍ସମ୍ୟାନ ଏବଂ ମୁଖ୍ୟ କୋଚ୍ ମହସିନ ହସନ ଖାଁ ପାକିସ୍ତାନ କ୍ରିକେଟରେ ପୁଣି କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ଫେରିପାରନ୍ତି। ଚଳିତ ଆଇସିସି ବିଶ୍ୱକପ୍ ପରେ ସେ ମୁଖ୍ୟ ଚୟନକର୍ତ୍ତା କିମ୍ବା ଜାତୀୟ ଟିମ୍ ମ୍ୟାନେଜର ପଦବୀରେ ନିଯୁକ୍ତି ପାଇପାରନ୍ତି। ୨୦୧୨ରେ ମୁଖ୍ୟ କୋଚ୍ ଏବଂ ମୁଖ୍ୟ ଚୟନକର୍ତ୍ତା ରହିଥିବା ମହସିନ୍ ନିକଟରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) କ୍ରିକେଟ କମିଟି ମୁଖ୍ୟ ପଦବୀରୁ ଓହରିଯାଇଛନ୍ତି। ୬୪ ବର୍ଷୀୟ ମହସିନ ଜାତୀୟ ଦଳର କାମଚଳା କୋଚ୍ ଥିବାବେଳେ ବାଂଲାଦେଶ, ଶ୍ରୀଲଙ୍କା ଏବଂ ଇଂଲଣ୍ଡ ବିପକ୍ଷରେ ପାକିସ୍ତାନ ଟେଷ୍ଟ ସିରିଜ ଜିତିପାରିଥିଲା। ୨୦୧୨ ପ୍ରଥମ ଭାଗରେ ୟୁଏଇରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଥିଲା। ଏହା ସତ୍ତ୍ୱେ ଜାକା ଅଶ୍ରଫ୍ ପିସିବି ଚେୟାରମ୍ୟାନ ପଦବୀରେ ଅଧିଷ୍ଠିତ ହେବା ପରେ ମହସିନଙ୍କ ସ୍ଥାନରେ ବିଦେଶୀ କୋଚ୍ ଡେଭ୍ ହ୍ୱାଟମୋର୍ ନିଯୁକ୍ତି ପାଇଥିଲେ। ବିଶ୍ୱକପ୍ ପରେ ପାକିସ୍ତାନ ଦଳ ଏବଂ ସହଯୋଗୀ ଷ୍ଟାଫ୍‌ଙ୍କ ୩ବର୍ଷର ପ୍ରଦର୍ଶନକୁ ନେଇ ସମୀକ୍ଷା କରାଯିବା ସହ ଖରାପ ପ୍ରଦର୍ଶନର କାରଣର ତଦନ୍ତ କରାଯିବ ବୋଲି ପିସିବି ଘୋଷଣା କରିଛି। ବର୍ତ୍ତମାନ ଅଧିକ କ୍ଷମତାଶାଳୀ ହୋଇଥିବା ମ୍ୟାନେଜିଂ ଡାଇରେକ୍ଟର ତଥା କ୍ରିକେଟ କମିଟି ମୁଖ୍ୟ ୱାସିମ ଖାଁ ପିସିବିରେ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିଶ୍ୱକପ୍ ପରେ ସେ ଏକ ନୂଆ ସିଲେକ୍ସନ କମିଟି ଏବଂ ଟିମ୍ ମ୍ୟାନେଜମେଣ୍ଟ ଘୋଷଣା କରିବେ ବୋଲି ଆଶା କରାଯାଉଛି।

# ରସେଲ ବିଶ୍ୱକପ୍‌ରୁ ଆଉଟ୍

**ମାଞ୍ଚେଷ୍ଟର, ୨୪।୬ (ପି.ଟି.)**

ଆଣ୍ଠୁରେ ଆଘାତ ଯୋଗୁ ୱେଷ୍ଟଇଣ୍ଡିଜର ଅନ୍ୟତମ ପ୍ରମୁଖ ଖେଳାଳି ଅଲରାଉଣ୍ଡର ଆନ୍ଦ୍ରେ ରସେଲ ଚଳିତ ଆଇସିସି ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ଏହି ମେଗା ଇଭେଣ୍ଟ ପୂର୍ବରୁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରସେଲଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଥିଲା। ତାଙ୍କ ସ୍ଥାନରେ ୱେଷ୍ଟଇଣ୍ଡିଜର ଅବଶିଷ୍ଟ ୩ଟି ମ୍ୟାଚ ପାଇଁ ସୁନୀଲ ଆମ୍ବ୍ରିସ୍‌ଙ୍କୁ ସାମିଲ କରାଯାଇଛି। ଭାରତ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପୂର୍ବରୁ ରସେଲ ଆଘାତପ୍ରାପ୍ତ ହେବା ଦ୍ୱାରା ଦଳ ପ୍ରତି ଶକ୍ତ ଧକ୍କା ଲାଗିଛି। ଟୁର୍ନାମେଣ୍ଟର ଅବଶିଷ୍ଟ ମ୍ୟାଚ ପାଇଁ ରସେଲଙ୍କ ସ୍ଥାନରେ ଆମ୍ବ୍ରିସଙ୍କ ଖେଳାଇବାକୁ ଅନୁମତି ପାଇଁ ୱେଷ୍ଟଇଣ୍ଡିଜ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି)କୁ ଅନୁରୋଧ କରିଥିଲା। ଆଇସିସି ପୁରୁଷ ବିଶ୍ୱକପ୍ ୨୦୧୯ର ଇଭେଣ୍ଟ ଟେକ୍‌ନିକାଲ କମିଟି ଏହାକୁ ଗ୍ରହଣ କରିଛି। ୨୬ ବର୍ଷୀୟ ଆମ୍ବ୍ରିସ ହେଉଛନ୍ତି ଜଣେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ। ୱେଷ୍ଟଇଣ୍ଡିଜ ତରଫରୁ ସେ ୬ଟେଷ୍ଟ ଏବଂ ୬ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ଆଇପିଏଲରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଚଳିତ ବିଶ୍ୱକପ୍‌ରେ ରସେଲଙ୍କଠାରୁ ୱେଷ୍ଟଇଣ୍ଡିଜ ଦଳ ଅନେକ କିଛି ଆଶା କରୁଥିଲା। ମାତ୍ର ସେ ଚଳିତ ବିଶ୍ୱକପ୍‌ରେ ଦଳ ତରଫରୁ ୬ଟି ମ୍ୟାଚ ମଧ୍ୟରୁ ୪ଟି ଖେଳି ୧୨ ଆଭରେଜରେ ମାତ୍ର ୩୬ ରନ କରିବାରେ ସମର୍ଥ ହୋଇଛନ୍ତି। ବୋଲିଂରେ ତାଙ୍କର ଇକୋନୋମିକ ରେଟ୍ ୫.୩୧ ରହିଥିବାବେଳେ ସେ ୫ଟି ଉଇକେଟ ନେଇ ପାରିଛନ୍ତି। ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେଉଥିବା ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ୬ଟି ଗେମ୍‌ରୁ ମାତ୍ର ୩ ପଏଣ୍ଟ ସହ ଟେବୁଲରେ ୮ମ ସ୍ଥାନରେ ରହିଛି। ଦଳ ଗୁରୁବାର ଟୁର୍ନାମେଣ୍ଟ ଫେଭରାଇଟ୍ ଭାରତ ସହିତ ମୁକାବିଲା କରିବ।



“ଅସ୍ତ୍ରୋପଚାରରୁ ଫେରିବା ପରେ କୁଇନ୍ସ କ୍ଲବ ଟୁର୍ନାମେଣ୍ଟରେ ଡବଲ୍ସ ଟାଇଟଲ ସଫଳତା ୟୁଏସ୍ ଓପନ୍‌ରେ ମୋ ସିଙ୍ଗଲ୍ସ ପ୍ରତ୍ୟାବର୍ତ୍ତନ ଆଶାକୁ ଉଜ୍ଜୀବିତ କରିଛି ।
–ଆଣ୍ଡି ମୁରେ, ବିଶିଷ୍ଟ ଟେନିସ ଖେଳାଳି



“ଲର୍ଡ୍ସଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ହାରିସ୍ ସୋହେଲ ଇଂଲଣ୍ଡର ମାଷ୍ଟର ବ୍ଲାଷ୍ଟର ଜୋସ୍ ବଟଲରଙ୍କ ଭଳି ଖେଳିଲେ, ଯାହାକି ମ୍ୟାଚର ଟର୍ନିଂ ପଏଣ୍ଟ ଥିଲା ।
–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଗୁଣେଶ୍ୱରନ ବିଜୟୀ

**ନୂଆଦିଲ୍ଲୀ, ୨୪।୬ (ପି.ଟି.):** ଭାରତ ଅଗ୍ରଣୀ ପୁରୁଷ ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ତୁର୍କୀରେ ଆଣ୍ଟାଲ୍ୟା ଓପନ୍ ଏଟିପି ୨୫୦ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସୋମବାର ପ୍ରତିଯୋଗିତାର ଏକ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ସର୍ବିଆର ଜାଙ୍କୋ ଟିପ୍‌ସେରାଭିଚ୍‌ଙ୍କୁ ୬-୦, ୭-୬ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଆମେରିକାନ କ୍ୱାଲିଫାୟର ଜେସି ଆରେଗୋନ୍ କିମ୍ବା ସ୍ପେନ୍‌ର ରବର୍ଟୋ କାର୍ବାଲେସ୍ ବାଏନାଙ୍କ ସହିତ ମୁକାବିଲା କରିବେ। ଅନ୍ୟପକ୍ଷରେ ଲଣ୍ଡନଠାରେ ୱିମ୍ବଲଡନ ପାଇଁ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାଲିଫାୟର ପ୍ରଥମ ରାଉଣ୍ଡରେ ସାକେତ ମାଇନେନି ତାଙ୍କ ମ୍ୟାଚ ହାରିଯାଇଛନ୍ତି। ସ୍ପେନର ଗୁଇଲରମୋ ଗାର୍ସିଆ ଲୋପେଜଙ୍କ ବିପକ୍ଷ ମ୍ୟାଚରେ ସେ ୨ଘଣ୍ଟା ୨୨ମିନିଟ ଧରି ଲଢେଇ ପରେ ୪-୬, ୬-୪, ୫-୭ ସେଟ୍‌ରେ ପରାଜିତ ହୋଇଯାଇଥିଲେ। ରାମକୁମାର ରମାନାଥନ କିନ୍ତୁ ପୁରୁଷ ସିଙ୍ଗଲ୍ସ କ୍ୱାଲିଫାୟର୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ତାଙ୍କ ଓପନିଂ ରାଉଣ୍ଡ ମ୍ୟାଚରେ ସ୍ଲୋଭେନିଆର ଲୁକାସ ଲାକୋଙ୍କୁ ୬-୩, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି।

### ହାମିଲଟନ ଜିତିଲେ ଫ୍ରେଞ୍ଚ୍ ଗ୍ରାଁ ପ୍ରି



**ଲି କ୍ୟାସଲେଟ୍ (ଫ୍ରାନ୍ସ), ୨୪।୬ (ଏଏଫ୍‌ପି):** ମର୍ସିଡିଜ ଟିମ୍‌ମେଟ୍ ଭାଲ୍‌ଟେରି ବୋଟାସଙ୍କୁ ପଛରେ ପକାଇ ଲୁଇସ୍ ହାମିଲଟନ ଫ୍ରେଞ୍ଚ୍ ଫର୍ମୁଲା ୱାନ ଗ୍ରାଁପ୍ରି ଟାଇଟଲ ହାସଲ କରିଛନ୍ତି। ଏହାଦ୍ୱାରା ଚାମ୍ପିୟନଶିପ୍‌ରେ ସେ ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଛନ୍ତି। ହାମିଲଟନଙ୍କ ଏହା କ୍ରମାଗତ ୪ର୍ଥ, ସିଜନର ୬ଷ୍ଠ ଏବଂ କ୍ୟାରିୟରର ୭୯ତମ ଟାଇଟଲ। ରବିବାର ଏହି ବିଜୟ ଦ୍ୱାରା ୨୦୧୯ ସିଜନରେ ମର୍ସିଡିଜ ଏପର୍ଯ୍ୟନ୍ତ ଅନୁଷ୍ଠିତ ସମସ୍ତ ୮ଟି ରେସ୍‌ରେ ବିଜୟ ଲାଭ କରିଛି। ଟିମ୍‌ର ଓଭରଅଲ୍ ବିଜୟ ଧାରା ୧୦କୁ ବୃଦ୍ଧି ପାଇଛି। ଚଳିତ ସିଜନର ୨୧ଟି ରେସ୍ ମଧ୍ୟରୁ ୮ଟି ଶେଷ ହୋଇଥିବା ବେଳେ ଚାମ୍ପିୟନଶିପ୍ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ହାମିଲଟନ ୧୮୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ବୋଟାସ ୧୫୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରେସ୍‌ରେ ଟପ୍ ୧୦ରେ ସ୍ଥାନ ପାଇଥିବା ଅନ୍ୟ ଡ୍ରାଇଭରମାନେ ହେଲେ ଯଥାକ୍ରମେ ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ମାକ୍ସ ଭର୍ଷ୍ଟାପେନ୍ (ରେଡ୍‌ବୁଲ୍), ସେବାଷ୍ଟିଆନ ଭେଟେଲ (ଫେରାରି), କାର୍ଲୋସ ସେଞ୍ଜ୍ ଜୁନିୟର (ମ୍ୟାକଲରେନ), ଡାନିଏଲ୍ ରିକାର୍ଡୋ(ରେନଲ୍ଟ), କିମି ରାଇକୋନେନ(ଆଲ୍‌ଫା ରୋମିଓ), ନିକୋ ହକେନବର୍ଗ (ରେନଲ୍ଟ) ଏବଂ ଲାଣ୍ଡୋ ନୋରିସ ( ମ୍ୟାକଲରେନ)।

# ଇଂଲଣ୍ଡର ଅଷ୍ଟ୍ରେଲିଆ ପରୀକ୍ଷା ଆଜି

**ଲଣ୍ଡନ, ୨୪।୬ (ଏଏଫ୍‌ପି)**

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ମଙ୍ଗଳବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ତଥା ଫେଭରାଇଟ ଦଳ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବିଶେଷ ଭାବେ ମହତ୍ତ୍ୱ ରଖୁଛି। ତେବେ ଆୟୋଜକ

**ଆଜିର ମ୍ୟାଚ୍**
ଇଂଲଣ୍ଡ
ବନାମ
ଅଷ୍ଟ୍ରେଲିଆ
ସ୍ଥାନ
ଲଣ୍ଡନ
ସମୟ ଅପରାହ୍ଣ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଇଂଲଣ୍ଡ ପାଇଁ ଏହି ମ୍ୟାଚ୍ ଜିତିବା ବେଶି ଜରୁରୀ ହୋଇପଡିଛି। ବିଜୟୀ ହୋଇ ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ପୁଣି ବିଜୟଧାରାକୁ ଫେରିବା ଲକ୍ଷ୍ୟରେ ରହିଛି। ଏପର୍ଯ୍ୟନ୍ତ ଇଂଲଣ୍ଡ ୬ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ଅଷ୍ଟ୍ରେଲିଆ ସମାନ ୬ଟି ମ୍ୟାଚ୍ ଖେଳି ୫ ବିଜୟ ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଦୁଇ ଏସୀୟ ଦଳଠାରୁ ଇଂଲଣ୍ଡ ପରାସ୍ତ ହୋଇଛି। ପ୍ରଥମେ ପାକିସ୍ତାନଠାରୁ ହାରିବା ପରେ ଇଂଲଣ୍ଡ ଗତ ଶୁକ୍ରବାର ଶ୍ରୀଲଙ୍କାଠାରୁ ୨୦ ରନରେ ପରାସ୍ତ ହୋଇଥିଲା। ଫଳରେ ଟୁର୍ନାମେଣ୍ଟ ଆହୁରି ଅଧିକ ଖୋଲା ହୋଇଯାଇଥିଲା। ଶ୍ରୀଲଙ୍କା ଧାର୍ଯ୍ୟ କରିଥିବା ୨୩୩ ରନର ଟାର୍ଗେଟକୁ ଇଂଲଣ୍ଡ ହାସଲ କରି ନ ପାରି ୨୧୨ ରନରେ ଅଲଆଉଟ୍ ହୋଇଥିଲା। ଗତ ମ୍ୟାଚ୍‌ରେ ଶ୍ରୀଲଙ୍କାର ଲସିଥ ମାଲିଙ୍ଗା ଦମ୍‌ଦାର ବୋଲିଂ କରି ଇଂଲଣ୍ଡର ବିପର୍ଯ୍ୟୟ ଘଟାଇଥିଲେ। ଦୁଇଟି ପରାଜୟ ସତ୍ତ୍ୱେ ଇଂଲଣ୍ଡ ପଏଣ୍ଟ ତାଲିକାର ଶ୍ରେଷ୍ଠ ୪ଟି ସ୍ଥାନରେ ନିଜ ସ୍ଥିତି ବଜାୟ ରଖି ସେମିଫାଇନାଲ ଦୌଡ଼ରେ ସାମିଲ ରହିଛି। ଘରୋଇ ପରିବେଶରରେ କମାଲ କରି ଇଂଲଣ୍ଡ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଲକ୍ଷ୍ୟ ରଖିଥିବା ବେଳେ ବାକି ସବୁ ମ୍ୟାଚ୍‌ରେ ବିଜୟୀ ହେବାକୁ ଚାହିଁବ ଓ କୌଣସି ମ୍ୟାଚ୍‌ରେ ଆଉ ପରାଜୟ ବରଣ କରିବ ନାହିଁ ବୋଲି ଆଶା ରଖିଛି। ଅନ୍ୟତମ ଫେଭରାଇଟ ଦଳ ଅଷ୍ଟ୍ରେଲିଆ, ଭାରତ ଓ ନ୍ୟୁଜିଲାଣ୍ଡ ଦଳଗୁଡିକୁ ଇଂଲଣ୍ଡ ୧୯୯୨ ପରଠାରୁ ପରାସ୍ତ କରିବାରେ ସଫଳ ହୋଇ ନାହିଁ। ୨୦୧୫ ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ କରି ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍‌ପଡିବା ପରେ ଇଂଲଣ୍ଡ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଦିନିକିଆ ର୍ୟାଙ୍କିଙ୍ଗ୍‌ର ଶୀର୍ଷକୁ ଉଠିଛି। ସବୁ ପ୍ରକାର ତ୍ରୁଟି ସୁଧାରି ଇଂଲଣ୍ଡ ଏବେ ଏକ ସନ୍ତୁଳିତ ତଥା ଶକ୍ତିଶାଳୀ ଦଳରେ ପରିଣତ ହୋଇଛି। ଗତ ୪ ବର୍ଷ ମଧ୍ୟରେ ଇଂଲଣ୍ଡ ଦୁଇଥର ଦିନିକିଆରେ ସର୍ବାଧିକ ସ୍କୋର କରି ବିଶ୍ୱରେକର୍ଡ ସ୍ଥାପନ କରିଛି। ପାଖାପାଖି ବର୍ଷେ ତଳେ ଟ୍ରେଣ୍ଟବ୍ରିଜ୍‌ରେ ଖେଳାଯାଇଥିବା ଦିନିକିଆରେ ଇଂଲଣ୍ଡ ୬ ଉଇକେଟ ହରାଇ ୪୮୧ ରନ କରି ରେକର୍ଡ ସୃଷ୍ଟି କରିଥିଲା। ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡର ବ୍ୟାଟିଂ ବେଶ୍ ମାମୁଲି ମନେ ହେଉଥିଲା। ଇଂଲଣ୍ଡର ବ୍ୟାଟିଂରେ ପୂର୍ବତନ ଅଧିନାୟକ ମାଇକେଲ ଭନ୍ ଅସନ୍ତୋଷ ଜାହିର କରିଛନ୍ତି। ଓପନର ଜାସନ ରୟ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ଦଳରୁ ବାଦ ପଡିଥିବା ବେଳେ ଇଂଲଣ୍ଡର ସମସ୍ୟା ବଢିଯାଇଛି। ତେଣୁ ଅଷ୍ଟ୍ରେଲିଆ ବିପକ୍ଷ ଏହି ମ୍ୟାଚ୍‌ରେ ଇଂଲଣ୍ଡ ପରୀକ୍ଷାର ସମ୍ମୁଖୀନ ହେବ।

ଅପରପକ୍ଷରେ ଅଷ୍ଟ୍ରେଲିଆ କେବଳ ଭାରତଠାରୁ ପରାସ୍ତ ହୋଇଥିବା ବେଳେ ଆଉ ବାକି ସବୁ ମ୍ୟାଚ୍‌ରେ ବିଜୟୀ ହୋଇ ଶ୍ରେଷ୍ଠ ଫର୍ମରେ ରହିଛି। ଦୁଇ ଓପନର ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚ୍ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରି ଦଳରେ କାର୍ଯ୍ୟକୁ ଆହୁରି ସହଜ କରିଛନ୍ତି। ମିଚେଲ ଷ୍ଟାର୍କ ୧୫ଟି ଉଇକେଟ ନେଇ ଇଂଲଣ୍ଡର ଜୋଫ୍ରା ଆର୍ଚର ଓ ପାକିସ୍ତାନର ମହମ୍ମଦ ଅମୀରଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ବୋଲିଂ ବିଭାଗ ବେଶ୍ ଦୃଢ଼ ରହିଛି। ୧୯୮୭ ବିଶ୍ୱକପ୍ ଫାଇନାଲରେ ଆଲାନ ବର୍ଡରଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ କୋଲକାତାର ଇଡେନ ଗାର୍ଡେନରେ ଇଂଲଣ୍ଡକୁ ହରାଇ ଚାମ୍ପିୟନ ହୋଇଥିଲା। ବୋଲର ଏହି ମ୍ୟାଚ୍‌ରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ଓ ବୋଲିଂ ହିଁ ବିଜୟ କିମ୍ବା ପରାଜୟର ମାପକାଠି ହେବ ବୋଲି ବର୍ଡର ତାଙ୍କ ଆଇସିସି ସ୍ତମ୍ଭରେ ଉଲ୍ଲେଖ କରିଛନ୍ତି। ଇଂଲଣ୍ଡ ଉପରେ ଚାପ ସୃଷ୍ଟି କରିପାରିଲେ ଅଷ୍ଟ୍ରେଲିଆ ବିଜୟୀ ହୋଇପାରିବ ବୋଲି ସେ କହିଛନ୍ତି। ଦୁଇ ଫେଭରାଇଟ ତଥା ବିଶ୍ୱ କ୍ରିକେଟରେ ଦୁଇ ଶକ୍ତିଶାଳୀ ଦଳ ମୁହାଁମୁହିଁ ହେବାକୁ ଯାଉଥିବାରୁ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ଓ ଉପଭୋଗ୍ୟ ହେବ ବୋଲି ଆଶା କରାଯାଉଛି।




ଅଭ୍ୟାସ ସେସନ୍ ଅବସରରେ ବେନ୍ ଷ୍ଟୋକ୍ ଓ ଜୋଫ୍ରା ଆର୍ଚର।

## ଜସନ ରୟ ବାଦ୍




ଜାସନ ରୟ ମଙ୍ଗଳବାର ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ସେ ଏପର୍ଯ୍ୟନ୍ତ ମାଂସପେଶୀଜନିତ ସମସ୍ୟାରୁ ସମ୍ପୂର୍ଣ୍ଣ ରୂପେ ମୁକୁଳି ପାରିନାହାନ୍ତି। କିନ୍ତୁ ଏହି ଓପନର ନିଜ ଫିଟ୍‌ନେସ୍‌ର ପ୍ରମାଣ ଦେବା ପାଇଁ ସୋମବାର ନେଟ୍ସରେ ଅଭ୍ୟାସ କରିଥିଲେ। ୨୮ ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କ ଗତ ୧୪ ତାରିଖରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ରେ ବାମଗୋଡ଼ର ମାଂସପେଶୀ ଟାଣି ହୋଇଯାଇଥିଲା। ଏହି କାରଣରୁ ଆଫଗାନିସ୍ତାନ ଓ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରୁ ସେ ବାଦ୍ ପଡ଼ିଥିଲେ। ତାଙ୍କ ସମସ୍ୟାର ପୁନଃ ସ୍କାନ୍ କରାଯିବା ପରେ ତାଙ୍କୁ ବିଶ୍ରାମ ଦିଆଯିବା ନେଇ ସୂଚନା ମିଳିଛି। ସେ ଆସନ୍ତା ରବିବାର ଖେଳାଯିବାକୁ ଥିବା ଭାରତ ବିପକ୍ଷ ମ୍ୟାଚ୍‌ରେ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ବଦଳରେ ଜେମ୍ସ ଭିନ୍ସ ଓପନିଂ ଭାର ସମ୍ଭାଳିବେ।

## ଇଂଲଣ୍ଡ ପାଇଁ ନେଟ୍ସରେ ବୋଲିଂ କଲେ ଅର୍ଜୁନ



**ଲଣ୍ଡନ, ୨୪।୬ (ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ଖେଳାଳି ଜୋରଦାର ଅଭ୍ୟାସ କରିଛନ୍ତି। ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଅଭ୍ୟାସ ସେସନ ଅବସରରେ ନେଟ୍ସରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ବୋଲିଂ କରିଥିଲେ। ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କ୍ରିକେଟର ମକ୍କା କୁହାଯାଉଥିବା ଲର୍ଡ୍ସ ଗ୍ରାଉଣ୍ଡରେ ଅର୍ଜୁନ ନିଜ ରନ୍ ଅପ୍ ଚିହ୍ନିତ କରି ଜୋରଦାର ବୋଲିଂ କରିଥିବାର ଲକ୍ଷ୍ୟ କରାଯାଇଥିଲା। ଏକ କମଳା ରଙ୍ଗର ଟି ଶାର୍ଟ ପରିଧାନ କରି ଅର୍ଜୁନବୋଲିଂ କରୁଥିବା ବେଳେ ଇଂଲଣ୍ଡର ସ୍ପିନ୍ ବୋଲିଂ ପରାମର୍ଶଦାତା ସାକଲିନ୍ ମୁସ୍ତାକଙ୍କ ତାଙ୍କୁ ନିରୀକ୍ଷଣ କରୁଥିଲେ। ଇଂଲଣ୍ଡ ପାଇଁ ଅର୍ଜୁନ ପ୍ରଥମଥର ଲାଗି ଏପରି ବୋଲିଂ କରିନାହାନ୍ତି। ପୂର୍ବରୁ ୨୦୧୫ରେ ୧୫ ବର୍ଷ ବୟସରେ ଅର୍ଜୁନ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଆଶେସ ଟେଷ୍ଟ ପୂର୍ବରୁ ଇଂଲଣ୍ଡ ନେଟ୍ ବୋଲରଙ୍କ ଗ୍ରୁପ୍‌ରେ ସାମିଲ ହୋଇଥିଲେ ଓ ବୋଲିଂ କରିଥିଲେ। ୧୯ ବର୍ଷରେ ପଦାର୍ପଣ କରିଥିବା ଅର୍ଜୁନ ଏମ୍‌ସିସି ୟଙ୍ଗ କ୍ରିକେଟର୍ସ ତରଫରୁ ସରେ ସେକେଣ୍ଡ ଏକାଦଶ ବିପକ୍ଷରେ ଖେଳିଥିଲେ। ଗତ ସପ୍ତାହରେ ହାଇ ୱିକମ୍ବରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅଂଶଗ୍ରହଣ କରି ସେ ୧୧ ଓଭର ବୋଲିଂ କରି ୫୦ ରନ ବ୍ୟୟ କରିବା ସହ ୨ ଉଇକେଟ ଅକ୍ତିଆର କରିଥିଲେ। ସେ ଗତବର୍ଷ ଶ୍ରୀଲଙ୍କା ବିପକ୍ଷ ୧୯ ବର୍ଷରୁ କମ୍ ଯୁବ ଟେଷ୍ଟରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଗତମାସ ସେ ମୁମ୍ବାଇ ଟି୨୦ ଲିଗ୍‌ରେ ଆକାଶ ଟାଇଗର୍ସ ତରଫରୁ ଖେଳିଥିଲେ। ୨୦୧୭-୧୮ କୁଚ୍ ବିହାର ଟ୍ରଫିରେ ସେ ମୁମ୍ବାଇ ୧୯ ବର୍ଷରୁ କମ୍ ଦଳ ତରଫରୁ ପ୍ରତିନିଧିତ୍ୱ କରି ୧୯ଟି ଉଇକେଟ ହାସଲ କରିଥିଲେ।

## କୋପା ଆମେରିକା: କ୍ୱାର୍ଟରରେ ଆର୍ଜେଣ୍ଟିନା



ଲୌଟାରୋ ମାର୍ଟିନେଜ

**ରିଓ ଡି ଜେନିରୋ, ୨୪।୬**

ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ୨୦୧୫ ଓ ୨୦୧୬ ସଂସ୍କରଣର ଉପବିଜେତା ଆର୍ଜେଣ୍ଟିନା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୨-୦ ଗୋଲରେ କାତାରକୁ ହରାଇ ଦେଇଛି। ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବା ଲାଗି ନିଶ୍ଚିତ ବିଜୟ ଆବଶ୍ୟକ କରୁଥିବା ଆର୍ଜେଣ୍ଟିନା ଦଳ ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ମ୍ୟାଚ୍‌ର ୪ର୍ଥ ମିନିଟ୍‌ରେ ଲୌଟାରୋ ମାର୍ଟିନେଜ ଗୋଲ ଦେଇଥିଲେ। ପରବର୍ତ୍ତୀ ସମୟରେ ଲିଓନେଲ ମେସି, ଲୌଟାରୋ ଓ ସେର୍ଗିଓ ଅଗୁରୋ ବହୁ ସୁଯୋଗ ସୃଷ୍ଟି କରିଥିଲେ, ହେଲେ ସଫଳତା ପାଇ ନ ଥିଲେ। ମ୍ୟାଚ୍‌ର ୮୨ତମ ମିନିଟ୍‌ରେ ଅଗୁରୋ ଦଳ ଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଗ୍ରୁପ୍ ବି'ର ଆଉ ଏକ ମ୍ୟାଚ୍‌ରେ ପାରାଗୁଏକୁ କଲମ୍ବିଆ ହରାଇ ଦେଇଥିବାରୁ ଆର୍ଜେଣ୍ଟିନା ୪ ପଏଣ୍ଟ ସହ ନକ୍‌ଆଉଟ୍ ରାଉଣ୍ଡରେ ପହଞ୍ଚିପାରିଛି। ପୂର୍ବତନ ଉପବିଜେତା କ୍ୱାର୍ଟର ଫାଇନାଲରେ ଭେନେଜୁଏଲାକୁ ଭେଟିବ।



ସ୍ୱଦେଶ ଫେରିବା ପରେ ଓଡ଼ିଶା ଫୁଟ୍‌ବଲ ରଗ୍‌ବୀ ଆସୋସିଏସନ୍ ସଭାପତି ପ୍ରିୟଦର୍ଶୀ ମିଶ୍ରଙ୍କ ଗହଣରେ ଏସିଆ ରଗ୍‌ବୀ ମହିଳା ଚାମ୍ପିୟନଶିପ୍ (ଡିଭିଜନ-୧)ରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳର ଖେଳାଳିମାନେ।

## ରଗ୍‌ବୀ ରାଣୀ ସୁମିତ୍ରାଙ୍କୁ ଅଭିନନ୍ଦନ

**ଭୁବନେଶ୍ୱର, ୨୪।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଫିଲିପାଇନ୍ସଠାରେ ଅନୁଷ୍ଠିତ ଏସିଆ ରଗ୍‌ବୀ ମହିଳା ଚାମ୍ପିୟନଶିପ୍ (ଡିଭିଜନ-୧)ରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ଜିତିଥିଲା। ତୃତୀୟ/୪ର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୪୭ତମ ସ୍ଥାନରେ ରହିଥିବା ଭାରତ ୨୧-୧୯ ସ୍କୋରରେ ସିଙ୍ଗାପୁର (୩୩ତମ ର୍ୟାଙ୍କ)କୁ ପରାସ୍ତ କରି ଇତିହାସ ରଚିଥିଲା। ଅନ୍ତର୍ଜାତୀୟ ୧୫ଏସ୍ ପ୍ରତିଯୋଗିତାରେ ଭାରତର ଏହା ସର୍ବପ୍ରଥମ ବିଜୟ ଥିଲା। ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳରେ ଓଡ଼ିଶାର ୭ଜଣ ଖେଳାଳି ରହିଥିବାବେଳେ ସେମାନଙ୍କ ମଧ୍ୟରୁ ସୁମିତ୍ରା ନାୟକ ଅନ୍ତିମ ମୁହୂର୍ତ୍ତରେ ଗୋଲସ୍କୋର କରି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରଗ୍‌ବୀ ରାଣୀ ଭାବେ ପରିଚିତ ୧୭ ବର୍ଷୀୟା ଯାଜପୁର ଝିଅ ସୁମିତ୍ରାଙ୍କ ଏହି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅଭିନନ୍ଦନ ଜଣାଇଛନ୍ତି। ଐତିହାସିକ ବିଜୟ ଲାଗି ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଭାରତୀୟ ଦଳକୁ ଶୁଭକାମନା ଜଣାଇବା ସହ କହିଛନ୍ତି, 'ଭାରତ ପ୍ରକୃତରେ ଏହି ଖେଳରେ ସ୍ଥିତି ଜାହିର କରିଛି ଏବଂ ଆମ ଝିଅମାନଙ୍କ ଭବିଷ୍ୟତ ବହୁତ ଉଜ୍ଜ୍ୱଳ ରହିଛି। ସେମାନଙ୍କୁ ଅଭିନନ୍ଦନ। ସେହିଭଳି 'ଭାରତୀୟ ମହିଳାମାନେ ରାସ୍ତା ଦେଖାଇବା ସହ ଦେଶ ପାଇଁ ଇତିହାସ ରଚିଛନ୍ତି। ସିଙ୍ଗାପୁର ବିପକ୍ଷ ମ୍ୟାଚ୍‌ରେ ସେମାନଙ୍କ ପ୍ରଦର୍ଶନ ଆମକୁ ଉତ୍ସାହିତ କରିଛି। କଠୋର ପରିଶ୍ରମ ବଳରେ ସେମାନେ ଅନ୍ତର୍ଜାତୀୟ କୀର୍ତ୍ତିମାନ ହାସଲ କରିବାରେ ସଫଳ ହୋଇଛନ୍ତି। ସୁମିତ୍ରା ସର୍ବଦା ରାଜ୍ୟର ଗୌରବ ରହି ଆସିଛନ୍ତି। ରଗ୍‌ବୀ ତାଙ୍କ ଜୀବନ ବୋଲି ସେ ଏହି ଟୁର୍ନାମେଣ୍ଟ ମାଧ୍ୟମରେ ପୁଣିଥରେ ପ୍ରମାଣ କରି ଦେଖାଇଛନ୍ତି। ଭବିଷ୍ୟତ ଯାତ୍ରା ଲାଗି ଉଭୟ ଭାରତୀୟ ଦଳ ଓ ସୁମିତ୍ରାଙ୍କୁ ଅଭିନନ୍ଦନ' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

ଏହି ଟୁର୍ନାମେଣ୍ଟ ପୂର୍ବରୁ ରଗ୍‌ବୀ ଇଣ୍ଡିଆ, ରାଜ୍ୟ କ୍ରୀଡ଼ା ବିଭାଗ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଭାରତୀୟ ଦଳ ଭୁବନେଶ୍ୱରରେ କ୍ୟାମ୍ପ୍ ଆୟୋଜିତ କରିଥିଲା। ସୁମିତ୍ରାଙ୍କ ବ୍ୟତୀତ ଓଡ଼ିଶାରୁ ମୀରାରାଣୀ ହେମ୍ବ୍ରମ, ରଜନୀ ଶବର, ଲକ୍ଷ୍ମୀପ୍ରିୟା ସାହୁ, ପାର୍ବତୀ କିସ୍କୁ, ହୁପି ମାଝି ଓ ଶୁଭଲକ୍ଷ୍ମୀ ବାରିକ ଭାରତୀୟ ଦଳରେ ସ୍ଥାନ ପାଇଥିଲେ।

### କିସ୍ ପକ୍ଷରୁ ସମ୍ବର୍ଦ୍ଧନା



କିସ୍‌ରେ ରଗ୍‌ବୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

୭ ଓଡ଼ିଆ ଖେଳାଳିଙ୍କ ମଧ୍ୟରୁ ୫ଜଣ କିସ୍‌ର ଛାତ୍ରୀ। ସେମାନେ ହେଲେ ସୁମିତ୍ରା ନାୟକ, ହୁପି ମାଝି, ମୀରାରାଣୀ ହେମ୍ବ୍ରମ, ରଜନୀ ଶବର ଓ ପାର୍ବତୀ କିସ୍କୁ। କିସ୍ ଛାତ୍ରୀଙ୍କ ଏହି ସଫଳତା ଲାଗି ସୋମବାର କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ସେମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ତୃତୀୟ ଓ ୪ର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚର ଅନ୍ତିମ ୪ ମିନିଟ୍‌ରେ ସୁମିତ୍ରା ପେନାଲ୍ଟି କିକ୍ ଜରିଆରେ ଭାରତକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ୧୫ଏସ୍ ପ୍ରତିଯୋଗିତାରେ ଭାରତର ଏହା ପ୍ରଥମ ବିଜୟ ହୋଇଥିବାରୁ ବିଭିନ୍ନ ମହଲରୁ ଏବେ ଦଳ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଭାରତୀୟ ରଗ୍‌ବୀକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ କିସ୍‌ର ପ୍ରମୁଖ ଭୂମିକା ରହିଛି। କିସ୍‌ର ଉଭୟ ବାଳିକା ଓ ବାଳକ ରଗ୍‌ବୀ ଖେଳାଳି ଅନ୍ତର୍ଜାତୀୟସ୍ତରରେ କ୍ରମାଗତ ଶ୍ରେଷ୍ଠ ପ୍ରଦର୍ଶନ କରି ଆସୁଥିବା ସହ ଭାରତର ବିଜୟରେ ସହାୟକ ହେଉଛନ୍ତି' ବୋଲି ଡ. ସାମନ୍ତ ନିଜ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି। ଏହି ଅବସରରେ ସେ ରଗ୍‌ବୀ ଇଣ୍ଡିଆ ଓ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର କର୍ମକର୍ତ୍ତାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

## ବୋରିସ ବେକର ନିଲାମ କରିବେ ଟ୍ରଫି, ମେଡାଲ

**ଲଣ୍ଡନ,୨୪।୬(ଏଏଫ୍‌ପି)**

ଜର୍ମାନୀର କିମ୍ବଦନ୍ତୀ ଟେନିସ୍ ଷ୍ଟାର ବୋରିସ୍ ବେକର ବ୍ୟାଙ୍କ ଲୋନ୍ ପରିଶୋଧ କରିବା ଲାଗି ଅନ୍‌ଲାଇନରେ ସୋମବାରଠାରୁ ନିଜ ଟ୍ରଫି ଓ ମେଡାଲ ନିଲାମ ଆରମ୍ଭ କରିଛନ୍ତି। ୱିମ୍ବଲଡନ ଓପନ୍ ଇତିହାସର ସର୍ବକନିଷ୍ଠ ଖେଳାଳି ୧୭ ବୟସରେ ହିଁ ୩ ଟାଇଟଲ ହାସଲ କରିନେଇଥିଲେ। ସେ ପଦକ, କପ୍, ଘଣ୍ଟା ଓ ଫଟୋଗ୍ରାଫ୍‌କୁ ମିଶାଇ ମୋଟ ୮୨ଟି ଆଇଟମ ନିଲାମ କରୁଛନ୍ତି। ଏହି ପ୍ରକ୍ରିୟା ୧୧ ତାରିଖରେ ଶେଷହେବ ବୋଲି ୱଲେସ ହାର୍ଡି କହିଛନ୍ତି। ନିଲାମ ହେଉଥିବା ଆଇଟମ ତାଲିକାରେ ରେନଶ୍ୱା କପ୍ ପ୍ରତିକୃତି ମଧ୍ୟ ରହିଛି, ଯାହା ତାଙ୍କୁ ୱିମ୍ବଲଡନ ଓପନ୍‌ରେ ସର୍ବକନିଷ୍ଠ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ପରେ ମିଳିଥିଲା। ୱିମ୍ବଲଡନ (୧୯୯୦) ଓ ୟୁଏସ୍ ଓପନ୍ (୧୯୮୯) ଉପବିଜେତା ପଦକ ମଧ୍ୟ ସାମିଲ କରାଯିବ। ୫୧ ବର୍ଷୀୟ ଚାମ୍ପିୟନଙ୍କୁ ୨୦୧୭ରେ ଦେବାଳିଆ ଘୋଷଣା କରାଯାଇଥିଲା। ୨୦୧୮ ଜୁନ୍‌ରେ ତାଙ୍କ ନିକଟରେ ରାଜନୈତିକ ସମର୍ଥନ ରହିଛି, ଯାହାଫଳରେ ତାଙ୍କ ଟ୍ରଫି ଓ ପଦକର ନିଲାମ ପ୍ରକ୍ରିୟାକୁ ଅନ୍ତିମ ମିନିଟ୍‌ରେ ରଦ୍ଦ କରାଯାଇଥିଲା। ସେଣ୍ଟ୍ରାଲ ଆଫ୍ରିକାନ ଗଣତନ୍ତ୍ର ରାଷ୍ଟ୍ରପତିଙ୍କ ଦ୍ୱାରା କ୍ରୀଡ଼ା ଓ ପରମ୍ପରା ୟୁରୋପିଆନ ୟୁନିୟନ ସହ ଯୋଗସୂତ୍ର ରକ୍ଷା କରିବା ଲାଗି ତାଙ୍କୁ ନିଯୁକ୍ତ କରାଯାଇଥିବା ଦାବି କରିଥିଲେ। କିନ୍ତୁ ବେକର ଜାଲ୍ ପାସ୍‌ପୋର୍ଟର ବ୍ରାଣ୍ଡିଂ କରୁଥିବା ସେଣ୍ଟ୍ରାଲ ଆଫ୍ରିକାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ଗତ ଡିସେମ୍ବରରେ ଲଣ୍ଡନ କୋର୍ଟରେ ଦେବାଳିଆ ସ୍ୱୀକାର କରିଥିଲେ। ନିଲାମ ପ୍ରକ୍ରିୟାରୁ ମିଳିବାକୁ ଥିବା ଅର୍ଥ ତାଙ୍କ ଇଷ୍ଟେଟ କମ୍ପାନୀର ବ୍ୟାଙ୍କଲୋନ୍ ପରିଶୋଧ କରିପାରିବ ନାହିଁ। ଉଲ୍ଲେଖଥାଉ କି, ଏହି ପୂର୍ବତନ ଖେଳାଳି ୬ ଗ୍ରାଣ୍ଡସ୍ଲାମ ସମେତ ମୋଟ ୪୯ ଟାଇଟଲ ଜିତିଥିଲେ। ଏଥିସହ ପୁରସ୍କାର ରାଶି ବାବଦକୁ ୨୦ ନିୟୁତ ୟୁରୋ ମଧ୍ୟ ପାଇଥିଲେ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୫/୨୦୧୯ Bhubaneswar, Tuesday, June 25/ 2019

# ଯାଜପୁରରୋଡ଼କୁ ରେଲୱେ ଡିଭିଜନ ମାନ୍ୟତା ଦାବି

## ପ୍ରସ୍ତାବିତ ଯାଜପୁରରୋଡ-ଧାମରା ରେଳପଥ

**ଯାଜପୁରରୋଡ,୨୪।୬(ନି.ପ୍ର.)**

ପ୍ରସ୍ତାବିତ ଯୋଜପୁରରୋଡ-ଧାମରା ରେଳପଥ ନିର୍ମାଣ ସହ ବିରଜାକ୍ଷେତ୍ରକୁ ରେଳପଥ ସଂଯୋଗ ଓ ଯାଜପୁର ରୋଡଠାରେ ରେଲୱେ ଡିଭିଜନ ପ୍ରତିଷ୍ଠା ପାଇଁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ଏ ନେଇ ୨୦ ବର୍ଷ ଧରି ଆନ୍ଦୋଳନ ଚାଲୁରହିଛି। କିନ୍ତୁ ରେଳବାଇ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସମଗ୍ର ଯାଜପୁର ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି। ୩୦।୧।୨୦୧୮ରେ ଯାଜପୁରରୋଡ-ଧାମରା ରେଳପଥ ସମ୍ପର୍କରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇଙ୍କ ଅଧ୍ୟକ୍ଷତାରେ ଯାଜପୁର ରୋଡଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ସାଂସଦ ସ୍ୱର୍ଗତ ବୈଷ୍ଣବ ଚରଣ ପରିଡା, ଆଇଏନ୍‌ଟିୟୁସିର ଜିଲା ସଭାପତି ବିଦ୍ୟାଧର ମହାନ୍ତି, ସିପିଆଇଏମ୍‌ର ଜିଲା ସମ୍ପାଦକ ପ୍ରଫୁଲ୍ଲ ନାୟକ, ସନ୍ତୋଷ ଦାସ, ଚନ୍ଦ୍ରଶେଖର ନାୟକ ପ୍ରମୁଖ ଯୋଗଦେଇ ରେଳପଥ ନିର୍ମାଣ ସହ ବିରଜାକ୍ଷେତ୍ରକୁ ରେଳପଥ ସଂଯୋଗ ଓ ଯାଜପୁରରୋଡକୁ ରେଲୱେ ଡିଭିଜନର ମାନ୍ୟତା ଦେବା ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ରେଳମନ୍ତ୍ରୀ ଓ ପୂର୍ବତଟ ଜେନେରାଲ ମ୍ୟାନେଜରଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଓଡ଼ିଶାର ପୁରାତନ ରାଜଧାନୀ ତଥା ବିରଜାକ୍ଷେତ୍ର ଯାଜପୁରକୁ ରେଳ ସଂଯୋଗ ପାଇଁ ସ୍ୱାଧୀନତା ପରଠାରୁ ଦାବି ହୋଇଆସୁଛି। ଏହାବ୍ୟତତ କଳିଙ୍ଗନଗର ଶିଳ୍ପାଞ୍ଚଳ ସହ ଧାମରା ବନ୍ଦରକୁ ରେଳପଥ ସଂଯୋଗ କରାଗଲେ ରାଜ୍ୟରେ ଅର୍ଥନୈତିକ ବିକାଶ ହେବ ବୋଲି ଦାବିପତ୍ରରେ ଦର୍ଶାଯାଇଥିଲା। ଏତଦ୍‌ବ୍ୟତୀତ ପ୍ରସ୍ତାବିତ ଯାଜପୁରରୋଡ-ଧାମରା ୯୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ରେଳପଥ କଳିଙ୍ଗନଗର ଇସ୍ପାତ ନଗର ସହ ଧାମରା ବନ୍ଦରକୁ ସଂଯୋଗ କରିବ। ଅନୁଗୋଳ, ଡୁବୁରୀ-ସୁକିନ୍ଦା ରୋଡ ରେଳପଥ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପରେ ତାଳଚେର କୋଇଲା ଖଣି ନାଲ୍‌କୋ ସହ ଯାଜପୁରରୋଡ ରେଳପଥ ସଂଯୁକ୍ତ ହୋଇଯିବ। ସ୍ୱର୍ଣ୍ଣଗର୍ଭା ସୁକିନ୍ଦା ମାଟିତଳେ ଦେଶର ୯୫% କ୍ରୋମାଇଟ୍ ଓ ୯୧.୧୦ ଶତାଂଶ ନିକେଲ୍ ରହିଛି। ଧାମରା ବନ୍ଦରକୁ ରେଳପଥ ସଂଯୋଗ କଲେ କ୍ରୋମାଇଟ୍, ନିକେଲ ରପ୍ତାନି ହୋଇପାରିବ। ଅନ୍ୟପକ୍ଷରେ ରେଳପଥ ନିର୍ମାଣ ହେଲେ କଳିଙ୍ଗନଗର ଶିଳ୍ପନଗରୀ ଖଣି ଅଞ୍ଚଳ ସହ ଧାମରା ବନ୍ଦର ସଂଯୋଗ ହେବା ସହ ପର୍ଯ୍ୟଟନ ଶିଳ୍ପ, କୃଷି ଓ ଅର୍ଥନୀତିର ବିକାଶ ହେବ। ଏହି ଜିଲା ଧାନ, ଚିନାବାଦାମ, ଡାଲିଜାତୀୟ ଫସଲ, ତୈଳବୀଜ, ପନିପରିବା, ଆଖୁ ଉତ୍ପାଦନ ପାଇଁ ପ୍ରସିଦ୍ଧ। ଏହି ରେଳପଥ ଦ୍ୱାରା କୃଷିଜାତୀୟ ଦ୍ରବ୍ୟ, ମତ୍ସ୍ୟ ସମ୍ପଦ ମଧ୍ୟ ରପ୍ତାନି ହୋଇପାରିବ। ଯଦ୍ୱାରା ଜିଲାର ଅର୍ଥନୀତି ବୃଦ୍ଧି ପାଇବା ସହ ଲୋକେ ଆତ୍ମନିଯୁକ୍ତ ହେବେ। ଏହି ପ୍ରସ୍ତାବିତ ରେଳପଥ ପାଇଁ ୯୫୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୫ବର୍ଷ ତଳେ ଯାଜପୁରରୋଡ-ବିରଜାକ୍ଷେତ୍ର ରେଳପଥ ନିର୍ମାଣ ସମ୍ପର୍କରେ ସର୍ଭେ କରାଯାଇଛି ଓ ଏଥିପାଇଁ ନକ୍ସା ମଧ୍ୟ ପ୍ରସ୍ତୁତ କରାଯାଇଛି। କିନ୍ତୁ ରେଳବାଇ ବଜେଟ୍‌ରେ ସ୍ଥାନ ପାଉ ନ ଥିବାରୁ ଏହା କାର୍ଯ୍ୟକାରୀ ହେଉ ନ ଥିବା ଜଣାପଡ଼ିଛି। ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ସାଂସଦ ସ୍ୱର୍ଗତ ବୈଷ୍ଣବ ପରିଡା ଏ ସମ୍ପର୍କରେ ରାଜ୍ୟ ସଭାରେ ଦାବି ଉପସ୍ଥାପନ କରିଥିଲେ। ଆଉ କେତେଦିନ ପରେ କେନ୍ଦ୍ରରେ ରେଳ ବଜେଟ୍ ଆସିବ। ଏହି ବଜେଟ୍‌ରେ ଯାଜପୁରରୋଡ-ଧାମରା ରେଳପଥ ନିର୍ମାଣକୁ ଅନ୍ତର୍ଭୁକ୍ତ କରିବା ପାଇଁ ଯାଜପୁରରୋଡ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।




## ନକଲି ଡାକ୍ତର ଅଟକ

**ଚଣ୍ଡିଖୋଲ,୨୪।୬(ଡି.ଏନ୍.ଏ.):** ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଯୁବକ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ମହିଳାଙ୍କ ପ୍ରସୂତି ୱାର୍ଡରେ ପଶିଥିବାବେଳେ ପୋଲିସ ତାଙ୍କୁ ସୋମବାର ଅଟକ ରଖିଛି। ସମ୍ପୃକ୍ତ ଯୁବକ ବଡ଼ଚଣା ଥାନା ଅନ୍ତର୍ଗତ କଢ଼େଇ ଗ୍ରାମର ବୋଲି ଜଣାପଡ଼ିଛି। ସେ ଗତ ୨୧ ତାରିଖ ରାତିରେ ମହିଳାଙ୍କ ପ୍ରସୂତି ୱାର୍ଡରେ ପଶି କିଛି ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ। ତାଙ୍କ ବ୍ୟବହାରରେ କେତେଜଣ ମହିଳାଙ୍କର ସନ୍ଦେହ ହୋଇଥିଲା। ଏ ନେଇ ସେମାନେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଏ ସମ୍ପର୍କରେ ବଡ଼ଚଣା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ସୋମବାର ପୁନର୍ବାର ସମ୍ପୃକ୍ତ ଯୁବକ ଡାକ୍ତର ପରିଚୟ ଦେଇ ମେଡିକାଲକୁ ଆସିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ।

## ଏଆଇକେକେଏମ୍‌ଏସ୍ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଯାଜପୁରଟାଉନ,୨୪।୬(ଡି.ଏନ.ଏ.)**



କୃଷକ ସଂଗଠନ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି।

ଅଲ ଇଣ୍ଡିଆ କିଷାନ କ୍ଷେତ୍ର ମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ଯାଜପୁର ଜିଲା କମିଟି ନେତୃତ୍ୱରେ ଚଳିତବର୍ଷ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ, ୧୧ ଲକ୍ଷ ଆଦିବାସୀଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ ବନ୍ଦ କରିବା, ଦଖଲିକୃତ ଚାଷ ଜମିରୁ ଚାରାରୋପଣ ବନ୍ଦ କରିବା ଆଦି ଦାବିରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ସୋମବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ସମ୍ପାଦକ ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ଚାଷୀ ମୂଲିଆମାନେ ଏକ ଶୋଭାଯାତ୍ରାରେ ମେଡିକାଲ ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଫନୀ ବାତ୍ୟାରେ ଯାଜପୁର ଜିଲାରେ ବ୍ୟାପକ କ୍ଷୟକ୍ଷତିର ତଦନ୍ତ କରାଯାଇ ବିପର୍ଯ୍ୟସ୍ତ ରବିଚାଷ, ଆମ୍ବ, କାଜୁ, ନଡ଼ିଆ ଓ ପନିପରିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବା, ଭାଙ୍ଗିଯାଇଥିବା ଘରଗୁଡ଼ିକୁ କ୍ଷତିପୂରଣ ଦିଆଯିବା ଓ ସମସ୍ତ କଚ୍ଚାଘରଗୁଡ଼ିକୁ ପକ୍କାଘରରେ ପରିଣତ କରାଯିବା, ଦୀର୍ଘଦିନ ଧରି ଚାଷବାସ କରି ଜୀବିକା ନିର୍ବାହ କରୁଥିବା ଅନାବାଦୀ ଜମିଗୁଡ଼ିକୁ ଅବିଳମ୍ବେ ପଟ୍ଟା ଦିଆଯିବା, ସଦର ମହକୁମା ସହ ଜିଲାର ସମସ୍ତ ମେଡିକାଲରେ ଡାକ୍ତର ନିଯୁକ୍ତି, ସମସ୍ତ ଜମିକୁ ଜଳସେଚନ କରାଯିବା ଓ ଉଦ୍‌ବୃତ୍ତ ଜଳକୁ ନିଷ୍କାସନ ପାଇଁ ଅବରୋଧ ହେଉଥିବା ସମସ୍ତ ପଥକୁ ଉନ୍ମୁକ୍ତ କରାଯିବା ନେଇ ଦାବିପତ୍ର ଦିଆଯାଇଥିଲା। ଏହି ବିକ୍ଷୋଭରେ କମ୍ରେଡ ମେଘନାଦ ମଲ୍ଲିକ, କମ୍ରେଡ଼ ଚଇତନ ସାହୁ, କମ୍ରେଡ଼ ନୃସିଂହ ମହନ୍ତ, କମ୍ରେଡ଼ କୀର୍ତ୍ତନ ଯେନା ପ୍ରମୁଖ ସାମିଲ ହୋଇଥିଲେ।

## ସୁନାଗହଣା ଲୁଟ୍ ଉଦ୍ୟମ, ୨ ଗିରଫ

**ବାଲିଆପାଳ, ୨୪।୬(ଡି.ଏନ.ଏ.):** ବାଲିଆପାଳ ଥାନା ନଇଘାଟି ଗ୍ରାମର ପ୍ରଫୁଲ୍ଲ କାମିଲା ଓ ଅମୂଲ୍ୟ କାମିଲା କାଳିପଦା ବଜାରରେ ନିଜର ରାଜଲକ୍ଷ୍ମୀ ଜୁଏଲେରୀ ବନ୍ଦ କରି ସୁନାଗହଣା ଏକ ବ୍ୟାଗରେ ରଖି ରବିବାର ରାତିରେ ଫେରୁଥିବା ବେଳେ ଲୁଟ୍ ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି।

## ■ସାଦକପୁରରେ ଏଲ୍‌ଇଡି ବଲ୍‌ବ ବଣ୍ଟନରେ ଅନିୟମିତତା

# ତଦନ୍ତ ନିର୍ଦ୍ଦେଶ ଦେଲେ ବିଡିଓ

**କୋରେଇ,୨୪।୬(ସ୍ୱ.ପ୍ର.)**

କୋରେଇ ବ୍ଲକ ସାଦକପୁରରେ ଏଲଇଡି ବଲ୍‌ବ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏବେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୋରେଇ ବ୍ଲକ ଦାୟିତ୍ୱରେ ଥିବା ରସୁଲପୁର ବିଡିଓ ଉମାକାନ୍ତ ପରିଡା ଦୁଇଜଣ ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାଦକପୁର ପଞ୍ଚାୟତ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ନେହେରୁ ବେହେରା ଓ ବ୍ଲକ ସହକାରୀ ଯନ୍ତ୍ରୀ ମନୋଜ ସେନାପତିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ବ୍ଲକର ୨ ଜଣ ତଦନ୍ତକାରୀ କର୍ମଚାରୀଙ୍କ ତଦନ୍ତ ଉପରେ ସାଦକପୁରବାସୀ ସନ୍ଦେହ କରୁଥିବାବେଳେ ଠିକ୍ ଭାବେ ତଦନ୍ତ କରାଯାଇ ଏହି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଚିତ ଦଣ୍ଡ ଦିଆଯିବ ବୋଲି ତଦନ୍ତକାରୀ କର୍ମଚାରୀ କହିଛନ୍ତି। ଅନ୍ୟପକ୍ଷରେ କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଲଇଡି ଲାଇଟ ବଣ୍ଟନରେ ଅନିୟମିତତା ହୋଇଥିବା ଆଲୋଚନା ହେଉଛି।

## ଯଖପୁରାରୁ ସୁନା ଚୋରଙ୍କୁ ଗିରଫ କଲା ରାଜସ୍ଥାନ ପୋଲିସ

**କଳିଙ୍ଗନଗର,୨୪।୬(ଡି.ଏନ୍.ଏ.)**

ଯାଜପୁର ଜିଲା ଯଖପୁରା ଥାନା ଅନ୍ତର୍ଗତ ମାନ୍ତିରା ପଞ୍ଚାୟତ ଦଶମାଣିଆ ଗ୍ରାମରୁ ରବିବାର ବିଳମ୍ବିତ ରାତିରେ ଜଣେ ସୁନା ଲୁଟେରାଙ୍କୁ ରାଜସ୍ଥାନ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଦାସ ରବି (୩୫)। ଗିରଫ ବେଳେ ତାଙ୍କ ନିକଟରୁ ୧୫୦ ଗ୍ରାମ ସୁନା ଜବତ କରାଯାଇଥିଲା। ସୋମବାର ରାଜସ୍ଥାନ ପୋଲିସ ଅଭିଯୁକ୍ତଙ୍କୁ ଯାଜପୁର କୋର୍ଟରେ ହାଜର କରିବା ପରେ ରିମାଣ୍ଡରେ ନେଇଥିବା ଜଣାପଡିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଯଖପୁରା ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡ ସେନା କହିଛନ୍ତି। ପ୍ରକାଶ ଯେ, ରଜସ୍ଥାନ ଯୋଥପୁର ଅଞ୍ଚଳରେ ଦାସ ରବି ସ୍ଥାନୀୟ ଏକ ସୁନା ଦୋକାନରୁ ଚୋରି ଯୋଜନା କରିଥିଲେ। ଏ ନେଇ ସେଠାରେ ୪ ଜଣ ସହଯୋଗୀଙ୍କ ସହ ଭଡାଘରେ ରହିଥିଲେ। ଏକ ମାସଧରି ରହିବା ପରେ ସହଯୋଗୀଙ୍କ ସହ ମିଶି ଲୁଟ୍ ପାଇଁ ବିଭିନ୍ନ ଯୋଜନା କରିଥିଲେ। ଜୁନ୍ ୧ ତାରିଖ ରାତିରେ ଦୋକାନ ମାଲିକ ଦୋକାନ ବନ୍ଦ କରିବା ପରେ ୮୦୦ ଗ୍ରାମ ସୁନା ଓ ୧୦କେଜି ରୁପା ଏକ କାରରେ ଘରକୁ ନେଇ ଯାଉଥିଲେ। ଏହି ସମୟରେ ଦାସ ରବି ଓ ତାଙ୍କ ସହଯୋଗୀ ବାଇକ୍‌ରେ ପିଛା କରି ନିଛାଟିଆ ସ୍ଥାନରେ ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରିଥିଲେ। ବ୍ୟବସାୟୀଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ଲୁଟେରାମାନେ ଓଡ଼ିଶାର ଯାଜପୁର ଜିଲା ଯଖପୁରା ଥାନା ଅଞ୍ଚଳର ବୋଲି ଜାଣିବାକୁ ପାଇଥିଲା। ଲୁଟେରାଙ୍କୁ ଧରିବା ପାଇଁ ୩ ଦିନ ହେବ ଯଖପୁରା ପୋଲିସ ସହାୟତାରେ ବିଭିନ୍ନ ଯୋଜନା କରିଥିଲା। ରିବିବାର ରାତିରେ ଦାସ ରବି ଘରେଥିବା ଖବର ପାଇ ପୋଲିସ ଚଢାଉ କରିଥିଲା।

## ବିଲ ମଝିରୁ ବ୍ୟକ୍ତିଙ୍କ ପୋଡ଼ା ମୃତଦେହ ଉଦ୍ଧାର

**କୋରେଇ,୨୪।୬(ସ୍ୱ.ପ୍ର.)**

ମକୁନ୍ଦପୁର ପଞ୍ଚାୟତର ନୟନ୍ତପାଟଣା ଅଞ୍ଚଳରେ ଥିବା ବିଲରୁ କୋରେଇ ପୋଲିସ ସୋମବାର ସକାଳେ ଜଣେ ବ୍ୟକ୍ତିଙ୍କ ପୋଡ଼ା ମୃତଦେହ ଉଦ୍ଧାର କରିଛି। ସେ ହେଲେ ବରପାଟଣା ଗ୍ରାମର ମହେଶ୍ୱର ଜେନା (୪୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୮/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ମୁତାବକ ବିଲ ମଝିରେ ମହେଶ୍ୱରଙ୍କ ପୋଡ଼ା ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ମୃତଦେହ ଜବତ କରିବା ସହ ଛାନଭିନ୍ କରିଥଲା। ମହେଶ୍ୱର ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଥିବାବେଳେ ତାଙ୍କୁ କିଏ ପୋଡ଼ି ମାରିଦେଇଛି ବୋଲି ତାଙ୍କ ସ୍ତ୍ରୀ ସନ୍ଦେହ କରୁଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।

## ଅପହୃତା ଛାତ୍ରୀ ଉଦ୍ଧାର

**ଚଣ୍ଡିଖୋଲ/ଛତିଆ,୨୪।୬(ଡି.ଏନ.ଏ.)**

ଅପହୃତା ଛାତ୍ରୀ ଜଣକ ମାହାଙ୍ଗା ଥାନା ଅନ୍ତର୍ଗତ ବାଜପୁରା ଗ୍ରାମରେ ଥିବା କୌଣସି ସୂତ୍ରରୁ ଖବରପାଇ ବୈରୀ ଥାନାଧିକାରୀ ନିରଞ୍ଜନ ଶବର ତାଙ୍କୁ ଉଦ୍ଧାର କରିଥିଲେ। ସୋମବାର ଛାତ୍ରୀଙ୍କୁ କୋର୍ଟରେ ହାଜର କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ଅପହରଣ କରିଥିବା ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ନିରଞ୍ଜନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଦୁଇ ଦିନ ତଳେ ବୈରୀ ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ନେଇ ଜଣେ ଯୁବକ ଫେରାର ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ବୈରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୯୭/୧୯) ରୁଜୁ କରିଥିଲା।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଡୁବୁରୀ,୨୪।୬(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ସୋମବାର ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଛି। ଖବର ଲେଖାହେବାବେଳକୁ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ଗତ ଗୁରୁବାର ରାତିରେ ଘରୁ ନାବାଳିକା ଜଣଙ୍କ ବହାରକୁ ଆସି ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ନାବାଳିକାଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ଅପହରଣ କରି ନେଇଥିବା ଜଣା ପଡ଼ିଥିଲା। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମର ଏତେ ଗହୀରରେ ଚାଷ କିଆଁ**
**ରାତି ପାହିଲେ ହେବ ପୁଅ ବାହା ।**

ପୁଅ ବାହାଘର ମୁଣ୍ଡ ଉପରେ। ଏପରିସ୍ଥଳେ କାହାକୁ କିଏ କ'ଣ କହିଥିଲା, କିଏ କ'ଣ କରିଥିଲା, ଆଗରୁ କାହାର କାହା ସାଙ୍ଗରେ କ'ଣ ମନୋମାଳିନ୍ୟ ଥିଲା ସେ ସବୁ ଘାଣ୍ଟିବସିଲେ ଲାଭ ବା କ'ଣ ମିଳିବ। ବରଂ ବାହାଘର କେମିତି ସୁରୁଖୁରୁରେ ହୋଇଯିବ ସେ ବିଷୟରେ ଚିନ୍ତା କରିବା ସମୟୋପଯୋଗୀ କାର୍ଯ୍ୟ ହୋଇଥାଏ। ବଡ଼ ଦାୟିତ୍ୱ ଯେତେବେଳେ ମୁଣ୍ଡ ଉପରେ ଥାଏ ସେତେବେଳେ ଅନ୍ୟ କଥାରେ ମୁଣ୍ଡ ଖେଳେଇବା ସମୀଚୀନ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ସୁନା ତ ଭେଣ୍ଟି**
**ପର ସଙ୍ଗେ କିଆଁ ଚୁଟି ଧରାଧରି ।**

ନିଜ ଲୋକ ଯଦି ବିଶ୍ୱସ୍ତ ନ ହେଲା ଅଯଥାରେ ଅନ୍ୟ ଦୋଷ ଦେଇ ଲାଭ କ'ଣ। ନିଜ ଲୋକ ଯଦି ନିଜର ଦୁଃଖ ବୁଝି ନ ପାରିଲା, ନିଜର ହୋଇ ନ ପାରିଲା ସେତେବେଳେ ଅନ୍ୟ ଉପରେ ରାଗରୋଷ ନ ରଖି ନିଜ ଭାଗ୍ୟକୁ ଆଦରି ପଡ଼ିରହିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପ୍ରକଳ୍ପ, କାର୍ଯ୍ୟାଳୟ ଗୃହ ଲୋକାର୍ପଣ ଉପରେ ଗୁରୁତ୍ୱ

ଯାଜପୁର ଅଫିସ,୨୪।୬

ଜିଲା ରାଜସ୍ୱ ସମୀକ୍ଷା ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରି ରାଜସ୍ୱ ଆଦାୟ ସହ ସାଧାରଣ ଲୋକଙ୍କ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଅନେକ ପ୍ରକଳ୍ପ, ସରକାରୀ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଗୃହ ନିର୍ମାଣ ସରିଛି। ତେବେ କେଉଁଠି ପାଣି, ବିଦ୍ୟୁତ ଯୋଗାଯୋଗ ଅଭାବରୁ ବା ସାନିଟାରୀ ବ୍ୟବସ୍ଥା ଅଭାବରୁ ତାହା ଲୋକଙ୍କ ସେବାରେ ଲାଗିପାରୁ ନାହିଁ। ତେଣୁ ବର୍ତ୍ତମାନ ସେଗୁଡ଼ିକର ଲୋକାର୍ପଣ ତାରିଖ ଧାର୍ଯ୍ୟ କରାଗଲେ ସମ୍ପୃକ୍ତ ବିଭାଗଗୁଡ଼ିକ ଉତ୍ତରଦାୟୀ ହୋଇ କାର୍ଯ୍ୟ ତ୍ୱରାନ୍ୱିତ କରିବେ ବୋଲି ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ପ୍ରକଳ୍ପ ଯଦି କୌଣସି ସମସ୍ୟା ପାଇଁ ଅଟକିଛି ତେବେ ତାହା ପ୍ରଶାସନର ଦୃଷ୍ଟିକୁ ଆଣୁ ନ ଥିବାରୁ ସେ ବିଭିନ୍ନ ବିଭାଗକୁ ତାଗିଦ କରିଥିଲେ। ଏଣିକି ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସାରିବାକୁ ବା ସମସ୍ୟା ହେଲେ ତୁରନ୍ତ ଦୃଷ୍ଟିକୁ ଆଣିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।



ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ ଓ ଅନ୍ୟ ଅଧିକାରୀମାନେ।

ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ରାଜସ୍ୱ ଆଦାୟ ସହ ସରକାର ଧାର୍ଯ୍ୟ କରିଥିବା ୨୫ ସୂତ୍ରୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ୯୬କୋଟି ୮୮ଲକ୍ଷ ଟଙ୍କା ଧାର୍ଯ୍ୟଲକ୍ଷ୍ୟ ଥିବାବେଳେ ୧୦୫ କୋଟି ୧୫ କୋଟି ଟଙ୍କା ଆଦାୟ ହୋଇଥିଲା। ଯାହା ଶତକଡ଼ା ୧୦୮.୫୪ ଭାଗ। ଚଳିତ ୨୦୧୯-୨୦ ଆର୍ଥିକ ବର୍ଷରେ ୧୦୬ କୋଟି ଟଙ୍କାର ଲକ୍ଷ୍ୟଧାର୍ଯ୍ୟରୁ ବର୍ତ୍ତମାନ ସୁଦ୍ଧା ୮୮ କୋଟି ଟଙ୍କା ସଂଗ୍ରହ ହୋଇଛି। ଦଶରଥପୁର ତହସିଲ ଅଧୀନସ୍ଥ ଝାଡଙ୍ଗା ମୌଜାଠାରେ

**ଜିଲା ରାଜସ୍ୱ ସମୀକ୍ଷା ବୈଠକ**

ଏ ୧୯.୩୦ ଡିସିମିଲ ସରକାରୀ ଜମି ଉପରେ ଏକ ବୃଦ୍ଧାଶ୍ରମ ସ୍ଥାପନ ନିମନ୍ତେ ଜମି ଚିହ୍ନଟ ହୋଇଛି। ଏ ସମ୍ପର୍କରେ ଯୁଗ୍ମ ତଦନ୍ତ ମାଧ୍ୟମରେ ବିବରଣୀ ପ୍ରଦାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ବିଭିନ୍ନ ତହସିଲର ଅତ୍ୟାଧୁନିକ ରେକର୍ଡ ରୁମ ଓ ରାଜସ୍ୱ ନିରୀକ୍ଷକ ମାନଙ୍କ କାର୍ଯ୍ୟାଳୟ ଗୁଡ଼ିକର ନିର୍ମାଣ ଓ ମରାମତି କାର୍ଯ୍ୟ, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ ଇତ୍ୟାଦି କାର୍ଯ୍ୟ ଆସନ୍ତା ୧୫ ତାରିଖ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସମସ୍ତ ତହସିଲଦାର, ସହକାରୀ ଜିଲାପାଳ, ଆଞ୍ଚଳିକ ପରିବହନ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ରାଜସ୍ୱ ଉପବିଭାଗର ବିଭାଗୀୟ ଅଧିକାରୀ ଶଶିଭୂଷଣ ମିଶ୍ର, ବରିଷ୍ଠ ସହାୟକ ସୁବ୍ରତ ବାରିକ, କମଳାକାନ୍ତ ଜେନା, ନିରଞ୍ଜନ ଗୁରୁ, ପ୍ରମିତା ଜେନା, ସୁମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଗ୍ରାମ୍ୟବ୍ୟାଙ୍କ କର୍ମଚାରୀଙ୍କ ୪ର୍ଥ ବାର୍ଷିକ ବନ୍ଧୁମିଳନ

ଯାଜପୁରରୋଡ,୨୪।୬(ନି.ପ୍ର.)

ଯାଜପୁରରୋଡଠାରେ ରବିବାର ଗ୍ରାମ୍ୟବ୍ୟାଙ୍କର କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ୪ର୍ଥ ବାର୍ଷିକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହୃଷୀକେଶ ସେଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଚିତ୍ରାନନ୍ଦ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ଶ୍ୟାମସୁନ୍ଦର ଦାସ, କ୍ଷୀରୋଧ ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରଖି ଭାଇଚାରା ସୃଷ୍ଟି କରିବା ଏହି ବନ୍ଧୁମିଳନର ଉଦ୍ଦେଶ୍ୟ। ନରେନ୍ଦ୍ର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। କୈଳାସ ବେହେରା, କାଶିନାଥ ସିଂହ, ନିତ୍ୟାନନ୍ଦ ମଲିକ, ସୁଦର୍ଶନ ବଳ ପ୍ରମୁଖ ଯାଜପୁର ଜିଲାର କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ ଗୋପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ୧୧ ମହଲାରୁ ଖସି ଡ୍ରାଇଭରଙ୍କ ମୃତ୍ୟୁ

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା କ୍ରୀଷ୍ଣା ପ୍ଲାଜା ଆପାର୍ଟମେଣ୍ଟର ୧୧ ମହଲାରୁ ଖସି ଜଣେ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ଦୟାନିଧି ସାହାଣୀ(୩୬)। ଦୟାନିଧି ଆପାର୍ଟମେଣ୍ଟ ମାଲିକଙ୍କ ୧୧ ମହଲାରେ ଥିବା ୧୧/୭ ନଂ.ରେ ଫ୍ଲାଟରେ ରୁହନ୍ତି। ରବିବାର ରାତି ପ୍ରାୟ ୧ଟା ସମୟରେ ଆପାର୍ଟମେଣ୍ଟ ପରିସରରେ ହଠାତ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଡ୍ୟୁଟିରେ ଥିବା ସିକ୍ୟୁରିଟି ଗାର୍ଡ ଘଟଣାସ୍ଥଳରେ ପହଞ୍ଚି ଦୟାନିଧିଙ୍କୁ ତଳେ ପଡିଥିବା ଦେଖି ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ପୋଲିସ ଦୟାନିଧିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ୭୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ପୋଲିସ କହିବାନୁସାରେ, ଆପାର୍ଟମେଣ୍ଟର ସେ ରହୁଥିବା ଫ୍ଲାଟର ମୁଖ୍ୟ କବାଟ ଭିତରପଟୁ ବନ୍ଦ ଥିଲା। କବାଟ ଭାଙ୍ଗି ଘର ଭିତରକୁ ପଶିବା ପରେ ସେଠାରେ ମଦ ବୋତଲ ଜବତ ରହିଥିଲା ଓ ବାଲକୋନୀ କବାଟ ଖୋଲା ରହିଥିଲା। ତେଣୁ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଆତ୍ମହତ୍ୟା କରିବା ନେଇ ତଳକୁ ଡେଇଁ ପଡିଥିବା ପୋଲିସ ସନ୍ଦେହ କରୁଛି। ଅପରପକ୍ଷରେ ଅସାବଧାନତା ଯୋଗୁ ନିୟନ୍ତ୍ରଣ ହରାଇ ତଳକୁ ପଡିଯାଇଥିବା ମଧ୍ୟ କୁହାଯାଉଛି। ଏ ନେଇ ତଦନ୍ତ ଜାରି ରହିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

SINGHANIA
MFC FINANCIAL GROUP
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
94857-90203, 94858-27609

ଲକ୍ଷାଧିକ ଲୋକଙ୍କ ଭରସା
ଅମରାବତୀ କ୍ୟାପିଟାଲ
ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ସୁବିଧା ପାଇଁ ହୋମ, ଏଜ୍ୟୁକେସନ୍, ଗ୍ରୁପ, ପର୍ସନାଲ ଋଣ ବର୍ଷକୁ ୩ % ସୁଧରେ ଯୋଗାଇ ଦିଆଯାଉଛି ।
9319560899
S/C Block B, Green Park, Extn. Delhi-16

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813, 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303, 9354145347

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444, 8860599820

### ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765, 8512004851

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980, 09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082, 9438286091


REAL ESTATE SALE

FARM HOUSE FOR SALE (AREA - 3.0AC)
At Badamba, Cuttack
Near Maniabandha Petrol Pump
Wire ବାଉଣ୍ଡରୀ ଅଛି / 1.0Ac ବଡ ପୋଖରୀ ଅଛି / Farm ର ସବୁ ଜାଗାକୁ ପାଣି ପାଇପ୍ Connection ହୋଇଛି / Electric Connection ସହିତ ରହିବା ପାଇଁ ଛାତ ଘର (3 Room) ଏବଂ ଗୋରୁ ଗୁହାଳ ଅଛି / 100 ଆମ୍ବ ଫଳନ୍ତି ଗଛ ଅଛି
ଏହି ବଗିଚାର ଚାରିକଡକୁ ଲାଗି ୫୦୦ ରୁ ୭୦୦ ଆକାଶିଆ ଗଛ ଅଛି
7008812379, 9937764514

DHARITRI Career appointment Every Wednesday and Saturday


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ବିପିନ ବିହାରୀ ବିଶ୍ୱାଳ

ଆବିର୍ଭାବ: ୧୦।୧୦।୧୯୫୯
ତିରୋଧାନ: ୧୫।୦୬।୨୦୧୯
ଆଳସାହି, ଅସ୍ତରଙ୍ଗ, ପୁରୀ

ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମା'ମଙ୍ଗଳାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:**
ପତ୍ନୀ, ଭାଇ, ଭାଉଜ, ଭଉଣୀ, ଭିଣୋଇ, ଝିଅ, ଜ୍ୱାଇଁ, ପୁତ୍ର ଓ ବୋହୂ, ନାତି, ନାତୁଣୀ ସମେତ ବନ୍ଧୁ ଓ ପ୍ରିୟଜନ।

ଧ-୬୬୯୧୩



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଗୋଟିଏ ରାତିରେ ୩ ଘରୁ ଚୋରି

**ଯାଜପୁରରୋଡ,୨୪।୬(ନି.ପ୍ର.):** ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ରାଜମହଲ ମଣ୍ଡପ ରୋଡରୁ ରବିବାର ବିଳମ୍ବିତ ରାତିରେ ୩ କ୍ରମାନ୍ୱୟରେ ଜଣଙ୍କ ଘରୁ ଚୋରି ହୋଇଛି। ଦୁର୍ଯ୍ୟୋଧନ ନନ୍ଦ, ସୁଧାକର ବେହେରା ଓ ବିଜୟ ମହାପାତ୍ର ପ୍ରମୁଖ ଟାଟା କମ୍ପାନୀରେ କାମ କରନ୍ତି। ସେମାନେ ରବିବାର ରାତିରେ ଡ୍ୟୁଟି କରୁଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର କବାଟ ଭାଙ୍ଗି ଗୋଟିଏ ବାଇକ୍, ୩ ମୋବାଇଲ, ନଗଦ ୧୨ ହଜାର ଟଙ୍କା ଲୁଟି ନେଇଥିବା ସୋମବାର ଯାଜପୁରରୋଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଛି।

### କାଳିଆ ଯୋଜନା ଅର୍ଥ ପାଇବା ନେଇ ଅନିଶ୍ଚିତତା

**ଧର୍ମଶାଳା,୨୪।୬(ଡି.ଏନ୍.ଏ.):** ରାଜ୍ୟ ସରକାର ଚାଷୀଙ୍କୁ ସହାୟତା ପାଇଁ କାଳିଆ ଯୋଜନା କରିଥିଲେ। ଏହି ଯୋଜନା ଆଧାରରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ କେତେଜଣ ଚାଷୀ ୫ହଜାର ଟଙ୍କା ଆର୍ଥିକ ସହାୟତା ପାଇଥିଲେ। ଧର୍ମଶାଳା ବ୍ଲକରେ ପ୍ରଥମ ଓ ଦ୍ୱିତୀୟ ଦଫାରେ ୫୪ହଜାର ୯୭୦ଜଣ ଚାଷୀ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ କାଳିଆ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେସରକାରୀ ତଥ୍ୟରୁ ଜଣାପଡିଛି। ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀଭାବେ ନବୀନ ପଟ୍ଟନାୟକ ଶପଥ ଗ୍ରହଣ କରିବା ପରଦିନ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ କାଳିଆ ଯୋଜନା ହିତାଧିକାରୀଙ୍କ ପାଇଁ ଆର୍ଥିକ ସହାୟତା ମଞ୍ଜୁର କରିଥିଲେ। ମାତ୍ର ନୂତନ ସରକାର ଆସିବା ପରେ ଏହି ଯୋଜନାରେ ଅଦ୍ୟାବଧି ଚାଷୀମାନେ ଆର୍ଥିକ ସହାୟତା ପାଇ ପାରି ନ ଥିବା ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି। ପ୍ରଥମ ଦଫାରେ ବ୍ଲକର ୮ହଜାର ୭୦ଜଣ ଚାଷୀଙ୍କୁ ସମବାୟ ସମିତି ଋଣୀ ହିସାବରେ ଚିହ୍ନଟ କରିଥିଲା। ମାତ୍ର ଏମାନଙ୍କ ମଧ୍ୟରୁ ୩ହଜାର ଚାଷୀଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ଦ୍ୱିତୀୟ ଦଫାରେ ଆବେଦନ କରିଥିବା ୪୬ହଜାର ୯ଶହ ଚାଷୀଙ୍କ ମଧ୍ୟରୁ ମାତ୍ର ୨ହଜାର ଚାଷୀଙ୍କୁ ଆର୍ଥିକ ସହାୟତା ଦିଆଯାଇଥିବା ଜଣାପଡିଛି। ଧର୍ମଶାଳା ବ୍ଲକର ଚହଟା ଓ ମଙ୍ଗଳପୁର ପଞ୍ଚାୟତରେ ପ୍ରଥମ ଦଫାରେ ମାତ୍ର ୩ଜଣ ଲେଖାଏ ଓ କୁମାରୀ ପଞ୍ଚାୟତର ୮ଜଣ ଚାଷୀ ଚିହ୍ନଟ ହୋଇଥିଲେ। ଦ୍ୱିତୀୟ ଦଫାରେ ଆରୁହା ପଞ୍ଚାୟତରେ ସର୍ବାଧିକ ୧୮ଶହ ୮୦ଜଣ ଓ ଜେନାପୁର ପଞ୍ଚାୟତରେ ୧୭ଶହ ୨୦ଜଣ ଆବେଦନ କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଅତିରିକ୍ତ କୃଷି ଅଧିକାରୀ ପଲ୍ଲବୀ ନାୟକ କହିଛନ୍ତି, ଆବେଦନକାରୀଙ୍କୁ ପର୍ଯ୍ୟାୟକ୍ରମେ ଆର୍ଥିକ ସହାୟତା ମିଳିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି ଚାଷୀଙ୍କୁ ସହାୟତା ମିଳୁଛି।

# ନିଯୁକ୍ତି ଦେବାକୁ କହି ତାଲିମ ପ୍ରହସନ

**ଯାଜପୁର ଅଫିସ/କଳିଙ୍ଗନଗର,୨୪।୬**



ତାଲିମ ପାଇଁ ଆସିଥିବା ଯୁବକ।

**କଳିଙ୍ଗନଗର ଶିଳ୍ପାଞ୍ଚଳ**

- ଠକାମିର ଶିକାର ହେଉଛନ୍ତି ବେକାର ଯୁବତୀଯୁବକ
- ପିଲା ପ୍ରତି ଆଦାୟ ହେଉଛି ୨୦-୩୦ ହଜାର ଟଙ୍କା
- ପୋଲିସ ପ୍ରଶାସନ ପାଖରେ ଖବର ନାହିଁ

ଲୋକଙ୍କୁ ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କଥା କହି ସରକାର ଡିଣ୍ଡିମ ପିଟି ଚାଲିଥିବା ବେଳେ କାହାକୁ କେଉଁ ଶ୍ରେଣୀରେ କେତେ ନିଯୁକ୍ତି ମିଳିଲା ତାହା ବୁଝିବାକୁ ଆନ୍ତରିକତା ଦେଖାଉ ନାହାନ୍ତି। ଏହାର ସୁଯୋଗ ନେଇ କେତେକ ଠକ ସଂସ୍ଥା ଭାରତ ସରକାରଙ୍କ ସ୍କିଲ ଇଣ୍ଡିଆ ନାମରେ ନିରୀହ ଶିକ୍ଷିତ ଯୁବତୀଯୁବକଙ୍କୁ ଭୁଆଁ ବୁଲାଇ ହଜାର ହଜାର ଟଙ୍କା ଠକି ନେଉଥିବା ଅଭିଯୋଗ ହେଉଛି। ଆଉ ସବୁଠାରୁ ବଡ଼ କଥା ହେଲା, ଏ ସଂକ୍ରାନ୍ତରେ ସ୍ଥାନୀୟ ପୋଲିସ କିମ୍ବା ପ୍ରଶାସନ ପାଖରେ ମଧ୍ୟ କୌଣସି ଖବର ନାହିଁ। ଶିଳ୍ପ ଓ ମାର୍କେଟିଂ ଭଳି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଦେବାକୁ ବିଭିନ୍ନ ତାଲିମ ଦେବା ପାଇଁ ସେମାନେ ପ୍ରତିଶ୍ରୁତି ଦେଉଛନ୍ତି। ତାଲିମ ବାବଦରେ ୨୦ରୁ ୩୦ ହଜାର ଟଙ୍କା ଆଦାୟ କରି ସମ୍ପୃକ୍ତ ଠକ ସଂସ୍ଥା ମାଲାମାଲ ହେଉଛନ୍ତି। ଏହି କ୍ରମରେ କେନ୍ଦୁଝର ଜିଲାରେ ରବିବାର ଗ୍ଲେଜ ଇଣ୍ଡିଆ ନାମକ ଏକ ସଂସ୍ଥାର ୬ ଜଣଙ୍କୁ କେନ୍ଦୁଝର ଜିଲା ପୋଲିସ ଗିରଫ କରିଥିବା ଜଣାପଡିଛି। ଏହି ସଂସ୍ଥାର ଚେର ଶିଳ୍ପ ସମୃଦ୍ଧ ଯାଜପୁର ଜିଲାକୁ ମଧ୍ୟ ଲମ୍ବିଥିବା ସୂଚନା ମିଳିଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁରରୋଡ ସହରରେ ପ୍ରାୟ ୪ବର୍ଷ ହେଲା ଏହି ସଂସ୍ଥାର ପାଖାପାଖି ୧୦ଟି ତାଲିମ କେନ୍ଦ୍ରରେ ପ୍ରାୟ ୫ହଜାର ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ନାମରେ ତାଲିମ ଦିଆଯାଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତୀୟ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି।

କଳିଙ୍ଗନଗରରେ ପ୍ରତିଷ୍ଠିତ ବଡବଡ ଶିଳ୍ପ କମ୍ପାନୀ ବାହାର ରାଜ୍ୟର ଯୁବତୀଯୁବକଙ୍କୁ ନିଯୁକ୍ତ କରୁଥିବାରୁ ସ୍ଥାନୀୟ ନିଯୁକ୍ତି କ୍ଷେତ୍ର ଅବହେଳିତ ହୋଇଛି। ସ୍ଥାନୀୟ ଲୋକ ପ୍ରତିନିଧିମାନେ ଏହାକୁ ବିରୋଧ କରିବା ବଦଳରେ ପରୋକ୍ଷରେ ଶିଳ୍ପ ସଂସ୍ଥାର ସହଯୋଗୀ ହୋଇଥିବାରୁ ଜିଲାର ଶିକ୍ଷିତ ବେକାର ଯୁବତୀଯୁବକ ରାଜ୍ୟ ତଥା ଦେଶ ବାହାରକୁ ଦାଦନ ଖଟି ଯିବା ପାଇଁ ବାଧ ହେଉଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ୨୦୧୪ରୁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କାର୍ଯ୍ୟକାରୀ କରିଛନ୍ତି। ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯାଉଥିଲେ ସୁଦ୍ଧା ଲକ୍ଷ୍ୟଧାର୍ଯ୍ୟ ପରାହତ ହୋଇଛି। ଯାଜପୁର ଜିଲାରେ ଏହାର ଗଭୀର ପ୍ରଭାବ ଦେଖିବାକୁ ମିଳିଛି। ବିଶେଷ କରି ସରକାରଙ୍କ ଶିଳ୍ପ ପ୍ରୀତିକୁ ନେଇ ଟାଟା ଷ୍ଟିଲ ଓ ଟାଟା ମାଇନ୍ସ, ନୀଳାଚଳ ଇସ୍ପାତ, ଫେକର ମାଇନ୍ସ, ଜିନ୍ଦଲ, ମେସ୍କୋ ଷ୍ଟିଲ, ରୋହିତ ଫେରୋଟେକ, ଭିସା ଷ୍ଟିଲ, କେଜେ ଇସ୍ପାତ, ଓଏମସି, ବାଲେଶ୍ୱର ଆଲଏଜ, ସାରୁଆବିଲ ଖଣି ପ୍ରଭୃତି କମ୍ପାନୀରେ ନିଯୁକ୍ତି ଦେବାକୁ ବିଭିନ୍ନ ଠକ ସଂସ୍ଥା ଗଢି ଉଠିଛି। ଏହି ସଂସ୍ଥାଗୁଡିକ ଅନେକ ଏଜେଣ୍ଟ ସୃଷ୍ଟି କରି ଚେନ ସିଷ୍ଟମ ଜରିଆରେ ରାଜ୍ୟର ବାଲେଶ୍ୱର, କନ୍ଧମାଳ, ବୌଦ୍ଧ, ଫୁଲବାଣୀ, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, ଗଜପତି, ଭଦ୍ରକ, ସୁନ୍ଦରଗଡ଼ ଆଦି ଜିଲାର ଗରିବ ନିରୀହ ବେକାର ଯୁବତୀଯୁବକଙ୍କୁ ଆଣି ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି। ଏହି ସଂସ୍ଥା କର୍ତ୍ତୃପକ୍ଷ ଯାଜପୁରରୋଡ ସହରକୁ ନିରାପଦ ଭାବି ଉପରୋକ୍ତ ଜିଲାର ପିଲାଙ୍କୁ ଏଠାକୁ ଡାକି ତାଲିମ ନେବାକୁ ପରାମର୍ଶ ଦେଉଛନ୍ତି। ଫଳରେ ସହରର ବିଭିନ୍ନ ଗଳିକନ୍ଦିରେ ଶତାଧିକ ବେକାର ଯୁବତୀଯୁବକ ଦୟନୀୟ ଭାବେ ବୁଲୁଥିବା ଦେଖାଯାଉଛି। ଏହାସହ ତାଲିମ ନେଉଥିବା ଯୁବତୀଯୁବକଙ୍କୁ କୌଣସି କାର୍ଯ୍ୟରେ ମଧ୍ୟ ଘରକୁ ଛାଡୁନାହାନ୍ତି। ଏହି ସଂକ୍ରାନ୍ତରେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଜଣେ ବେକାର ଯୁବତୀଙ୍କ ମା' ପୂର୍ଣ୍ଣିମା ମହାନ୍ତି କହିଛନ୍ତି, ତାଙ୍କ ଝିଅଙ୍କୁ ଠକି ୨୦ ହଜାର ଟଙ୍କା ଦେବାକୁ କହିଥିଲେ। ପ୍ରଥମ କିସ୍ତିରେ ସେ ୧୦ହଜାର ଟଙ୍କା ଦେଇ ଯାଜପୁରରୋଡ ଚୋର୍ଦ୍ଦା ପୁରୁଣା ଥାନା ନିକଟରେ ତାଲିମ ନେଇଥିଲେ। ମାତ୍ର ପରେ ତାହା ଏକ ଠକ ସଂସ୍ଥା ବୋଲି ସନ୍ଦେହ କରିବାରୁ ଝିଅକୁ ସେଠାରୁ ନେଇ ଆସିଥିଲେ ବୋଲି ପୂର୍ଣ୍ଣିମା କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁରରୋଡ ଏସଡିପିଓ କେଦାରନାଥ ସାହୁଙ୍କୁ ପଚାରିବାରେ, ଏଭଳି ସଂସ୍ଥା ସଂକ୍ରାନ୍ତରେ ତାଙ୍କ ପାଖରେ କିଛି ଖବର ନାହିଁ। ଯେଉଁ ପିଲାମାନେ ଠକେଇର ଶିକାର ହୋଇଛନ୍ତି ସେମାନେ ଥାନାରେ ଲିଖିତ ଅଭିଯୋଗ କଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଭଙ୍ଗା ହେଲା ଜଳସମ୍ପଦ ଡାକବଙ୍ଗଳା ପାଚେରି

**ଟ୍ରାଫିକ ସମସ୍ୟା ଦୂର ପାଇଁ ପ୍ରଶାସନର ପଦକ୍ଷେପ**

**ରତ୍ନଗିରି,୨୪।୬(ଡି.ଏନ.ଏ.)**

ବରୀର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ ବରୀ ମାଉଣ୍ଡଠାରୁ ବ୍ଲକ କାର୍ଯ୍ୟାଳୟ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ, ବରୀ ରାମଚନ୍ଦ୍ରପୁର ଥାନାକୁ ସଂଯୋଗୀକରଣ ରାସ୍ତାରେ ଡାକବଙ୍ଗଳା ନିକଟ ପାଚେରି ରହିଛି। ଏହି ପାଚେରି ଯୋଗୁ ଟ୍ରାଫିକ ସମସ୍ୟା ଲାଗି ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଥିଲେ। ହେଲେ ଅଭିଯୋଗକୁ କର୍ଣ୍ଣପାତ କରୁ ନ ଥିଲା। ତେବେ ନବ ନିର୍ବାଚିତା ବିଧାୟିକା ସୁନନ୍ଦା ଦାସ ବରୀ ଅଞ୍ଚଳର ମୌଳିକ ସମସ୍ୟା ସମାଧାନ ପାଇଁ ଡାକବଙ୍ଗଳାଠାରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଘଟଣାକୁ ଗୁରୁତ୍ୱ ଦେଇ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ସୋମବାର ଜଳସମ୍ପଦ ବିଭାଗର ଡାକବଙ୍ଗଳା ପାଚେରି ଭଙ୍ଗାଯାଇ ରାସ୍ତାକୁ ପ୍ରଶସ୍ତୀକରଣ ପାଇଁ ବ୍ୟବସ୍ଥା କରାଯିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ, ଆବଶ୍ୟକତା ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଏହି ପାଚେରି ଭଙ୍ଗାଯାଉଛି ବୋଲି କହିଥିଲେ।

## ■ ପ୍ରଥମ ଶ୍ରେଣୀରୁ ପାସ୍ ଫେଲ ପୁନଃ ପ୍ରଚଳନ ଦାବି

# ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଯାଜପୁର ଟାଉନ,୨୪।୬(ଡି.ଏନ.ଏ.)**




ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରୁ ପାସ୍ ଫେଲ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା ଓ ଶିକ୍ଷାକ୍ଷେତ୍ରରେ ଥିବା ବହୁବିଧ ସମସ୍ୟା ଦୂର କରିବା ଦାବିରେ ସୋମବାର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲା କମିଟି ପକ୍ଷରୁ ଯାଜପୁର ଟାଉନଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରକାଶଥାଉକି, ୨୦୦୯ରୁ ସରକାର ପାସ୍ ଫେଲ ବ୍ୟବସ୍ଥା ଉଚ୍ଛେଦ ଆଇନ ଆଣିବା ପରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓ ଏହାର ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ ପକ୍ଷରୁ ଆଞ୍ଚଳିକ ଓ ବ୍ଲକ୍‌ସ୍ତରଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିଥିଲା। ଦୀର୍ଘ ୧୦ବର୍ଷ ଧରି ଏହି ଆନ୍ଦୋଳନରେ ରାଜ୍ୟର ବହୁ ବୁଦ୍ଧିଜୀବୀ ସାମିଲ ହୋଇ ପାସ୍ ଫେଲ ବ୍ୟବସ୍ଥା ଉଚ୍ଛେଦ ଯୋଗୁ ଶିକ୍ଷାର ମାନ ହ୍ରାସ ପାଉଛି ବୋଲି କହିଥିଲେ। ଏହି ଯୁକ୍ତିର ସଠିକତାକୁ ଉପଲବ୍ଧି କରି ଶକ୍ତିଶାଳୀ ଆନ୍ଦୋଳନ ଗଢ଼ି ତୋଳିଥିଲେ। ଶେଷରେ ଆନ୍ଦୋଳନ ଚାପରେ ବାଧ ହୋଇ ସରକାର ଚଳିତ ବର୍ଷଠାରୁ ଦ୍ୱିତୀୟ ଶ୍ରେଣୀରୁ ପାସ୍ ଫେଲ ବ୍ୟବସ୍ଥା ଲାଗୁ କରିଛନ୍ତି। ହେଲେ ପ୍ରଥମ ଶ୍ରେଣୀରୁ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ଦଳ ପକ୍ଷରୁ ସାରା ରାଜ୍ୟବ୍ୟାପୀ 'ଦାବି ଦିବସ' ପାଳିତ ହେଉଛି। ଏହି ଅବସରରେ ଦଳର ଜିଲା କମିଟି ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ କମ୍ରେଡ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଜିଲା କମିଟି ସଭ୍ୟ ସ୍ୱୟଂପ୍ରଭା ନାୟକ, ଅଚ୍ୟୁତ ପ୍ରଧାନ, ସୁରେଶ ପ୍ରଧାନ, ଡିଏସ୍‌ଓର ସଙ୍ଗଠକ ନିରୁପମା ବେହେରା, ଦମୟନ୍ତୀ ମୁଦୁଲି, ସଂଯୁକ୍ତା ସାହୁ, ମନୋଜ ସେଠୀ, ସସ୍ମିତା ଯେନା ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ସ୍ଥାନୀୟ କୁସୁମା ଛକରୁ ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

### ଭାଜପାର ସମୀକ୍ଷା ବୈଠକ

**ସିଂହପୁର,୨୪।୬(ଡି.ଏନ୍.ଏ.)**

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିଂହପୁରସ୍ଥିତ ମା' ଦରଆ ନାହାକାଣୀ ପୀଠରେ ସୋମବାର ଭାଜପାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତ୍ରୀ ବବିତା ମଲିକଙ୍କ ନେତୃତ୍ୱରେ ଭାଜପା ନେତା କୃଷ୍ଣଚନ୍ଦ୍ର ଭୂୟାଁ ସଭାପତିତ୍ୱ କରିଥିଲେ। ପ୍ରଭାରୀ ରମେଶ ଚନ୍ଦ୍ର ସାମଲ, ମଣ୍ଡଳ ସଭାପତି ଦିଗାମ୍ବର ପାତ୍ର, ଶ୍ରୀକାନ୍ତ ପ୍ରଧାନ, ଅରୁଣଜିତ୍ ରାଉତ, ରମାବଲ୍ଲଭ ସାମଲ, ମହିଳା ମୋର୍ଚ୍ଚା ସଭାପତି ନମିତା ନାୟକ, ପ୍ରଚାର କମିଟି ଅଧକ୍ଷ ସଞ୍ଜୀବ ସାହୁ, ମୁକ୍ତିକାନ୍ତ ସାମଲ, ହାରାଚାନ୍ଦ ଘଡାଇଙ୍କ ସମେତ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସମସ୍ତ ଭାଜପା ନେତୃମଣ୍ଡଳୀ ବିଞ୍ଝାରପୁରରେ ହେଉଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ନେତ୍ରୀ ମଲିକ ଆହ୍ୱାନ ଦେଇଥିଲେ। ଯେଉଁମାନେ ଦଳରେ ରହି ଅନ୍ତର୍ଘାତି କାର୍ଯ୍ୟ କରିଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭାଜପା ନେତା ନିରଞ୍ଜନ ବେଉରିଆ କହିଥିଲେ।

# ଛାତ୍ରୀଛାତ୍ରଙ୍କ ପାଇଁ ପହଞ୍ଚିଲା ୧୪୨,୨୭୮ଖଣ୍ଡ ପୁସ୍ତକ

**ଧର୍ମଶାଳା,୨୪।୬(ଡି.ଏନ୍.ଏ.)**

**ଧର୍ମଶାଳା ବ୍ଲକ**

ସର୍ବ ଶିକ୍ଷା ଅଭିଯାନ ମାଧ୍ୟମରେ ପ୍ରଥମରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣାରେ ବହି ଯୋଗାଣ କରାଯାଉଛି। ଏହି ଯୋଜନା ଆଧାରରେ ଧର୍ମଶାଳା ବ୍ଲକରେ ପ୍ରଥମରୁ ୮ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ସୋମବାର ସୁଦ୍ଧା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟକୁ ୧,୪୨,୨୭୮ ଖଣ୍ଡ ବହି ଆସିଥିବା ଏବିଇଓ ଅକ୍ଷୟ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ନାମ ଲେଖା ପ୍ରକ୍ରିୟା ଚାଲୁରହିଛି। ଖରା ଛୁଟି ପରେ ଶୁକ୍ରବାରଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟଗୁଡିକ ଖୋଲାଯାଇ ପାଠପଢା ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀରେ ୩୨୫୦, ୨ୟରେ ୩୩ଶହ, ୩ୟରେ ୩୧ଶହ, ୪ର୍ଥରେ ୩୨୧୦, ୫ମରେ ୩୧୫୦, ୬ଷ୍ଠରେ ୩୩୮୫, ୭ମରେ ୩୪ଶହ, ୮ମ ଶ୍ରେଣୀରେ ୩୪୨୫ଜଣଙ୍କୁ ମିଶାଇ ମୋଟ ୨୬,୨୨୦ଜଣ ନାମ ଲେଖାଇଛନ୍ତି। ସର୍ବଶିକ୍ଷା ଅଭିଯାନ ପକ୍ଷରୁ ବିଇଓଙ୍କ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଥିବା ୧,୪୨,୨୭୮ ଖଣ୍ଡ ପୁସ୍ତକ ମଧ୍ୟରୁ ବିଭିନ୍ନ ସ୍କୁଲକୁ ସୋମବାର ସୁଦ୍ଧା ୧,୩୯,୬୪୫ଖଣ୍ଡ ବହି ବଣ୍ଟନ କରାଯାଇଛି। ୧ମ ଓ ୨ୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ୨ ଖଣ୍ଡ ବହି ଦିଆଯାଇଛି। ସେହିପରି ୩ୟ, ୪ର୍ଥ ଓ ୫ମ ଶ୍ରେଣୀ ପାଇଁ ୪ଖଣ୍ଡ, ୬ଷ୍ଠ ଓ ୭ମ ଶ୍ରେଣୀ ପାଇଁ ୮ଖଣ୍ଡ ଓ ୮ମ ଶ୍ରେଣୀ ପାଇଁ ୧୨ଖଣ୍ଡ ବହି ଆବଶ୍ୟକ ରହିଛି। ଉଜ୍ଜ୍ୱଳ ଉତ୍ଥାନ କାର୍ଯ୍ୟକ୍ରମ ପାଇଁ ୭୯୫୯୭ଖଣ୍ଡ ବହି ଆବଶ୍ୟକତାଥିବାବେଳେ ୭୦ ହଜାର ୩୧୩ଖଣ୍ଡ ବହି ଆସଥିବା ଜଣାପଡିଛି। ତେବେ ଅବଶିଷ୍ଟ ବହି ତୁରନ୍ତ ଯୋଗାଇ ଦେବା ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକ ଦାବି କରିଛନ୍ତି।

# ଧର୍ମଶାଳା ବ୍ଲକରେ ୩ ସ୍କୁଲ ବନ୍ଦ ହେବା ଆଶଙ୍କା

**ଧର୍ମଶାଳା,୨୪।୬(ଡି.ଏନ୍.ଏ.):** ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଗଣଶିକ୍ଷା ବିଭାଗ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟକୁ ବନ୍ଦ କରାଯାଇ ନିକଟବର୍ତ୍ତୀ ବିଦ୍ୟାଳୟରେ ଛାତ୍ରୀଛାତ୍ର ଅଧ୍ୟୟନ କରିବାର ବ୍ୟବସ୍ଥା କରିଛନ୍ତି। ଏହି ନୂତନ ନିୟମ ଅନୁସାରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ଥିବା ୩ଟି ସ୍କୁଲ ବନ୍ଦ ହେବା ନେଇ ଆଶଙ୍କା ଦେଖାଦେଇଛି। ଏହି ବ୍ଲକ ଅଞ୍ଚଳର ଗେଡ୍ଲେଇ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ରାହାଶୋଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କୁସୁନପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୧୦ଜଣରୁ କମ୍ ଛାତ୍ରୀଛାତ୍ର ରହିଥିବା ଏବିଇଓ ଅକ୍ଷୟ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ରାଜ୍ୟରେ ୯୯୬ଟି ସ୍କୁଲ ବନ୍ଦ କରିବା ପାଇଁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ତେବେ ବନ୍ଦ ହେଉଥିବା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉପସ୍ଥାନକୁ ଭିତ୍ତି କରି ଅଭିଭାବକଙ୍କ ଜମା ଖାତାରେ ବାର୍ଷିକ ୭୫ଭାଗରୁ ଅଧିକ ଉପସ୍ଥାନ ରଖିଥିବା ଛାତ୍ରୀଛାତ୍ରଙ୍କୁ ୬ହଜାର, ୫୦ରୁ ୭୪ ପ୍ରତିଶତ ଉପସ୍ଥାନ ରଖିଥିବା ଛାତ୍ରୀଛାତ୍ରଙ୍କୁ ୪ହଜାର ଏବଂ ୩୦ରୁ ୪୯ ପ୍ରତିଶତ ଉପସ୍ଥାନ ରଖିଥିବା ଛାତ୍ରୀଛାତ୍ରଙ୍କୁ ୩ହଜାର ଟଙ୍କା ଲେଖାଏଁ ବାର୍ଷିକ ବାଟ ଖର୍ଚ୍ଚ ପ୍ରଦାନ କରିବା ନେଇ ସରକାର ଘୋଷଣା କରିଛନ୍ତି।

### ମେଗା ପାନୀୟ ଜଳ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ

**ଚଢ଼େଇଧରା,୨୪।୬(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଣ୍ଡିଆ ପଞ୍ଚାୟତ ଅଧୀନ କୁସ୍ତିରା ଓ କମାଗଡ଼ ପଞ୍ଚାୟତରେ ସୋମବାର ୨ଟି ମେଗା ପାନୀୟ ଜଳ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କୁସ୍ତିରା ପ୍ରକଳ୍ପର ଅଟକଳ ମୂଲ୍ୟ ୮୯ ଲକ୍ଷ ୭୧ ହଜାର ଓ କମାଗଡ଼ ପ୍ରକଳ୍ପର ଅଟକଳ ମୂଲ୍ୟ ୪୧ ଲକ୍ଷ ୪୩ ହଜାର ଟଙ୍କା ରହିଛି। ଦୀର୍ଘଦିନ ହେବ ପାନୀୟ ଜଳ ପ୍ରକଳ୍ପ ପାଇଁ ଜନ ସାଧାରଣଙ୍କ ଦାବି ପୂରଣ ହୋଇଛି ବୋଲି ବ୍ଲକ ଅଧକ୍ଷ କହିଛନ୍ତି। ଏଥିସହ ଏହି ଦୁଇଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳର ଜଳ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୨ନଂ ଜୋନ୍ ଜିଲାପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ଦୁଃଶାସନ ସାହୁ, ଅଣ୍ଡିଆ ପଞ୍ଚାୟତ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଯୁବ ସଂଗଠକ ପ୍ରହଲ୍ଲାଦ ଲେଙ୍କା, ମହିଶରା ସମିତି ସଭ୍ୟ ମଧୁସୂଦନ ବେହେରା ଏବଂ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ପଞ୍ଚାୟତର ଶତାଧିକ ମହିଳା ଓ କର୍ମୀ ମଧ୍ୟ ଉପସ୍ଥିତ ଥିଲେ।



# ଜମି ଅଧିକାର ସୁରକ୍ଷା କମିଟି ପକ୍ଷରୁ ସ୍ମାରକପତ୍ର




ଜମି ଅଧିକାରୀ ସୁରକ୍ଷା କମିଟି ପକ୍ଷରୁ ପ୍ରତିବାଦ କରାଯାଉଛି।

**ଯାଜପୁର ଟାଉନ,୨୪।୬(ଡି.ଏନ.ଏ.)**

ପୁରୁଷାନୁକ୍ରମେ ଚାଷବାସ କରି ଜୀବିକା ନିର୍ବାହ କରିଆସୁଥିବା ଜମିରେ ଚାରାରୋପଣ ବନ୍ଦ କରିବା, ଦୀର୍ଘଦିନ ଧରି ଦଖଲିକୃତ ଅନାବାଦୀ ଜମିକୁ ଅବିଳମ୍ବେ ପଟ୍ଟା ଯୋଗାଇଦେବା ଆଦି ଦାବିରେ ଜମି ଅଧିକାର ସୁରକ୍ଷା କମିଟି, ସୁକିନ୍ଦା ପକ୍ଷରୁ କର୍ମକର୍ତ୍ତାମାନେ ସୋମବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ମହାଗିରି ଅବବାହିକାରେ ଅବସ୍ଥିତ ବିସ୍ତୀର୍ଣ୍ଣ ଚାଷଜମିରେ ଜଙ୍ଗଲ ବିଭାଗ ତରଫରୁ ବୃକ୍ଷରୋପଣ ଆରମ୍ଭ କରାଯାଇଛି। ଫଳରେ ଉକ୍ତ ଅଞ୍ଚଳରେ ଦୀର୍ଘଦିନ ଧରି ବସବାସ କରିଆସୁଥିବା ଚାଷୀ ମୂଲିଆ ପରିବାରଗୁଡ଼ିକ ମଧ୍ୟରେ ଆତଙ୍କ ଦେଖାଦେଇଛି। ହଜାର ହଜାର ପରିବାର ଜୀବିକା ନିର୍ବାହ ପାଇଁ ଏହି ଚାଷଜମି ଉପରେ ନିର୍ଭର କରିଥାନ୍ତି। ତେଣୁ ଏହି ଜମିରେ ବନୀକରଣ ଯୋଗୁ ସମ୍ପୃକ୍ତ ପରିବାର ସର୍ବସ୍ୱାନ୍ତ ହେବେ, ଏଥିରେ ସନ୍ଦେହ ନାହିଁ। ଏହାର ପ୍ରତିବାଦସ୍ୱରୂପ ସଙ୍ଗଠିତ ଚାଷୀ ମୂଲିଆଙ୍କ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ପୁରୁଷ ପୁରୁଷ ଧରି ଚାଷବାସ କରିଆସୁଥିବା ଜମିର ପଟ୍ଟା ପାଇଁ ଦାବି କରିଥିଲେ। କମିଟି ସଭାପତି ନୃସିଂହ ମହାନ୍ତ, ବିଜୟ ମୁଣ୍ଡା, ସୁପାଇ ମାଝି, ରାସାଇ ତିୟୁ, ମୋଚିରାମ ଗୁଡୁ, ନଜିଆ ସଏ ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ବୃକ୍ଷରୋପଣ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବା ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ।

## ■ ନଦୀବନ୍ଧ ସୁରକ୍ଷା ପାଇଁ ଅର୍ଥ ମଞ୍ଜୁର

# ଜମି ଅଧିଗ୍ରହଣ ମୁଖ୍ୟ ସମସ୍ୟା

**ବରୀ,୨୪।୬(ସ୍ୱ.ପ୍ର.)**

**ଜାରକା ଜଳସମ୍ପଦ ଡିଭିଜନ**

ବରୀ ନିର୍ବାଚନମଣ୍ଡଳୀରେ ନଦୀବନ୍ଧ ସୁରକ୍ଷା ପାଇଁ ନାବାର୍ଡ ପକ୍ଷରୁ ୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି। ଏହି ଅର୍ଥ ଜାରକା ଜଳସମ୍ପଦ ଡିଭିଜନ୍‌କୁ ଆସିଛି। ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ସୂତ୍ରରୁ ଖବର ମିଳିଛି। ସୂଚନାଯୋଗ୍ୟ, ନଦୀବନ୍ଧ ସୁରକ୍ଷା ପାଇଁ ଜାରକା ଜଳସମ୍ପଦ ଡିଭିଜନ୍ ଜରିଆରେ ବରୀ ସବ୍‌ଡିଭିଜନକୁ କୋଟି କୋଟି ଟଙ୍କା ଆସୁଛି। ଠିକାଦାର ଜରିଆରେ ଏସବୁ କାମ କରାଯାଉଥିଲାବେଳେ କେତେକ ସ୍ଥାନରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଏ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି। ନିକଟରେ ଅନ୍ୟାସପୁର-କାଇପଡ଼ା ନଦୀବନ୍ଧ ସମ୍ପ୍ରସାରଣ ଓ ମରାମତି ପାଇଁ ୩୦ ଲକ୍ଷ ଟଙ୍କା ଆସିଥିଲା। ଜଣେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଠିକାଦାର ଭାବେ କାମ କରୁଥିବାରୁ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ କାମକୁ ନିୟମ ଅନୁଯାୟୀ କରାଯାଇଥିବା ଜଣାପଡ଼ିଛି। ତେବେ ନୂତନ ପ୍ରକଳ୍ପ ଆରମ୍ଭ ହେଲେ ଅନିୟମିତତାରେ କରାଇଦିଆଯିବ ନାହିଁ ବୋଲି ସାଧାରଣରେ ପ୍ରକାଶ ପାଇଛି। ଟେଣ୍ଡର ସରିଲା ପରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ବ୍ରାହ୍ମଣୀ ନଦୀର ବ୍ରହ୍ମବରଦା ବ୍ରିଜ୍‌ରୁ ରୁଦ୍ରପୁର ବ୍ରିଜ୍ ପର୍ଯ୍ୟନ୍ତ ୭୨୯.୧୭ ଲକ୍ଷ, ବ୍ରାହ୍ମଣୀ ଡ଼ାହାଣ ପାର୍ଶ୍ୱ ଖଡ଼ି ପଡ଼ିଆଠାରୁ ଗୋଖା ସାହି ୨୪୩.୧୪ ଲକ୍ଷ, ବ୍ରାହ୍ମଣୀ ବାମ ପାର୍ଶ୍ୱ ଭଅଁରା ପଞ୍ଚାୟତର ସଙ୍ଗଦେଇପୁର-ଚଟୁମାରି ପର୍ଯ୍ୟନ୍ତ ୭୫୦ ଲକ୍ଷ, ଖରସ୍ରୋତା ଡ଼ାହାଣ ପାର୍ଶ୍ୱର ଜାତୀୟ ରାଜପଥ ନଂ ୫ଠାରୁ ରାଜଘାଟ ବ୍ରିଜ୍ ପର୍ଯ୍ୟନ୍ତ ୭୮୬ ଲକ୍ଷ, ନୂଆ ନଈ ବାଇଁସିରିଆ-କଡ଼ିକମା ଟିଆର୍‌ଇ ନଦୀବନ୍ଧ ସୁନାମୁହିଁ ରଜାପୁର ପର୍ଯ୍ୟନ୍ତ ୩୭୭.୮୦ଲକ୍ଷ, ବ୍ରାହ୍ମଣୀ ବାମ ପାର୍ଶ୍ୱ କାକୁଡ଼ିକୁଦଠୁ ରୁଦ୍ରପୁର ପର୍ଯ୍ୟନ୍ତ ୭୧୨.୬୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ପୂର୍ବରୁ ଜମି ଅଧିଗ୍ରହଣ ନିତାନ୍ତ ଜରୁରୀ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଜମି ଅଧିଗ୍ରହଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବାକୁ ଦାବି କରାଯାଉଥିବାବେଳେ ଜମି ଅଧିଗ୍ରହଣ ମୁଖ୍ୟ ସମସ୍ୟା ହୋଇଛି। ପ୍ରକାଶଥାଉ କି, ବନ୍ୟା ନିୟନ୍ତ୍ରଣ ଯୋଜନାରେ ବ୍ରାହ୍ମଣୀ-ବିରୂପା-କେଲୁଅ ନଦୀବନ୍ଧ ସୁରକ୍ଷା ପାଇଁ ୨୦୧୨ରେ କାମ ଆରମ୍ଭ ହୋଇ ୨୦୧୫ ମାର୍ଚ୍ଚରେ ଶେଷ ହେବାର ନିୟମ ଥିଲାବେଳେ ଅଦ୍ୟାବଧି କେତେକ ସ୍ଥାନରେ କାମ ସମ୍ପୂର୍ଣ୍ଣ ହୋଇନାହିଁ। ଏହି ପ୍ରକଳ୍ପ ଏବେ ୧୦୦କୋଟିରେ ପହଞ୍ଚି ଥିଲାବେଳେ ପୁନର୍ବାର ଏସବୁ ନଦୀବନ୍ଧର ସୁରକ୍ଷା ପାଇଁ ନାବାର୍ଡ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଛି। ଏ ସଂକ୍ରାନ୍ତରେ ଜାରକା ଜଳସମ୍ପଦ ଡିଭିଜନ୍‌ର ସହକାରୀ ଯନ୍ତ୍ରୀ ସୁବାସ ତ୍ରିପାଠୀଙ୍କୁ ପଚାରିବାରୁ, ନାବାର୍ଡ ପକ୍ଷରୁ ୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ସରିଛି। ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବ। ଜମି ଅଧିଗ୍ରହଣ ମୁଖ୍ୟ ସମସ୍ୟା ପାଲଟିଛି ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମର ଏତେ ଗହୀରରେ ଚାଷ କିଆଁ
ରାତି ପାହିଲେ ହେବ ପୁଅ ବାହା ।**

ପୁଅ ବାହାଘର ମୁଣ୍ଡ ଉପରେ। ଏପରିସ୍ଥଳେ କାହାକୁ କିଏ କ'ଣ କହିଥିଲା, କିଏ କ'ଣ କରିଥିଲା, ଆଗରୁ କାହାର କାହା ସାଙ୍ଗରେ କ'ଣ ମନୋମାଳିନ୍ୟ ଥିଲା ସେ ସବୁ ଘାଣ୍ଟିବସିଲେ ଲାଭ ବା କ'ଣ ମିଳିବ। ବରଂ ବାହାଘର କେମିତି ସୁରୁଖୁରୁରେ ହୋଇଯିବ ସେ ବିଷୟରେ ଚିନ୍ତା କରିବା ସମୟୋପଯୋଗୀ କାର୍ଯ୍ୟ ହୋଇଥାଏ। ବଡ଼ ଦାୟିତ୍ୱ ଯେତେବେଳେ ମୁଣ୍ଡ ଉପରେ ଥାଏ ସେତେବେଳେ ଅନ୍ୟ କଥାରେ ମୁଣ୍ଡ ଖେଳେଇବା ସମୀଚୀନ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ସୁନା ତ ଭେଣ୍ଡି
ପର ସଙ୍ଗେ କିଆଁ ଚୁଟି ଧରାଧରି ।**

ନିଜ ଲୋକ ଯଦି ବିଶ୍ୱସ୍ତ ନ ହେଲା ଅଯଥାରେ ଅନ୍ୟ ଦୋଷ ଦେଇ ଲାଭ କ'ଣ। ନିଜ ଲୋକ ଯଦି ନିଜର ଦୁଃଖ ବୁଝି ନ ପାରିଲା, ନିଜର ହୋଇ ନ ପାରିଲା ସେତେବେଳେ ଅନ୍ୟ ଉପରେ ରାଗରୋଷ ନ ରଖି ନିଜ ଭାଗ୍ୟକୁ ଆଦରି ପଡ଼ିରହିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଛେନାପୋଡ଼କୁ ମିଳୁ ଜିଆଇ ଟ୍ୟାଗ୍

**ଖବରଦାତା ସମ୍ମିଳନୀରେ ଦାବିକଲା ଶାନ୍ତି ଚାରିଟେବୁଲ ଟ୍ରଷ୍ଟ**

ନୟାଗଡ଼ ଅଫିସ,୨୪।୬

ନୟାଗଡ଼ର ପ୍ରସିଦ୍ଧ ଛେନାପୋଡ଼କୁ ଜିଆଇ (ଜୋଗ୍ରାଫିକାଲ୍ ଇଣ୍ଡିକେସନ) ଟ୍ୟାଗ୍ ମିଳୁ। ଶାନ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ଏହି ଦାବି କରାଯାଇଛି। ଆଗାମୀ ଦିନରେ ଏ ନେଇ ସମସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଛି। ଟ୍ରଷ୍ଟ ସଭାପତି ପ୍ରମୋଦ ପଟ୍ଟନାୟକ ସୂଚନା ଦେଇ କହିଥିଲେ, ନୟାଗଡ଼ ଛେନାପୋଡ଼ କେବଳ ଓଡ଼ିଶା ନୁହେଁ ଭାରତର ବିଭିନ୍ନ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଛି। ନୟାଗଡ଼ ଛେନାପୋଡ଼ ନାମରେ ନାମିତ ହୋଇଥିଲେ ସୁଦ୍ଧା ଜିଆଇ ଟ୍ୟାଗ ମିଳିନାହିଁ। ତେଣୁ ଆଗାମୀ ଦିନରେ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ଶିଳ୍ପନୀତି ଓ ପ୍ରୋତ୍ସାହନ ବିଭାଗ ଦ୍ୱାରା ନୟାଗଡ଼ ଜିଲାର ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ପ୍ରଦାନ କରିବା ପାଇଁ ଦାବି କରାଯିବ। ଏଥିପାଇଁ ସମସ୍ତ ପ୍ରମାଣପତ୍ର ଉକ୍ତ ବିଭାଗକୁ ଦିଆଯିବ। ସମ୍ପାଦକ ଅରୁଣ କୁମାର ମହାନ୍ତି ନୟାଗଡ଼ ଜିଲାର ଛେନାପୋଡ଼ର ଇତିହାସ ବିଷୟରେ ସୂଚନା ଦେଇଥିଲେ। ଦଶପଲ୍ଲା ସାତପାଟଣା ଗ୍ରାମର ସୁଦର୍ଶନ ସାହୁ କିପରି ଛେନାପୋଡ଼ ଆବିଷ୍କାର କରିଥିଲେ ସେ ନେଇ ସୂଚନା ଦେଇଥିଲେ। ତାଙ୍କ ଛେନାପୋଡ଼ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କଠାରୁ ଆରମ୍ଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଖାଇ ପ୍ରଶଂସା କରିଥିବା ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଧର ସାହୁ, ସୁଦର୍ଶନଙ୍କ ସାନପୁଅ ସୁମନ କୁମାର ସାହୁଙ୍କ ସମେତ ଛେନାପୋଡ ବ୍ୟବସାୟୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

### ଦାବି ନୂଆ ନୁହେଁ

ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମିଳବା ଦାବି କରାଯିବା କଥା ନୂଆ ନୁହେଁ। ଏ ନେଇ ଆଗରୁ ମଧ ଦାବି ହୋଇଛି। ଏପରି କି ଜିଲା ଓରମାସ୍ କାର୍ଯ୍ୟାଳୟ ପକ୍ଷରୁ ନୟାଗଡ଼ ଛେନାପୋଡ଼ ସମେତ ଇକିରି ମୁଗ, କଣ୍ଟିଲୋର ପିତ୍ତଳ ମୂର୍ତ୍ତି, ଶିଆଳି ଖଲିପତ୍ର, କାଠ ହସ୍ତଶିଳ୍ପକୁ ଜିଆଇ ଟ୍ୟାଗ୍ ପାଇଁ ସମସ୍ତ ପ୍ରମାଣପତ୍ର ଓ ସୂଚନା ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗକୁ ଦିଆଯାଇଥିଲା। ସୂଚନାଯୋଗ୍ୟ ଜିଲାର ଉପରୋକ୍ତ ସାମଗ୍ରୀ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ୨୦୧୭ରେ ନୟାଗଡ଼ର କିଛି ବୁଦ୍ଧିଜୀବୀ ଏହାକୁ ଜିଆଇ ଟ୍ୟାଗ୍ ମିଳୁ ବୋଲି ଦାବି କରିଥିଲେ। ପରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଜିଲା ଓରମାସ କାର୍ଯ୍ୟାଳୟକୁ ଏହାର ସ୍ଥିତି ବିଷୟରେ ଜଣାଇବା ପାଇଁ କୁହାଯାଇଥିଲା। ଜିଲା ଓରମାସ କାର୍ଯ୍ୟାଳୟ ୧୩ ଜୁନ୍ ୨୦୧୭ରେ ନୟାଗଡ଼ର ଛେନାପୋଡ଼ ସମେତ ଜିଲାର ପ୍ରସିଦ୍ଧ ଥିବା ରଣପୁର ବ୍ଲକର ଲୋଧାଚୁଆ, ନୟାଗଡ଼ ବ୍ଲକର ଇକିରି ଓ କ୍ରୀଡ୍ରାଶପୁର, ଦଶପଲ୍ଲା ବ୍ଲକ ବାଣିଗୋଛା ଗ୍ରାମର ମୁଗ, ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଗ୍ରାମର ପିତ୍ତଳ ମୂର୍ତ୍ତି, ଦଶପଲ୍ଲା, ନୂଆଗାଁ, ଖଣ୍ଡପଡ଼ା ଓ ଗଣିଆ ବ୍ଲକର ମେଶିନ୍ ଦ୍ୱାରା ସିଲେଇ ହେଉଥିବା ଶିଆଳି ଖଲିପତ୍ର, ଖଣ୍ଡପଡ଼ା ଓ ଗଣିଆ ବ୍ଲକ ଧୂଆମଡ଼ା ଗ୍ରାମର କାଠ ହସ୍ତଶିଳ୍ପ ବିଷୟରେ ତଥ୍ୟ ପ୍ରଦାନ କରିଥିଲା। ଏହି ସମସ୍ତ ଦ୍ରବ୍ୟକୁ ଜିଆଇ ଟ୍ୟାଗ୍ ପାଇଁ ପଞ୍ଜୀକୃତ କରିବାକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗକୁ ଚିଠିରେ ଦର୍ଶାଯାଇଥିଲା।


ORMAS
District Supply & Marketing Society, Nayagarh
Date 13/6/2017
Sub: Information on various items / goods of Nayagarh District for geographical indication registration.
Ref: Your mail dtd 5th June 2017
Yours faithfully

ଜିଲା ଓରମାସ ପକ୍ଷରୁ ହୋଇଥିବା ଚିଠି।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ବିପିନ ବିହାରୀ ବିଶ୍ୱାଳ
ଆବିର୍ଭାବ: ୧୦।୧୦।୧୯୫୯
ତିରୋଧାନ: ୧୫।୦୬।୨୦୧୯
ଆଳସାହି, ଅସ୍ତରଙ୍ଗ, ପୁରୀ
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମା'ମଙ୍ଗଳାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ପତ୍ନୀ, ଭାଇ, ଭାଉଜ, ଭଉଣୀ, ଭିଣୋଇ, ଝିଅ, ଜ୍ୱାଇଁ, ପୁତ୍ର ଓ ବୋହୂ, ନାତି, ନାତୁଣୀ ସମେତ ବନ୍ଧୁ ଓ ପ୍ରିୟଜନ।
ଧ-୬୬୯୧୩

## ରଥଖଳାରୁ...

# ରଥ ରଙ୍ଗକାମ ଆରମ୍ଭ



- ଚାଲିଛି ଦ୍ୱିତୀୟ ଭୂଇଁଖଞ୍ଜା
- ଶେଷ ପର୍ଯ୍ୟାୟରେ ପଟାଗୁଜ କାମ

**ପୁରୀ ଅଫିସ,୨୪।୬:** ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ରଥଖଳାରେ ପ୍ରଥମ ପର୍ଯ୍ୟାୟ ଭୂଇଁ ଖଞ୍ଜା ସରିବା ପରେ ରଥରେ ଛ'କାଠ ଉଠିଥିଲା। ଏବେ ଦ୍ୱିତୀୟ ଭୂଇଁ ଖଞ୍ଜା କାମ ଚାଲିଛି। ସୋମବାର ସୁଦ୍ଧା ତିନିରଥର ୩୬ ନାହାକ କାଠ ଚଉପଟ ସରିଛି। ବଳକା ୬ କାଠକୁ ମହାରଣାମାନେ ଚଉପଟ କରୁଛନ୍ତି। ଅନ୍ୟପଟେ ସୋମବାରଠାରୁ ରଥରେ ରଙ୍ଗ କାମ ଆରମ୍ଭ ହୋଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଚିତ୍ରକାର ସେବକମାନେ ରଥ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିରେ ରଙ୍ଗ ଦେବାରେ ବ୍ୟସ୍ତ ରହିଛନ୍ତି। ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି, ମହାପ୍ରଭୁଙ୍କ ଚକା ବିଜେ ଲାଗି ନଡ଼ିଆ କାଠ ହଣା ଚାଲିଛି। ଚାରି ନାହାକକୁ ଧରି ରଖିବା ପାଇଁ ଚାରିପଟେ ଖିଅ ବାଡ଼ିଆ କରାଯାଇଛି। ତାଳଧ୍ୱଜ ରଥର ରୂପକାର ପଞ୍ଚାନନ ମହାପାତ୍ର କହିଛନ୍ତି, ପଟାଗୁଜ ଖୋଦେଇ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଟାଗୁଜରେ ନରବିରାଳ, ସିଂହବିରାଳ ଓ ଗଜବିରାଳ ଖୋଦେଇ କରାଯାଉଛି। ୩୨ଟି ପଟାଗୁଜ କାମ ସରିଛି। ସେହିପରି ସିଂହାସନ ଓ ନାଟଗୋଡ଼ କାମ ଚାଲିଛି। ନାଟଗୋଡ଼ରେ ଏକ ଅସୁରର ଚିତ୍ର ଏବଂ ସିଂହାସନରେ ଗଛ, ଡାଳି, ପଦ୍ମପାଖୁଡା ଖୋଦେଇ କରାଯାଏ। ପ୍ରଥମ ପର୍ଯ୍ୟାୟରେ ତିନି ରଥର କଣଗୁଜରେ ରଙ୍ଗ ଦିଆଯାଉଛି। ଅନ୍ୟପଟେ ଦୋଳବେଦି କମାରଶାଳରେ କମାର ସେବକମାନେ ଲୁହାକଣ୍ଟା ତିଆରିରେ ବ୍ୟସ୍ତ ରହିଛନ୍ତି।

## ଶ୍ରମିକଙ୍କୁ ବିକ୍ରି ଅଭିଯୋଗ

**ନୟାଗଡ଼ ଅଫିସ,୨୪।୬:** ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡ଼ିପଡ଼ା ଫାଣ୍ଡି ଅନ୍ତର୍ଗତ କୁରୁଡଙ୍ଗ ଗ୍ରାମର ଜଣେ ଶ୍ରମିକଙ୍କୁ ଦଲାଲ୍ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଶ୍ରମିକଙ୍କ ବାପା ଦୁର୍ଯ୍ୟୋଧନ ମହାରଣା ଏ ନେଇ ସୋମବାର ଜିଲା ଶ୍ରମ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। ଦୁର୍ଯ୍ୟୋଧନଙ୍କ ଅଭିଯୋଗ ଅନୁସାରେ ତାଙ୍କ ପୁଅ ଗୋବିନ୍ଦ ଭୁବନେଶ୍ୱରରେ ବୋହୂ ରଞ୍ଜୁଲତା ଓ ନାତୁଣୀଙ୍କୁ ଧରି ରହୁଥିଲେ। ଶରଣକୁଳ ଅଞ୍ଚଳର ଜଣେ ଦଲାଲ୍ ଅଧିକ ଟଙ୍କା ଦେବାକୁ କହି ମେ ୨୮ ତାରିଖରେ ଉକ୍ତ ଦମ୍ପତିଙ୍କୁ ଜମ୍ମୁ କଶ୍ମୀର ନେଇଯାଇଥିଲେ। ସେଠାରେ କିଛିଦିନ ରହିବା ପରେ କାମ ନ ମିଳିବାରୁ ଉଭୟଙ୍କୁ ଗ୍ରାମକୁ ଫେରିଯିବାକୁ କହିଥିଲେ। ସମସ୍ତେ ଟ୍ରେନ୍‌ରେ ଘରକୁ ଫେରୁଥିବାବେଳେ ଦଲାଲ୍ ଜଣକ ଗୋବିନ୍ଦଙ୍କୁ ଏକ ଷ୍ଟେଶନରେ ଓହ୍ଲାଇ ଦେଇଥିଲେ। ରଞ୍ଜୁଲତା ପଚାରିବାରୁ ସେ ପଛ ଟ୍ରେନ୍‌ରେ ଆସିବ ବୋଲି ଦଲାଲ୍ କହିଥିଲେ। ପରେ ଦଲାଲ୍ ଜଣକ ରଞ୍ଜୁଲତାଙ୍କୁ ଆଣି କୁରଡ଼ଙ୍ଗ ଗ୍ରାମରେ ଛାଡ଼ ଚାଲିଯାଇଥିଲେ। ବର୍ତ୍ତମାନ ଘର ଲୋକ ତାଙ୍କୁ ଯୋଗଯୋଗ କରିବାକୁ ଚେଷ୍ଟା କରୁଥିଲେ ମଧ ସମ୍ଭବ ହୋଇପାରୁନାହିଁ। ଗୋବିନ୍ଦ ମାନସିକ ବିକାରଗ୍ରସ୍ତ ଥିବାବେଳେ ଦଲାଲ୍ ତାଙ୍କୁ ବିକ୍ରି କରିଦେଇଥିବା ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି। ଜିଲା ଶ୍ରମ କାର୍ଯ୍ୟାଳୟ ଏହା ମିସିଂ କେସ୍ କହି ପରିବାରକୁ ଫେରାଇ ଦେଇଛି।


# CLASSIFIED DISPLAY

**ALL EDITION - B/W (Everyday)**

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

SINGHANIA
MFC FINANCIAL GROUP
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ। ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
94857-90203, 94858-27609

ଲକ୍ଷାଧିକ ଲୋକଙ୍କ ଭରସା
ଅମରାବତୀ କ୍ୟାପିଟାଲ
ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ସୁବିଧା ପାଇଁ ହୋମ, ଏଜ୍ୟୁକେସନ୍, ଗ୍ରୁପ, ପର୍ସନାଲ ଋଣ ବର୍ଷକୁ ୩ % ସୁଧରେ ଯୋଗାଇ ଦିଆଯାଉଛି ।
9319560899
S/C Block B, Green Park, Extn. Delhi-16

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ। ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813, 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303, 9354145347

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ବଶୀକରଣ | ପ୍ରେମ ସମସ୍ୟା | ଗୃହ କ୍ଳେଶ | କୋର୍ଟ କେସ | ବ୍ୟବସାୟ | ସ୍ୱାମୀ-ସ୍ତ୍ରୀ କଳ
ମିଆଁ ମଲଖାନ ଜୀ
8860596444, 8860599820

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଲ୍ୟାଣ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ପରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765, 8512004851

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980, 09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082, 9438286091

REAL ESTATE SALE

FARM HOUSE FOR SALE (AREA - 3.0AC)
At Badamba, Cuttack
Near Maniabandha Petrol Pump
Wire ବାଉଣ୍ଡରୀ ଅଛି / 1.0Ac ବଡ ପୋଖରୀ ଅଛି / Farm ର ସବୁ ଜାଗାକୁ ପାଣି ପାଇପ୍ Connection ହୋଇଛି / Electric Connection ସହିତ ରହିବା ପାଇଁ ଛାତ ଘର (3 Room) ଏବଂ ଗୋରୁ ଗୁହାଳ ଅଛି / 100 ଆମ୍ବ ଫଳନ୍ତି ଗଛ ଅଛି
ଏହି ବଗିଚାର ଚାରିକଡକୁ ଲାଗି ୫୦୦ ରୁ ୭୦୦ ଆକାଶିଆ ଗଛ ଅଛି
7008812379, 9937764514

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



## ସଂକ୍ଷେପରେ

### ନାବାଳକଙ୍କୁ ଶିଶୁସ୍ୱଧାର ଗୃହକୁ ପଠାଗଲା

**ନୟାଗଡ଼ ଅଫିସ/ଓଡ଼ଗାଁ(ସ୍ୱ.ପ୍ର.),୨୪।୬:** ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଜଣେ ନାବାଳକଙ୍କୁ ଅନୁଗୋଳସ୍ଥିତ ଶିଶୁସ୍ୱଧାର ଗୃହକୁ ପଠାଯାଇଛି। ଥାନାରୁ ମିଳିଥିବା ସୂଚନା ଅନୁସାରେ ଓଡ଼ଗାଁ ମହୋତ୍ସବ ପଡ଼ିଆରେ ୧୯ ତାରିଖ ରାତ୍ରିରେ ଏକ ଅପେରା ଦଳ ପକ୍ଷରୁ ଯାତ୍ରା ଚାଲିଥିଲା। ଯାତ୍ରା ଦେଖିବାକୁ ଆସିଥିବା ନାବାଳକ (୧୭) ଜଣକ ଓଡ଼ଗାଁର ଧୀରେନ ବେହେରାଙ୍କ ସହିତ ପାଣି ଫିଙ୍ଗାକୁ ନେଇ ଗଣ୍ଡଗୋଳ କରିଥିଲେ। ପରେ ନାବାଳକ ଜଣକ ଏକ ଛୁରି ସାହାଯ୍ୟରେ ଧୀରେନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଧୀରେନ ଆହତ ହୋଇଥିଲେ। ୨୦ ତାରିଖରେ ଧୀରେନ ଏ ନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୮୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସୋମବାର ଓଡ଼ଗାଁ ପୋଲିସ ନାବାଳକଙ୍କୁ ଅଟକ ରଖିଥିବା ବେଳେ ଜିଲା ଜୁଭେନାଇଲ ବୋର୍ଡ଼ରେ ହାଜର କରିଥିଲା। ପରେ ନାବାଳକଙ୍କୁ ଅନୁଗୋଳସ୍ଥିତ ଶିଶୁସୁଧାର ଗୃହକୁ ପଠାଯାଇଥିଲା।

### ଦୁର୍ଘଟଣାରେ ୪ ଗୁରୁତର

**ଦଶପଲ୍ଲା,୨୪।୬ (ଡି.ଏନ.ଏ.):** ଦଶପଲ୍ଲା-ଭଞ୍ଜନଗର ରାସ୍ତାର ସ୍ଥାନୀୟ ଜଗାପୁର ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ଅଟୋ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ତାରସିଂ ଥାନା ଗୁଡାପଦର ଗ୍ରାମର ଚିନ୍ମୟ ନାୟକ(୩୫), ଆବୁଲ ନାୟକ(୩୦), ଦଶପଲ୍ଲା ବ୍ଲକ ଶିମିଳିସାହି ପଞ୍ଚାୟତ ଡିପିସାହି ଗ୍ରାମର ସବିତା ନାୟକ(୩୫) ଓ ଦିଲୀପ ନାୟକ(୩୫)। ରାତି ପ୍ରାୟ ୧୧ଟାରେ (ଓଆର୍ ୦୨ଏୱାଇ ୫୩୪୯) ଅଟୋ ଯୋଗେ ଦଶପଲ୍ଲାରୁ କିଛି ଯାତ୍ରୀ ଗୁଡାପଦର ଫେରୁଥିବା ବେଳେ ବାଇକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ଜିଲା ଚିକିତ୍ସାଳୟ ଓ ସେଠାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ସ୍ମୃତି ଦିବସ

**କୃଷ୍ଣପ୍ରସାଦ,୨୪।୬(ଡି.ଏନ.ଏ.):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଆଦ୍ୟ ପ୍ରଶାସିକା ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୫୩ତମ ପୂଣ୍ୟତିଥି ଦିବସ ସୋମବାର କୃଷ୍ଣପ୍ରସାଦ ବ୍ଲକର ମାଲୁଦ ସେବାକେନ୍ଦ୍ର ଶିବଶକ୍ତି ଭବନରେ ପାଳିତ ହୋଇଯାଇଛି । ବ୍ରହ୍ମାକୁମାରୀ ଶାନ୍ତି ଭଉଣୀ ତାଙ୍କ ଗୁଣ ବର୍ଣ୍ଣନା କରିଥିଲେ। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବରିଷ୍ଠ ବ୍ରହ୍ମାକୁମାର ଦୀନେଶ, ରାଜକିଶୋର, ବ୍ରହ୍ମା କୁମାରୀ ମିନତି ପ୍ରମୁଖ ଜଗଦମ୍ବା ସରସ୍ୱତୀଙ୍କ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।

■ ୧୦ରୁ କମ୍ ପିଲା

# ୩୧ ବିଦ୍ୟାଳୟରେ ପଡ଼ିଲା ତାଲା

**ନୟାଗଡ଼ ଅଫିସ,୨୪।୬**




ନୂଆଗାଁ ବ୍ଲକର ଡୁକୁଡ଼ା ପ୍ରାଥମିକ ବିଦ୍ୟାଳୟ।

■ବନ୍ଦ ହେବ ଆହୁରି ୩ ବିଦ୍ୟାଳୟ

■ସରକାରୀ ବିଦ୍ୟାଳୟ ପ୍ରତି ବିମୁଖ

ସରକାରଙ୍କ ନୂତନ ନିୟମ ଅନୁଯାୟୀ ନୟାଗଡ଼ ଜିଲାରେ ୧୦ରୁ କମ୍ ପିଲା ଥିବା ୩୧ ପ୍ରାଥମିକ ବିଦ୍ୟାଳୟରେ ତାଲା ପଡ଼ିଛି। ଏଥିମଧ୍ୟରେ ୨୦୧୫-୧୬ ଶିକ୍ଷାବର୍ଷର ୪ଟି, ୨୦୧୬-୧୭ ବର୍ଷର ୧୯ଟି ଓ ୨୦୧୭-୧୮ ବର୍ଷର ୮ଟି ବିଦ୍ୟାଳୟ ରହିଛି। ସେହିପରି ଚଳିତବର୍ଷ ୩ଟି ବିଦ୍ୟାଳୟ ବନ୍ଦ ହେବା ପାଇଁ ଯୋଜନା ଚାଲିଛି। ବ୍ଲକ ଅନୁସାରେ ଦେଖିଲେ ଦଶପଲ୍ଲା ଓ ନୂଆଗାଁରେ ୭ଟି ଲେଖାଏ, ନୟାଗଡ଼ ଓ ଓଡ଼ଗାଁରେ ୪ଟି ଲେଖାଏ, ଗଣିଆରେ ୬ଟି ଓ ଖଣ୍ଡପଡ଼ା ବ୍ଲକରେ ୩ଟି ବିଦ୍ୟାଳୟରେ ତାଲା ପକାଯାଇଛି। ବନ୍ଦ ହୋଇଥିବା ବିଦ୍ୟାଳୟଗୁଡ଼ିକ ହେଲା ଦଶପଲ୍ଲା ବ୍ଲକର ମଞ୍ଚରି ପ୍ରାଥମିକ ବିଦ୍ୟାଳୟ, ପୁଟୁଙ୍ଗି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ପାନବାରୀ ପ୍ରାଥମିକ ବିଦ୍ୟାଳୟ, ମିଟୁକୁଲି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ପୋଡ଼ପଣ୍ଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କଥାପଟଣୀ ପ୍ରାଥମିକ ବିଦ୍ୟାଳୟ, କାନପାଙ୍କୁ ପ୍ରାଥମିକ ବିଦ୍ୟାଳୟ, ନୂଆଗାଁ ବ୍ଲକର ଭଣ୍ଡାରିବାରି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟ, ସିଙ୍ଘପୁର ପ୍ରାଥମିକ ବିଦ୍ୟାଳୟ, ପୋକସୁଘା ପ୍ରାଥମିକ ବିଦ୍ୟାଳୟ, ରଗଡ଼ିମଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଛଣବାଣିଆ ପ୍ରାଥମିକ ବିଦ୍ୟାଳୟ ଓ ଡୁକୁଡ଼ା ପ୍ରାଥମିକ ବିଦ୍ୟାଳୟ, ଗଣିଆ ବ୍ଲକର ତୋମରଖୋଲା ପ୍ରାଥମିକ ବିଦ୍ୟାଳୟ, ସେନପରି ପ୍ରାଥମିକ ବିଦ୍ୟାଳୟ, ସେକେଟାପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, କୁତୁରୀ ପ୍ରାଥମିକ ବିଦ୍ୟାଳୟ, ବୁରିଆପାଙ୍କୁ ପ୍ରାଥମିକ ବିଦ୍ୟାଳୟ ଓ ବଡ଼ମୂଳ ପ୍ରାଥମିକ ବିଦ୍ୟାଳୟ, ନୟାଗଡ଼ ବ୍ଲକର ସିଆଳିଖୋଲା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଦାମୋଦାରପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ପାଲାଗୁଣ୍ଡୁଣୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଓ ଜୟକୃଷ୍ଣପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଓଡ଼ଗାଁ ବ୍ଲକର ଖଳିସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କୋତରାଙ୍ଗ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବରଡ଼ିହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଓ ଗୁଞ୍ଜିବାରଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଖଣ୍ଡପଡ଼ା ବ୍ଲକର ଲୁହାରଖଣି ପ୍ରାଥମିକ ବିଦ୍ୟାଳୟ, କୁଞ୍ଜିବେଲି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଓ ସାରନ୍ଦା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ। ଚଳିତ ଶିକ୍ଷା ବର୍ଷ ରଣପୁର ବ୍ଲକର ୨ଟି ଓ ଖଣ୍ଡପଡ଼ା ବ୍ଲକର ଗୋଟିଏ ବିଦ୍ୟାଳୟକୁ ବନ୍ଦ କରାଯିବା ପାଇଁ ଯୋଜନା ଚାଲିଛି। ଉକ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ। ମିଳିଥିବା ସୂଚନା ଅନୁସାରେ ୧ କିଲୋମିଟର ଦୂରକୁ ଯାଉଥିବା ପିଲାଙ୍କୁ ରାଜ୍ୟ ସରକାର ଯାତାୟାତ ଖର୍ଚ୍ଚ ଦେବେ। ୭୫ ପ୍ରତିଶତରୁ ଅଧିକ ଉପସ୍ଥାନ ଥିବା ପିଲାଙ୍କୁ ମାସିକ ୬୦୦ ଟଙ୍କା ଓ ବାର୍ଷିକ (୨ ମାସ ଛୁଟିକୁ ବାଦ୍‌ଦେଇ ୧୦ ମାସ) ୬୦୦୦ ଟଙ୍କା ମିଳିବ। ସେହିଭଳି ୫୦ରୁ ୭୪ ପ୍ରତିଶତ ଉପସ୍ଥାନ ଥିବା ପିଲାଙ୍କୁ ମାସିକ ୪ ଶହ ହିସାବରେ ବାର୍ଷିକ ୪ ହଜାର। ୩୦ରୁ ୪୯ ପ୍ରତିଶତ ଉପସ୍ଥାନ ଥିବା ପିଲାଙ୍କୁ ମାସିକ ୩ ଶହ ହିସାବରେ ବାର୍ଷିକ ୩ ହଜାର ଟଙ୍କା ମିଳିବ। ୩୦ ପ୍ରତିଶତରୁ କମ୍ ଉପସ୍ଥାନ ଥିବା ପିଲାଙ୍କୁ କୌଣସି ଯାତାୟାତ ଖର୍ଚ୍ଚ ମିଳିବ ନାହିଁ। ସରକାରୀ ବିଦ୍ୟାଳୟରେ ବିଭିନ୍ନ ଯୋଜନା ହେଉଥିବା ବେଳେ ଅଭିଭାବକମାନେ ବିମୁଖ ହୋଇ ସେମାନଙ୍କ ପିଲାଙ୍କୁ ବେସରକାରୀ ବିଦ୍ୟାଳରେ ଭର୍ତ୍ତି କରୁଛନ୍ତି। ଫଳରେ ଏହିଭଳି ଅବସ୍ଥା ସୃଷ୍ଟି ହୋଇଥିବା ଜଣେ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନ କହନ୍ତି, ପିଲା କମ୍ କାରଣରୁ କେତେକ ସ୍କୁଲ ବନ୍ଦ କରାଯାଇ ସେଠାରେ ପଢୁଥିବା ପିଲାଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯାତାୟାତ ଖର୍ଚ୍ଚ ପ୍ରଦାନ ବ୍ୟବସ୍ଥା କରାଯାଇଛି।

■ ଉଦୟପୁର ଗ୍ରାମରେ ଖଟ ବୁଲିବା ଘଟଣା

# ଥାନାରେ ମାମଲା, ପୋଲିସର ତନାଘନା

**ନୟାଗଡ଼ ଅଫିସ,୨୪।୬**

ନୟାଗଡ଼ ଜିଲା ସଦର ବ୍ଲକ ଅଞ୍ଚଳରେ କଙ୍ଗାରୁ କୋର୍ଟ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୧ ଲକ୍ଷ ୪୨ ହଜାର ଟଙ୍କା ଜରିମାନା କରାଯାଇଥିଲା। ସୋମବାର ବ୍ୟକ୍ତି ଜଣକ ଏ ନେଇ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୧/୧୯ରେ ମାମଲା ରୁଜୁ କରି ଗ୍ରାମରେ ପହଞ୍ଚି ଘଟଣାର ତନାଘନା କରିଛି। ହେଲେ ଗ୍ରାମବାସୀଙ୍କ ଚେତାବନୀ ପୋଲିସ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ପ୍ରକାଶ ଯେ, ୧୨ଦିନ ପୂର୍ବେ ନୟାଗଡ଼ ବ୍ଲକ ନଡ଼ିଆଳି ପଞ୍ଚାୟତ ଉଦୟପୁର ଗ୍ରାମର ମାଧବ ବେହେରାଙ୍କ ସାନଭାଇ ଭଗବାନଙ୍କ ନାତିର ଏକୋଇଶିଆ ହୋଇଥିଲା। ଏହି ଅବସରରେ ପାଲା ହୋଇଥିଲା। ପାଲାରୁ କିଛି ଟଙ୍କା ଓ ଏକୋଇଶିଆ ପାଇଁ କିଛି ଉପହାର ମିଳିଥିଲା। ଉକ୍ତ ଟଙ୍କା ଓ ଉପହାର ଥିବା ବାକ୍ସକୁ କେହି ଚୋରି କରି ନେଇଥିଲେ। ପରେ ଏ ନେଇ ଭଗବାନ ଗ୍ରାମରେ କହିଥିଲେ। ଗ୍ରାମରେ କଙ୍ଗାରୁ କୋର୍ଟ କରାଯାଇ ଖଟ ବୁଲାଇବାକୁ ନିଷ୍ପତ୍ତି ହୋଇଥିଲା। ଦୁଇ ଦୁଇଥର ଖଟ ବୁଲାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ଗତ ଶନିବାର ଗ୍ରାମବାସୀ ଆଉ ଦୁଇଜଣ ଗୁଣିଆ ଡକାଇ ଖଟ ବୁଲାଉଥିବା ବେଳେ ପୋଲିସ ପହଞ୍ଚି ଏହାକୁ ବନ୍ଦ କରାଇଥିଲା। ଏହାସହ

**ଗ୍ରାମବାସୀଙ୍କ ଚେତାବନୀ ପୋଲିସ ପାଇଁ ଚ୍ୟାଲେଞ୍ଜ**

ଗ୍ରାମର କିଛି ବ୍ୟକ୍ତିଙ୍କୁ ସଦର ପୋଲିସ ଡାକି ଖଟ ନ ବୁଲାଇବା ପାଇଁ ତାଗିଦ୍ କରିଥିଲା। ହେଲେ ଏହାକୁ ନ ମାନି ଗ୍ରାମବାସୀ ଶନିବାର ରାତି ୧୨ଟାରେ ଖଟ ବୁଲାଇଥିଲେ। ରାତ୍ର ୨ଟା ସମୟରେ ଗ୍ରାମ ମୁଣ୍ଡରେ ଥିବା ମାଧବ ବେହେରାଙ୍କ ଘରେ ଖଟ ଲାଗିଥିଲା। ଗ୍ରାମବାସୀ ମାଧବଙ୍କୁ ଚୋରିରେ ସମ୍ପୃକ୍ତ ଥିବା କହି ୧ ଲକ୍ଷ ୪୨ ହଜାର ଟଙ୍କା ଜରିମାନା ଦେବାକୁ କହିଥିଲେ। ଗ୍ରାମବାସୀଙ୍କ ଧମକ ସତ୍ତ୍ୱେ ସୋମବାର ମାଧବ ଏ ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି। ହେଲେ ପୋଲିସ ଏ ନେଇ କିଏ ସାକ୍ଷୀ ଅଛି ବୋଲି ପଚାରିବାରୁ ମାଧବଙ୍କ ପରିବାର ପକ୍ଷରୁ କେହି ସାକ୍ଷୀ ଦେବେ ନାହିଁ ବୋଲି କୁହାଯାଇଛି। ଅନ୍ୟପଟେ ପୋଲିସ ଯଦି କାହାକୁ ଗିରଫ କରିବ ତେବେ ଗ୍ରାମର ଅନ୍ୟ ବ୍ୟକ୍ତିମାନେ ମଧ୍ୟ ଥାନାକୁ ଆସିବେ ବୋଲି ପୋଲିସକୁ ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ପୋଲିସ ଆଗାମୀ ଦିନରେ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା। ଏ ନେଇ ସଦର ଥାନା ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା କହନ୍ତି, ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଚାଷୀ ଗୁରୁତର

**ନୟାଗଡ଼ ଅଫିସ,୨୪।୬**



ଆହତ ଧନେଶ୍ୱର ଓ ଭଗବାନ।

ନୟାଗଡ଼ ଜିଲା ସଦର ବ୍ଲକ ନବଘନପୁର ଗ୍ରାମର ୨ ଜଣ ଚାଷୀ ସୋମବାର ବିଲରେ ଓହଳି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଧନେଶ୍ୱର ମୁଦୁଲି ଓ ଭଗବାନ ବେହେରା। ପ୍ରକାଶ ଯେ, ଧନେଶ୍ୱର ସକାଳେ ବିଲକୁ କାମ କରିବାକୁ ଯାଇଥିବାବେଳେ ହୁଡ଼ା ଉପରେ ଓହଳି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅଚେତ ହୋଇ ପଡ଼ିଯାଇଥିଲେ। କିଛି ସମୟ ପରେ ଧନେଶ୍ୱରଙ୍କ ପଡ଼ୋଶୀ ଭଗବାନ ଖତ ଖେଳାଇବା ପାଇଁ ବିଲକୁ ଯାଇଥିଲେ। ଧନେଶ୍ୱର ଅଚେତ ହୋଇପଡିଥିବା ଦେଖି ସେ ତାଙ୍କୁ ଘରକୁ ନେଇଆସିଥିଲେ। ପରେ ଭଗବାନ ପୁନର୍ବାର ବିଲକୁ ଯାଇଥିବାବେଳେ ହୁଡ଼ାରେ ଓହଳିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ମଧ୍ୟ ସେଠାରେ ପଡ଼ିଯାଇଥିଲେ। ଗ୍ରାମର ଆଉ ଜଣେ ବ୍ୟକ୍ତି ତାଙ୍କୁ ଦେଖି ଘରକୁ ଆଣିଥିଲେ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ବିଦ୍ୟୁତ୍ ସଂସ୍ପର୍ଶରେ ଧନେଶ୍ୱରଙ୍କ ହାତ ଓ ମୁଣ୍ଡରେ ଆଘାତ ଲାଗିଥିବାବେଳେ ଭଗବାନଙ୍କ ମୁହଁ ଓ ଛାତିରେ ଆଘାତ ଲାଗିଛି। ଅଧିକ ଚିକିତ୍ସା ପାଇଁ ଧନେଶ୍ୱରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବାବେଳେ ଭଗବାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ନବଘନପୁର ଗ୍ରାମ ଓ ବିଲରେ ୫ରୁ ୬ଟି ସ୍ଥାନରେ ବିଦ୍ୟୁତ୍ ତାର ଓହଳିଥିବା ନେଇ ଗ୍ରାମବାସୀ ବିଭାଗକୁ ଜଣାଇଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟିଦିଆ ନ ଯିବାରୁ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଉଭୟ ଗରିବ ଶ୍ରେଣୀର ହୋଇଥିବାରୁ ବିଦ୍ୟୁତ୍ ବିଭାଗ ସେମାନଙ୍କୁ ଚିକିତ୍ସା ଖର୍ଚ୍ଚ ଓ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ଜଣାପଡ଼ିବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଯାଇ ଓହଳି ପଡ଼ିଥିବା ତାରକୁ ଠିକ୍ କରିଥିଲେ।

# ରାସ୍ତା ତଳକୁ ଓଲଟିଲା ଟ୍ରକ୍

**ଦଶପଲ୍ଲା,୨୪।୬ (ଡି.ଏନ.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଦଶପଲ୍ଲା ବାଣିଗୋଛା ସୀମାନ୍ତ ବଦଲା ନିକଟରେ ସୋମବାର ଭାରସାମ୍ୟ ହରାଇ ଏକ ମାଲ୍ ବୋଝେଇ ଟ୍ରକ୍ ରାସ୍ତା ତଳକୁ ଓଲଟିପଡିଛି। ଭୋର ସମୟରେ (ଓଡି୨୫ ଜି-୩୬୩୭) ଟ୍ରକ୍‌ଟି ବଲାଙ୍ଗୀରରୁ ନୟାଗଡ ଆସୁଥିବା ବେଳେ ଓଲଟିଥିବା କୁହାଯାଉଛି। ଗାଡି ହେଲପର୍ ଆହତ ହୋଇଥିବାରୁ ତାଙ୍କୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଫନୀ ବାତ୍ୟା କ୍ଷତିପୂରଣ ପ୍ରଦାନ ପାଇଁ ବିଡିଓଙ୍କ ତାଗିଦ

**କୃଷ୍ଣପ୍ରସାଦ,୨୪।୬(ଡି.ଏନ.ଏ.)**

ବାତ୍ୟା ଫନୀରେ କୃଷ୍ଣପ୍ରସାଦ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଇତିମଧ୍ୟରେ ୫୦ଦିନ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ଲୋକେ କ୍ଷତିପୂରଣ ପାଇନାହାନ୍ତି। ତୁରନ୍ତ କ୍ଷୟକ୍ଷତି ସହାୟତା ପ୍ରଦାନ ନିମନ୍ତେ ବିଡିଓ ଅଭିମନ୍ୟୁ ମାଝି ବିଭାଗୀୟ କର୍ମଚାରୀଙ୍କୁ ତାଗିଦ୍ କରିଛନ୍ତି। ସୋମବାର ତାଙ୍କ ଦ୍ୱାରା ଆଗତ ଏକ ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ରାଜସ୍ୱ ବିଭାଗ ତରଫରୁ ହୋଇଥିବା କ୍ଷୟକ୍ଷତି ଆକଳନ ଭୁଲ ଚିହ୍ନଟ ପରେ ପଞ୍ଚାୟତସ୍ତରରେ ତର୍ଜମା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଆକଳନ ହୋଇଥିବା ହିତାଧିକାରୀଙ୍କ ତାଲିକା ପ୍ରତି ପଞ୍ଚାୟତରେ ଲୋକମାନଙ୍କ ଅବଗତି ନିମନ୍ତେ ମାରିବା ପାଇଁ କୁହାଯାଇଛି । ୨୭ ତାରିଖ ମଧ୍ୟରେ ବାଦ୍‌ପଡିଥିବା ଲୋକମାନଙ୍କୁ ଯୋଗ ପାଇଁ ଆବେଦନ ଫର୍ମଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ବିଜୁ ଯୁବବାହିନୀର କାର୍ଯ୍ୟକଳାପ ସମ୍ପର୍କରେ ସରପଞ୍ଚମାନଙ୍କ ପ୍ରଶ୍ନ ଉପରେ ବିଡିଓ ଉତ୍ତର ରଖିଥିଲେ।

# ୧୭ ବର୍ଷ ପରେ ପୁଣି ବାଣିଜ୍ୟ ବିଭାଗ ଖୋଲିଲା

**ଖଣ୍ଡପଡା,୨୪।୬(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଦୀର୍ଘ ୧୭ ବର୍ଷ ପରେ ପୁନର୍ବାର +୨ ବାଣିଜ୍ୟ ବିଭାଗ ଖୋଲାଯାଇଛି। ଫଳରେ ଆଗ୍ରହୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ, ୧୯୭୭ ମସିହାରୁ ଆରମ୍ଭ ହୋଇଥିବା କଲେଜ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଆରମ୍ଭରୁ +୩ ଓ +୨ ବାଣିଜ୍ୟ ବିଭାଗ ଖୋଲା ହୋଇଥିବା ବେଳେ କ୍ରମାଗତ ଭାବରେ କଲେଜରୁ ଛାତ୍ର ସଂଖ୍ୟା ହ୍ରାସ ପାଉଥିବାରୁ ଓ ଶିକ୍ଷା ବିଭାଗର ନିୟମ ଅନୁଯାୟୀ ଆବଶ୍ୟକ ସଂଖ୍ୟକ ଛାତ୍ର ନାମ ନ ଲେଖାଇବାରୁ ଏଠାରୁ ବାଣିଜ୍ୟ ବିଭାଗ ଉଠାଇ ନିଆ ଯାଇଥିଲା । ଓଡିଶା ଶିକ୍ଷା ଆଇନ ୧୯୬୯ ଧାରା ୧୧ର ଉପଧାରା(୨) କ୍ରମେ ଯେଉଁ କଲେଜରେ ସର୍ବନିମ୍ନ +୨ରେ ୬୪, ବାଣିଜ୍ୟରେ ୪୮ ଓ ବିଜ୍ଞାନରେ ୩୨ ଜଣ ଛାତ୍ରୀଛାତ୍ର ନାମ ଲେଖାଇବେ ସେହି କଲେଜକୁ ଅନୁଦାନ ସହ ସରକାରୀ ସ୍ୱୀକୃତି ମିଳିବ । ହେଲେ ୧୯୯୯-୨୦୦୦ ଓ ୨୦୦୧-୨୦୦୨ ଶିକ୍ଷା ବର୍ଷରେ ବାଣିଜ୍ୟ ବିଭାଗରେ +୨ରେ ମାତ୍ର ୬ଜଣ ଲେଖାଏ ନାମ ଲେଖାଇ ଥିଲେ। ଏହି କାରଣରୁ ଉକ୍ତ ବିଭାଗକୁ ବନ୍ଦ କରି ଦିଆ ଯାଇଥିଲା।

**ନୀଳମାଧବ ମହାବିଦ୍ୟାଳୟ**

ଅପରପକ୍ଷରେ ପିଲାମାନଙ୍କ ସଂଖ୍ୟା ହ୍ରାସ ପାଇଥିବାରୁ ୧୯୯୮ ମସିହାରେ +୩ ବାଣିଜ୍ୟ ବିଭାଗକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା । ବର୍ତ୍ତମାନ କଲେଜରେ ସମୁଦାୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୭ଶହରୁ ଉର୍ଦ୍ଧ୍ୱ ରହିଥିବା ବେଳେ ଗତ କିଛି ବର୍ଷ ହେଲା ବାଣିଜ୍ୟ ବିଭାଗରେ ଅଧ୍ୟୟନ ପାଇଁ ବହୁ ଛାତ୍ରୀଛାତ୍ର ଆଗ୍ରହ ପ୍ରକାଶ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଭାରପ୍ରାପ୍ତ ଅଧକ୍ଷ ସୁକାନ୍ତ କୁମାର ନାୟକ ଓ କଲେଜ ପରିଚାଳନା କମିଟିର ସଭାପତି ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ପ୍ରୟାସ କ୍ରମେ ପୁନର୍ବାର ଏଠାରେ(ନୀଳମାଧବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) +୨ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ନିର୍ଦ୍ଦେଶାଳୟ ଅନୁମତି ପ୍ରଦାନ କରିଛନ୍ତି । ଚଳିତ ବର୍ଷ ଏହି ମହାବିଦ୍ୟାଳୟରେ +୨ ବାଣିଜ୍ୟ ଶ୍ରେଣୀରେ ୪୮ ସିଟ୍ ରହିଥିବାବେଳେ ଛାତ୍ରୀଛାତ୍ରମାନେ ନାମ ଲେଖାଇ ପାରିବେ ବୋଲି ଅଧକ୍ଷ ନାୟକଙ୍କ ଠାରୁ ପ୍ରକାଶ । ଏହାଛଡା ଆଗାମୀ ଦିନରେ କଲେଜରେ ପୁନର୍ବାର ଯୁକ୍ତ ୩ ବାଣିଜ୍ୟ ବିଭାଗ ଖୋଲିବାର ବୃତାନ୍ତ ହୋଇଛି ।

■ ଖଣ୍ଡପଡ଼ା ପଞ୍ଚାୟତ ସମିତିର ୭ମ ସାଧାରଣ ଅଧିବେଶନ

# ଚିନିକଳ ପୁନଃ କାର୍ଯ୍ୟକ୍ଷମ କରିବା ଦାବି

**ଖଣ୍ଡପଡା,୨୪।୬(ସ୍ୱ.ପ୍ର.)**

ଖଣ୍ଡପଡା ପଞ୍ଚାୟତ ସମିତିର ୭ମ ସାଧାରଣ ଅଧିବେଶନ ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ମନୋଜ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ଅଧିବେଶନରେ ଖଣ୍ଡପଡା ନବନିର୍ବାଚିତ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଜିଲା ପରିଷଦ ଅଧକ୍ଷା ବୈଜୟନ୍ତୀମାଳା ମହାନ୍ତି, ତହସିଲଦାର ପାର୍ଥସାରଥି ହାଁସଦା, ବିଡିଓ ଗୌରବମୟ ପ୍ରଧାନଙ୍କ ସମେତ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଯୋଗ ଦେଇଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାସ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଅଧିବେଶନର ପ୍ରାରମ୍ଭରେ ବ୍ଲକ ପ୍ରଶାସନ ପକ୍ଷରୁ ଓ ପରେ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନେ ବିଧାୟକ ପଟ୍ଟନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ସର୍ବସମ୍ମତି ପ୍ରସ୍ତାବ କ୍ରମେ ଏହାକୁ ଦୃଢୀକରଣ କରାଯାଇଥିଲା। ଏହି ବୈଠକରେ ବିଧବା,ବାର୍ଦ୍ଧକ୍ୟ ଭତ୍ତା ଓ ରାଶନକାର୍ଡ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଅଗ୍ରାଧିକାର ଭିତ୍ତିରେ ଏଥିପ୍ରତି ଦୃଷ୍ଟିଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ବ୍ଲକ ଅଞ୍ଚଳର ଚାଷୀମାନଙ୍କୁ ସରକାରୀ ଧାନବିହନ ଠିକ୍ ରୂପେ ମିଳୁ ନ ଥିବା ନେଇ ଅଧିବେଶନରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ପ୍ରତ୍ୟେକ ରାଶନକାର୍ଡଧାରୀଙ୍କୁ ଏଲଇଡି ବଲ୍‌ବ ମିଳି ନ ଥିବାରୁ ଏଥିପ୍ରତି ଦୃଷ୍ଟିଦେବାକୁ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନେ ଦାବି ଉପସ୍ଥାପନ କରିଥିଲେ। ଖଣ୍ଡପଡା ବ୍ଲକ ଅଞ୍ଚଳର ପ୍ରମୁଖ ସମସ୍ୟାଗୁଡିକ ସମ୍ପର୍କରେ ଅଧିବେଶନରେ ଆଲୋଚନା ହୋଇଥିବା ବେଳେ ଆଖୁଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୟାଗଡ ଜିଲାର ପାଣିପୋଇଲାଠାରେ ଅବସ୍ଥିତ ଏକମାତ୍ର ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ବିଧାୟକ ଦୃଷ୍ଟିଦେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ଲୋକପ୍ରତିନିଧିମାନେ ଦାବି କରିଥିଲେ। ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀଙ୍କ ସମେତ ଶରତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଖଣ୍ଡପଡା ଏବିଡିଓ ଦୁର୍ଗାମାଧବ ରଥ ଧନ୍ୟବାଦ ଦେଇଥିଲେ।




ଅଧିବେଶନରେ ବିଧାୟକଙ୍କ ସହ ଅନ୍ୟମାନେ।

# ରଣପୁର ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦାବି

**ରଣପୁର,୨୪।୬(ସ୍ୱ.ପ୍ର.)**



ବୈଠକରେ ଉପସ୍ଥିତ ବିଭିନ୍ନ ବର୍ଗର ସଦସ୍ୟ।

ନୟାଗଡ ଜିଲା ରଣପୁର ଜଗନ୍ନାଥ ମନ୍ଦିରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦାବି ଜୋର ଧରିଛି। ଏଥିନେଇ ମଧ୍ୟ ଜୋରଦାର ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତୁତି ଚାଲିଛି। ରାଜ୍ୟ ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି କେଉଁ ଆଧାରରେ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଘୋଷଣା କରିବେ ବୋଲି କଥାଦେଲେ ସେନେଇ ରବିବାର ରଣପୁର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ବୈଠକରେ ପ୍ରଶ୍ନ କରାଯାଇଛି। ୧୩୬୩ ମସିହାରେ ରଣପୁର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ପୁରୀ ପରେ ଏହା ଓଡ଼ିଶାରେ ଦ୍ୱିତୀୟ। ତେଣୁ ରଣପୁର ଜଗନ୍ନାଥ ମନ୍ଦିର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ। ଏହା ରଣପୁର ରାଜ ବଂଶାବଳୀ, କପିଳସଂହିତା, ମାଦଳାପାଞ୍ଜି ଓ ସ୍ନାତକୋତ୍ତର ଓଡିଆ ବିଭାଗର ଜଗନ୍ନାଥ ସଂସ୍କୃତି ଓ ସାହିତ୍ୟ ପୁସ୍ତକରେ ଉଲ୍ଲେଖ ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

ରବିବାର ଜଗନ୍ନାଥ ମନ୍ଦିରସ୍ଥିତ ଆନନ୍ଦ ବଜାର ଠାରେ ପୂଜାପଣ୍ଡା ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସେବାୟତ ସଂଘ, ବୁଦ୍ଧିଜୀବୀ, ଆଇନଜୀବୀ, ଖବରଦାତା,ବରିଷ୍ଠ ନାଗରିକ ଓ ସାଧାରଣ ଜନତା ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ୧୩୬୩ ମସିହାରେ ତତ୍କାଳୀନ ପୁରୀ ଗଜପତି ପ୍ରତାପରୁଦ୍ର ଦେବଙ୍କୁ ସ୍ୱପ୍ନାଦେଶ ଅନୁଯାୟୀ ପୁରୀର ୧୬କଳାରୁ ରଣପୁରରେ ଏକ କଳା ରହିଥିବାରୁ ଏଠାରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ବାରିପଦା ଜଗନ୍ନାଥ ମନ୍ଦିର ରଣପୁର ମନ୍ଦିରର ପ୍ରାୟ ୧୦୦ ବର୍ଷ ପରେ ପ୍ରତିଷ୍ଠା ହୋଇଛି। ପୁରୀ ମନ୍ଦିର ସହ ରଣପୁର ମନ୍ଦିରର ସେବା ନୀତିରେ ଅନେକ ସାମଞ୍ଜସ୍ୟ ରହିଛି। ବାରିପଦା ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣି ଓଡିଶାରେ ଲୋକଲୋଚନକୁ ଆସି ପାରିଥିଲା ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଉକ୍ତ ବୈଠକରେ ଏକ କମିଟି ଗଠନ କରାଯାଇଛି।

**୨୬ରେ ମନ୍ତ୍ରୀଙ୍କୁ ଭେଟିବ କମିଟି**

ଏହି କମିଟି ଆସନ୍ତା ୨୬ ତାରିଖରେ ରଣପୁର ରାଜା ଦିଲୀପ ଚନ୍ଦ୍ର ସିଂଦେଓ ଓ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସହ ଭୁବନେଶ୍ୱର ଗସ୍ତ କରି ଆଇନମନ୍ତ୍ରୀ, ରାଜସ୍ୱମନ୍ତ୍ରୀ ଓ ସଂସ୍କୃତିମନ୍ତ୍ରୀଙ୍କୁ ଭେଟି ରଣପୁରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଘୋଷଣା ପାଇଁ ଦାବି କରିବେ। ଏଥିସହିତ ପୁରୀ ଗସ୍ତକରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ପୁରୀ ଗଜପତି ଓ ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ରଣପୁରର ତଥ୍ୟଭିତ୍ତିକ ରିର୍ପୋଟ ଉପସ୍ଥାପନ କରି ରଣପୁରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଘୋଷଣା ଦାବି କରିବେ। ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧକ୍ଷା ସବିତା ଦାସ, ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ, ପୂର୍ବତନ ସମିତି ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ମୁନା ମହାପାତ୍ର, ଅଭିଷେକ ସାମନ୍ତରାୟ ଓ ଜାନକୀବଲ୍ଲଭ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କମିଟି ୨୬ ତାରିଖରେ ଭୁବନେଶ୍ୱର ଓ ପୁରୀ ଗସ୍ତ ପରେ ରଣପୁରର ୩୭ ପଞ୍ଚାୟତର ଲୋକ ଓ ଏନଏସିବାସୀଙ୍କୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦାବିରେ ଏକଜୁଟ କରି ରଣପୁର ବନ୍ଦପାଇଁ ନିଷ୍ପତ୍ତି ନିଆଯିବ ବୋଲି ମତପ୍ରକାଶ ପାଇଛି।